ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୬/୨୦୨୬ (୧୪ ପୃଷ୍ଠା) | Bhubaneswar, Thursday, April 16/2026 | Page 14 | ₹ 7.00 | SAMBALPUR
୫୨ଶ ଭାଗ ୧୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 141 | ମୂଲ୍ୟ ₹୭/-



**ଶେଷ ହେଲା ପ୍ରତୀକ୍ଷା**

ଅକ୍ଷୟ୍ କୁମାରଙ୍କ ବହୁ ପ୍ରତିକ୍ଷୀତ ହିନ୍ଦୀ ଫିଲ୍ମ 'ଭୂତ୍ ବଙ୍ଗଲା' ଚଳିତ ମାସ ୧୭ରେ ରିଲିଜ ହେବ।

୧୩

୧୪

**ବ୍ୟାଡ୍‌ମିଣ୍ଟନ ତାରକା ଆକ୍ସେଲସେନ୍‌ଙ୍କ ଅବସର**

ଦୁଇଥରର ଅଲିମ୍ପିକ୍ ଓ ୱାର୍ଲ୍ଡ ଚାମ୍ପିୟନ ଡେନ୍‌ମାର୍କର ମହାନ୍ ବ୍ୟାଡ୍‌ମିଣ୍ଟନ ଖେଳାଳି ଭିକ୍ଟର ଆକ୍ସେଲସେନ୍ ବୁଧବାର ତାଙ୍କ ଅବସର ଘୋଷଣା କରିଛନ୍ତି।



# ସ୍କୁଲ ମୁଖ୍ୟ ଫାଟକ କାନ୍ଥ ଭୁଶୁଡ଼ି ୨ ଛାତ୍ରୀ ମୃତ

- **ଆର୍‌ଡିସି ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ**
- **ଛାତ୍ରୀଙ୍କ ପରିବାରକୁ ୩ ଲକ୍ଷ ଲେଖାଏ ସହାୟତା**

ପାରଳାଖେମୁଣ୍ଡି/ଆର. ଉଦୟଗିରି,୧୫।୪
(ଗିରିଧାରୀ ପରିଚ୍ଛା/ମନୋଜ ପାଢ଼ୀ)

ଗଜପତି ଜିଲା ନୂଆଗଡ଼ ବ୍ଲକ ରୁବୁଡିସିଂ ଗ୍ରାମର ସରକାରୀ ପ୍ରାଥମିକ ସ୍କୁଲ ମୁଖ୍ୟ ଫାଟକ କାନ୍ଥ ବୁଧବାର ଭୁଶୁଡ଼ି ୨ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ରୁବୁଡିସିଂର ଚତୁର୍ଥ ଶ୍ରେଣୀ ଛାତ୍ରୀ ଇଡନ୍ତି ରଇତ(୯) ଓ ପଞ୍ଚମ ଶ୍ରେଣୀ ଛାତ୍ରୀ ବେକିଲେସ ରଇତ(୧୦)। ବିଦ୍ୟାଳୟ ଛୁଟି ପରେ ଛାତ୍ରୀମାନେ ଖେଳୁଥିବା ସମୟରେ ଏହି ଅଘଟଣ ଘଟିଛି । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିଛି। ଖବର ପାଇବା ମାତ୍ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ ଛାତ୍ରୀଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିବା ସହ ଘଟଣାର ଆର୍‌ଡିସି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଦୁର୍ଘଟଣା ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କ ଗ୍ରାମବାସୀ ଦାୟୀ କରିଛନ୍ତି। ଗ୍ରାମବାସୀ କହିଛନ୍ତି, ସ୍କୁଲର ମରାମତି ଓ ନିର୍ମାଣାଧୀନ କାର୍ଯ୍ୟ ସମୟରେ କର୍ତ୍ତୃପକ୍ଷ ଠିକାଦାରଙ୍କୁ ସ୍କୁଲ ପରିସରକୁ ଇଟା, ଗୋଡ଼ି, ବାଲି ନେଇ ରଖିବାକୁ ଅନୁମତି ଦେଇଥିଲେ। ଠିକାଦାର ସ୍କୁଲ ଫାଟକ ଦେଇ ଟ୍ରାକ୍ଟର ଯାତାୟାତ କରାଇବାରୁ କାନ୍ଥ ଦୁର୍ବଳ ହୋଇଯାଇଥିଲା। ଫଳସ୍ୱରୂପ ଏପରି ଦୁଃଖଦ ଘଟଣା ଘଟିଲା ବୋଲି ସେମାନେ ପ୍ରକାଶ କରିଛନ୍ତି। ଏହାର ନିରପେକ୍ଷ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି।

ଖବରରୁ ଜଣାପଡିଛି, ଆର. ଉଦୟଗିରି ଥାନା ଅନ୍ତର୍ଗତ ରୁବୁଡିସିଂ ଗ୍ରାମର ବିଲିୟମ୍ ରଇତଙ୍କ ଝିଅ ଇଡନ୍ତି ଓ ବିନୋଦ ରଇତଙ୍କ ଝିଅ ବେକିଲେସ୍ ରୁବୁଡିସିଂ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପଢୁଥିଲେ। ସକାଳୁଆ ପାଠପଢ଼ା ଚାଲିଥିବାରୁ ସ୍କୁଲ ଛୁଟି ପରେ ସେମାନେ ଘରକୁ ଆସିଥିଲେ। ଘରେ ବହିବସ୍ତାନି ରଖିଦେଇ ଘର ପାଖ ହୋଇଥିବାରୁ ସ୍କୁଲ ନିକଟକୁ ଉଭୟ ଖେଳିବାକୁ ଯାଇଥିଲେ। ସ୍କୁଲ ମୁଖ୍ୟ ଫାଟକ ନିକଟରେ ଅନ୍ୟପିଲାମାନଙ୍କ ସହ ସେମାନେ ଖେଳୁଥିଲେ। ଏହି ସମୟରେ ହଠାତ୍ ସ୍କୁଲ ପାଚେରି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | **ବୈଦିକ ସମାଜର ସ୍ୱରୂପ**

# ସିବିଏସ୍‌ଇ ଦଶମ ପାସ୍ ହାର ୯୩.୭୦%



ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇବା ପରେ ଭୁବନେଶ୍ୱର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ରମାନେ ଖୁସି ମନାଇ ସେଲ୍‌ଫି ଉଠାଉଛନ୍ତି। **(ଫଟୋ-ବିକାଶ ନାୟକ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ବୁଧବାର ୨୦୨୬ର ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ କରିଛି। ସାମଗ୍ରିକ ଭାବେ ୯୩.୭୦% ପିଲା କୃତକାର୍ଯ୍ୟ ହୋଇଛନ୍ତି। ପିଲାମାନଙ୍କ ମଧ୍ୟରେ ଅନୁଚିତ ପ୍ରତିଯୋଗିତା ରୋକିବା ପାଇଁ ସିବିଏସ୍‌ଇ ପକ୍ଷରୁ କୌଣସି 'ଟପ୍ପର ଲିଷ୍ଟ' କିମ୍ବା 'ମେରିଟ୍ ଲିଷ୍ଟ' ଜାରି କରାଯାଇ ନାହିଁ। ତଥାପି ପ୍ରତି ବିଷୟରେ ସର୍ବାଧିକ ନମ୍ବର ରଖିଥିବା ଶ୍ରେଷ୍ଠ ୦.୧% ଛାତ୍ରୀଛାତ୍ରଙ୍କୁ ବୋର୍ଡ ପକ୍ଷରୁ 'ମେରିଟ ସାର୍ଟିଫିକେଟ' ପ୍ରଦାନ କରାଯିବ। ଯେଉଁ ପିଲାମାନେ ନିଜ ମାର୍କରେ ସନ୍ତୁଷ୍ଟ ନାହାନ୍ତି ଏବଂ ଏଥିରେ ଉନ୍ନତି ଆଣିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ବୋର୍ଡ ପରୀକ୍ଷା ଆୟୋଜନ କରାଯିବ। ଏହି ପରୀକ୍ଷା ଆସନ୍ତା ମେ ୧୫ରୁ ଆରମ୍ଭ ହେବାକୁ ଯାଉଛି। କୌଣସି ଛାତ୍ରୀଛାତ୍ର ନିଜ ମାର୍କରେ ସନ୍ତୁଷ୍ଟ ନ ଥିଲେ, ସେମାନେ ଗୁରୁବାରଠାରୁ ପୁନଃ ଯାଞ୍ଚ ପାଇଁ ଆବେଦନ କରିପାରିବେ।

ଭୁବନେଶ୍ୱର,୧୫।୪ (ସୁଚିସ୍ମିତା ସାହୁ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ସର୍ବ ଭାରତୀୟସ୍ତରରେ ଦଶମ ପାସ୍ ହାର ୯୩.୭୦% ରହିଥିବାବେଳେ ଭୁବନେଶ୍ୱର ରିଜିଅନ(ଓଡ଼ିଶା, ପଶ୍ଚିମବଙ୍ଗ ଓ ଛତିଶଗଡ଼)ରେ ପାସ୍ ହାର ୯୪.୬୭% ରହିଛି। ଚଳିତ ବର୍ଷ ଦଶମ ପାସ୍ ହାର ଗତବର୍ଷ ତୁଳନାରେ ୦.୦୪% ଅଧିକ ରହିଛି। ସେହିପରି ଏଥର ମଧ୍ୟ ପୁଅଙ୍କ ଅପେକ୍ଷା ଝିଅମାନେ ଆଗରେ ରହିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୯୪.୯୯% ରହିଥିବାବେଳେ ଛାତ୍ରଙ୍କ ☞ପୃଷ୍ଠା-୪

# ଫୁଲବାଣୀରେ ହାଜତ ମୃତ୍ୟୁ

## ପୋଲିସ ବିରୋଧରେ ଅଭିଯୋଗ ଆଣିଲେ ପରିବାର

ଫୁଲବାଣୀ,୧୫।୪
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଫୁଲବାଣୀରେ ବୁଧବାର ହାଜତ ମୃତ୍ୟୁ ଅଭିଯୋଗ ହୋଇଛି। କୋର୍ଟ ଚାଲାଣର ୨୪ ଘଣ୍ଟା ନ ପୂରୁଣୁ ସର୍କଲ ଜେଲରେ ଅଭିଯୁକ୍ତ ଯୁବକ ଗୁରୁତର ହୋଇ ମେଡିକାଲ ଆସିବା ଓ ପରେ ତାଙ୍କର ମୃତ୍ୟୁ ହୋଇଥିବାରୁ ଉତ୍ତେଜନା ଦେଖାଦେଇଛି। ପରିବାର ଲୋକେ ଏଥିପାଇଁ ଫୁଲବାଣୀ ଆଦର୍ଶ ଥାନା ପୋଲିସକୁ ଦାୟୀ କରିଛନ୍ତି। ପୋଲିସ ଧମକ ଦେଉଥିବା ସେମାନେ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅନ୍ୟପଟେ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ପୋଲିସ କହିଛି। ସୂଚନାଥାଉକି ଅଭିଯୁକ୍ତମାନଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ପୂର୍ବରୁ ହାଜତରେ ପୋଲିସ ଜେରା ବେଳେ ନିସ୍ତୁକ ମାଡ଼ ମାରି ଲହୁଲୁହାଣ କରିଦେଉଛି। ଫଳରେ କିଏ ହାଜତରେ ପ୍ରାଣ ହାରିଦେଉଛନ୍ତି ତ କିଏ ହସ୍ପିଟାଲରେ। ତାମିଲନାଡୁରେ ବାପପୁଅଙ୍କୁ ହାଜତରେ ପିଟି ମାରିବା ଅଭିଯୋଗରେ ମଦୁରାଇ ଜିଲା କୋର୍ଟ ୯ ପୋଲିସଙ୍କୁ ମୃତ୍ୟୁଦଣ୍ଡ ଦେଇଛନ୍ତି। ଏହିଘଟଣାର ଚର୍ଚ୍ଚା ନ ଥମୁଣୁ ପୁଣି ଏକ ହାଜତ ମୃତ୍ୟୁ ଅଭିଯୋଗ ଫୁଲବାଣୀରେ ହୋଇଛି।

ମିଳିଥିବା ସୂଚନା ଅନୁସାରେ, ଫୁଲବାଣୀ ଆଦର୍ଶଥାନା ପୋଲିସ ଚୋରିଅଭିଯୋଗରେ ପେଞ୍ଜି ସାହିର ହେରନ ନାୟକ (୨୨) ଓ ଅନ୍ୟ ଜଣେ ନାବାଳକଙ୍କୁ ଗତ ୧୩ ତାରିଖରେ ଘରୁ ଉଠାଇ ଆଣିଥିଲା। ଗତ ମଙ୍ଗଳବାର ହେରନଙ୍କୁ କୋର୍ଟ ଚାଲାଣ କରିଥିଲା। ତାଙ୍କୁ ଜାମିନ୍ ନ ମିଳିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲା । ବୁଧବାର ସକାଳେ ହେରନ ଅସୁସ୍ଥ ହେବାରୁ ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପୂର୍ବାହ୍ନ ୧୦ଟାରେ ହେରନଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଖବର ପାଇ ମେଡିକାଲରେ ପହଞ୍ଚିବା ପରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ମାରପିଟ କରିବା ଯୋଗୁ ପୁଅର ମୃତ୍ୟୁ ହୋଇଛି ବୋଲି ସେମାନେ ଅଭିଯୋଗ କରିବା ସହ ଅପରାହ୍ନରେ ଏସ୍‌ପିଙ୍କ କାର୍ଯ୍ୟାଳୟ ପାଖରେ ରୁଣ୍ଡ ହୋଇଥିଲେ । ଘଟଣାର ଉପଯୁକ୍ତ ତଦନ୍ତ ସହ ପରିବାରକୁ କ୍ଷତିପୂରଣ ଦିଆଯାଉ ବୋଲି ଦାବି କରିଥିଲେ।

ଏ ନେଇ ଫୁଲବାଣୀ ସଦର ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳଙ୍କ ସହ ଯୋଗାଯୋଗ କରିବାରୁ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି। ଘଟଣାର ତଦନ୍ତ ହେବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ସେ କହିଛନ୍ତି। ହେରେନ ଏବଂ ତାଙ୍କ ନାବାଳକ ସହଯୋଗୀ ଗତ ୧୨ ତାରିଖରେ ସାଦା ପୋଷାକରେ ଥିବା ଜଣେ ପୋଲିସ କର୍ମଚାରୀଙ୍କ ବ୍ୟାଗ ଝାମ୍ପି ନେଇଥିଲେ। ସେଥିରେ ୧୦ ହଜାର ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଥିଲା । ଏ ନେଇ ସମ୍ପୃକ୍ତ ପୋଲିସ ଅଧିକାରୀ ଥାନାରେ ଏତଲା ଦେବାପରେ ☞ପୃଷ୍ଠା-୪





ପଶ୍ଚିମବଙ୍ଗର ହାଓଡାରେ ବଙ୍ଗାଳୀ ନବବର୍ଷ ଅବସରରେ ହିନ୍ଦୁ ଭକ୍ତମାନେ ରୀତିନୀତି ପାଳନ କରୁଛନ୍ତି। (ଫଟୋ: ଗାର୍ଡିଆନ୍)

# ଭାଇସ୍-ଚେୟାରପର୍ସନ କମିଟି ପୁନର୍ଗଠନ କଲେ ରାଜ୍ୟ ସଭା ଅଧ୍ୟକ୍ଷ

## ପ୍ୟାନେଲରେ ସସ୍ମିତ ପାତ୍ର, ଦୀନେଶ ଶର୍ମା

ନୂଆଦିଲ୍ଲୀ,୧୫।୪(ପି.ଟି.)

ଉପରାଷ୍ଟ୍ରପତି ତଥା ରାଜ୍ୟ ସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ୍ ବୁଧବାର ଗୃହର ଚେୟାରପର୍ସନ କମିଟିର ପୁନର୍ଗଠନ କରିଛନ୍ତି। ଏଥିରେ ସସ୍ମିତ ପାତ୍ର ଓ ଦୀନେଶ ଶର୍ମାଙ୍କୁ ସ୍ଥାନ ମିଳିଛି। ଉକ୍ତ ପ୍ୟାନେଲରେ ଫାଙ୍ଗ୍‌ନୋନ୍ କୋନ୍ୟାକ, ଏମ୍. ଥାମ୍ବିଦୁରାଇ, ଫୁଲୋ ଦେବୀ ନେତମ୍ ଓ ଘନଶ୍ୟାମ ତିୱାରୀଙ୍କୁ ମଧ୍ୟ ରଖାଯାଇଥିବା ଏକ ସରକାରୀ ବିଜ୍ଞପ୍ତିରୁ ଜଣାପଡ଼ିଛି।

ରାଜ୍ୟ ସଭା ଉପାଧ୍ୟକ୍ଷ ପଦ ପାଇଁ ଏପ୍ରିଲ ୧୭ରେ ନିର୍ବାଚନ ହେବ। ହରିବଂଶ ନାରାୟଣ ସିଂ ଏହି ପଦ ପାଇଁ ପୁନଃ ମନୋନୀତ ହୋଇପାରନ୍ତି। ଲଗାତର ୨ ଥର ଉପାଧ୍ୟକ୍ଷ ଥିବା ହରିବଂଶ ଗତ ୯ରେ ଅବସର ନେଇଥିଲେ। ନିକଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହରିବଂଶଙ୍କୁ ଉଚ୍ଚ ସଦନକୁ ପୁନଃ ମନୋନୀତ କରିଛନ୍ତି।

# ସ୍କୁଲରେ ଗୁଳିକଲେ ଛାତ୍ର: ୪ ମୃତ

ଆଙ୍କାରା,୧୫।୪(ଏ.ପି.)

ତୁର୍କୀର ଏକ ସ୍କୁଲରେ ବୁଧବାର ଜଣେ ଛାତ୍ର ଗୁଳି ଚଳାଇବାରୁ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨୦ ଆହତ ହୋଇଛନ୍ତି। ତୁର୍କୀ ସ୍କୁଲରେ ୨ ଦିନ ଭିତରେ ଏହା ହେଉଛି ଦ୍ୱିତୀୟ ଘଟଣା। କାହରାମନମରାସ୍ ପ୍ରାଦେଶିକ ଗଭର୍ନର ମୁକେରେମ୍ ଉନ୍‌ଲଉର୍ କହିଛନ୍ତି, ଗୁଳି ଚଳାଇଥିବା ଛାତ୍ର ଜଣକ ମଧ୍ୟ ପ୍ରାଣ ହରାଇଛନ୍ତି। ସେ ତାଙ୍କ ବାପା(ଅବସରପ୍ରାପ୍ତ ପୋଲିସ ଅଫିସର)ଙ୍କ ୫ଟି ବନ୍ଧୁକ ଓ ୭ ଗୁଳି ଧରି ସ୍ଥାନୀୟ ସ୍କୁଲକୁ ଯାଇଥିଲେ। ତାଙ୍କ ଗୁଳିମାଡ଼ରେ ୩ ଛାତ୍ରୀଛାତ୍ର ଓ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ଗୁଳିକାଣ୍ଡ ପଛର କାରଣ ସ୍ପଷ୍ଟ ହୋଇନାହିଁ। ଏହାର ଦିନକ ପୂର୍ବରୁ ସାନ୍‌ଲିଉର୍ଫା ପ୍ରଦେଶର ଏକ ସ୍କୁଲରେ ଜଣେ ପୂର୍ବତନ ଛାତ୍ର ଗୁଳି ଚଳାଇବାରୁ ୧୬ ଜଣ ଆହତ ହୋଇଥିଲେ।

# ଯୁଦ୍ଧ ଶୀଘ୍ର ଶେଷହେବ: ଟ୍ରମ୍ପ୍



ଡୋନାଲ୍ଡ ଟ୍ରମ୍ପ୍

ଦୁବାଇ/ୱାଶିଂଟନ୍,୧୫।୪(ରଏଟର୍ସ/ଏ.ପି.)

ଇରାନ୍ ବିରୋଧୀ ଯୁଦ୍ଧ ଶୀଘ୍ର ଶେଷ ହୋଇପାରେ ବୋଲି ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଏପରି କି ବିଶ୍ୱ ଆଗାମୀ ଦୁଇଦିନରେ ଏକ ଅଦ୍ଭୁତ କଥା ଦେଖିବାକୁ ପାଇବ ବୋଲି ସେ ସୂଚନା ଦେଇଛନ୍ତି। ଆମେରିକୀୟ ନୌସେନା ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ଇରାନୀୟ ବନ୍ଦରଗୁଡ଼ିକୁ ପ୍ରବେଶ କରିବାକୁ ଜାହାଜଗୁଡ଼ିକର ପଥ ଅବରୋଧ କରି ରଖିଥିବାବେଳେ ପାକିସ୍ତାନ ମଧ୍ୟସ୍ଥତାରେ ଇସ୍‌ଲାମାବାଦରେ ପୁଣି ଥରେ ଶାନ୍ତି ଆଲୋଚନା ହେବାକୁ ଯାଉଛି। ଏଭଳି ସମୟରେ ଟ୍ରମ୍ପ୍‌ଙ୍କ ଉପରୋକ୍ତ ମନ୍ତବ୍ୟ ଆଶ୍ୱସ୍ତି ଆଣିଦେଇଛି।

ଇସ୍‌ଲାମାବାଦରେ ୨୧ ଘଣ୍ଟିଆ ଶାନ୍ତି ଆଲୋଚନାରୁ କୌଣସି ନିଷ୍କର୍ଷ ନ ବାହାରିବାରୁ ହର୍ମୁଜ ପ୍ରଣାଳୀରେ ଆମେରିକା ଓ ଇରାନ୍ ମଧ୍ୟରେ ଛକାପଞ୍ଝା ଜାରି ରହିଛି। ଏଥିଯୋଗୁ ଅଶୋଧିତ ତୈଳ ପରିବହନରେ ଅଚଳାବସ୍ଥା ଲାଗି ରହିଥିବାରୁ କ୍ରୁଡ୍ ମୂଲ୍ୟ ବଢ଼ିଚାଲିଛି। ଇତିମଧ୍ୟରେ ଚାଇନା ଓ ରୁଷିଆ ହର୍ମୁଜ୍‌କୁ ନେଇ ଆମେରିକା ଉପରେ ଖୋଲାଖୋଲି ଅସନ୍ତୋଷ ବ୍ୟକ୍ତ କରିସାରିଛନ୍ତି। ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ୍ ବେଜିଂ ଗସ୍ତ କରି ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସହ ପଶ୍ଚିମ ଏସିଆ ସଂଘର୍ଷ ଉପରେ ଆଲୋଚନା କରିଛନ୍ତି। ସେପଟେ ଇସ୍‌ଲାମାବାଦରେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ନେତୃତ୍ୱରେ ପୁନର୍ବାର ଶାନ୍ତି ଆଲୋଚନା କରିବା ପାଇଁ ପ୍ରସ୍ତୁତି ଚାଲିଛି। ଏଭଳି ସ୍ଥିତିରେ ଟ୍ରମ୍ପ୍ ଏକ ନ୍ୟୁଜ୍ ଚ୍ୟାନେଲକୁ କହିଛନ୍ତି, ଅସ୍ତ୍ରବିରତି ଅବଧି ଆସନ୍ତା ସପ୍ତାହରେ ଶେଷ ହେବାକୁ ଯାଉଛି। ଏହା ୨ ସପ୍ତାହ ପାଇଁ ଉଦ୍ଦିଷ୍ଟ ଥିଲା। ତେବେ ଆଗକୁ ଏହି ଅବଧି ବୃଦ୍ଧି କରିବାକୁ ସେ ଚାହୁଁନାହାନ୍ତି। ଚାଇନା ଇରାନ୍‌କୁ ଆଉ ଅସ୍ତ୍ର ଯୋଗାଇବ ନାହିଁ ବୋଲି ସହମତି ପ୍ରକାଶ କରିଥିବା ଟ୍ରମ୍ପ୍ କହିଛନ୍ତି। ସେହିପରି ପାକିସ୍ତାନ, ଇରାନ୍ ଓ ଅନେକ ଗଲ୍ଫ ରାଷ୍ଟ୍ର ମଧ୍ୟ ଚଳିତ ସପ୍ତାହରେ ନେଗୋସିଏଟିଂ ଟିମ୍ ଆଲୋଚନାକୁ ଫେରିବେ ବୋଲି କହିଛନ୍ତି।

## ୨୭୦ ବିଲିୟନ୍ ଡଲାର କ୍ଷତିପୂରଣ ମାଗିଲା ଇରାନ୍

ତେହରାନ୍,୧୫।୪

ଆମେରିକା ଓ ଇସ୍ରାଏଲ୍‌ର ମିଳିତ ଏୟାର ଷ୍ଟ୍ରାଇକ୍‌ରେ ଇରାନ୍‌କୁ ବିପୁଳ କ୍ଷତି ସହିବାକୁ ପଡ଼ିଛି। ମଧ୍ୟପ୍ରାଚ୍ୟ ସଂଘର୍ଷ ବନ୍ଦ କରିବା ପାଇଁ ଉଦ୍ୟମ ଜାରି ରହିଥିବାବେଳେ ଇରାନ୍ ନିଜ କ୍ଷତିଗ୍ରସ୍ତ ଭିତ୍ତିଭୂମି ସଜାଡ଼ିବାକୁ ୨୭୦ ବିଲିୟନ୍ ଆମେରିକୀୟ ଡଲାର କ୍ଷତିପୂରଣ ଦାବି କରିଛି।

ଜାତିସଂଘରେ ଇରାନୀୟ ପ୍ରତିନିଧି କହିଛନ୍ତି, ୫ ଆଞ୍ଚଳିକ ରାଷ୍ଟ୍ର ବାହାରିନ୍, ସାଉଦି ଆରବ, କାତାର, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ଜୋର୍ଡାନ୍ ଏହି କ୍ଷତିପୂରଣ ଦେବା ଜରୁରୀ। କାରଣ ସେମାନଙ୍କ ଭୂଖଣ୍ଡକୁ ବ୍ୟବହାର କରି ଆମେରିକା ଓ ଇସ୍ରାଏଲ୍ ଇରାନ୍ ଉପରେ ଆକ୍ରମଣ କରିଥିଲେ। ପ୍ରାଥମିକ ଆକଳନରୁ ଜଣାପଡ଼ିଛି ଯେ, ଫେବୃଆରୀ ୨୮ରେ ଇରାନ୍‌ବିରୋଧରେ ଆମେରିକା-ଇସ୍ରାଏଲ୍ ଯୁଦ୍ଧ ଆରମ୍ଭ କରିବା ପରଠୁ ଅଦ୍ୟାବଧି ତେହରାନ୍‌ର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୨୭୦ ବିଲିୟନ୍ ଡଲାର କ୍ଷତି ହୋଇଛି। ରୁଷିଆର ଆର୍‌ଆଇଏ ନୋଭୋଷ୍ଟି ନ୍ୟୁଜ୍ ଏଜେନ୍ସିକୁ ଇରାନ୍ ସରକାରଙ୍କ ମୁଖପାତ୍ର ଫତେମେହ ସାକ୍ଷାତ୍‌କାର ଦେବାବେଳେ ଏହି ବିଷୟ ଉଲ୍ଲେଖ କରିଛନ୍ତି।

ସେହିପରି ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଅବରୋଧ କରାଯାଇଥିବାରୁ ଜାହାଜ ଚଳାଚଳ ବନ୍ଦ ରହିଛି। ଏଥିଯୋଗୁ ଇରାନ୍ ନିଜ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଛି। ଏଥିପାଇଁ ମଧ୍ୟ କ୍ଷତିପୂରଣ ମିଳିବା ଉଚିତ ବୋଲି ତେହରାନ୍ ଦାବି କରିଛି। ସରକାରଙ୍କ ପକ୍ଷରୁ କୁହାଯାଇଛି, ତୈଳ ଓ ଗ୍ୟାସ୍ ଫାସିଲିଟି, ପେଟ୍ରୋକେମିକାଲ କମ୍ପାନୀ, ଷ୍ଟିଲ୍ ପ୍ଲାଣ୍ଟ, ଆଲୁମିନିୟମ୍ ଫ୍ୟାକ୍ଟ୍ରି, ବ୍ରିଜ୍, ବନ୍ଦର, ରେଳ ନେଟ୍‌ୱର୍କ, ପାୱାର ପ୍ଲାଣ୍ଟ, ସ୍କୁଲ, ହସ୍ପିଟାଲ, ବାସଗୃହ ଆଦି ଯୁଦ୍ଧରେ ନଷ୍ଟଭ୍ରଷ୍ଟ ହୋଇଯାଇଛି।

# ସମ୍ରାଟ ବିହାର ମୁଖ୍ୟମନ୍ତ୍ରୀ

## ଜେଡିୟୁର ବ୍ରିଜେନ୍ଦ୍ର ଯାଦବ, ବିଜୟ ଚୌଧରୀ ଉପମୁଖ୍ୟମନ୍ତ୍ରୀ

ପାଟନା,୧୫।୪



ସମ୍ରାଟ ଚୌଧରୀ

ଭାଜପା ନେତା ସମ୍ରାଟ ଚୌଧରୀ ବୁଧବାର ବିହାରର ୨୪ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଏଥିସହ ରାଜ୍ୟରେ ପ୍ରଥମ ଥର ପାଇଁ ଭାଜପା ନେତୃତ୍ୱାଧୀନ ସରକାର ଗଠନ ହୋଇଛି। ଲୋକ ଭବନରେ ରାଜ୍ୟପାଳ ସୟେଦ ଆତା ହୁସେନ ସମ୍ରାଟଙ୍କ ସହ ୨ ଉପମୁଖ୍ୟମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ବ୍ରିଜେନ୍ଦ୍ର ପ୍ରଦାସ ଯାଦବ ଓ ବିଜୟ କୁମାର ଚୌଧରୀଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ମିଳିଛି। ଶପଥ ଗ୍ରହଣ ଉତ୍ସବରେ ଜେଡିୟୁ ମୁଖ୍ୟ ନୀତୀଶ, କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା, ଚିରାଗ ପାଶ୍ୱାନ ଏବଂ ଏନ୍‌ଡିଏର ଅନ୍ୟ ନେତାମାନେ ଉପସ୍ଥିତ ଥିଲେ।

# ଟିସିଏସ୍ ନାଶିକ୍ ଅଫିସ୍‌ରେ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା

## ଚାଲିଥିଲା ଧର୍ମାନ୍ତରୀକରଣ

ନାଶିକ୍,୧୫।୪

ମହାରାଷ୍ଟ୍ରର ନାସିକ୍‌ସ୍ଥିତ ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ (ଟିସିଏସ୍)ର ଏକ ବିପିଓ କ୍ୟାମ୍ପସ୍‌ରେ ଦୀର୍ଘଦିନ ଧରି ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା ଏବଂ ବିବାହ ନାମରେ ଧର୍ମାନ୍ତରୀକରଣ ଚାଲିଥିଲା। ଫେବୃଆରୀରେ ମିଳିଥିବା ଏକ ସୂଚନାକୁ ଆଧାର କରି ପୋଲିସ ଗୁପ୍ତ ଅଭିଯାନ ଚଳାଇଥିଲା। ମହିଳା କନ୍‌ଷ୍ଟେବଲ ହାଉସ୍‌କିପିଙ୍ଗ୍ ଷ୍ଟାଫ୍ ବେଶରେ ତଦନ୍ତ ଚଳାଇଥିଲେ। ସେଠାରେ ଏକ ଧର୍ମାନ୍ତରୀକରଣ ର୍‍ୟାକେଟ କାର୍ଯ୍ୟ କରୁଥିବା ଏବଂ ଏହାର ଅନ୍ତର୍ଜାତୀୟ ସମ୍ପୃକ୍ତି ରହିଥିବା ତଦନ୍ତରୁ ଜଣାପଡ଼ିଛି। ମାଲେସିଆର ଜଣେ ଧର୍ମପ୍ରଚାରକ ଏବଂ ହ୍ୱାଟ୍ସଆପ୍ ଚାଟ୍ ଜରିଆରେ ବଡ଼ ନେଟ୍‌ୱର୍କ ଟିସିଏସ୍ ଅଫିସରୁ କାର୍ଯ୍ୟ କରୁଥିଲା। ୧୨ କର୍ମଚାରୀ ଟାର୍ଗେଟରେ ଥିଲେ ଏସ୍‌ଆଇଟି ସୂତ୍ରରୁ ଜଣାପଡ଼ିଛି। ଏପର୍ଯ୍ୟନ୍ତ ୮ ମହିଳା ଓ ଜଣେ ପୁରୁଷ ମୋଟ ୯ଟି ଏତଲା ଦାଏର କରିଛନ୍ତି। ବିବାହ ନାମରେ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା ଏବଂ ବଳାତ୍କାର କରାଯାଉଥିଲା ଓ ଧର୍ମପରିବର୍ତ୍ତନ ପାଇଁ ଚାପ ପକାଯାଉଥିଲା। ୨୦୨୨ରୁ ଏଭଳି ଆପରାଧିକ କାର୍ଯ୍ୟ ଚାଲିଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି।









ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମରେ ବୁଧବାର ଅନୁଷ୍ଠିତ 'ନାରୀ ଶକ୍ତି ବନ୍ଦନ' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦସ୍ତଖତ ଅଭିଯାନରେ ସାମିଲ ହୋଇଛନ୍ତି। **(ରିପୋର୍ଟ: ପୃଷ୍ଠା-୫)**

# ସୋସିଆଲ ମିଡିଆରେ ଫସାଇ ୧୮୦ ନାବାଳିକାଙ୍କୁ ଯୌନ ଶୋଷଣ

**ସୋସିଆଲ ମିଡିଆର ମାୟାଜାଲରେ ଫସାଇ ପ୍ରାୟ ୧୮୦ ନାବାଳିକାଙ୍କୁ ଯୌନ ଶୋଷଣ କରିବା ଓ ସେମାନଙ୍କ ଅଶ୍ଳୀଳ ଭିଡିଓ ଶୁଟିଂ କରିବା ଭଳି ଏକ ସାଂଘାତିକ ଘଟଣା ଏବେ ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାରେ ମହାରାଷ୍ଟ୍ରର ଅମରାବତୀ ପୋଲିସ ୧୯ ବର୍ଷୀୟ ଅଭିଯୁକ୍ତ ଆୟାନ ଅହମ୍ମଦଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୩୫୦ରୁ ଅଧିକ ଅଶ୍ଳୀଳ ଭିଡିଓ ଜବତ ହୋଇଛି, ଯାହାକୁ ବ୍ଲାକମେଲିଂ ପାଇଁ ବ୍ୟବହାର କରାଯାଉଥିଲା। ପୋଲିସ ଆୟାନଙ୍କ ସହଯୋଗୀ ଉଜେର ଖାନ୍‌ଙ୍କୁ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ ଗିରଫ କରିଛି। ଏହି ଘଟଣାର ଭୟାବହତାକୁ ଦେଖିଲେ ଅଭିଭାବକମାନେ ନିଜ ସନ୍ତାନଙ୍କ ଡିଜିଟାଲ ଗତିବିଧି ଉପରେ ନଜର ରଖିବା କେତେ ଜରୁରୀ ତାହା ପୁଣି ଥରେ ପ୍ରମାଣିତ ହୋଇଛି।**

ଅମରାବତୀ,୧୫।୪

■ ଅମରାବତୀର ଯୁବକ ଗିରଫ
■ ଅଶ୍ଳୀଳ ଭିଡିଓ କରି ବ୍ଲାକମେଲ୍ କରୁଥିଲେ
■ ତଦନ୍ତ ପାଇଁ ଏସ୍ଆଇଟି ଗଠିତ

ସୋସିଆଲ ମିଡିଆ ସ୍ନାପ୍‌ଚାଟ୍ ଏବଂ ହ୍ୱାଟ୍ସଆପ୍ ଜରିଆରେ ସମ୍ପର୍କ ବଢ଼ାଇବା ପରେ ଯୁବତୀ ଓ ନାବାଳିକାମାନଙ୍କୁ ଯୌନଶୋଷଣ କରାଯାଇଛି। ଏହାସହ ଯୌନକ୍ରିୟାର ଭିଡିଓ ଉତ୍ତୋଳନ କରି ସେମାନଙ୍କୁ ବ୍ଲାକ୍‌ମେଲିଂ କରାଯାଇଛି। ଏପରି କି ଶତାଧିକ ଅଶ୍ଳୀଳ ଭିଡିଓ ସୋସିଆଲ ମିଡିଆରେ ପ୍ରଘଟ କରାଯାଇଛି। ଏଭଳି ଘଟଣା ଘଟିଛି ମହାରାଷ୍ଟ୍ରର ଅମରାବତୀ ଜିଲାରେ। ଏହି ଘଟଣାରେ ସେଠାକାର ପୋଲିସ ମଙ୍ଗଳବାର ଜଣେ ୧୯ ବର୍ଷୀୟ ଯୁବକକୁ ଗିରଫ କରିଛି। ସେ ହେଲେ ଆୟାନ ଅହମ୍ମଦ ତନଭୀର ଅହମ୍ମଦ। ଏହି ସମ୍ବେଦନଶୀଳ ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଅମରାବତୀ ଗ୍ରାମାଞ୍ଚଳ ଏସ୍‌ପି ବିଶାଲ ଆନନ୍ଦ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ଗଠନ କରିଛନ୍ତି। ଏହି ଟିମ୍‌ରେ ୧୧ ଜଣ ପୋଲିସ ଅଧିକାରୀ ଏବଂ ୩୬ ଜଣ କନ୍‌ଷ୍ଟେବଲ ରହିଛନ୍ତି। ଜଣେ ସହକାରୀ ପୋଲିସ ଅଧୀକ୍ଷକ (ଏଏସ୍‌ପି) ଏହି ତଦନ୍ତର ନେତୃତ୍ୱ ନେଉଛନ୍ତି। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ☞ପୃଷ୍ଠା-୪




# ଡିଲିମିଟେଶନ୍ ବିରୋଧରେ ଭୋଟ ଦେବେ ବିପକ୍ଷ

**ଏପ୍ରିଲ ୧୬ରେ ଆରମ୍ଭ ହେବାକୁ ଥିବା ବର୍ଦ୍ଧିତ ବଜେଟ ଅଧିବେଶନରେ କେନ୍ଦ୍ର ସରକାର ମହିଳାଙ୍କୁ ୩୩% ସଂରକ୍ଷଣ ସଂକ୍ରାନ୍ତ ନାରୀ ଶକ୍ତି ବନ୍ଦନ ଅଧିନିୟମରେ ସଂଶୋଧନ ଆଣିବାକୁ ଯାଉଛନ୍ତି। ମହିଳା ସଂରକ୍ଷଣ ସଂଶୋଧନ ବିଧେୟକ ୨୦୨୩ ସେପ୍ଟେମ୍ବରରେ ସଂସଦରେ ପାରିତ ହୋଇଥିବାବେଳେ ୨୦୨୯ ଲୋକ ସଭା ନିର୍ବାଚନ ପୂର୍ବରୁ ଏହାକୁ କାର୍ଯ୍ୟକାରୀ କରାଇବା ପାଇଁ ସମ୍ବିଧାନରେ ସଂଶୋଧନ ଆଣିବାକୁ ପଡୁଛି। ଏଥିସହ ଲୋକ ସଭାରେ ବର୍ତ୍ତମାନ ୫୪୩ ଆସନ ରହିଥିବାବେଳେ ଏହାକୁ ୮୫୦କୁ ବୃଦ୍ଧି କରାଯିବାକୁ ସରକାର ପ୍ରସ୍ତାବ ରଖିଛନ୍ତି। ଏହାକୁ ବାସ୍ତବ ରୂପ ଦେବା ପାଇଁ ୨୦୧୧ ଜନଗଣନା ତଥ୍ୟ ଆଧାରରେ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ (ଡିଲିମିଟେଶନ୍) କରାଯିବ। ଏଥିନିମନ୍ତେ ସରକାର ସମ୍ବିଧାନ ସଂଶୋଧନ କରିବାକୁ ଯାଉଛନ୍ତି। ତେବେ ବିରୋଧୀ ଦଳଗୁଡ଼ିକ ଉକ୍ତ ବିଲ୍ ବିରୋଧରେ ଭୋଟ ଦେବେ ବୋଲି ବୁଧବାର ଘୋଷଣା କରିଛନ୍ତି। କଂଗ୍ରେସ ଅଧକ୍ଷ ତଥା ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ବାସଭବନରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଏନେଇ ରଣନୀତି ସ୍ଥିର କରାଯାଇଛି। ସେହିପରି ଡିଲିମିଟେଶନ୍ ଯୋଗୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଲୋକ ସଭାରେ କମ୍ ଆସନ ପାଇବେ ଏବଂ ଆନୁପାତିକ ଦୃଷ୍ଟିରୁ ଉପଯୁକ୍ତ ପ୍ରତିନିଧିତ୍ୱରୁ ବଞ୍ଚିତ ହେବେ ବୋଲି ଆଶଙ୍କା କରୁଛନ୍ତି। ତେଣୁ ତାମିଲନାଡୁ, କେରଳ, କର୍ଣ୍ଣାଟକ, ତେଲଙ୍ଗାନା ଭଳି ଅଣଭାଜପା ଶାସିତ ରାଜ୍ୟର ସରକାର ଏହାକୁ ଦୃଢ଼ ବିରୋଧ କରୁଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ପ୍ରସ୍ତାବିତ ଡିଲିମିଟେଶନ୍ ପ୍ରକ୍ରିୟା ପ୍ରତିବାଦରେ ଗୁରୁବାର ରାଜ୍ୟବ୍ୟାପୀ 'କଳାପତାକା ବିକ୍ଷୋଭ' କରିବାକୁ ଘୋଷଣା କରିଛନ୍ତି। କେନ୍ଦ୍ର ସରକାର ତାମିଲନାଡୁର ସ୍ୱର ନ ଶୁଣିଲେ ବହୁମୂଲ୍ୟ ଦେବେ ବୋଲି ଷ୍ଟାଲିନ୍ ବୁଧବାର ଚେତାବନୀ ଦେଇଛନ୍ତି।**

ନୂଆଦିଲ୍ଲୀ/ଚେନ୍ନାଇ,୧୫।୪(ପି.ଟି./ଏଜେନ୍ସି)

ସଂସଦରେ ଗୁରୁବାରଠାରୁ ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହେବାକୁ ଯାଉଥିବାବେଳେ ଏହାର ଅବ୍ୟବହିତ ପୂର୍ବରୁ ବିରୋଧୀ ଦଳଗୁଡ଼ିକର ନେତାମାନେ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନୂଆଦିଲ୍ଲୀସ୍ଥିତ ସରକାରୀ ବାସଭବନରେ ଏକାଠି ହୋଇଛନ୍ତି। ବୈଠକ ଶେଷରେ ସ୍ଥିର ହୋଇଥିବା ରଣନୀତି ସମ୍ପର୍କରେ ଖାର୍ଗେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଖାର୍ଗେ କହିଛନ୍ତି, ବିରୋଧୀ ମହିଳା ସଂରକ୍ଷଣକୁ ବିରୋଧ କରୁନାହାନ୍ତି। କିନ୍ତୁ ଏହାକୁ ଆଳକରି ସରକାର ଆଣିବାକୁ ଯାଉଥିବା ସମ୍ବିଧାନ ସଂଶୋଧନ ବିଧେୟକର ଡିଲିମିଟେଶନ୍ ପ୍ରକ୍ରିୟାକୁ ବିରୋଧ କରୁଛନ୍ତି। ତେଣୁ ଉକ୍ତ ବିଲ୍ ବିରୋଧରେ ମିଳିତ ଭାବେ ମତଦାନ କରିବେ ବୋଲି ସେମାନେ ନିଷ୍ପତ୍ତି ନେଇଛନ୍ତି।

■ ଆଜିଠୁ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ

ଉକ୍ତ ବୈଠକରେ ଇଣ୍ଡିଆ ବ୍ଲକ୍‌ର ଅନେକ ଦଳର ନେତା ସାମିଲ ହୋଇଥିଲେ। ଏନେଇ ଖାର୍ଗେ ଆହୁରି କହିଛନ୍ତି, ସରକାର ଉକ୍ତ ବିଲ୍‌କୁ ଯେପରି ଢଙ୍ଗରେ ଆଣୁଛନ୍ତି ତାକୁ ନେଇ ଆମର ଆପତ୍ତି ରହିଛି। ମହିଳା ସଂରକ୍ଷଣ ସଂକ୍ରାନ୍ତ ସମ୍ବିଧାନ ସଂଶୋଧନ ପ୍ରସ୍ତାବ ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଛି। କେବଳ ବିରୋଧୀଙ୍କୁ ଦମନ କରିବା ପାଇଁ ସରକାର ଏସବୁ କରୁଛନ୍ତି। ଭାଜପା ନେତୃତ୍ୱାଧୀନ ସରକାର ଡିଲିମିଟେଶନ୍ ଉପରେ ଟ୍ରିକ୍ କରୁଛନ୍ତି। ତେଣୁ ସମସ୍ତ ଦଳ ଏହାକୁ ମିଳିତ ଭାବେ ବିରୋଧ କରିବାକୁ ଏକାଠି ହୋଇଛୁ। କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ଡିଲିମିଟେଶନ୍ କମିଶନ ଯେପରି ଭାବେ କାର୍ଯ୍ୟ କରୁଛନ୍ତି, ସେଥିରୁ କମିଶନ ଶାସକ ଦଳର ହାସବାରିସି ସାଜିଥିବା ସ୍ପଷ୍ଟ ହେଉଛି। ମହିଳା ସଂରକ୍ଷଣ କାର୍ଯ୍ୟକାରୀ ହେବା ଉଚିତ। କିନ୍ତୁ ସୀମା ପୁନଃ ନିର୍ଦ୍ଧାରଣକୁ ଆମେ ସମ୍ପୂର୍ଣ୍ଣ ବିରୋଧ କରୁଛୁ।

ବୈଠକରେ ଖାର୍ଗେଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଡିଏମ୍‌କେର ☞ପୃଷ୍ଠା-୪

## ଜାତୀୟ ମହିଳା ସଂରକ୍ଷଣ ବିଲ୍‌କୁ ବିଜେଡିର ସମର୍ଥନ

ଭୁବନେଶ୍ୱର,୧୫।୪(ସୁନିତ୍ ମିଶ୍ର)

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ନବୀନଙ୍କ ଅନୁରୋଧ**

ସୀମା ପୁନଃ ନିର୍ଦ୍ଧାରଣକୁ ନେଇ ସ୍ୱତନ୍ତ୍ର ଅଧିବେଶନ ଡକାଯାଉ

ମହିଳା ସଂରକ୍ଷଣ ଓ ମହିଳା ସଶକ୍ତୀକରଣ କ୍ଷେତ୍ରରେ ସାରା ଦେଶରେ ବିଜୁ ପଟ୍ଟନାୟକ ଜଣେ ଅଗ୍ରଦୂତ ଥିଲେ। ବିଜେଡି ସବୁବେଳେ ବିଧାନସଭା ଓ ପାର୍ଲାମେଣ୍ଟରେ ମହିଳାମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି ପାଇଁ ସଂଗ୍ରାମ କରିଆସିଛି। ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକରେ ମହିଳାମାନଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ବିଜେଡି ବହୁ ପୂର୍ବରୁ କରିଛି। ମହିଳାଙ୍କ ସଶକ୍ତୀକରଣ ପାଇଁ ଆସୁଥିବା ଜାତୀୟ ବିଧେୟକକୁ ବିଜେଡି ପୂର୍ଣ୍ଣ ସମର୍ଥନ ଦେବ ବୋଲି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। ଅନ୍ୟପଟେ ସମ୍ବିଧାନର ପ୍ରସ୍ତାବିତ ୧୩୧ତମ ସଂଶୋଧନ ବିଲ୍ ୨୦୨୬ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ଯଦି ଓଡ଼ିଶାର ରାଜନୈତିକ ଅଧିକାର କ୍ଷୁଣ୍ଣ ନ କରେ ତେବେ ଏହି ବିଲ୍‌କୁ ସ୍ୱାଗତ କରାଯିବ ବୋଲି ମଧ୍ୟ ନବୀନ କହିଛନ୍ତି।

ସୀମା ପୁନଃ ନିର୍ଦ୍ଧାରଣ ବିଷୟକୁ ନେଇ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ନବୀନ ପଟ୍ଟନାୟକ ଅନୁରୋଧ କରିଛନ୍ତି। ବୁଧବାର ଲେଖିଥିବା ଚିଠିରେ ନବୀନ କହିଛନ୍ତି, ସମ୍ବିଧାନର ପ୍ରସ୍ତାବିତ ୧୩୧ତମ ସଂଶୋଧନ ବିଲ୍ ୨୦୨୬ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ଦ୍ୱାରା ଲୋକ ସଭା ଆସନ ସଂଖ୍ୟାରେ ☞ପୃଷ୍ଠା-୪

## ୮.୪୭ ଲକ୍ଷ ଜାଲ୍‌ନୋଟ ଜବତ, ୨ ଗିରଫ

**ଛତିଶଗଡ଼କୁ ଲମ୍ବିଛି ଚେର**



ଜବତ ୫୦୦ଟଙ୍କିଆ ୧୬୯୫ଟି ଜାଲ୍ ନୋଟ।

ସୋନପୁର,୧୫।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରସ୍ଥିତ ଏସ୍‌ବିଆଇ ମୁଖ୍ୟ ଶାଖା ସମ୍ମୁଖରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ଜାଲନୋଟ ଜବତ କରିଛି। ଏଥିରେ ଏକ ର୍ୟାକେଟ୍ କାମ କରୁଛି। ପଡୋଶୀ ଜିଲା ବରଗଡ଼ ଓ ପଡୋଶୀ ରାଜ୍ୟ ଛତିଶଗଡ଼କୁ ମଧ୍ୟ ଏହି ଅପରାଧର ଚେର ଲମ୍ବିଛି। ୨ ଜଣ ଯୁବକ ଏକ ସ୍କର୍ପିଓରେ ଆସି ଜାଲ୍‌ନୋଟ କାରବାର କରୁଥିବା ସୁବର୍ଣ୍ଣପୁର ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ସୋନପୁର ଟାଉନ ପୋଲିସ ଆଇଆଇସି ଯାଦବ ବାଗଙ୍କ ନେତୃତ୍ୱରେ ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ଟିମ୍ ସହରରେ ପାଟ୍ରୋଲିଂ କରୁଥିଲେ। ଏକ କଳାରଙ୍ଗର ସ୍କର୍ପିଓ କ୍ଲାସିକ୍ ଏସ୍ ୧୧(ନଂ.ଓଡି୩୪ଜେଡ-୧୯୧୯)କୁ ଏସ୍‌ଆଇ ଅନିଲ ବେହେରା ଅଟକାଇଥିଲେ। ତନଖି ସମୟରେ ଗାଡିରେ ଥିବା ନୀଳ ରଙ୍ଗର ବ୍ୟାଗ୍‌ରୁ ୫୦୦ଟଙ୍କିଆ ଜାଲ୍ ନୋଟ ବଣ୍ଡଲ ମିଳିଥିଲା ବୋଲି ଏସ୍‌ପି ନାରାୟଣ ନାୟକ ବୁଧବାର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏସ୍‌ପି କହିଛନ୍ତି ଏହା ଜାଲ୍ ନୋଟ ବୋଲି ଖାଲି ଆଖିରେ ଦେଖିଲେ ଜଣା ପଡିଯାଉଛି। ସେହିପରି ସବୁ ନୋଟର କ୍ରମିକ ନଂ ୦୦ ୦୦ ୦୦ ଥିଲା। ଗଣତି ପରେ ୫୦୦ଟଙ୍କିଆ ମୋଟ ୧୬୯୫ଟି ଜାଲ୍ ନୋଟ ଜବତ ହୋଇଥିଲା। ଏହାର ସମୁଦାୟ ମୂଲ୍ୟ ୮ଲକ୍ଷ ☞ପୃଷ୍ଠା-୪






# ଓଡ଼ିଆଙ୍କ ବିକଳ୍ପ ହେବ ଓଡ଼ିଶା ଜନତା କଂଗ୍ରେସ

ଭୁବନେଶ୍ୱର,୧୫।୪
(ରବିନାରାୟଣ ଜେନା)

ଓଡ଼ିଶା ରାଜନୀତିରେ ଯୋଗ୍ୟଙ୍କୁ ସୁଯୋଗ ନାହିଁ। ଦଳରେ ରହି ଉଚିତ୍ କଥା କହିଲେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହାକୁ ନେଇ ବିଗତ ବର୍ଷରେ ଚିନ୍ତା କରିଥିଲି, ଓଡ଼ିଶାରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ସେଥିପାଇଁ ମହାତ୍ମା ଗାନ୍ଧୀଙ୍କ ବିଚାରଧାରା, ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ଙ୍କ ସାହସ, ବାବାସାହେବ ଆମ୍ବେଡ୍କରଙ୍କ ସମ୍ବିଧାନର ସୁଯୋଗ ଏବଂ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସେବାକୁ ପାଥେୟକରି ନୂଆ ଦଳ ଗଢ଼ିଛି, ଯାହା ଆଜି ସାକାର ହୋଇଛି। ଓଡ଼ିଆଙ୍କ ହକ୍ ପାଇଁ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ଏହି ମୁହୂର୍ତ୍ତରୁ ତା'ର ସେବା ଜାରି ରଖିବ। ଆଗାମୀ ଦିନରେ ଓଡ଼ିଆଙ୍କ ପାଇଁ ଏହି ନୂତନ ଆଞ୍ଚଳିକ ଦଳ ନିଶ୍ଚିତଭାବେ ବିକଳ୍ପ ହେବ ବୋଲି ପାର୍ଟିର ପ୍ରତିଷ୍ଠାତା ତଥା ସଭାପତି ମହମ୍ମଦ ମୋକିମ କହିଛନ୍ତି।

ମୋକିମ କହିଛନ୍ତି, ରାଜ୍ୟରେ ସରକାର ପରିବର୍ତ୍ତନ ହେଲା, ହେଲେ ତାଙ୍କରେ କୌଣସି ନୂତନତ୍ୱ ଆସିଲାନାହିଁ। ଛାତ୍ରୀଛାତ୍ରଙ୍କୁ ଉନ୍ନତ ଶିକ୍ଷା ମିଳୁ ନ ଥିବାବେଳେ ଏବେ ବି ଗର୍ଭବତୀ ମା'ମାନେ ଖଟିଆରେ ବୁହା ହୋଇ ଡାକ୍ତରଖାନା ଯାଉଛନ୍ତି। ରାଜ୍ୟରେ ମଦ ବିକ୍ରି ବନ୍ଦ ହେଲାନାହିଁ କି ମହାନଦୀ ପାଣି ସମସ୍ୟାର ସମାଧାନ ହେଲାନି। ରାଜ୍ୟରେ ୨୪ ବର୍ଷର ବିଜେଡି ସରକାର ଏବଂ ୨ ବର୍ଷର ଭାଜପା ସରକାର ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ବୋଲି ମୋକିମ କହିଛନ୍ତି। କର୍ମକର୍ତ୍ତାମାନଙ୍କୁ ଉଦ୍‌ବୋଧନ ଦେଇ


ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ବୁଧବାର ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ପ୍ରତିଷ୍ଠା ଅବସରରେ ସଭାପତି ମହମ୍ମଦ ମୋକିମଙ୍କ ସହିତ ଅନ୍ୟାନ୍ୟ କର୍ମକର୍ତ୍ତା।

## ପ୍ରତିଷ୍ଠା ଦିବସରେ ମୋକିମଙ୍କ ଆହ୍ୱାନ

ସେ କହିଛନ୍ତି, ଏବେ ଆମକୁ ଲୋକେ ସମାଲୋଚନା କରୁଛନ୍ତି ଏବଂ କରିବେ ମଧ୍ୟ। ହେଲେ ଆପଣମାନେ କୌଣସି ଉତ୍ତର ଦିଅନ୍ତୁନାହିଁ, କେବଳ ଶୁଣନ୍ତୁ ଏବଂ ଲୋକଙ୍କ ସେବା ଜାରି ରଖନ୍ତୁ। ଯେତେବେଳେ ଲୋକମାନେ ଆମ ଦଳର ଆଭିମୁଖ୍ୟ ବୁଝିବେ, ସେତେବେଳେ ତା'ର ଜବାବ ଦେବେ। ଯେଉଁମାନେ ବାଟ ଛାଡୁନାହାନ୍ତି ସେମାନଙ୍କୁ ହଟାଇବାକୁ ପଡ଼ିବ। ଯେଉଁ ଦଳ ଓଡ଼ିଆ ଅସ୍ମିତା କହି ସରକାରକୁ ଆସିଛି, ସେହି ଦଳର ମୁଖ୍ୟମନ୍ତ୍ରୀ ଗୃହରେ ମହିଳାମାନଙ୍କ ଉପରେ ବଢ଼ିଚାଲିଥିବା ନିର୍ଯାତନାର ରିପୋର୍ଟ ଦେଉଛନ୍ତି। ହେଲେ ଶାସନରେ କୌଣସି ପରିବର୍ତ୍ତନ ଆସୁନାହିଁ। ଆମ ଦଳ ଆସନ୍ତା ପଞ୍ଚାୟତ ଏବଂ ମ୍ୟୁନିସିପାଲିଟି ନିର୍ବାଚନରେ ପ୍ରାର୍ଥୀ ଦେବ ବୋଲି ସେ କହିଛନ୍ତି। ଏହି ଅବସରରେ ବିଧାୟିକ ସୋଫିଆ ଫିର୍ଦ୍ଦୋସ ଏହି ନୂତନ ଆଞ୍ଚଳିକ ଦଳର ଭବିଷ୍ୟତ ବହୁତ ଉଜ୍ଜ୍ୱଳ ବୋଲି କହିଛନ୍ତି। ହିନ୍ଦୁ, ମୁସ୍‌ଲିମ୍, ଶିଖ୍, ଇସାଇ ଓ ମହିମା ଅଲେଖ ଧର୍ମାଲମ୍ବୀ ସାଧୁମାନେ ମନ୍ତ୍ର ଉଚ୍ଚାରଣ କରି ପ୍ରତିଷ୍ଠା ଦିବସକୁ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପ୍ରଦୀପ ପ୍ରଧାନ, ମନୋଜ ଜେନା, ମଧୁ ମହାନ୍ତି ପ୍ରମୁଖଙ୍କ ସହ ୩୦ ଜିଲାର କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ ପାର୍ଟିର ଦଳୀୟ ଆଭିମୁଖ୍ୟ ସମ୍ପର୍କିତ ଏକ ପୁସ୍ତିକା ଉନ୍ମୋଚନ ହୋଇଥିଲା।

# କୋଡ଼ିଙ୍ଗାମାଳି ଖଣି ଖନନ ନେଇ ଜନଶୁଣାଣିକୁ ବିରୋଧ

## କାରଖାନା ନାହିଁ ତ ଖଣି ନାହିଁ: ଗ୍ରାମବାସୀ

ରାୟଗଡ଼ା,୧୫।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ଓ କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ମଧ୍ୟବର୍ତ୍ତୀ ସ୍ଥାନରେ ଥିବା କୋଡ଼ିଙ୍ଗାମାଳି ପାହାଡ଼ରେ ଖଣି ଖନନ ବୃଦ୍ଧି ପାଇଁ ପ୍ରସ୍ତାବିତ ଜନଶୁଣାଣିକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଛନ୍ତି। ଆସନ୍ତା ୨୯ ତାରିଖରେ ହେବାକୁ ଥିବା ଜନଶୁଣାଣିକୁ ବାତିଲକରିବା ଦାବିରେ ସ୍ଥାନୀୟ ବାସିନ୍ଦା ବୁଧବାର ରାୟଗଡ଼ା ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲାପାଳ ନବୀନ ନାୟକ ଓ ଅତିରିକ୍ତ ଏସ୍‌ପି ଅମୂଲ୍ୟ ଧର ପୃଥକ ଭାବରେ ଦାବିପତ୍ର ଗ୍ରହଣ କରିଥିଲେ।

ସୂଚନା ଅନୁଯାୟୀ, ଓଡ଼ିଶା ଖଣି ନିଗମ ପକ୍ଷରୁ ବକ୍ସାଇଟ ଖଣି ଖନନ କ୍ଷମତା ୩.୬ ମେଟ୍ରିକ ଟନ୍‌ରୁ ୬ ମେଟ୍ରିକ ଟନ୍‌କୁ ବୃଦ୍ଧି କରିବା ପାଇଁ ଆସନ୍ତା ୨୯ ତାରିଖରେ ଜନଶୁଣାଣି ହେବ। ତେବେ କୋଡ଼ିଙ୍ଗାମାଳି ଖଣି ନିକଟବର୍ତ୍ତୀ ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରିଛନ୍ତି। ପୂର୍ବରୁ ୨୫ ବର୍ଷ ଖଣି ଖନନ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଖନନ ବଢ଼ିଲେ ୭ ରୁ ୮ ବର୍ଷ ମଧ୍ୟରେ ବକ୍ସାଇଟ ସରିଯିବ। ଅନ୍ୟପକ୍ଷେ କାରଖାନା ନ ଥାଇ ଖଣି ଖନନ କାହିଁକି ବୋଲି ମଧ୍ୟ ସ୍ଥାନୀୟ ବାସିନ୍ଦା ପ୍ରଶ୍ନ ଉଠାଇଛନ୍ତି। କାରଖାନା ନାହିଁ ତ ଖଣି ନାହିଁ ନିୟମ ଲାଗୁ ପାଇଁ ଦାବି ହୋଇଛି। ପ୍ରଭାବିତଙ୍କ ପକ୍ଷରୁ ପୁରୁଷୋତ୍ତମ ହିକକା, ଗୁରୁନାଥ ନାଏକ, ବିଦ୍ୟାଧର ରତ୍ନ ଚୌଧୁରୀ, ସରିତା ମାଣ୍ଡାଙ୍ଗି, କୃଷ୍ଣ ହିକକା, ପୂର୍ଣ୍ଣ ରତ୍ନ ଚୌଧୁରୀ, ସୀତା ହିକକା ପ୍ରମୁଖଙ୍କ ଉପସ୍ଥିତିରେ ଦାବିପତ୍ର ପ୍ରଦାନ କରାଯାଇଛି।

# ମେ' ୧ରୁ ଜୁଲାଇ ୩୧ ଯାଏ ଭିତରକନିକା ବନ୍ଦ

ରାଜନଗର,୧୫।୪
(ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନ ମେ' ୧ ରୁ ଜୁଲାଇ ୩୧ ତାରିଖ ଯାଏ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ। ଭିତରକନିକା ବଉଳା କୁମ୍ଭୀରଙ୍କ ଶ୍ରେଷ୍ଠ ପ୍ରଜନନସ୍ଥଳୀ ଭାବେ ପ୍ରସିଦ୍ଧି ଲାଭ କରିଛି। ମେ'ରୁ ଜୁଲାଇ ପର୍ଯ୍ୟନ୍ତ ବଉଳା କୁମ୍ଭୀର ପ୍ରଜନନ ସମୟରେ ଅଣ୍ଡା ଦେବାକୁ ନିରାପଦ ସ୍ଥାନ ଠାବ ସହ ବସାକରି ଅଣ୍ଡା ଦେଇଥାନ୍ତି। ଜୁଆର ମାଡୁନଥିବା ସ୍ଥାନ ଅର୍ଥାତ୍ ସ୍ଥଳଭାଗରେ କୁମ୍ଭୀର ବସାକରି ଅଣ୍ଡା ଦେଇଥାଏ। ଏହି ସମୟରେ ମା' କୁମ୍ଭୀର ଅଧିକ ହିଂସ୍ର ହୋଇପଡ଼ିଥାଏ। ବଉଳା କୁମ୍ଭୀର ପର୍ଯ୍ୟଟକଙ୍କୁ ଆକ୍ରମଣ କରିବା ଆଶଙ୍କା ଥିବାରୁ ଭିତରକନିକା ବନ୍ଦ ରଖାଯିବ ବୋଲି ଡିଏଫ୍‌ଓ ଭରଦରାଜ ଗାଁଓଙ୍କର ସୂଚନା ଦେଇଛନ୍ତି।

# ୨୦୨୩ର ନାରୀଶକ୍ତି ବନ୍ଦନ ଅଧିନିୟମ ସବୁଠାରୁ ବୈପ୍ଳବିକ ନିଷ୍ପତ୍ତି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫।୪(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ସଂସ୍କୃତି ଓ ପରମ୍ପରା ପ୍ରତି ସମ୍ମାନ ଜଣାଇ ଗତ ୧୨ ବର୍ଷ ମଧ୍ୟରେ ମହିଳାଙ୍କ ବିକାଶ ପାଇଁ ଅନେକ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ କରିଛନ୍ତି। ମାତ୍ର ସବୁଠାରୁ ବୈପ୍ଳବିକ ନିଷ୍ପତ୍ତି ହେଉଛି ୨୦୨୩ର ନାରୀଶକ୍ତି ବନ୍ଦନ ଅଧିନିୟମ। ଏହା ସ୍ୱାଧୀନତ୍ତୋର ଭାରତରେ ମହିଳା ସଶକ୍ତୀକରଣ କ୍ଷେତ୍ରରେ ସବୁଠାରୁ ବଡ଼ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ରେଳ ଅଡିଟୋରିୟମଠାରେ ଆୟୋଜିତ ନାରୀଶକ୍ତି ବନ୍ଦନ ଟାଉନ ହଲ୍ ମିଟିଂ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନାରୀଶକ୍ତି ବନ୍ଦନ ଅଧିନିୟମ କେବଳ ଏକ ଆଇନ ନୁହେଁ, ବରଂ ବହୁ କୋଟି ମହିଳାଙ୍କ ସ୍ୱପ୍ନର ଉଡ଼ାଣ। ଏହି ଅଧିନିୟମ ଦ୍ୱାରା ଲୋକ ସଭା ଏବଂ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷଣ ସୁନିଶ୍ଚିତ ହୋଇଛି। ଇତିହାସ ଜାଣିଛି, ଯେତେବେଳେ ଜଣେ ନେତୃତ୍ୱ ନିଅନ୍ତି, ସେତେବେଳେ ସେ ନିଜେ ସଶକ୍ତ ହେବା ସହ ସମଗ୍ର ସମାଜ ଓ ରାଷ୍ଟ୍ର ଉପକୃତ ହୋଇଥାଏ। ଭାରତୀୟ ଗଣତନ୍ତ୍ରରେ ବର୍ତ୍ତମାନ ମହିଳାମାନେ କେବଳ ଭୋଟର ନୁହନ୍ତି ବରଂ ସକ୍ରିୟ ଭାଗୀଦାର ହୋଇଛନ୍ତି। ଓଡ଼ିଶାର ତୃଣମୂଳସ୍ତରର ପ୍ରାୟ ୧୪.୫ ଲକ୍ଷ ମହିଳା ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକରେ ନିର୍ବାଚିତ ପ୍ରତିନିଧି ଭାବେ କାର୍ଯ୍ୟକରି ଦକ୍ଷତା ପ୍ରମାଣିତ କରିଛନ୍ତି। ତେଣୁ ପ୍ରଧାନମନ୍ତ୍ରୀଙ୍କ ଏହି ଐତିହାସିକ ପଦକ୍ଷେପ ମହିଳାମାନଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲହେବାକୁ ସହାୟକ ହେବ ବୋଲି ସେ କହିଛନ୍ତି। ବିକଶିତ ଭାରତ ପାଇଁ ସମୃଦ୍ଧ ଓଡ଼ିଶା ଗଠନ ହେଉଛି ମୁଖ୍ୟ ଲକ୍ଷ୍ୟ। ଏହି ଯାତ୍ରାରେ ଓଡ଼ିଶା ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହ ଆତ୍ମନିର୍ଭର କରିବା ଲାଗି ସୁଭଦ୍ରା ଯୋଜନା ଆରମ୍ଭ କରାଯାଇଛି। ସୁଭଦ୍ରାଠାରୁ ଆରମ୍ଭକରି ଲକ୍ଷପତି ଦିଦି ପର୍ଯ୍ୟନ୍ତ ଏହି ଯାତ୍ରା ପ୍ରତ୍ୟେକ ଘରେ ସମୃଦ୍ଧି ଆଣିବ।

ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି, ବିଧାନସଭା ଏବଂ ସଂସଦରେ ମଧ୍ୟ ମହିଳା ପ୍ରତିନିଧିତ୍ୱ ସମାନ ଭାବେ ପ୍ରତିଫଳିତ ହେବା ଉଚିତ। ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ମହିଳାଙ୍କ ଭାଗୀଦାରିକୁ ସମ୍ମାନ ଦେଇ ଏହି ଅଧିନିୟମକୁ ସମସ୍ତେ ସମର୍ଥନ କରିବା ଉଚିତ। ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ମହିଳାଙ୍କ ଭାଗୀଦାରିକୁ ସମ୍ମାନ ଦେଇ ଏହି ଅଧିନିୟମକୁ ସମସ୍ତେ ସମର୍ଥନ କରିବା ଉଚିତ ବୋଲି ସେ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ମହିଳାଙ୍କ ସମ୍ମାନ, ସମତା, ନେତୃତ୍ୱ ଓ ସ୍ୱାଭିମାନ ପାଇଁ ମହିଳାମାନଙ୍କୁ ପାର୍ଲାମେଣ୍ଟରେ ବସିବାର ସୁଯୋଗ ଦିଆଯିବାର ଆବଶ୍ୟକତା ରହିଛି। ଏହି ଅଧିନିୟମ ବଳରେ ବର୍ତ୍ତମାନ ପଞ୍ଚାୟତଠାରୁ ପାର୍ଲାମେଣ୍ଟ ଯିବା ସହଜ ହେବ। କେବଳ ମହିଳା ହିତାଧିକାରୀ ନୁହେଁ, ମହିଳା ଭାଗୀଦାରି ଚାହୁଁଛୁ ବୋଲି ପ୍ରଭାତୀ କହିଛନ୍ତି। ବିଶିଷ୍ଟ ସାହିତ୍ୟିକା ପ୍ରତିଭା ରାୟ କହିଛନ୍ତି, ପ୍ରତ୍ୟେକ ଗୃହରେ ଯଦି ନାରୀଶକ୍ତି ବନ୍ଦନ ହୁଏ ତେବେ ପୃଥିବୀର ଭାଗ୍ୟ ବଦଳିଯିବ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ବିଶିଷ୍ଟ କ୍ରୀଡ଼ାବିତ୍ ଅନୁରାଧା ବିଶ୍ୱାଳ, ଓଡ଼ିଶୀ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟ ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତି କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଶିଶୁ ବିକାଶ ବିଭାଗ କମିଶନର ମୃଣାଳିନୀ ଦର୍ଶାଲ ଧନ୍ୟବାଦ ଅର୍ପଣ କରିଛନ୍ତି।




କେତେକ କହନ୍ତି– ଯୀଶୁଖ୍ରୀଷ୍ଟଙ୍କ ମୁଖ– ନିଃସୃତବାଣୀ କୁଆଡେ ଜାଲିଆତି କଥା ଏବଂ ଶ୍ରୀକୃଷ୍ଣ ମଧ୍ୟ କୁଆଡେ କବିଙ୍କର କଳ୍ପନା। ଆମ୍ଭେମାନେ କିନ୍ତୁ ଏହି ଜାଲିଆତି ପାଇଁ ଭଗବାନଙ୍କୁ କୃତଜ୍ଞତା ଜଣାଉଛୁ ଏବଂ କବି– କଳ୍ପନାକୁ ପ୍ରଣତି ଜଣାଉଛୁ।–ଶ୍ରୀଅରବିନ୍ଦ

-ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହଳ ନିଷେଧ

# ବୈଦିକ ସମାଜର ସ୍ୱରୂପ



ଦେବଦତ୍ତ ପଟ୍ଟନାୟକ

ଖ୍ରୀଷ୍ଟପୂର୍ବ ୧୫୦୦ରୁ ୧୦୦୦ ମଧ୍ୟରେ ସିନ୍ଧୁନଦୀର ଉପନଦୀ ସପ୍ତ-ସିନ୍ଧୁ କୂଳରେ ବୈଦିକ ଲୋକେ ବସବାସ କରୁଥିଲେ, ଯାହା ଏବେ ପଞ୍ଜାବ ନାମରେ ଜଣାଶୁଣା। ଏହା ହେଉଛି ଋକ୍-ବୈଦିକ ସମାଜ। ପଶୁପାଳକ ଜୀବନଠାରୁ ଆରମ୍ଭ କରି ସ୍ଥାୟୀ କୃଷିଭିତ୍ତିକ ସାମାଜିକ ବ୍ୟବସ୍ଥା ପର୍ଯ୍ୟନ୍ତ, ଏହି ସମାଜ ଦୀର୍ଘ ଅସମାନ ପରିବର୍ତ୍ତନକୁ ଦର୍ଶାଏ। ସମୟକ୍ରମେ କ୍ଷମତା, ସ୍ଥିତି, ସମ୍ପତ୍ତି ଓ ପ୍ରଭାବକୁ ନେଇ ସାମାଜିକ ପଦାନୁକ୍ରମ କିଭଳି ସୃଷ୍ଟି ହୋଇଛି ତାହାକୁ ମଧ୍ୟ ଏହି ସମାଜ ସୂଚିତ କରେ। ଋକ୍‌ବେଦର ସ୍ତୋତ୍ରଗୁଡ଼ିକ ଗୋଟିଏ ସାମାଜିକ ସ୍ଥିତିକୁ ବର୍ଣ୍ଣନା କରିନାହିଁ; ବରଂ ସେଗୁଡ଼ିକ ସ୍ଥାନାନ୍ତର, ସଂଘର୍ଷ, ବସ୍ତି ସ୍ଥାପନ ଏବଂ ବିଭେଦକୁ ଦର୍ଶାଇଛି। ଏଥିରେ ବର୍ଣ୍ଣିତ ଗ୍ରାମ, ସଂଗ୍ରାମ, ଅରଣ୍ୟ, ଗବିଷ୍ଟି ଏବଂ ଯଅ ଭଳି ଶାବ୍ଦିକ ଅବଧାରଣା ଏହି ପରିବର୍ତ୍ତନକୁ ଠିକ୍ ଭାବେ ବୁଝିବାରେ ଆମକୁ ସାହାଯ୍ୟ କରେ।

ପୁରାତନ ଋକ୍-ବୈଦିକ ଅର୍ଥ ବ୍ୟବସ୍ଥା ଦୃଢ଼ ଭାବେ ପଶୁପାଳନଭିତ୍ତିକ ଥିଲା। ପଶୁ ଥିଲେ ସମ୍ପଦର ମୁଖ୍ୟ, ବିନିମୟର ପ୍ରମୁଖ ବସ୍ତୁ ଏବଂ ସଂଘର୍ଷର ମୂଳ କାରଣ। ଗବିଷ୍ଟି ହେଉଛି ଋକ୍‌ବେଦର ଏକ ସଂସ୍କୃତ ଶବ୍ଦ, ଯାହାର ଆକ୍ଷରିକ ଅର୍ଥ ହେଉଛି 'ଗୋ ଅନ୍ୱେଷଣ', କିନ୍ତୁ ଏହାକୁ 'ଗୋ ପାଇଁ ଯୁଦ୍ଧ' ବର୍ଣ୍ଣନାରେ ବ୍ୟବହାର କରାଯାଏ। ଏହା ଦର୍ଶାଏ ଯେ, ପ୍ରାରମ୍ଭରୁ ଯେଉଁ ସଂଘର୍ଷ ହେଉଥିଲା ତାହା କୌଣସି ଅଞ୍ଚଳ ପାଇଁ ନୁହେଁ, ବରଂ ପଶୁଧନ ଲୁଟ୍‌ପାଟକୁ ନେଇ ଘଟୁଥିଲା। ଏଭଳି ଏକ ପଶୁପାଳକ ସମାଜରେ ସାମାଜିକ ସମ୍ପର୍କ ଏତେ ଦୃଢ଼ ନ ଥିଲା। ଏହି କ୍ରମରେ, ପରେ ଜାଣିବାକୁ ମିଳିଲା ଯେ, ଗ୍ରାମ ଶବ୍ଦ ବିଶେଷକରି ଗୋଟିଏ ଗାଁକୁ ବୁଝାଉ ନ ଥିଲା। ବରଂ ପରେ ଜଣାପଡ଼ିଲା ଯେ, ଏହା ଗୋଟିଏ ଗୋଷ୍ଠୀର ଲୋକଙ୍କ ସ୍ଥାନାନ୍ତର, ଏକ ଯୁଦ୍ଧରେ ଲିପ୍ତ ଗୋଷ୍ଠୀ କିମ୍ବା ପଶୁ ଓ ସମ୍ପର୍କୀୟଙ୍କୁ ନେଇ ସଙ୍ଗଠିତ ବଂଶଗତ ଗୋଷ୍ଠୀକୁ ସୂଚିତ କରୁଥିଲା।

ଗ୍ରାମ ଓ ଅରଣ୍ୟ ମଧ୍ୟରେ ଅନ୍ତର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅରଣ୍ୟ ସାଧାରଣତଃ ଜଙ୍ଗଲ କିମ୍ବା ସାମାଜିକ ନିୟନ୍ତ୍ରଣ ବାହାରେ ଥିବା ଅଣଚାଷ ଅଞ୍ଚଳକୁ ବୁଝାଏ। ଏହା ବିପଦ, ଅବ୍ୟବସ୍ଥା ଏବଂ ଅଣ-ଆର୍ଯ୍ୟ ଅଞ୍ଚଳକୁ ଦର୍ଶାଏ। ଗ୍ରାମରୁ ଅରଣ୍ୟକୁ ସ୍ଥାନାନ୍ତର ମୁଖ୍ୟତଃ ବିସ୍ତାର ଓ ମୁକାବିଲାକୁ ସୂଚିତ କରେ। ସ୍ଥାନୀୟ ପ୍ରତିରୋଧ କାରଣରୁ ପଶୁପାଳକ ଗୋଷ୍ଠୀଗୁଡ଼ିକ ଜଙ୍ଗଲକୁ ବିତାଡ଼ିତ ହେବା ପରେ ସେଠାରେ ସେମାନେ ବସତି ସ୍ଥାପନ କଲେ ଏବଂ କୃଷି ସେମାନଙ୍କର ମୁଖ୍ୟ ବୃତ୍ତି ହୋଇଗଲା। ଏଭଳି ସ୍ଥାନୀୟ ପ୍ରତିରୋଧ ଏକ ପରିବର୍ତ୍ତନକୁ ଦର୍ଶାଇଥିଲା, ଯେଉଁଥିରେ ଲୋକେ ଏତେତେଣେ ନ ଯାଇ ସ୍ଥାୟୀ ବସତି ସ୍ଥାପନ କରିଥିଲେ। ଏହାବ୍ୟତୀତ ପଶୁପାଳକରୁ କୃଷିଭିତ୍ତିକ ଜୀବନ ଆରମ୍ଭ ହୋଇଥିଲା।



ଋକ୍‌ବେଦ ଯଅ କିମ୍ବା ବାର୍ଲି ସମ୍ପର୍କରେ ବର୍ଣ୍ଣନା କରି ସ୍ପଷ୍ଟ ଭାବେ କୃଷିକୁ ପ୍ରତିପାଦିତ କରିଛି। ଯଅ ଥିଲା ପୌଷ୍ଟିକ କୃଷି ଉତ୍ପାଦ ଏବଂ ଏହାକୁ ଧର୍ମୀୟକ୍ରିୟାରେ ଖାଦ୍ୟ ଭାବେ ବ୍ୟବହାର କରାଯାଉଥିଲା। ଏଣୁ ସେତେବେଳେ ଏକ ବ୍ୟବସ୍ଥିତ ଚାଷ ବ୍ୟବସ୍ଥା ଥିଲା ବୋଲି ସୂଚନା ମିଳେ। ସ୍ତୋତ୍ରରେ ମଧ୍ୟ ବର୍ଷା, ନଦୀ ଏବଂ ଉର୍ବର ମାଟି ସମ୍ପର୍କରେ ବର୍ଣ୍ଣନା ରହିଛି, ଯାହା ଫସଲ ଉପରେ ସମାଜର ନିର୍ଭରଶୀଳତାକୁ ନିଶ୍ଚିତ କରେ। କୃଷି ଉତ୍ପାଦନର ଯୋଜନା ଏବଂ ଶସ୍ୟ ଭଣ୍ଡାରରୁ ଜଣାପଡ଼େ ଯେ, ଯାଯାବର ପଶୁପାଳକ ଗୋଷ୍ଠୀ ବଦଳରେ ଏକ ସ୍ଥାୟୀ ବସତିର ସାମାଜିକ ବ୍ୟବସ୍ଥା ରହିଥିଲା। କୃଷି ବିସ୍ତାର ହେବାରୁ ଗୋ ବଦଳରେ ଜମି ସାମାଜିକ ଜୀବନର ମୁଖ୍ୟ ପାଲଟିଗଲା।

ଆର୍ଥିକ ପରିବର୍ତ୍ତନ ସଂଘର୍ଷ ଓ ରାଜନୀତିକୁ ନୂଆ ରୂପ ଦେଲା। ସଂଗ୍ରାମ ଅର୍ଥ ସଙ୍ଗଠିତ ଯୁଦ୍ଧ। ଏହା ଆରମ୍ଭ ହେବା ପରେ ଯାହା ଗବିଷ୍ଟି ବା ଗୋ ପାଇଁ ଯୁଦ୍ଧ ଦୂରେଇଗଲା। ପଶୁଧନ ଲୁଟ୍‌ପାଟକୁ ନେଇ ଯେଉଁ ଛୋଟ ଧରଣର ସଂଘର୍ଷ ହେଉଥିଲା, ତାହା ଆଉ ରହିଲା ନାହିଁ। ବିଶେଷକରି ଜମି, ସମ୍ବଳ ଏବଂ ବର୍ଦ୍ଧିତ ଜନସଂଖ୍ୟା ନିୟନ୍ତ୍ରଣକୁ କେନ୍ଦ୍ରକରି ଅଧିକ ବ୍ୟବସ୍ଥିତ ଯୁଦ୍ଧ ପ୍ରକାଶ ପାଇଲା। ଜମି ମୂଲ୍ୟବାନ୍ ହେଲା, ରାଜନୈତିକ କ୍ଷମତା ଅଧିକ ଆଞ୍ଚଳିକଭିତ୍ତିକ ହେବାରେ ଲାଗିଲା। ଫଳରେ ମୁଖିଆମାନେ ବିଭିନ୍ନ ସ୍ଥାନକୁ ଯାଇ ଯୁଦ୍ଧ କରୁଥିବା ଗୋଷ୍ଠୀଙ୍କ ନେତୃତ୍ୱ ନ ନେଇ ବସତି ସ୍ଥାପନ କରି ରହୁଥିବା ଜନସମୁଦାୟଙ୍କ ଜମି ଓ ବଳକା ଶସ୍ୟକୁ ନିୟନ୍ତ୍ରଣ କରିବା ସକାଶେ କାର୍ଯ୍ୟ କଲେ। ଏହିପରି ଭାବେ ଜଣେ ମୁଖିଆ ବ୍ୟକ୍ତି ଶାସକ ହୋଇପାରିଥିଲେ। କୃଷି ଉତ୍ପାଦ ସେମାନଙ୍କୁ ଅଧିକ ସ୍ଥାୟୀ ଓ ଶକ୍ତିଶାଳୀ କରିଥିଲା। ବସତି ସ୍ଥାପନ ଏବଂ ବଳକା ସମ୍ପତ୍ତିରୁ ସାମାଜିକ ଭେଦଭାବ ବା ଅସମାନତା ସୃଷ୍ଟି ହୋଇ ବଢ଼ିବାରେ ଲାଗିଲା। ଯେଉଁମାନେ ଜଙ୍ଗଲ ଜମି ସଫା କରି ଦଖଲ କଲେ ଏବଂ ଜଳଉତ୍ସକୁ ନିୟନ୍ତ୍ରଣ କଲେ, ସେମାନେ ଅନ୍ୟମାନଙ୍କଠାରୁ ଅଧିକ ଶସ୍ୟ ଉତ୍ପାଦନ କରିପାରିଲେ। ଯେଉଁସବୁ ଗୋଷ୍ଠୀ ହାରିଗଲେ, ସେମାନେ ଜଙ୍ଗଲରେ ଦାସ ଭାବେ ରହିଲେ ଏବଂ ଧୀରେ ଧୀରେ ଗୌଣ ସ୍ଥିତିକୁ ଚାଲିଗଲେ। ଫଳରେ ଆରମ୍ଭ ହୋଇଥିବା ଜାତିଗତ ଏବଂ ରାଜନୈତିକ ବିଭେଦୀକରଣ କ୍ରମଶଃ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଦୃଢ଼ ହେଲା।

କୃଷି ବିସ୍ତାର ହେବା ସହ ଧର୍ମୀୟ ପଦାନୁକ୍ରମ ମଧ୍ୟ ସାମ୍ନାକୁ ଆସିଲା। କୃଷି ବର୍ଷା, ଉର୍ବରତା ଏବଂ ଶସ୍ୟ ସୁରକ୍ଷା ଉପରେ ନିର୍ଭରଶୀଳ ଥିଲା। ଫଳରେ ଧର୍ମୀୟ କର୍ମକାଣ୍ଡ ସହ ଜଡ଼ିତ ବ୍ୟକ୍ତିଙ୍କ କ୍ଷମତା ବୃଦ୍ଧି ପାଇଲା ଏବଂ ଜ୍ଞାନ ବଳରେ ବ୍ରାହ୍ମଣ କ୍ଷମତାଶାଳୀ ବ୍ୟକ୍ତି ରୂପରେ ଉଭାହେଲେ। ଏହାଦ୍ୱାରା ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ କରୁଥିବା ବ୍ୟକ୍ତିଙ୍କ ହାତରୁ କ୍ଷମତା କ୍ରମଶଃ ପୂଜକ ଗୋଷ୍ଠୀଙ୍କ ହାତକୁ ଯିବାରେ ଲାଗିଲା, ଯଦ୍ୱାରା ସେମାନଙ୍କ ସାମାଜିକ ସ୍ଥିତି ଦୃଢ଼ ହେଲା। ଧର୍ମୀୟ ରୀତିନୀତି ବିଚାର ସାମାଜିକ ବ୍ୟବସ୍ଥାକୁ ଏକ ଐଶ୍ୱରୀୟ ବ୍ୟବସ୍ଥା ଭାବେ ପ୍ରତିପାଦନ କରି ସାମାଜିକ ପଦାନୁକ୍ରମକୁ ସିଦ୍ଧ କଲା।

ସମୟକ୍ରମେ ଗ୍ରାମର ରୂପାନ୍ତରୀକରଣ ପ୍ରକାଶ ପାଇଛି। ଯାଯାବର ପଶୁପାଳକ ଗୋଷ୍ଠୀ ସ୍ଥାୟୀ ଭାବେ ଗ୍ରାମରେ ରହିଲେ। ଏହି ପରିବର୍ତ୍ତନ ଏକ କୃଷିପ୍ରଧାନ ସମାଜର ଏକ ବଳିଷ୍ଠ ପ୍ରମାଣ। ଗ୍ରାମ ସୃଷ୍ଟି ହେବା ପରେ ନିୟମ, ନେତୃତ୍ୱ ଏବଂ ଶ୍ରମ ସମନ୍ୱୟର ଆବଶ୍ୟକତା ପଡ଼ିଲା। ସାମାଜିକ ଭୂମିକା ଅଧିକ ନିଶ୍ଚିତ ହେଲା ଏବଂ ବୃତ୍ତିଗତ ବିଭେଦ ଦୃଢ଼ ହେବାରେ ଲାଗିଲା। କ୍ରମଶଃ ଏହା ବଂଶଗତ ହୋଇଗଲା।

ପୁରୁଷ ସୂକ୍ତ ଏହି ବିଚାରର ପରିପକ୍ୱ ସ୍ଥିତିକୁ ପ୍ରକାଶ କରେ। ଏହା ପୁରାତନ ଋକ୍‌ବୈଦିକ ସମାଜ ସମ୍ପର୍କରେ ବର୍ଣ୍ଣନା କରିନାହିଁ, ବରଂ ପଦାନୁକ୍ରମଭିତ୍ତିକ ବୈଶ୍ୱିକ ବ୍ୟବସ୍ଥାର ଏକ ସାଙ୍କେତିକ ଦୃଷ୍ଟିକୋଣ ଉପସ୍ଥାପନ କରିଛି। ଆର୍ଥିକ ଏବଂ ସାମାଜିକ ଅସମାନତାକୁ ବୈଚାରିକ ଭାବରେ କିଭଳି ସ୍ଥାୟୀ ଏବଂ ସ୍ୱାଭାବିକ କରାଯାଇଥିଲା, ସେ ସମ୍ପର୍କରେ ଏହି ସ୍ତୋତ୍ରରେ ବର୍ଣ୍ଣନା ରହିଛି। ତେବେ ଋକ୍‌ବୈଦିକ ସମାଜରେ ଘଟିଥିବା ପରିବର୍ତ୍ତନ ଯୋଗୁ ଲିଙ୍ଗଗତ ସମ୍ପର୍କ ମଧ୍ୟ ପ୍ରଭାବିତ ହୋଇଥିଲା। ବଳକା ଜମି ଓ ସମ୍ପତ୍ତି ହାସଲ କରିବା ପ୍ରକ୍ରିୟା ପୈତୃକ ଅଧିକାରକୁ ମଜଭୁତ କରିଥିଲା। ଧର୍ମୀୟ କ୍ରିୟା ଏବଂ ରାଜନୈତିକ କ୍ଷମତା ଅଧିକ ପୁରୁଷପ୍ରାଧାନ୍ୟ ହୋଇଗଲା ଏବଂ ପରିବାର ଓ ଗୋଷ୍ଠୀ ମଧ୍ୟରେ ପଦାନୁକ୍ରମ ସୁଦୃଢ଼ ହେଲା। ମୋଟ ଉପରେ ଋକ୍-ବୈଦିକ ସମାଜ ଗ୍ରାମର ରୂପାନ୍ତରୀକରଣ କରି ଏବଂ ଅଧିକ ଯଅ ଉତ୍ପାଦନ କରି ସ୍ଥାୟୀ କୃଷିଭିତ୍ତିକ ବସତି ଆଡ଼କୁ ଗତି କରିଥିଲା। ରାଜନୈତିକ ଅଧିକାର ଆଞ୍ଚଳିକ ହୋଇଥିଲା ଏବଂ ଧର୍ମୀୟ କ୍ରିୟାରୁ ଅସମାନତା ଗଭୀର ହୋଇଥିଲା। ସାମାଜିକ ପଦାନୁକ୍ରମ ହଠାତ୍ ସୃଷ୍ଟି ହୋଇ ନଥିଲା, ବରଂ ଏହା ଆର୍ଥିକ ପରିବର୍ତ୍ତନ, ସ୍ଥାନୀୟ ବିସ୍ତାର, ସାମାଜିକ ଅସମାନତା ଏବଂ ବୈଚାରିକ ସୁଦୃଢ଼ୀକରଣର ଏକ ସମ୍ମିଳିତ ପରିଣାମ।

–devduttofficial@gmail.com

## ଦଶାବତାର ଓ ବିବର୍ତ୍ତନବାଦ



ଶ୍ୟାମା ପ୍ରସାଦ ମିଶ୍ର

ଡାରୱିନଙ୍କ ବିବର୍ତ୍ତନବାଦ ଏବଂ ହିନ୍ଦୁ ଧର୍ମର ବିଷ୍ଣୁଙ୍କ ଦଶାବତାର ମଧ୍ୟରେ ଥିବା ସାମ୍ୟ ନେଇ ଆଲୋଚନା କଲେ ଆମେ ଏକ ଅଦ୍ଭୁତ ସାଂସ୍କୃତିକ ଓ ବୈଜ୍ଞାନିକ ସମ୍ମିଳନ ଦେଖିପାରୁ। ଚାର୍ଲସ ଡାରୱିନ ତାଙ୍କ ବିବର୍ତ୍ତନବାଦ ସିଦ୍ଧାନ୍ତରେ କହିଥିଲେ ଯେ ପୃଥିବୀର ସମସ୍ତ ପ୍ରାଣୀ ଧୀରେ ଧୀରେ ସରଳ ରୂପରୁ ଜଟିଳ ରୂପକୁ ବିକଶିତ ହୋଇଛନ୍ତି। ଏହା ଏକ ପ୍ରାକୃତିକ ପ୍ରକ୍ରିୟା, ଯେଉଁଥିରେ ପରିବେଶ ଓ ଚୟନ ପ୍ରକ୍ରିୟା (ପ୍ରାକୃତିକ ଉଦ୍‌ବରଣ) ମୁଖ୍ୟ ଭୂମିକା ଗ୍ରହଣ କରେ।

ହିନ୍ଦୁ ଧର୍ମରେ ବିଷ୍ଣୁଙ୍କ ଦଶାବତାରକୁ ବିଚାର କଲେ ମଧ୍ୟ ଏକ ଉନ୍ନତିର କ୍ରମ ସ୍ପଷ୍ଟ ଦେଖାଯାଏ। ଦଶାବତାରର ପ୍ରଥମ ଅବତାର 'ମତ୍ସ୍ୟ' (ମାଛ) ଯାହା ଜଳରେ ବସବାସ କରେ। ଏହା ପ୍ରାଣୀଜୀବନର ଆୟମାରମ୍ଭ ଜଳରୁ ହେବାକୁ ସୂଚିତ କରେ, ଯାହା ଡାର୍‌ୱିନଙ୍କ ବିବର୍ତ୍ତନବାଦ (ପ୍ରଥମେ ଜେଲି ଭଳି ଜଳଚର ଜୀବ ସୃଷ୍ଟି)ସହ ସମ୍ପୃକ୍ତ। ଦ୍ୱିତୀୟ ଅବତାର 'କୂର୍ମ' (କଚ୍ଛପ) ଯାହା ଜଳ ଓ ଭୂମି ଉଭୟରେ ବାସ କରେ ଏହା ଜଳରୁ ଭୂମିକୁ ଜୀବନର ପରିବର୍ତ୍ତନକୁ ଦର୍ଶାଏ।

ତୃତୀୟ ଅବତାର 'ବରାହ' (ଶୂକର) ଭୂମିରେ ବସବାସ କରୁଥିବା ପ୍ରାଣୀଙ୍କୁ ସୂଚିତ କରେ। ଏହା ପରେ 'ନରସିଂହ' ଅବତାର ଆସେ, ଯାହା ଅର୍ଦ୍ଧ ମନୁଷ୍ୟ ଓ ଅର୍ଦ୍ଧ ପଶୁ, ଏହା ପଶୁରୁ ମନୁଷ୍ୟରେ ପରିବର୍ତ୍ତନର ଏକ ମଧ୍ୟବର୍ତ୍ତୀ ଅବସ୍ଥାକୁ ପ୍ରତୀକିତ କରେ। ପରବର୍ତ୍ତୀ ଅବତାର 'ବାମନ' ଛୋଟ ବା ଗେଡା ମନୁଷ୍ୟର ଏକ ରୂପକୁ ଦର୍ଶାଏ, ଯାହା ମନୁଷ୍ୟର ପ୍ରାରମ୍ଭିକ ଅବସ୍ଥାକୁ ଇଙ୍ଗିତ କରେ।

ତା'ପରେ 'ପରଶୁରାମ' ଅବତାରରେ ଏକୋଇଶ ବାର ନିଃକ୍ଷେତ୍ରୀୟ କରିବା ଏବଂ ପ୍ରଭୁ ରାମଚନ୍ଦ୍ରଙ୍କ ସହ ଯୁଦ୍ଧରେ ପରାସ୍ତ ହୋଇ ପରଶୁରାମଙ୍କ ଅସ୍ତ୍ର ତ୍ୟାଗ ଏକ ଗଭୀର ଗାମ୍ଭୀର୍ଯ୍ୟବୋଧକୁ ଇଙ୍ଗିତ ତଥା ପ୍ରତୀକିତ କରେ; ଅର୍ଥାତ୍ ପରଶୁରାମ ହେଲେ ମନୁଷ୍ୟର ଏପରି ଏକ ରୂପ, ଯେଉଁଠାରେ ସେ ଅମାପ ଶକ୍ତିର ଅଧିକାରୀ ହେଲେ ବି ତାହାର ବିବେକାନୁମୋଦିତ ପ୍ରୟୋଗ କରିବାରେ ବିଫଳ ହୋଇ ରାମଚନ୍ଦ୍ରଙ୍କ ସଂସ୍ପର୍ଶରେ ଆସିବା ପରେ ତାଙ୍କର ଜ୍ଞାନ ଉଦୟ ହେବା ମନୁଷ୍ୟର ଉନ୍ନତ ଚିନ୍ତାଧାରାର ପ୍ରଗତିକୁ ସୂଚାଏ। 'ରାମ', 'କୃଷ୍ଣ' ଭଳି ଅବତାରମାନେ ମନୁଷ୍ୟର ନୈତିକ, ସାମାଜିକ ଓ ସାଂସ୍କୃତିକ ଉନ୍ନତିକୁ ପ୍ରକାଶ କରନ୍ତି। ଇନ୍ଦ୍ରପ୍ରସ୍ଥରେ ଏକ ଭବ୍ୟ ଭବନର ନିର୍ମାଣ ଯେଉଁଠି ଦୁର୍ଯ୍ୟୋଧନ ଚଟାଣକୁ ପୁଷ୍କରିଣୀ ବୋଲି ଭ୍ରମିତ ହୋଇଥିଲା, ତାହା ମାନବୀୟ ସାଂସ୍କୃତିକ ପରିବେଶର ଅଗ୍ରଗତିର ସୂଚନା ଦିଏ। ବୌଦ୍ଧ ଅବତାର ଧର୍ମର ସଂସ୍କାର ନିମନ୍ତେ ଅଭିପ୍ରେତ ଥିବା ଜଣାଯାଏ। ଶେଷରେ 'କଳ୍କି' ଅବତାର ଭବିଷ୍ୟତର ଉନ୍ନତ ମନୁଷ୍ୟ ସମାଜକୁ ଅଧିକ ଉନ୍ନତତର କରିବା ନିମନ୍ତେ ମ୍ଳେଚ୍ଛ ସଂହାର ନୁହେଁ, ବରଂ ମ୍ଳେଚ୍ଛର ସଂହାର କରିବା ନିମନ୍ତେ ବିଶ୍ୱ ନାୟକଙ୍କ ଯୋଜନା କଥା ପ୍ରଦର୍ଶନ କରେ। କାରଣ ମ୍ଳେଚ୍ଛ ସଂହାର କଲେ, ଆମ ଭିତରୁ ଜଣେ ମଧ୍ୟ ବଞ୍ଚି ରହିବ ନାହିଁ, ଯେହେତୁ ଆମ ସମସ୍ତଙ୍କ ମଧ୍ୟରେ ରାଗ, ହିଂସା, ଦ୍ୱେଷ ଓ ମ୍ଳେଚ୍ଛ ଭରି ରହିଛି । ଅତଏବ ସେ ଦିବ୍ୟ ଦ୍ରଷ୍ଟା ଆମ ଭଳି ଅକିଞ୍ଚନଙ୍କ ଉଦ୍ଧାର ନିମନ୍ତେ ବଦ୍ଧପରିକର ଥିବା ସୂଚିତ କରେ। ଏହି କ୍ରମକୁ ଦେଖିଲେ ଦଶାବତାର ଏକ ସରଳ ଜୀବରୁ ଉନ୍ନତ ମନୁଷ୍ୟ ପର୍ଯ୍ୟନ୍ତ ଯାତ୍ରା ଦୃଶ୍ୟମାନ ହୁଏ।

ଏଥିରୁ ଜଣାଯାଏ ଯେ ଦଶାବତାର ଧାରଣା ଡାରୱିନଙ୍କ ବିବର୍ତ୍ତନବାଦ ସହ ମେଳ ଖାଏ ଏବଂ ଡାର୍‌ୱିନ ତତ୍ତ୍ୱ, ଦଶାବତାର ପୃଷ୍ଠଭୂମିରେ ସୃଷ୍ଟ ଏକ ତତ୍ତ୍ୱ ବୋଲି ଜଣାଯାଏ। କିନ୍ତୁ ଏଥିରେ ନୂତନ ବୈଜ୍ଞାନିକ ସିଦ୍ଧାନ୍ତ ଥିବା କଥା ଅସ୍ୱୀକାର୍ଯ୍ୟ ନୁହେଁ। କାରଣ ଦଶାବତାର ଏକ ଧାର୍ମିକ ଓ ପୌରାଣିକ ବିଶ୍ୱାସ, ଯେଉଁଥିରେ ନୀତି, ଧର୍ମ ଓ ସାମାଜିକ ସନ୍ଦେଶ ରହିଛି; ଯେତେବେଳେ ବିବର୍ତ୍ତନବାଦ ଏକ ପୂର୍ଣ୍ଣ ବୈଜ୍ଞାନିକ ଧାରଣା।

ସଂକ୍ଷେପରେ କହିଲେ, ବିଷ୍ଣୁଙ୍କ ଦଶାବତାର ଓ ଡାର୍‌ୱିନଙ୍କ ବିବର୍ତ୍ତନବାଦ ମଧ୍ୟରେ ଥିବା ସାମ୍ୟ ଆମକୁ ଜଣାଏ ଯେ ପୁରାତନ ଭାରତୀୟ ଚିନ୍ତନ ମଧ୍ୟ ପ୍ରକୃତି ଓ ଜୀବନର ଉନ୍ନତିକୁ ଗୂଢ଼ ଭାବରେ ଅନୁଭବ କରିଥିଲା। ଏହି ଦୁଇ ଧାରଣା ଭିନ୍ନ ପଥରେ ଚାଲିଥିଲେ ମଧ୍ୟ ଜୀବନର ଅବିରତ ପରିବର୍ତ୍ତନର ସତ୍ୟକୁ ଉଜାଗର କରେ। ଏଥିରୁ ଜଣା ପଡ଼େ ସନାତନ ଧର୍ମର ମହନୀୟତା ଏବଂ ବୈଜ୍ଞାନିକ ଚିନ୍ତାଧାରା ସମ୍ପନ୍ନ ବିଚାର ବୋଧ।

ଶିକ୍ଷକ, ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ, ଭଞ୍ଜନଗର, ଗଞ୍ଜାମ
ମୋ: ୯୦୯୦୫୦୭୯୫୫

## ଏଇ ଭାରତରେ

ବୟସ ଏକ ସଂଖ୍ୟା ଏବଂ ଏହା ଇଚ୍ଛାଶକ୍ତି ଆଗରେ ନିଷ୍ପ୍ରଭ ବୋଲି ପ୍ରମାଣ କରିଛନ୍ତି ମହାରାଷ୍ଟ୍ରର ଅନସୂୟା ବାଇ ୱାଡେକର। ଛତ୍ରପତି ସମ୍ଭାଜି ନଗର ଜିଲା ମର୍ସାଭାଲି ଗାଁର ଏହି ମହିଳାଙ୍କ ବୟସ ଏବେ ୮୬। ସେ ସ୍କୁଲ୍ ଦୁଆରମୁହଁ ମାଡ଼ିନାହାନ୍ତି। କିନ୍ତୁ ଏହି ବୟସରେ ପଢ଼ା ଆରମ୍ଭକରି ସେ ସାକ୍ଷର ହୋଇପାରିଛନ୍ତି। ଏବେ ସେ ପଢ଼ିଲେଖି ପାରୁଛନ୍ତି। ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଦ୍ୱାରା ଆୟୋଜିତ ସାକ୍ଷରତା ପରୀକ୍ଷାରେ କାଗଜ ପେନ୍‌ସିଲ ଧରି ଏକ ଶ୍ରେଣୀ କୋଠରିର କାଠ ବେଞ୍ଚ୍ ଉପରେ ସେ ବସିଥିବା ଦୃଶ୍ୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ପିଲାଦିନେ ଝିଅଙ୍କୁ ପଢ଼ାଇବା ପାଇଁ ପରିବାର ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଉ ନ ଥିବାରୁ ଅନସୂୟାଙ୍କ ପାଇଁ ସ୍କୁଲ ଯିବା ସ୍ୱପ୍ନ ହୋଇ ରହିଯାଇଥିଲା। ସେ କୁହନ୍ତି, ପରିଣତ ବୟସରେ ସେ ତାଙ୍କର ସେହି ସ୍ୱପ୍ନ ସାକାର କରିପାରିଥିବାରୁ ବହୁତ ଖୁସି। ଅନସୂୟାଙ୍କ ଆଗ୍ରହକୁ ଲକ୍ଷ୍ୟକରି ତାଙ୍କ ଗାଁ ଆଖପାଖର ବହୁ ବୟସ୍କ ମହିଳା ସାକ୍ଷରତା କାର୍ଯ୍ୟକ୍ରମରେ ଭାଗନେବାକୁ ବାହାରି ଆସିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୬ ଏପ୍ରିଲ ୧୯୭୬

- ନିଖିଳ ଭାରତ କଂଗ୍ରେସ କମିଟିର ଜନୈକ ସଦସ୍ୟ ତଥା ବିହାର ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସାଧାରଣ ସମ୍ପାଦକ ଦେଓ ନାରାୟଣ ଯାଦବଙ୍କ କଂଗ୍ରେସ ଦଳରୁ ଇସ୍ତଫା ଦେଇ ଗଣତାନ୍ତ୍ରିକ କଂଗ୍ରେସରେ ଯୋଗଦାନ।
- ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ତଥା ହରିଆନାର ପୂର୍ବତନ ମୁଖ୍ୟମନ୍ତ୍ରୀ ବଂଶୀଲାଲ କଂଗ୍ରେସ ଦଳରୁ ୬ ବର୍ଷ ପାଇଁ ବହିଷ୍କୃତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | | 8 | | | 2 |
| 4 | | | | | 7 | 5 | 1 | |
| | | | | | | | 9 | |
| 8 | | | 3 | | 2 | | | |
| | | | | 1 | | 6 | | |
| | | 3 | 4 | | 5 | | 8 | |
| 3 | | | | | | | 5 | 4 |
| 5 | | | 6 | | | 3 | 2 | 9 |
| | | | | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 1 | 6 | 8 | 3 | 2 | 7 | 4 |
| 2 | 8 | 7 | 5 | 9 | 4 | 1 | 3 | 6 |
| 3 | 6 | 4 | 1 | 7 | 2 | 9 | 5 | 8 |
| 6 | 7 | 5 | 4 | 1 | 9 | 8 | 2 | 3 |
| 1 | 4 | 8 | 2 | 3 | 7 | 5 | 6 | 9 |
| 9 | 3 | 2 | 8 | 5 | 6 | 4 | 1 | 7 |
| 7 | 5 | 3 | 9 | 2 | 8 | 6 | 4 | 1 |
| 8 | 2 | 6 | 3 | 4 | 1 | 7 | 9 | 5 |
| 4 | 1 | 9 | 7 | 6 | 5 | 3 | 8 | 2 |

ଗତକାଲିର ଉତ୍ତର

# ଦେଣନେଣରେ ନିରାପଦ ବିକଳ୍ପ



ଡ. ତପନ କୁମାର ପାଳ

ଇସ୍‌ଲାମାବାଦରେ ଆମେରିକା-ଇରାନ୍ ଭିତରେ ଯୁଦ୍ଧ ପ୍ରଶମିତ ନିମିତ୍ତ ବୈଠକ ବିଫଳ ହୋଇଛି। ଆପଣ ହୁଏତ ପଚାରିପାରନ୍ତି ଯେ ଏ ଖବର ସହ ମୋ ଶୀର୍ଷକର ସମ୍ପର୍କ କ'ଣ ରହିଛି? ବାସ୍ତବ କଥା ହେଉଛି କେବଳ ଭାରତୀୟ ବଜାରରେ ନୁହେଁ, ବିଶ୍ୱ ଅର୍ଥନୀତି, ପ୍ରତିପତ୍ତି ଓ ଆର୍ଥିକ ଆଧିପତ୍ୟରେ ସୁନାର ସ୍ଥାନ କାଳେ କାଳେ ସ୍ୱତନ୍ତ୍ର ଓ ଅନନ୍ୟ ହୋଇ ରହିଛି। ସମଗ୍ର ବିଶ୍ୱ ବଜାରରେ ପ୍ରତିବର୍ଷ ଭାରତ ଅନେକ କୁଇଣ୍ଟାଲ ସୁନା ବାହାରରୁ ଆମଦାନୀ କରିଥାଏ। ତେବେ ବିଶ୍ୱର ଯେକୌଣସି ବଡ଼ ଶକ୍ତି ସହ ଅନ୍ୟ ଦେଶର ଯୁଦ୍ଧ ଆରମ୍ଭ ହୋଇଗଲେ ସୁନାର ବଜାର ମୂଲ୍ୟ ଉଚ୍ଚା ନୀଚା ହୋଇଥାଏ। ତେବେ ଭାରତରେ ସୁନା କେବଳ ଗହଣା ଭାବେ ସମସ୍ତଙ୍କର ଆଦରଣୀୟ ହୋଇ ନ ଥାଏ। ସବୁଠାରୁ ବଡ଼କଥା ହେଉଛି ଅସୁବିଧା, ଆବଶ୍ୟକତା ସମୟରେ ସୁନା ହେଉଛି ଘରର ସବୁଠାରୁ ନିର୍ଭରଯୋଗ୍ୟ ସହାୟକ ଓ ମଜଭୁତ ଆର୍ଥିକ ସମ୍ପତ୍ତି। ଏହି କାରଣ ପାଇଁ ଅନେକ ଭାରତୀୟ ପରିବାର ସୁନାରେ ନିବେଶ କରିଥାନ୍ତି। ସୁନା ଏକ ପ୍ରକାର ପ୍ରମୁଖ ସହାୟକ ସଞ୍ଚୟ କହିଲେ ଅତ୍ୟୁକ୍ତି ହେବନାହିଁ। ଜଣଙ୍କର ବା ଗୋଟିଏ ପରିବାରର କୌଣସି ଆବଶ୍ୟକତା ବା ଦୁଃସ୍ଥିତି ପଡ଼ିଲେ ସୁନା ବ୍ୟାଙ୍କରେ ବନ୍ଧକ ରଖି ହେଉ ବା ହାତ ଉଧାରି ସୁଧ ଲଗାଉଥିବା ଲୋକମାନଙ୍କ ପାଖରେ ସୁନା ରଖି ନିରାପଦରେ କିଛି ଟଙ୍କା ଅଣାଯାଇଥାଏ। ତେବେ ମୋର ଆଜିର ଛୋଟିଆ ଆଲୋଚନାଟି ହେଉଛି ଜଣେ ଗୋଲ୍‌ଡ ଓଭର ଡ୍ରାଫ୍ଟ ମାଧ୍ୟମରେ କିପରି ବ୍ୟାଙ୍କରୁ ପଇସା ଉଠାଇପାରିବ ଏବଂ ଏହାର ନିରାପଦ ଦେଣନେଣ ବ୍ୟବସ୍ଥାଟି କ'ଣ?

ଯୁଗେ ଯୁଗେ ସୁନାର ମୂଲ୍ୟ ପ୍ରାୟତଃ ଚଢ଼ା ରହିଥାଏ। କେତେବେଳେ କେମିତି ବିଶ୍ୱ ଅର୍ଥନୀତି ଉଠପଡ଼କୁ ଦେଖି କିଛି ମୂଲ୍ୟ କମିଥାଏ, କିନ୍ତୁ ସୁନାର ମୂଲ୍ୟ କ୍ରମାଗତ ଭାବେ ଯେ ବଢ଼ିଚାଲିଛି ଏହା ଯେ କେହି ଅନୁଭବ କରିବେ। ମୋର ଆଜିର ଆଲୋଚନାଟି ହେଉଛି ବ୍ୟାଙ୍କିଙ୍ଗ୍ ସେବାରେ ଗୋଲ୍‌ଡ ଓଭର ଡ୍ରାଫ୍ଟ ସୁବିଧା ସମ୍ପର୍କରେ। କୌଣସି ବ୍ୟାଙ୍କ ହେଉ ବା ଅର୍ଥନୈତିକ ସଂସ୍ଥା ଜଣଙ୍କ ସୁନାକୁ ବନ୍ଧକରେ ରଖି ଗୋଲ୍‌ଡ ଓଭର ଡ୍ରାଫ୍ଟ ବ୍ୟବସ୍ଥା ଅନୁଯାୟୀ ଏକ ବିଧିବଦ୍ଧ ଭାବେ ଓଭର ଡ୍ରାଫ୍ଟ ଖାତା ଖୋଲିଥାଆନ୍ତି, ଯେଉଁଥିରେ ନିର୍ଦ୍ଧାରିତ ପରିମାଣର ଅର୍ଥ ମଞ୍ଜୁର ହୋଇଥାଏ। ତେବେ ଏଇଠି ଆଉ ଟିକିଏ ସ୍ପଷ୍ଟ କରିରଖୁଛି ଆପଣଙ୍କର ଅନୁମୋଦିତ ହୋଇଥିବା ବା ମଞ୍ଜୁର ହୋଇଥିବା ସମସ୍ତ ଅର୍ଥ ଏକାଥରକେ ନେବା ଜରୁରୀ ନୁହେଁ। ଏଠାରେ ମୁଁ ଏକ ଉଦାହରଣରେ ଏହି ଓଭର ଡ୍ରାଫ୍ଟ ବ୍ୟବସ୍ଥାର ପରିଚାଳନା ସମ୍ପର୍କରେ ଆଉ ଟିକିଏ ସରଳ ଭାବରେ ବୁଝାଉଛି। ଧରନ୍ତୁ ଆପଣଙ୍କର ଯେତିକି ପରିମାଣର ସୁନା ବ୍ୟାଙ୍କକୁ ନେଇଛନ୍ତି ଆପଣଙ୍କୁ ବ୍ୟାଙ୍କ ମନେକରନ୍ତୁ ୫ ଲକ୍ଷ ଟଙ୍କାର ଓଭର ଡ୍ରାଫ୍ଟର ଅନୁମତି ଦେଇଛି। ଯଦି ଆପଣ ସମ୍ପୂର୍ଣ୍ଣ ଅର୍ଥରାଶି ବା ୫ ଲକ୍ଷ ଟଙ୍କା ଏକକାଳୀନ ନ ଉଠାଇବା ପାଇଁ ଚାହାନ୍ତି କେବଳ ସର୍ବନିମ୍ନ ଭାବେ ୫୦ ହଜାର ଟଙ୍କା ଉଠାଇବାକୁ ଚାହୁଁଥିବେ, ଏ କ୍ଷେତ୍ରରେ ଗୋଲ୍‌ଡ ଓଭର ଡ୍ରାଫ୍ଟର ସ୍ୱତନ୍ତ୍ର ବିଶେଷତ୍ୱ ଅନୁଯାୟୀ ଆପଣଙ୍କୁ କେବଳ ଉଠାଇଥିବା ୫୦ହଜାର ଟଙ୍କା ଉପରେ ହିଁ ସୁଧ ପରିଶୋଧ କରିବାକୁ ପଡ଼ିବ।

ଅନେକଙ୍କ ଭିତରେ ପ୍ରଶ୍ନ ଉଠେ ସତରେ କ'ଣ ଗୋଲ୍‌ଡ ଓଭର ଡ୍ରାଫ୍ଟ ବ୍ୟବସ୍ଥା ଲାଭଜନକ ଓ ନିରାପଦ? ଏହା ନିଶ୍ଚିନ୍ତ ଯେ ଆପଣ ଯେତେ ଟଙ୍କା ବ୍ୟାଙ୍କରୁ ଉଠାଇବାକୁ ଚାହିଁଲେ କେବଳ ସେତିକ ଟଙ୍କା ଉପରେ ହିଁ ବ୍ୟାଙ୍କ ଆପଣଙ୍କଠାରୁ ସୁଧ ଗ୍ରହଣ କରିବ। ପରବର୍ତ୍ତୀ ସମୟରେ ଆପଣଙ୍କର ସୁବିଧା ଅସୁବିଧା ଦେଖି ନିୟମିତ ବ୍ୟବଧାନରେ ସମୟର ଆବଶ୍ୟକତା ପୂରଣ ପାଇଁ ବାରମ୍ବାର ଟଙ୍କା ଉଠାଇପାରିବେ। ସେହିପରି କୌଣସି ସୂତ୍ରରୁ ଅର୍ଥ ଆସୁଥିଲେ ତା'ର ପରିଚାଳନା ସହଜ ହୁଏ ଏବଂ ଜରୁରୀ ପରିସ୍ଥିତିରେ ଆପଣଙ୍କୁ ତୁରନ୍ତ ଅର୍ଥ ବ୍ୟାଙ୍କଠାରୁ ମିଳିବାର ବଡ଼ ସୁଯୋଗ ପାଇଥାନ୍ତି।

ବ୍ୟାଙ୍କରେ ସୁନା ବନ୍ଧକ ରଖି ଟଙ୍କା ଆଣିବା ସମ୍ପର୍କରେ ଅନ୍ୟ ଏକ ବ୍ୟବସ୍ଥା ରହିଛି, ଯାହାକୁ ପାରମ୍ପରିକ ଗୋଲ୍‌ଡ ଲୋନ୍ ବ୍ୟବସ୍ଥା କୁହାଯାଇଥାଏ। ତେବେ ସାଧାରଣ ସୁନାଋଣରେ ଗୋଟିଏ ଥରରେ ସମସ୍ତ ଅର୍ଥରାଶି ମିଳିଯାଉଥିବାବେଳେ ଏବଂ ସେହି ସମୁଦାୟ ଅର୍ଥରାଶି ଉପରେ ଆପଣଙ୍କୁ ସୁଧ ଦେବାକୁ ପଡ଼ିଥାଏ। ହୁଏତ ଆପଣ ସେ ଟଙ୍କାକୁ କାର୍ଯ୍ୟରେ ଲଗାଇପାରନ୍ତି ବା ନ ହେଲେ ଆପଣଙ୍କ ଆକାଉଣ୍ଟରେ ତାହା ପଡ଼ି ରହିଥାଏ। ଏହା ହେଉଛି ପାରମ୍ପରିକ ଗୋଲ୍‌ଡ ଲୋନ୍। ତେବେ ଆମେ ଆଲୋଚନା କରୁଥିବା ଗୋଲ୍‌ଡ ଓଭର ଡ୍ରାଫ୍ଟ ସର୍ଭିସ୍‌ରେ କିନ୍ତୁ ସୁବିଧା ସ୍ୱତନ୍ତ୍ର ଓ ଅଲଗା। ଗୋଲ୍‌ଡ ଓଭର ଡ୍ରାଫ୍ଟ ସେବା ସବୁଠାରୁ ନିରାପଦ ଓ ଶ୍ରେଷ୍ଠ ବିକଳ୍ପ କୁହାଯାଏ। ଏହି କ୍ଷେତ୍ରରେ ଯେ ଯେଉଁମାନେ ବାରମ୍ବାର କିଛି ଅର୍ଥରାଶି ଆବଶ୍ୟକ କରିଥାନ୍ତି ସେମାନଙ୍କ ପାଇଁ ଏହା ସୁବିଧାଜନକ। ବଡ଼କଥା ହେଉଛି ଏହା ଏକ ଏପରି ବିଶ୍ୱାସଯୋଗ୍ୟ ଉପାୟ ଯାହା ଆପଣଙ୍କୁ ସୁନାର ଉଚିତ ବ୍ୟବହାର କରିବା ପାଇଁ ସୁଯୋଗ ଦେଇଥାଏ। ତେବେ ଏଇଠି ସୁନା ବନ୍ଧକ ରଖୁଥିବା ଗ୍ରାହକ ଜଣଙ୍କ ଏକ ସ୍ୱତନ୍ତ୍ର ସୁବିଧା ପାଇଥାନ୍ତି। ତାହା ହେଉଛି ଅନ୍ୟ ଋଣ ସୁବିଧା ଭଳି ଆପଣଙ୍କୁ ଏ କ୍ଷେତ୍ରରେ ଅନାବଶ୍ୟକ ସୁଧ ଦେବାକୁ ପଡ଼ି ନ ଥାଏ। ଗୋଲ୍‌ଡ ଓଭରଡ୍ରାଫ୍ଟ ସେବା ଜଣଙ୍କ ପରିବାରର ସ୍ୱର୍ଣ୍ଣିମ ଅର୍ଥନୀତିର ଏକ ମଜଭୁତ ଓ ନିରାପଦ ବ୍ୟବସ୍ଥା। ଆଜିକାଲି ଅନେକ ଘରୋଇ ବ୍ୟାଙ୍କ, ବିଦେଶୀ ବ୍ୟାଙ୍କ ଓ ରିଜର୍ଭ ବ୍ୟାଙ୍କର ଅନୁମୋଦନ ନ ପାଇଥିବା ଆର୍ଥିକ ସଂସ୍ଥାଗୁଡ଼ିକ ସୁନା ରଖି ବନ୍ଧକ ବାବଦ ଟଙ୍କା ଦେଉଛନ୍ତି। ଏ କ୍ଷେତ୍ରରେ ନିବେଶକରିବା ପୂର୍ବରୁ ଆପଣ ଭଲ ଭାବେ ବୁଝିନିଅନ୍ତୁ। କାରଣ ଏପରି ଅନେକ ଠକ ଓ ମିଛ ପ୍ରମାଣପତ୍ର ଲୋକଙ୍କୁ ଦେଖାଇ ସୁନା ବନ୍ଧକ ରଖି ପରବର୍ତ୍ତୀ ସମୟରେ ଚମ୍ପଟ ମାରିବାର ଅଭିଯୋଗ ମଧ୍ୟ ଅନେକ ରହିଛି। ଅନେକ ଲୋକ ସୋସିଆଲ ମିଡିଆରୁ ବୁଝି ବ୍ୟାଙ୍କିଙ୍ଗ ସେବା ସମ୍ପର୍କରେ କିଛି ତଥ୍ୟ ପାଉଥିଲେ ମଧ୍ୟ ସୁନା ପରି ଆପଣଙ୍କର ଜୀବନର ମୂଲ୍ୟବାନ୍ ପରିଶ୍ରମର ଏତେବଡ଼ ସମ୍ପତ୍ତିକୁ କିଭଳି ସୁରକ୍ଷିତ ଭାବେ ରଖି ନିଜ ତତ୍କାଳ କର୍ମ ଚଳେଇବା ପାଇଁ ଅର୍ଥ ଉଠାଉଥିବାରୁ ଏ କ୍ଷେତ୍ରରେ ଆଦୌ ତରବର ନ ହୋଇ ବା କାହାର କାନକୁହା କଥା ନ ଶୁଣି କେବଳ ବଡ଼ ବଡ଼ ସରକାରୀ ଅନୁବନ୍ଧିତ ବ୍ୟାଙ୍କରେ ସୁନା ରଖନ୍ତୁ ନଚେତ୍ ଆପଣଙ୍କର ମୂଲ୍ୟବାନ ସମ୍ପତ୍ତି ଅକାରଣରେ ହଡ଼ପ ହୋଇଯିବ। ଓଡ଼ିଆରେ ଏକ ପ୍ରାଚୀନତମ କଥା ଅଛି 'ଦୁଃଖୀ ସଞ୍ଚିଥିଲା ଧନ, ମୂଷା କଲା ଜଳପାନ'।



ଏସ୍‌ବିଆଇ ଷ୍ଟାଫ୍ କଲୋନି, ଦେଉଳସାହି, ତୁଳସୀପୁର, କଟକ
ମୋ:୭୯୭୮୭୯୬୬୩୩

## ପାଠକ ଶ୍ରେଷ୍ଠ ବିଚାରକ

### ନାରୀ କେତେ ସୁରକ୍ଷିତ

ମହାଶୟ,

ଭୁବନେଶ୍ୱର ଏବେ ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଲାଣି। ନିକଟରେ ସ୍ପଷ୍ଟ ଦିବାଲୋକରେ ଜଣେ ଭଦ୍ର ମହିଳା ଅଫିସ ସାରି ସ୍କୁଟିରେ ଘରକୁ ଫେରୁଥିଲେ। ଏହି ସମୟରେ ବଡ଼ଗଡ଼ ରାସ୍ତାରେ ୨ ଜଣ ଅସାମାଜିକ ଯୁବକ ତାଙ୍କୁ ଜାଣିଶୁଣି ଧକ୍କା ଦେଇ ସେମାନେ ସେଠାରୁ ଫେରିଯାଇଥିଲେ। ମହିଳା ଜଣଙ୍କୁ ସ୍ଥାନୀୟ ବ୍ୟକ୍ତିମାନେ ଉଦ୍ଧାର କରିବା ସମୟରେ ସେହି ୨ ଯୁବକ ପୁନର୍ବାର ଉକ୍ତ ସ୍ଥାନକୁ ଆସି ମହିଳା ଜଣଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଫେରାର ହୋଇଯାଇଥିଲେ। ଏଥିରୁ ଯାହା ଅନୁମାନ କରାଯାଏ, ପୋଲିସ ବିଭାଗ ବୋଧହୁଏ ଚିରନିଦ୍ରାରେ ଶୋଇ ରହିଛି। ରାଜଧାନୀ ଆଜି ମହିଳାମାନଙ୍କ ପାଇଁ କେତେ ସୁରକ୍ଷିତ ଏଥିରୁ ପ୍ରମାଣିତ ହୋଇପଡୁଛି। ଦୈନନ୍ଦିନ ଅପହରଣ, ବଳାତ୍କାର ଏବଂ ନିର୍ଯାତନାର ଖବର ମିଳୁଛି। ସରକାରଙ୍କର ଏହା କ'ଣ ନାରୀ ସୁରକ୍ଷା ଯୋଜନା ବୋଲି କୁହାଯିବ! ମହିଳାମାନେ ଏକୁଟିଆ ଘରୁ ବାହାରିବା ପାଇଁ ଡରିଲେଣି। ତେଣୁ ନାରୀମାନଙ୍କୁ ସୁରକ୍ଷା ଯୋଗାଇଦେବାକୁ ଏକ କଠୋର ଆଇନ ଏବଂ ଦଣ୍ଡବିଧାନ ପ୍ରଣୟନ କରାଯିବାର ଆବଶ୍ୟକତା ରହିଛି।

–ଧର୍ମରାଜ ପଟ୍ଟନାୟକ, ଶହୀଦ୍‌ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପ୍ରବୋଧିବି ଏହି କପୋତ
ସାନ୍ତ୍ୱନା ହେବ ପ୍ରାପତ,
ଝିଲ୍ଲୀ ଚିରଇ କାତର-ରୋଦନ
ମୋ ବିନା ତା'ର କେ ନାହିଁ
ସେ ତ ମୋ ପଥେ ରହିଛି ଚାହିଁ ।
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଓଟିପି ଶେୟାରିଂ ମାମଲା: ୭ ଦୋଷୀଙ୍କୁ ୩ ବର୍ଷ ଲେଖାଏ ଜେଲ

## ପାକିସ୍ତାନୀ ଏଜେଣ୍ଟଙ୍କୁ ତଥ୍ୟ ଦେଇ ମାଲାମାଲ ହେଉଥିଲେ

ଭୁବନେଶ୍ୱର, ୧୫।୪(ପ୍ରସନଜିତ୍ ସାହୁ)



ଗିରଫ ଅଭିଯୁକ୍ତମାନେ।

ଓଟିପି ଶେୟାରିଂ ଏବଂ ପାକିସ୍ତାନୀ ଏଜେଣ୍ଟଙ୍କ ସହ ସମ୍ପର୍କ ରଖିବା ଅଭିଯୋଗରେ ଭୁବନେଶ୍ୱର ଏସ୍ଡିଜେଏମ୍ କୋର୍ଟ ବୁଧବାର ୭ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ମୋଟ ୫୬ ଦସ୍ତାବିଜ ଏବଂ ୧୧ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଆଧାରରେ କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତଙ୍କୁ ଦଫା ୪୨୦ ଅନୁଯାୟୀ ୩ ବର୍ଷ ଲେଖାଏ ଜେଲଦଣ୍ଡ ସହ ୩୨ ହଜାର ଟଙ୍କା ଜରିମାନା ହୋଇଛି। ସୂଚନାଯୋଗ୍ୟ, ୨୦୨୩ ମେ' ୧୧ରେ କ୍ରାଇମବ୍ରାଞ୍ଚର ଏସ୍ଟିଏଫ୍ ଟିମ୍ ଓଟିପି ଶେୟାରିଂ ସହ ପୁଳାପୁଳା ପ୍ରି-ଆକ୍ଟିଭେଟେଡ୍ ସିମ୍‌କାର୍ଡ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲିକ୍ ଘଟଣା ଜାଣିବାକୁ ପାଇଥିଲା। ଏନେଇ ୧୨ ତାରିଖରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୫ ଜଣ ଏବଂ ରାଜ୍ୟ ବାହାରୁ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କ ମଧ୍ୟରେ ନୟାଗଡ଼ର ଜଣେ ଆଇଟିଆଇ ଅଧ୍ୟାପକ ପଠାଣି ସାମନ୍ତ ଲେଙ୍କା ପ୍ରଥମେ ଗିରଫ ହୋଇଥିଲେ। ପରେ ନୟାଗଡ଼ରୁ ସରୋଜ କୁମାର ନାୟକ ଓ ପ୍ରଦ୍ୟୁମ୍ନ ସାହୁ ଏବଂ ଯାଜପୁରରୁ ପ୍ରୀତମ୍ କର ଓ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ଗିରଫ କରାଯାଇଥିଲା। ସେହିପରି ପୁଣେର ଅଭିଯୁକ୍ତ ଅଭିଜିତ୍ ସଞ୍ଜୟ ଯାମୁନ ଓ ଗୁଆହାଟୀର ମହମ୍ମଦ ଇକ୍‌ବାଲ ହୁସେନଙ୍କୁ ଏସ୍ଟିଏଫ୍ ଗିରଫ କରିବା ପରେ ସେମାନଙ୍କର ପାକିସ୍ତାନୀ ଇଣ୍ଟେଲିଜେନ୍ସର ଅବଦୁଲ ହମିରଙ୍କ ସହ ସମ୍ପର୍କ ଥିବା ସ୍ପଷ୍ଟ ହୋଇଥିଲା। ଅଭିଯୁକ୍ତଙ୍କ ନିକଟରୁ ବିଭିନ୍ନ କମ୍ପାନୀର ପ୍ରି-ଆକ୍ଟିଭେଟେଡ୍ ସିମ୍‌କାର୍ଡ, ହ୍ୱାଟ୍ସଆପ୍ ଚାଟର ସ୍କ୍ରିନ୍‌ଶଟ୍, ବ୍ୟାଙ୍କ ପାସ୍‌ବୁକ୍, ଚେକ୍ ସମେତ ଲକ୍ଷାଧିକ ଟଙ୍କା ଠକେଇର ବିଭିନ୍ନ ସାମଗ୍ରୀ ଜବତ କରାଯାଇଥିଲା। ଅଭିଯୁକ୍ତମାନେ ପାକିସ୍ତାନକୁ ପ୍ରି--ଆକ୍ଟିଭେଟେଡ୍ ସିମ୍ ଯୋଗାଇ ଦେଉଥିଲେ। ପରବର୍ତ୍ତୀ ସମୟରେ ଏହାକୁ ନେଇ ପାକିସ୍ତାନୀମାନେ ଆମ ଦେଶର ଲୋକଙ୍କ ସହ ବିଭିନ୍ନ ଠକେଇ କରୁଥିଲେ। ଅଭିଯୁକ୍ତମାନେ ଭାରତର ବିଭିନ୍ନ ଗୋପନୀୟ ତଥ୍ୟ ଆତଙ୍କବାଦୀଙ୍କୁ ଦେଉଥିଲେ। ଏହି ମାମଲାରେ ଭୁବନେଶ୍ୱର କୋର୍ଟ ୭ ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡ ସହ ୩୨ ହଜାର ଟଙ୍କା ଜରିମାନା କରିଛନ୍ତି।

### କିପରି ଠକେଇ କରୁଥିଲେ

ଅଭିଯୁକ୍ତମାନେ ପାକିସ୍ତାନକୁ ପ୍ରି-ଆକ୍ଟିଭେଟେଡ୍ ସିମ୍ ଯୋଗାଇବା ପରେ ସେମାନେ ଏହି ନମ୍ବରରେ ଭାରତୀୟମାନଙ୍କୁ ଯୋଗାଯୋଗ କରୁଥିଲେ। ଭାରତର ସିମ୍ ଜାଣି ଫୋନ ଉଠାଇବା ପରେ ପାକିସ୍ତାନୀ ଇଣ୍ଟେଲିଜେନ୍ସ ସଂସ୍ଥା ଆମର ଅନେକ ତଥ୍ୟ ଚୋରି କରୁଥିବା ବେଳେ ଅଭିଯୁକ୍ତଙ୍କୁ ଲକ୍ଷାଧିକ ଟଙ୍କା ଦେଉଥିଲା।

# ଡିଜେ ବଜାକୁ କେନ୍ଦ୍ରକରି ୨ ସାହି ମଧ୍ୟରେ ମାରପିଟ

## କଣ୍ଟାଫୋଡ଼ା ଯାତ୍ରାରେ ରକ୍ତାକ୍ତ ସଂଘର୍ଷ

ଆନନ୍ଦପୁର,୧୫।୪
(ସୁଶାନ୍ତ କୁମାର ସାହୁ)


ବଜାର ମଧ୍ୟରେ ଦୁଇ ପକ୍ଷର ଲୋକେ ରୁଣ୍ଡ ହୋଇଛନ୍ତି।

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ଥାନା ଅନ୍ତର୍ଗତ କେଶଦୁରାପାଳ ଗାଁରେ କଣ୍ଟାଫୋଡ଼ା ଯାତ୍ରାରେ ମଙ୍ଗଳବାର ଗୋଷ୍ଠୀ ସଂଘର୍ଷ ହୋଇଛି। ଡିଜେ ବଜାଇ ଶୋଭାଯାତ୍ରାକୁ ନେଇ ଉପର ସାହି ଓ ଡମ ସାହି ମଧ୍ୟରେ ମାରପିଟ ହୋଇଥିଲା। ଘଟଣାକୁ ନେଇ ବୁଧବାର ଗାଁରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏଥିରେ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜଣାପଡ଼ିଛି। ଦୀର୍ଘ ସମୟ ଧରି ଗ୍ରାମରେ ଉତ୍ତେଜନା ଲାଗି ରହିଥିଲା।

ସୂଚନା ମୁତାବକ, କେଶଦୁରାପାଳ ଗ୍ରାମରେ ମଙ୍ଗଳବାର ଚଇତି ପର୍ବ ଅବସରରେ କଣ୍ଟାଫୋଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିଲା। ରାତିରେ ଉପର ସାହି ଓ ଡମ ସାହି ଲୋକେ ଡିଜେ ବଜାଇ ଶୋଭାଯାତ୍ରାରେ ଗାଁ ବୁଲୁଥିଲେ। ଦୁଇ ସାହିର ଡିଜେ ମୁହାଁମୁହିଁ ହୋଇଥିବା ବେଳେ ଅତିକ୍ରମକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ଉଭୟ ଶୋଭାଯାତ୍ରା କରି ପଳାଇଥିଲେ। ଘଟଣାକୁ କେନ୍ଦ୍ରକରି ବୁଧବାର ସକାଳେ ପୁଣି ୨ ସାହି ମଧ୍ୟରେ ମାରପିଟ୍ ହୋଇଥିଲା। ଉଭୟ ସାହିର ଲୋକେ ଠେଙ୍ଗା, ଟେକା, ପଥରରେ ଆକ୍ରମଣ କରିବାରୁ ଉଭୟ ପକ୍ଷରୁ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସମସ୍ତଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଅନେକ ସମୟ ଧରି କେଶଦୁରାପାଳ ବଜାରରେ ଅଶାନ୍ତ ପରିବେଶ ରହିଥିଲା। ଘସିପୁରା ପୋଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଉଭୟ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଘସିପୁରା ଥାନା ଅଧିକାରୀ କିଶୋର ଚନ୍ଦ୍ର ପ୍ରଧାନ କହିଛନ୍ତି।

# ବିବାହ ପ୍ରତିଶ୍ରୁତି ଦେଇ ଛାତ୍ରୀଙ୍କ ସହ ସମ୍ପର୍କ ମହଙ୍ଗା ପଡ଼ିଲା: ଅଧ୍ୟାପକ ଗିରଫ

ଦେବଗଡ଼,୧୫।୪(ଶଶାଙ୍କ ଶେଖର ଝାଙ୍କର)


ଗିରଫ ନୀଳାଞ୍ଚଳ ରାଜହଂସ।

ବିବାହ ପ୍ରଲୋଭନ ଦେଖାଇ ଜଣେ ଛାତ୍ରୀଙ୍କ ସହିତ ଶାରୀରିକ ସମ୍ପର୍କ ରଖି ପ୍ରତାରଣା ଅଭିଯୋଗରେ ପୋଲିସ ଜଣେ ଅଧ୍ୟାପକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଧ୍ୟାପକ ହେଲେ ନୀଳାଞ୍ଚଳ ରାଜହଂସ। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦେବଗଡ଼ ସହରସ୍ଥିତ ଏକ କଲେଜରେ ରାଜହଂସ ଅଧ୍ୟାପକ ଥିବା ବେଳେ ସେହି କଲେଜର ଯୁକ୍ତ ୩ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କୁ ପ୍ରେମ ଜାଲରେ ଫସାଇଥିଲେ । ପରେ ବିବାହ କରିବାକୁ କହି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଗତବର୍ଷ ଜାନୁୟାରୀ ମାସରେ ଉଭୟେ ଦେଓଝରଣ ପର୍ଯ୍ୟଟନସ୍ଥଳୀକୁ ଯାଇ ବୁଲାବୁଲି କରିଥିଲେ। ଗତ ୧୧ ତାରିଖରେ ଅଧ୍ୟାପକ ବିବାହ ପ୍ରଲୋଭନ ଦେଖାଇ ସମ୍ପୃକ୍ତ ଛାତ୍ରୀଙ୍କୁ ଡାକିଥିଲେ। ଛାତ୍ରୀ ଜଣକ କଲେଜ ଯିବା ବାହାନାରେ ଘରୁ ପଳାଇ ଯାଇଥିଲେ। ଉଭୟ ଭବାନୀପାଟଣା ଯିବା ସହ ସେଠାରେ ଥିବା ଅଧ୍ୟାପକଙ୍କ ଭଡ଼ାଘରେ ରହିଥିଲେ। ଏହା ପରଦିନ ସକାଳେ ଉଭୟ ଏକ ବାଇକ୍ ଯୋଗେ ଦେବଗଡ଼କୁ ଆସିଥିଲେ। କିନ୍ତୁ ଛାତ୍ରୀ ଜଣକ ବିବାହ କଥା କହିବାରୁ ଅଧ୍ୟାପକ ତାଙ୍କୁ ମନା କରିଦେଇଥିଲେ। ଏହାପରେ ଛାତ୍ରୀ ଘରକୁ ଫେରି ପରିବାର ଲୋକଙ୍କୁ ସବୁକଥା ଜଣାଇବା ସହ ସୋମବାର ଏ ନେଇ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଦେବଗଡ ଥାନାରେ ଅଧ୍ୟାପକ ରାଜହଂସଙ୍କ ବିରୋଧରେ ବିଭିନ୍ନ ଦଫାରେ ମାମଲା (ନଂ ୧୯୬/୨୬) ରୁଜୁ କରି ତଦନ୍ତ ଚଳାଇଥିଲା। ମଙ୍ଗଳବାର ଅଧ୍ୟାପକଙ୍କୁ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଏହି ଘଟଣା ପ୍ରଚାରିତ ହେବା ପରେ ଦେବଗଡ ସହରରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି।

# ବିନା ଅନୁମତିରେ ଜବତ ଖଣିଜ ସ୍ଥାନାନ୍ତର

ଯୋଡ଼ା,୧୫।୪(ମାନସ ମହାନ୍ତି)


ଜେସିବି, ଟ୍ରାକ୍ଟର ଯୋଗେ ଜବତ ଖଣିଜ ବୁଧବାର ଚୋରାଚାଲାଣ ହେଉଛି।

କେନ୍ଦୁଝର ଜିଲା ଯୋଡ଼ା ସହର ଉପକଣ୍ଠ ବାଂଶପାଣିଠାରେ ଜବତ ହୋଇ ଜମା ରହିଥିବା ଖଣିଜ ବୁଧବାର ସ୍ଥାନାନ୍ତର ହେଉଛି। ଏ ନେଇ ଅନୁମତି ନ ଥିବା ଖଣି ବିଭାଗ ପକ୍ଷରୁ ସୂଚନା ମିଳିଥିବା ବେଳେ କିପରି ପରିବହନ ହେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିନା ଅନୁମତିରେ ଜବତ ଖଣିଜ ସ୍ଥାନାନ୍ତର ଓ ବ୍ୟବହାର କରାଯାଇପାରିବ ନାହିଁ ବୋଲି ନିୟମ ଥିବା ବେଳେ କିପରି ଏଭଳି ଅନିୟମିତତା ହେଉଛି। ଏହା ବାଂଶପାଣି ଖୁଣ୍ଟ ପାଣି ଅଞ୍ଚଳର ଲୋକଙ୍କୁ ସନ୍ଦେହରେ ରଖିଛି।

ପ୍ରକାଶ ଯେ, ଦାବିଦାର ନ ଥିବା ଏହି ଉନ୍ନତମାନର ଖଣିଜକୁ ପୋଲିସ ଏବଂ ଖଣି ବିଭାଗ ଜବତ କରିଥିଲା। ବହୁ ବର୍ଷରୁ ବାଂଶପାଣିଠାରେ ପଡ଼ିଥିବା ଏହି ଖଣିଜକୁ ଓଏମ୍‌ସି ଜରିଆରେ ନିଲାମ କରା ନ ଯାଇ ପରିତ୍ୟକ୍ତ ଅବସ୍ଥାରେ ପକାଇ ଦିଆଯାଇଛି। ବୁଧବାର ଅପରାହ୍ନରେ ବିପୁଳ ପରିମାଣର ଲୁହାପଥର (ଖଣିଜ)କୁ ଜେସିବି ମେସିନ ଓ ଟ୍ରାକ୍ଟର ଯୋଗେ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଥିଲା। ସନ୍ଦିଗ୍ଧ ଅବସ୍ଥାରେ ଏହି କାର୍ଯ୍ୟକୁ ଦେଖିବା ପରେ ଯୋଡ଼ା ଖଣି ଉପ ନିର୍ଦ୍ଦେଶକଙ୍କୁ ପଚରାଯାଇଥିଲା। ଉପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ସେଠୀ ଏବିଷୟରେ ଅବଗତ ହେବା ପରେ ଅବିଳମ୍ବେ ଖଣି ନିରୀକ୍ଷକଙ୍କୁ ପଠାଇ ତଦାରଖ କରିବେ ବୋଲି କହିଥିଲେ। ଅନ୍ୟପକ୍ଷେ ବର୍ତ୍ତମାନ ଲୁହାପଥରର ବଜାର ମୂଲ୍ୟ ଟନ୍ ପିଛା ୬ ହଜାର ଟଙ୍କା ଟପିଛି। ଫଳରେ ବହୁ ସ୍ଥାନରେ ପରିତ୍ୟକ୍ତ ହୋଇପଡ଼ିଥିବା ଜବତ ଲୁହାପଥର ଉପରେ ଆନ୍ତଃ ରାଜ୍ୟ ଲୁହାପଥର ଚୋରଙ୍କ ଲୋଲୁପଦୃଷ୍ଟି ପଡ଼ିଛି। ଜବତ ଲୁହାପଥରକୁ ଅତିଶୀଘ୍ର ଓଡ଼ିଶା ଖଣି ନିଗମ ଦ୍ୱାରା ନିଲାମ ମାଧ୍ୟମରେ ବିକ୍ରି କରାଗଲେ ସରକାରଙ୍କ ରାଜକୋଷକୁ ଅନେକ ଶହ କୋଟି ଟଙ୍କା ରାଜସ୍ୱ ଯାଇପାରନ୍ତା ବୋଲି ଖଣି ବିଶେଷଜ୍ଞ କହିଛନ୍ତି।

# ମାଛଧରା ୨ ବୋଟ୍‌ରୁ ୭୧୦ ବସ୍ତା ଗୁଆ ଜବତ

## କୋଷ୍ଟଗାର୍ଡ ମଝି ସମୁଦ୍ରରୁ ଧରି କଷାଫଳ ପୋଲିସକୁ ହସ୍ତାନ୍ତର

ପାରାଦୀପ, ୧୫।୪(ଶରତ ରାଉତ)

କୋଷ୍ଟଗାର୍ଡ ଓଡ଼ିଶା ମୁଖ୍ୟାଳୟ ୭ ପାରାଦୀପର ପାଟ୍ରୋଲିଂ ଜାହାଜ ଅମୋଘ ମଙ୍ଗଳବାର ସମୁଦ୍ରରେ ୨ଟି ମାଛଧରା ବୋଟ୍ ଜବତ କରିଛି। ସେଥିରେ ମାଛ ବଦଳରେ ୭୧୦ ବସ୍ତା ଗୁଆ ରହିଛି। ଉକ୍ତ ୨ଟି ବୋଟ୍‌କୁ ବାଲେଶ୍ୱର ଜିଲା କଷାଫଳ ସାମୁଦ୍ରିକ ଥାନା ପୋଲିସକୁ ହସ୍ତାନ୍ତର କରାଯାଇଛି ବୋଲି ସୂଚନା ମିଳିଛି। କୋଷ୍ଟଗାର୍ଡ ପକ୍ଷରୁ କୁହାଯାଇଛି, ଜବତ ମା' ଆୟେଶା ୧ ଓ ୨ୟ ନାମକ ଦୁଇଟି ଯାକ ବୋଟ୍‌କୁ ପଶ୍ଚିମବଙ୍ଗ ପଞ୍ଜୀକୃତ ଦର୍ଶାଯାଇଛି। କିନ୍ତୁ ସେଥିରେ ଆବଶ୍ୟକ କାଗଜପତ୍ର ନାହିଁ। ବୋଟ୍‌ର ମାଛ ରହିବା ବକ୍ସରୁ ଗୁଆ ବସ୍ତା ମିଳିଥିଲା। ଦୁଇଟି ବୋଟ୍‌ରେ ୨୧ ଜଣ ନାବିକ ଅଛନ୍ତି। ସମସ୍ତ ନାବିକ, ଗୁଆ ବସ୍ତା ସହ ବୋଟ୍ ପୋଲିସକୁ ହସ୍ତାନ୍ତର କରାଯାଇଛି। ପରବର୍ତ୍ତୀ ତଦନ୍ତ ପୋଲିସ କରିବ ବୋଲି କୁହାଯାଇଛି।

# ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ ଜେଲ

ପାରଳାଖେମୁଣ୍ଡି,୧୫।୪
(ଗିରିଧାରୀ ପରିଚ୍ଛା)

ବିବାହର ବର୍ଷକ ପରେ ଅଧିକ ଯୌତୁକ ଦାବି କରି ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ହତ୍ୟା ମାମଲାର ବିଚାର କରି ଗଜପତି ଜିଲା ଅତିରିକ୍ତ ଜିଲା ସେସନ ଜଜ୍ ବିଭୁ ପ୍ରସାଦ ପଣ୍ଡା ଅଭିଯୁକ୍ତ ସ୍ୱାମୀ ଧନୁଞ୍ଜୟ ଓରଫ ରକୋଟି ଧନୁଞ୍ଜୟ (୩୮)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟ ହେଲେ ଆହୁରି ୬ ମାସ ସଶ୍ରମ କାରାଦଣ୍ଡ ଲାଗି ରାୟରେ ଉଲ୍ଲେଖ କରିଛନ୍ତି।

ବିବରଣୀ ଅନୁଯାୟୀ, ୨୦୧୮ ଏପ୍ରିଲରେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲା ଜାଡ଼ିୱାଡା ଗ୍ରାମର ତଥା ଗଜପତି ଜିଲା ଗୁରାଣ୍ଡି ଥାନା ଅନ୍ତର୍ଗତ ମାଛମରାରେ ରହୁଥିବା ଧନୁଞ୍ଜୟ ଜାଡ଼ିୱାଡା ଗ୍ରାମର ରେଗାଟି ପେଣ୍ଟମ୍ମା (୨୦)ଙ୍କୁ ବିବାହ କରିଥିଲେ। କିଛି ଦିନ ପରେ ଧନୁଞ୍ଜୟ ପଲାସାରେ ଗ୍ୟାରେଜ କରିବାକୁ କହି ବାପଘରୁ ଯୌତୁକ ବାବଦରେ ଅଧିକ ଟଙ୍କା ଆଣିବାକୁ ରେଗାଟିଙ୍କ ଉପରେ ଚାପ ପକାଇବା ସହ ନିର୍ଯାତନା ଦେଇଆସୁଥିଲେ। ୨୦୧୯ ନଭେମ୍ବର ୧୨ରେ ରେଗାଟିଙ୍କ ମାମୁ କେ. ରାମାରାଓ ତାଙ୍କ ଭାଣିଜୀ ବେକରେ ଚୁନି ଗୁଡେଇ ଆତ୍ମହତ୍ୟା କରିଥିବା ଖବର ପାଇ ଆସି ପହଞ୍ଚିବା ପରେ ସନ୍ଦେହ ହେବାରୁ ଏନେଇ ସେ ଗୁରାଣ୍ଡି ଥାନାରେ ଅଭିଯୋଗ କରିଥିଲେ।


ଭାରତୀୟ କ୍ରୀଡ଼ା ପ୍ରାଧିକରଣ
SPORTS AUTHORITY OF INDIA
ଭାରତ ସରକାର / GOVERNMENT OF INDIA
କ୍ରୀଡ଼ା ବିଭାଗ / DEPARTMENT OF SPORTS
(An Autonomous Body under Ministry of Youth Affairs and Sports)
(ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ଏକ ସ୍ୱୟଂଶାସିତ ନିକାୟ)
ରୁମ୍ ନଂ.୨୧୦, ଏସ୍‌ଏଆଇ-ମୁଖ୍ୟ କାର୍ଯ୍ୟାଳୟ ଭବନ,
ଏସ୍‌ଏଆଇ ମୁଖ୍ୟାଳୟ, ଜବାହରଲାଲ ନେହେରୁ ଷ୍ଟାଡିୟମ କମ୍ପ୍ଲେକ୍ସ
(ଇଷ୍ଟ ଗେଟ୍ ନଂ.-୧୦), ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩
ଫାଇଲ୍ ନଂ.:୦୧-୦୪୦୦୧(୦୧)/୧/୨୦୨୬-୬୬/୧୫୦ ତାରିଖ: ୩୦।୦୧।୨୦୨୬

ଅଧିସୂଚନା

ଭାରତୀୟ କ୍ରୀଡ଼ା ପ୍ରାଧିକରଣ ନିୟମିତ ଭିତ୍ତିରେ ପର୍‌ଫର୍ମାନ୍ସ ଆନାଲିଷ୍ଟଙ୍କ ନିୟୋଜନ ଲାଗି ଦରଖାସ୍ତ ଆହ୍ୱାନ କରୁଛନ୍ତି

ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ଏସ୍‌ଏଆଇ), ଏସ୍‌ଏଆଇରେ **୭ମ ସିପିସିର ବେତନ ହାର-୦୬ (₹୩୫୪୦୦-₹୧୧୨୪୦୦/-)**ରେ ୦୭ଟି କ୍ରୀଡ଼ା ବିଜ୍ଞାନ ଶୃଙ୍ଖଳାରେ **ପର୍‌ଫର୍ମାନ୍ସ ଆନାଲିଷ୍ଟ (ପ୍ରତ୍ୟକ୍ଷ ନିଯୁକ୍ତି)**ର ୪୮ ଗୋଟି ପଦବୀ ପୂରଣ କରିବା ପାଇଁ ଯୋଗ୍ୟ ଆବେଦନକାରୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛନ୍ତି ।
ଉକ୍ତ ପଦବୀର ବିବରଣୀ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ସୂଚନା ଏସ୍‌ଏଆଇ ୱେବ୍‌ସାଇଟ୍, ଅର୍ଥାତ୍– https://sportsauthorityofindia.nic.inରେ ଉପଲବ୍ଧ ।

ଉପ ନିର୍ଦ୍ଦେଶକ (DEPUTY DIRECTOR)
ମାନବ ସମ୍ବଳ ବିଭାଜନ - II (HUMAN RESOURCES DIVISION-II)
ଏସ୍‌ଏଆଇ ମୁଖ୍ୟ କାର୍ଯ୍ୟାଳୟ (SAI HEAD OFFICE)
cbc 47103/12/0002/2627



ଭାରତୀୟ କ୍ରୀଡ଼ା ପ୍ରାଧିକରଣ
SPORTS AUTHORITY OF INDIA
ଭାରତ ସରକାର / GOVERNMENT OF INDIA
କ୍ରୀଡ଼ା ବିଭାଗ / DEPARTMENT OF SPORTS
(An Autonomous Body under Ministry of Youth Affairs and Sports)
(ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ଏକ ସ୍ୱୟଂଶାସିତ ନିକାୟ)
ଜବାହରଲାଲ ନେହେରୁ ଷ୍ଟାଡିୟମ୍ କମ୍ପ୍ଲେକ୍ସ,
(ଇଷ୍ଟ ଗେଟ୍ ନଂ.୧୦), ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩

ଭାରତୀୟ କ୍ରୀଡ଼ା ପ୍ରାଧିକରଣରେ ନିୟମିତ ଭିତ୍ତିରେ ସହାୟକ କୋଚ୍‌ଙ୍କ ନିଯୁକ୍ତି ନିମନ୍ତେ ଆବେଦନ

ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ଏସ୍‌ଏଆଇ), ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ଏକ ସ୍ୱୟଂଶାସିତ ସଂଗଠନ, ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ୨୬ଟି ଶୃଙ୍ଖଳା (ଯଥା:– ଆଥ୍ଲେଟିକ୍ସ, ତୀରନ୍ଦାଜୀ, ବ୍ୟାଡ଼ମିଣ୍ଟନ, ବାସ୍କେଟବଲ, ବକ୍ସିଂ, କ୍ୟାନୋଇଂ ଓ କାୟାକିଂ, ସାଇକ୍ଲିଂ, ଫେନ୍‌ସିଂ, ଫୁଟବଲ, ଜିମ୍ନାଷ୍ଟିକ୍ସ, ହ୍ୟାଣ୍ଡବଲ, ହକି, ଜୁଡୋ, କବାଡ଼ି, ଖୋ-ଖୋ, ଲନ୍ ଟେନିସ୍, ରୋଇଂ, ଶୁଟିଂ, ସନ୍ତରଣ, ସିପକଟାକ୍ରା, ଟେବୁଲ ଟେନିସ୍, ଟାଏକୋଣ୍ଡୋ, ଭଲିବଲ୍, ଭାରୋତ୍ତୋଳନ, କୁସ୍ତି ଓ ଉଶୁ)ରେ **୩୨୩ ଗୋଟି ସହାୟକ କୋଚ୍ ପଦବୀ** (ପେ' ବ୍ୟାଣ୍ଡ ଟ.୯୩୦୦-୩୪୮୦୦ + ଜିପି ଟ.୪୨୦୦) ପୂରଣ କରିବା ଲାଗି ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛନ୍ତି ।
୨. ଯୋଗ୍ୟତା ମାନଦଣ୍ଡ ଆଦି ସମେତ ସବିଶେଷ ଅଧିସୂଚନା ଏସ୍‌ଏଆଇ ୱେବ୍‌ସାଇଟ୍ (www.sportsauthorityofindia.nic.in)ରେ ଉପଲବ୍ଧ ।
୩. ଅନ୍‌ଲାଇନ୍ ଆବେଦନ ପଞ୍ଜୀକରଣର ଖୋଲିବାର ତାରିଖ ହେଉଛି **ତା୨୩।୦୩।୨୦୨୬ରିଖ (ପୂର୍ବାହ୍ନ ୧୦.୦୦ ଘଟିକା)**
୪. ଅନ୍‌ଲାଇନ୍ ଆବେଦନ ଦାଖଲର ଶେଷ ତାରିଖ ହେଉଛି **ତା୨୧।୦୪।୨୦୨୬ରିଖ (୦୫.୦୦ ଘଟିକା)**
cbc 47103/12/0003/2627 ଇଡି-ଏଚ୍‌ଆର୍‌ଡି, ଏସ୍‌ଏଆଇ



ଓଡ଼ିଶା ପୋଲିସରେ ସ୍ୱତନ୍ତ୍ର ପୋଲିସ ଅଧିକାରୀ ପଦବୀ ପାଇଁ ଆବେଦନର ଶେଷ ତାରିଖ ବୃଦ୍ଧି

No. 12001/6/2627: ଓଡ଼ିଆ ଦୈନିକ ଖବରକାଗଜରେ ପ୍ରକାଶିତ ବିଜ୍ଞାପନ ସଂଖ୍ୟା – ୧୨୦୦୧/୪୦/୨୫୨୬, ତାରିଖ: ୦୩।୦୩।୨୦୨୬ ଅନୁସାରେ ୮୦୦ଗୋଟି ସ୍ପେସିଆଲ୍ ପୋଲିସ ଅଫିସର ପଦବୀ ପାଇଁ ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ ୩୦।୦୪।୨୦୨୬ ଅପରାହ୍ନ ୫.୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଉଅଛି। ତ୍ରୁଟିପୂର୍ଣ୍ଣ ଦରଖାସ୍ତ କିମ୍ବା ଦରଖାସ୍ତଗୁଡ଼ିକ ନିର୍ଦ୍ଧାରିତ ତାରିଖ ଓ ସମୟ ପରେ ଗ୍ରହଣଯୋଗ୍ୟ ହେବନାହିଁ। ଚୟନ ପରୀକ୍ଷା ଆସନ୍ତା **ତା୧୭।୦୫।୨୦୨୬ରିଖ ସକାଳ ୬.୩୦ଘଟିକା** ସମୟରେ ସମ୍ପୃକ୍ତ ପୁଲିସ ଆୟୁକ୍ତ/ଆଇ.ଜି./ଡି.ଆଇ.ଜି.ଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ।
ଆବେଦନ ପତ୍ର ଓ ବିସ୍ତୃତ ସୂଚନା ଓଡ଼ିଶା ପୋଲିସ ୱେବ୍‌ସାଇଟ୍ **police.odisha.gov.in**ରୁ ପାଇପାରିବେ।

ସ୍ୱା./– ଆରକ୍ଷୀ ମହାନିରୀକ୍ଷକ (କାର୍ମିକ)
OIPR-12001/12029/1/26-27/0002 ଓଡ଼ିଶା, କଟକ



ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505
No. 4001/20/2627

No.-CHEP/TW-53 (Vol.-III) (Part File)/1466 Date: 10.04.2026

TENDER CALL NOTICE NO.-CHEP-01/2026-27

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Authorized Dealers / Authorized Distributors / General Order Suppliers meeting eligibility criteria only for procurement of the following materials;

| Description | Cost of Tender Paper (Non-Refundable) | EMD in Rs. (Refundable) |
|---|---|---|
| Supply of Electrical Consumable Materials for Maintenance of Residential & Non-Residential Buildings with Illumination Materials for Street Light Fittings of CHEP, Chiplima | Rs.4,720/- (Rs.4,000/- + GST @18%) | 5,100/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.15.04.2026 up to 10:30 AM of dtd.28.04.2026.
OIPR-4001/4006/1/26-27/0002 Sd/- C & P Head, CHEP, Chiplima



OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523

INVITATIONS FOR BIDS (IFB)

File No. B-III-Sports-12/2025 Lr. No. 12838 Bhubaneswar, the 13th April, 2026
No. 34001/63/2627 INVITATION FOR BIDS
Bid Identification No. C.E.-Bldg-I-03/2026-27

| | | |
|---|---|---|
| 1. | The Chief Engineer, Buildings-I, Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the work, **"Construction of Block Level Stadium with Indoor Hall in Binjharpur Block under Jajpur District"** as detailed below. | |
| 2. | Nature of Work | : Building Work |
| 3. | No. of Work | : 01 No. |
| 4. | Bid Cost | : Rs.10,000/- |
| 5. | Class of Contractor | : 'A'/Special |
| 6. | Availability of Bid Documents in the website | : From Dt.20.04.2026 to 17.00 hours of Dt.05.05.2026 |
| 7. | Date of Opening of Bid | : Dt.06.05.2026 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | |

Sd./- Chief Engineer, Buildings-I, Odisha
OIPR-34001/34117/1/26-27/0007



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

NOTICE INVITING E-TENDER

| E-Tender No. | Tender Description: | Estimated Cost |
|---|---|---|
| CPC-73/2025-26 | Bids are invited from reputed manufactures in two part bidding system for Procurement of isolators of different voltage class along with supply & retrofitting of mechanism boxes for isolators/earth switches (including site integration and commissioning support ). **Last Date & Time of Submission of Bid: 15.05.2026 upto 12:45 Hrs.** | Rs. 26,32,86,412/- |
| CPC-43/2025-26 | Bids are invited from reputed manufactures in two part bidding system for Supply of 90KN & 120KN Anti fog Disc Insulator. **Last Date & Time of Submission of Bid: 07.05.2026 upto 12:30 Hr.** | Rs. 29,33,762/- |
| CPC-06/2026-27 | Bids are invited from reputed manufactures in two part bidding system for Supply of 07 nos. 500KVA, 33/0.433kV station transformers (BIS Energy Level-2). **Last Date & Time of Submission of Bid: 08.05.2026 upto 12:45 Hrs .** | Rs. 1,03,60,765/- |
| CPC-09/2026-27 | Bids are invited from reputed manufactures in two part bidding system for Engineering, supply, erection, testing & commissioning of twin High Temperature Low Sag (HTLS) Conductor after dismantling of twin AAAC Moose Conductor in existing 400kV IB-Lapanga DC along with up gradation in main & tie bay of IB circuit at Lapanga Grid Substation in Sambalpur District on Turnkey Contract Basis in e-tendering mode only. **Last Date & Time of Submission of Bid: 14.05.2026 upto 12:45 P.M.** | Rs. 97,22,67,435/- |
| CPC-10/2026-27 | Bids are invited from reputed manufactures in two part bidding system for Engineering, supply, erection, testing & commissioning of High Temperature Low Sag (HTLS) Conductor after dismantling of ACSR Zebra Conductor in existing 220kV Lapanga-Kantapali DC line from Loc. No-1 to 201 in Sambalpur District on Turnkey Contract Basis in e-tendering mode only. **Last Date & Time of Submission of Bid: 14.05.2026 upto 12:45 P.M.** | Rs. 82,08,11,179/- |
| CPC-11/2026-27 | Bids are invited from reputed manufactures in two part bidding system for Engineering, supply, erection, testing & commissioning of High Temperature Low Sag (HTLS) Conductor after dismantling of ACSR Zebra Conductor in existing 220kV Budhipadar-Lapanga DC line from Loc. No-1 to 63 in Sambalpur District on Turnkey Contract Basis in e-tendering mode only. **Last Date & Time of Submission of Bid: 14.05.2026 upto 12:45 P.M.** | Rs. 32,27,47,128/- |

Complete set of bidding documents are available at www.tenderwizard.com/OPTCL and www.optcl.co.in.
/optcl.odisha /optcl_odisha HIPR-03/2026-27

# ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳରେ ଜଳକଷ୍ଟ

## ଚାରିଆଡ଼େ ପାଣି, ବୁଡି ଅଞ୍ଚଳବାସୀଙ୍କୁ ମିଳୁନି

ଭବାନୀପାଟଣା, ୧୫।୪ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ଇନ୍ଦ୍ରାବତୀ ଜଳଭଣ୍ଡାର ଭିତରେ ବୁଡ଼ି ରହିଥିବା ବହୁ ଅଞ୍ଚଳରେ ଜଳକଷ୍ଟ ସେମାନଙ୍କ ଜୀବନକୁ ଦୁର୍ବିସହ କରିଦେଇଛି। ନିଜ ଭିଟାମାଟି ହରାଇ କଳାହାଣ୍ଡିବାସୀଙ୍କୁ ଆଲୁଅ ଦେଖାଇଥିବା ଅଧିବାସୀ ଏବେ ନିଜେ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଅନ୍ଧାରରେ ଅଛନ୍ତି।

ସୂଚନାରୁ ପ୍ରକାଶ ଯେ, ଇନ୍ଦ୍ରାବତୀ ଜଳଭଣ୍ଡାର ପାଇଁ ବିସ୍ଥାପିତ ହୋଇଥିବା ୧୬ ଗାଁର ଲୋକଙ୍କ ପାଇଁ ପାନୀୟ ଜଳ ସ୍ୱପ୍ନ ପାଲଟିଛି। ସ୍ୱଚ୍ଛ ପାନୀୟ ଜଳ ମରୀଚିକା ପାଲଟିଥିବାବେଳେ ଦୂଷିତ ପାଣି ସେମାନଙ୍କ ତୃଷା ମେଣ୍ଟାଉଛି। ଇନ୍ଦ୍ରାବତୀ ପାଇଁ କଳାହାଣ୍ଡି ଏବେ ବିକାଶର ମଡେଲ ହୋଇଥିବା ବେଳେ ମୁନ୍ଦାଏ ପାନୀୟ ଜଳ ବାସ୍ତୁହରାଙ୍କୁ କଲବଲ କରୁଛି। ଇନ୍ଦ୍ରାବତୀ ପ୍ରକଳ୍ପ ପରେ ବିସ୍ଥାପିତ ହୋଇଥିବା ଥୁଆମୂଳ ରାମପୁର ବ୍ଲକ ପୋଡ଼ାପଦର ପଞ୍ଚାୟତର ତଳଟେମରା, ଢ଼ିପଟେମରା, ଭୁରଭୁରି ଟେମରା, ତଳପଙ୍ଗା, ଉପରପଙ୍ଗା, କଲାଟି, ଗୁଞ୍ଜିମାଳି, ପୋଡାପଦର, ଲିଟିମସ୍କା, କରଭା ତେନ୍ତୁଳିପଦର, ଭିତରଡ଼ଙ୍ଗା, ଘୁଟରୁଖାଲ, ଝିରି, ସରାଫାସ ଭଳି ୧୬ ଗାଁ ଜଳଭଣ୍ଡାର ଭିତରେ ରହିଛି। ଚାରିଆଡେ ଜଳଭଣ୍ଡାରର ପାଣି ଥିବାବେଳେ ଜଳବନ୍ଦୀ ଅଞ୍ଚଳର ଲୋକେ ପାନୀୟ ଜଳ ଅଭାବ ଯୋଗୁ ଦୂଷିତ ଜଳକୁ ଭରସା କରିଛନ୍ତି। ଥୁଆମୂଳ ରାମପୁର ବ୍ଲକର ଜଳବନ୍ଦୀ ତଳଟେମରା ଗାଁ ଲୋକେ ପାଣି ପାଇଁ ଡହଳବିକଳ ହେଉଛନ୍ତି। ସେମାନେ ପିଇବାକୁ ପାଣି ନ ପାଇ ପାଖରେ ବହିଯାଉଥିବା ନାଳ ଓ ଏକ ପରିତ୍ୟକ୍ତ କୂଅରୁ ପାଣି ଆଣି ତୃଷା ମେଣ୍ଟାଉଛନ୍ତି। ଏହି ଗ୍ରାମରେ ପ୍ରାୟ ୪୦ରୁ ଅଧିକ ପରିବାରରେ ୭୦ ଲୋକ ବସବାସ କରୁଛନ୍ତି। ଏମାନେ ଗରିବ ଶ୍ରେଣୀ ଏବଂ ଆଦିବାସୀ ସମ୍ପ୍ରଦାୟର ଅଧିବାସୀ ଅଟନ୍ତି। ସକାଳୁ ଉଠିଲେ ଏମାନଙ୍କୁ ପାନୀୟଜଳ ଚିନ୍ତା କରିବାକୁ ପଡେ। ଗାଁରେ ଦୁଇଟି ମାତ୍ର ନଳକୂପ ରହିଛି। ଏହି ନଳକୂପରେ କେବେ ପାଣି ଆସୁଛି ତ ଆଉ କେବେ ପାଣି ମିଳେ ନାହିଁ। ଫଳରେ ପାଖରେ ଥିବା ଏକ ପରିତ୍ୟକ୍ତ କୂଅ ପାଣି ପିଇବା ପାଇଁ ବାଧ୍ୟ ହେଉଛନ୍ତି। ଦୂଷିତ ପାଣି ପିଇ ବିଭିନ୍ନ ରୋଗର ଶିକାର ମଧ୍ୟ ହେଉଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କ ହାତପାହାନ୍ତାରେ ପାନୀୟ ଜଳ ଯୋଗାଣ ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଦେଉଛନ୍ତି। କିନ୍ତୁ ବୁଡି ଅଞ୍ଚଳବାସୀଙ୍କ ପାଖରେ ଏହି ସୁବିଧା ପହଞ୍ଚିପାରୁ ନାହିଁ। କେବଳ ତଳଟେମରା ନୁହେଁ, ୧୬ଟି ଜଳବନ୍ଦୀ ଗାଁରେ ଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଗ୍ରୀଷ୍ମପ୍ରବାହ ବଢୁଥିବାରୁ ଏହି ସମସ୍ୟା ସେମାନଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଓଏଚ୍‌ପିସିର ପାରପାର୍ଶ୍ୱିକ ଯୋଜନାଠାରୁ ଆରମ୍ଭ କରି ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ବିଭିନ୍ନ ଯୋଜନା ଥିଲେ ମଧ୍ୟ ବୁଡି ଅଞ୍ଚଳବାସୀଙ୍କ ନିକଟରେ ଏହା ପହଞ୍ଚିପାରି ନାହିଁ। ସରକାର ପରେ ସରକାର ବଦଳୁଛି, ହେଲେ ସେମାନଙ୍କ ନିକଟରେ ପାନୀୟ ଜଳ ଅପହଞ୍ଚ ହୋଇରହିଛି। ଏହି ବୁଡି ଅଞ୍ଚଳର ୧୬ ଗାଁ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ପଦକ୍ଷେପ ଗ୍ରହଣ କରି ପାନୀୟ ଜଳ ଯୋଗାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ କହନ୍ତି, ପୋଲ ନ ଥିବାରୁ ଉକ୍ତ ଗାଁଗୁଡିକୁ ନଳକୂପ ଗାଡ଼ି ଯାଇପାରୁ ନାହିଁ। ତେଣୁ କିଛି ସ୍ଥାନରେ ଆମେ ସାନିଟାରି କୂଅ କରିଛୁ।



ଗ୍ରାମର ମହିଳା ନାଳରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି।



ନୂଆପଡ଼ା ଜିଲା ଓକିଲ ସଂଘ ଭବନ ସମ୍ମୁଖରେ ବୁଧବାର ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଉପସ୍ଥିତ ଓକିଲ ସଂଘ କର୍ମକର୍ତ୍ତା।

## ସଂକ୍ଷେପରେ

### ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଉଦ୍‌ଯାପିତ

ନୂଆପଡ଼ା, ୧୫।୪ (ମକାରୁ ବେମାଲ): ଜାନୁଆରୀ ୨୮ରୁ ଆରମ୍ଭ ହୋଇଥିବା ସମ୍ପୂର୍ଣ୍ଣତା ଅଭିଯାନ ୨.୦ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ନୂଆପଡ଼ା ମହୁଆଭାଟାସ୍ଥିତ ମଲ୍ଟି ପର୍ପୋଜ ହଲ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ଜିଲାପାଳ ମଧୁସୂଦନ ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ସିଡିଏମ୍‌ଓ ଡା. ଧନେଶ୍ୱର ସେଠୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ୍ ଏନ୍‌ଏସି ଅଧ୍ୟକ୍ଷା ଡା. ସୋନିଆ ଜୈନ, ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲା ପରିଷଦ ସଦସ୍ୟା ଉମା ଠାକୁର, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, ଜିଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ନିଜ ବିଭାଗର କାର୍ଯ୍ୟ ଅଗ୍ରଗତି ଓ ଆଗାମୀ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ଏହା ସହିତ ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମର ୫ଟି ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ୬ଟି ସୂଚକ ଉପରେ ସମୀକ୍ଷା କରାଯାଇଥିଲା।

### ପଥଚାରୀଙ୍କୁ ଦହି ସରବତ ବଣ୍ଟନ

ନୂଆପଡ଼ା, ୧୫।୪ (ମକାରୁ ବେମାଲ): ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ଼ ସାପ୍ତାହିକ ବଜାରଠାରେ ବାନରସେନା, ମଦର ଟେରେସା ସେବା ସଙ୍ଗଠନ, ସ୍ୱୟଂଶ୍ରୀ ମହିଳା ଗ୍ରୁପ୍ ମିଳିତ ଉଦ୍ୟମରେ ପଥଚାରୀଙ୍କୁ ଦହି ସରବତ ବଣ୍ଟନ କରାଯାଇଛି। ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ସାପ୍ତାହିକ ପଥିକ ଓ ବଜାର ଆସୁଥିବା ଲୋକ, ଯାତ୍ରୀ ଓ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଥଣ୍ଡା ପାନୀୟ ଜଳ, ମିକ୍ସଫଳ ଦହି ସରବତ ଓ ତରଭୁଜ ଦିଆଯାଇଥିଲା। ବାନର ସେନା ସଭାପତି ଶେଷଦେବ ପ୍ରଧାନୀଙ୍କ ନେତୃତ୍ୱରେ ମଦର ଟେରେସା ସେବା ସଙ୍ଗଠନ ଓ ସ୍ୱୟଂଶ୍ରୀ ମହିଳା ଗ୍ରୁପ୍‌ର ସତ୍ୟବ୍ରତ ସାମଲ, ଯଶବନ୍ତ ସାହୁ, ନିଧି ଗହୀର, ମାଳତିଲତା ଶବର, ସସ୍ମିତା ପାଣିଗ୍ରାହୀ, ମଞ୍ଜୁଲତା ପ୍ରଧାନ, ତପସ୍ୱିନୀ ମେହେର, ସବିତା ମିଶ୍ର, ଉମାବତୀ ମାଝୀ, ଫକୀର ରାଉତ, ଥବିର ଶବର ପ୍ରମୁଖ ସହଯୋଗ କରିଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଭବ୍ୟ କଳସ ଯାତ୍ରା



କୋକସରା, ୧୫।୪ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ): କୋକସରା ବ୍ଲକ ନେଗିଗୁଡ଼ା ପଦରପଡାରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଏକ ଭବ୍ୟ କଳସ ଯାତ୍ରା ବୁଧବାର ଆୟୋଜିତ ହୋଇଯାଇଛି। କର୍ତ୍ତା ଭାବେ ହରେକୃଷ୍ଣ ଦାସ ଓ ତାଙ୍କ ପତ୍ନୀ ରମ୍ଭା ଦାସ ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜା କାର୍ଯ୍ୟରେ ଜ୍ୟୋତିର୍ବିଦ ଭୂପେଶ ତିୱାରୀଙ୍କ ସହ ପ୍ରଶାନ୍ତ ତିୱାରୀ, ମିଥିଲେଶ ତିୱାରୀ, ଧ୍ରୁବ ତିୱାରୀ ସହଯୋଗ କରିଥିଲେ। ଗୁରୁବାର ନାମ ଆରମ୍ଭ, ଶୁକ୍ରବାର ଦଧିହାଣ୍ଡି ଭଗ୍ନ ଓ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହେବ। ଏହି ଯଜ୍ଞରେ ୬ଟି ସଂକୀର୍ତ୍ତନ ଦଳକୁ ନିମନ୍ତ୍ରିତ କରାଯାଇଛି।

# ମା' ତାରିଣୀଙ୍କ ପୀଠରେ ଚଇତି ଯାତ୍ରା

ଭବାନୀପାଟଣା, ୧୫।୪ (ଉତ୍ତମ କୁମାର ଦାଶ)



ମା' ତାରିଣୀଙ୍କ ପୀଠରେ ଚଇତି ଯାତ୍ରା।

ଓଡ଼ିଶାର ସଂସ୍କୃତିରେ ଚଇତି ପର୍ବ ବା ଚଇତି ଯାତ୍ରା ଏକ ମୁଖ୍ୟ ପାରମ୍ପରିକ ପର୍ବ। ଏହା ମୁଖ୍ୟତଃ ଚୈତ୍ର ମାସରେ ପାଳନ କରାଯାଏ। କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଚହଗାଁ ଘୁଗୁରପଲାଠାରେ ଦୀର୍ଘ ୧୫ ବର୍ଷ ହେଲା ମା' ତାରିଣୀଙ୍କ ପୀଠରେ ଚଇତି ପର୍ବ ତଥା ତାରିଣୀ ଯାତ୍ରା ଓ ପଣାସଂକ୍ରାନ୍ତି ଉତ୍ସବ ପାଳିତ ହୋଇଆସୁଛି। ସୋମବାର କଳସ ଯାତ୍ରା ପରେ ମନ୍ଦିର ପରିସରରେ ମା'ଙ୍କ ପୂଜାରମ୍ଭ ସହ ହୋମ ଯଜ୍ଞ, ଚଣ୍ଡୀପାଠ ଓ ମା'ଙ୍କ ଝୁଲଣ ଆରମ୍ଭ ହୋଇଛି। ସନ୍ଧ୍ୟାରେ ବିଭିନ୍ନ ସଂକୀର୍ତ୍ତନ ଦଳ ଦ୍ୱାରା ନାମଯଜ୍ଞ ସହ ପ୍ରବଚନ ହୋଇଥିଲା। ଏଥିରେ ପୂଜକ ଭାବେ ଧବଳେଶ୍ୱର ପାତ୍ର, ସୁଦେଷ୍ଣା ପାତ୍ର ଏବଂ କର୍ତ୍ତା ଭାବରେ ଶ୍ୟାମ ପାତ୍ର, ଲତା ପାତ୍ର, ଅଶୋକ କୁମାର ତ୍ରିପାଠୀ କାର୍ଯ୍ୟ ସମ୍ପାଦନ କରିଥିଲେ।

# କଳାହାଣ୍ଡି ଲେଖକ କଳା ପରିଷଦର ବିଷୁବ ମିଳନ



ଜଣେ କଳାକାରଙ୍କୁ ସମ୍ମାନିତ କରାଯାଉଛି।

ଭବାନୀପାଟଣା, ୧୫।୪ (ଉତ୍ତମ କୁମାର ଦାଶ)

ସାହିତ୍ୟ, ସଙ୍ଗୀତ, କଳା ଓ ସଂସ୍କୃତି ପାଇଁ ସମର୍ପିତ କଳାହାଣ୍ଡି ଲେଖକ କଳା ପରିଷଦର ଦ୍ୱିଦିବସୀୟ ବିଷୁବ ମିଳନ ତଥା ଜିଲାସ୍ତରୀୟ ବହୁଭାଷୀ କବିତା ପାଠୋତ୍ସବ ବୁଧବାର ଟାଉନ ହଲଠାରେ ଉଦ୍‌ଘାଟିତ ହୋଇଯାଇଛି। ଡ. ତପନ କୁମାର ରଥଙ୍କ ଅଧ୍ୟକ୍ଷତାରେ ସାହିତ୍ୟିକ ଡ. ଦାଶରଥି ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଆବାହକ ସନ୍ତୋଷ ରଥ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ପ୍ରବୋଧ ରଥଙ୍କ ସଂଯୋଜନାରେ ଜିଲାର ବିଭିନ୍ନ ଅଞ୍ଚଳରୁ ୭୦ରୁ ଊର୍ଦ୍ଧ୍ୱ ସାରସ୍ୱତ ସ୍ରଷ୍ଟା ଯୋଗଦେଇ ସଂସ୍କୃତ, ଓଡ଼ିଆ, ଇଂରାଜୀ, ବଙ୍ଗଳା, ତେଲୁଗୁ, କଳାହାଣ୍ଡିଆ ଭାଷାରେ କବିତାବୃତ୍ତି କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ପରିଷଦ ସଭାପତି ଉମେଶ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ। କଳାହାଣ୍ଡି ମହାରାଜ ଅନନ୍ତ ପ୍ରତାପ ଦେଓ ମୁଖ୍ୟ ଅତିଥି, ସାରସ୍ୱତ ସାଧକ କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଭବନାଥ ରାୟଗୁରୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସାହିତ୍ୟ ପାଇଁ ଜନାବ ଜହିରୁଦ୍ଦିନ ଖାଁ, ବୋଲଗଡଙ୍କୁ ରାମଚନ୍ଦ୍ର ରଥ ସାହିତ୍ୟ ସମ୍ମାନ, ଜୟନ୍ତ କୁମାର ବେହେରାଙ୍କୁ ଗଦାଧର ରାୟଗୁରୁ ସଂଗଠକ ସମ୍ମାନ, ଭୋଳା ଶଙ୍କର ବେହେରାଙ୍କୁ ହରିହର ମହାପାତ୍ର ସଂଗୀତ ସମ୍ମାନ ଏବଂ ଶିଳ୍ପୀ ବୈଷ୍ଣବୀ ପଲକଙ୍କୁ ବୀଣାପାଣି ପୁରୋହିତ ଯୁବ ସଙ୍ଗୀତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିବାବେଳେ ଯୁଗ୍ମ ସମ୍ପାଦକ ସୌରଭ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କୋକସରାଠାରେ ହନୁମାନ ଜୟନ୍ତୀ

କୋକସରା, ୧୫।୪ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ): କୋକସରା ବ୍ଲକ ହନୁମାନ ମନ୍ଦିର କମିଟି ପକ୍ଷରୁ ଶ୍ରୀ ହନୁମାନ ଜୟନ୍ତୀ ମହୋତ୍ସବ ପାଳିତ ହୋଇଯାଇଛି। ପଣ୍ଡିତ ଟିକିନା ମିଶ୍ରଙ୍କ ତତ୍ତ୍ୱାବଧାନରେ ରୀତିନୀତି ଅନୁଯାୟୀ କିଶୋର ଚନ୍ଦ୍ର ପ୍ରଧାନୀ ଓ ସାରଙ୍ଗିନୀ ପ୍ରଧାନୀ ସପତ୍ନୀକ ପୂଜାକାର୍ଯ୍ୟ ତୁଲାଇଥିଲେ। ହନୁମାନଙ୍କ ଦର୍ଶନ ପାଇଁ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରେ ଶ୍ରୀରାମ ସେନା ପକ୍ଷରୁ ଜଗନ୍ନାଥ ମନ୍ଦିରଠାରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରା ହୋଇଥିଲା। ସନ୍ଧ୍ୟାରେ ମନ୍ଦିରରେ ମଙ୍ଗଳ ଆଳତି ସହ ଅନ୍ୟାନ୍ୟ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଥିଲା। ମନ୍ଦିର କମିଟି ସଭାପତି ମହେନ୍ଦ୍ର ନେଗି, ସମ୍ପାଦକ ଅଜୟ କୁମାର ସାହୁ, କୋଷାଧ୍ୟକ୍ଷ ବିଶ୍ୱନାଥ ପଟ୍ଟନାୟକ, ବିନୋଦ ବିହାରୀ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ଫ୍ଲଡ୍‌ଲାଇଟ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବୋଡ଼େନ, ୧୫।୪ (ଟିକେଶ୍ୱର ନାଗ): ନୂଆପଡ଼ା ଜିଲା ବୋଡେନ ବ୍ଲକ ଖଇରାଠାରେ ମା' ବଲସ ଘରିଏନ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଫ୍ଲଡ୍‌ଲାଇଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଖଇରା ସରପଞ୍ଚ କୈଳାଶ ଚନ୍ଦ୍ର ଦଳ ମୁଖ୍ୟ ଅତିଥି ଓ ମଝିଆ ମାଝୀ, ରାଜୁ ଛାବଡା, ସାମାଜିକ କର୍ମୀ ଭୁବନେଶ୍ୱର ରାଉତ, ଖବରଦାତା ଜଗତରାମ ଦଣ୍ଡସେନା ଓ ଉପେନ୍ଦ୍ର ବାଗ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୁରୁଜୁ ନାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିବାବେଳେ ପିଣ୍ଟୁ ଓ ଆଲୋକ ଖେଳ ପରିଚାଳନା କରିଥିଲେ।

# ଆଦର୍ଶ କଲୋନି ଲୋକାର୍ପିତ, ୧୫ ହିତାଧିକାରୀଙ୍କ ଗୃହ ପ୍ରବେଶ

ନୂଆପଡ଼ା, ୧୫।୪ (ମକାରୁ ବେମାଲ)



ଆଦର୍ଶ କଲୋନି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ।

ନୂଆପଡ଼ା ଜିଲାରେ ବାସହୀନ ଲୋକଙ୍କ ଥଇଥାନ ପାଇଁ ବୁଧବାର ନବନିର୍ମିତ ଦେବାର ଆଦର୍ଶ କଲୋନିର ଲୋକାର୍ପଣ ଓ ଗୃହ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ବିଧାୟକ ଜୟ ଢୋଲକିଆ ଓ ଜିଲାପାଳ ମଧୁସୂଦନ ଦାଶଙ୍କ କରକମଳରେ ଏହା ଲୋକାର୍ପିତ ହୋଇଛି। ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ସାଂସଦ ପ୍ରତିନିଧି ପ୍ରେମ ଅଗ୍ରୱାଲ, ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଏହି ଆଦର୍ଶ କଲୋନିରେ ୧୫ଗୋଟି ପକ୍କାଘର ନିର୍ମାଣ କରାଯାଇଛି। ଲୋକାର୍ପଣ ପରେ ବିଧାୟକ ଓ ଜିଲାପାଳଙ୍କ ଉପସ୍ଥିତିରେ ହିତାଧିକାରୀ ପରିବାର ଗୃହ ପ୍ରବେଶ କରିଥିଲେ। ଘର ପାଇବା ପରେ ହିତାଧିକାରୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି କଲୋନିରେ ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ ଭଳି ସମସ୍ତ ମୌଳିକ ସୁବିଧା ସୁନିଶ୍ଚିତ କରାଯାଇଛି। କଲୋନିକୁ ଯାତାୟାତ ପାଇଁ ସଂଯୋଗ ସଡ଼କ ମଧ୍ୟ ନିର୍ମାଣ କରାଯାଇଛି। ବିଧାୟକ ନିଜ ଅଭିଭାଷଣରେ ଏହି କଲୋନି ହିତାଧିକାରୀଙ୍କ ଦୀର୍ଘଦିନର ସ୍ୱପ୍ନ ସାକାର କରିଛି ବୋଲି କହିଥିଲେ। ଏହାକୁ ସମ୍ଭବ କରିବାରେ ଜିଲା ପ୍ରଶାସନ, ଏନ୍‌ଏସି କର୍ମଚାରୀଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ପରେ ସାଧାରଣ ଲୋକଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ନିମନ୍ତେ ଆଦର୍ଶ ଥାନାରେ ଅତିଥିମାନଙ୍କ ଦ୍ୱାରା ଜଳଛତ୍ରର ଶୁଭାରମ୍ଭ କରାଯାଇଥିଲା।

# ଅଗ୍ନିଶମ ସୁରକ୍ଷା ସପ୍ତାହରେ ମକ୍‌ଡ୍ରିଲ

ଖଡ଼ିଆଲ, ୧୫।୪ (ସୁଜିତ କୁମାର ପ୍ରଧାନ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଖଡ଼ିଆଲଠାରେ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ ଅବସରରେ ମକ୍‌ଡ୍ରିଲ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏଲ୍‌ଏଫ୍‌ଏମ୍ ଧନଞ୍ଜୟ ସେଠ, ଫାୟାର ମ୍ୟାନ ଭରତ ଚନ୍ଦ୍ର ନାୟକ, ସୁରେନ୍ଦ୍ର ଭୋଇ, ଲକ୍ଷ୍ମୀକାନ୍ତ ବିଶ୍ୱାଳ, ହୀରାଲାଲ ନାୟକ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ପ୍ରାୟୋଗିକ ମାଧ୍ୟମରେ ନିଆଁ ଲାଗିବାର କାରଣ, ନିରାକରଣ ତଥା ପ୍ରତିକାର ବ୍ୟବସ୍ଥା ଉପରେ ବୁଝାଇଥିଲେ। କୌଣସି ସ୍ଥାନରେ ନିଆଁ ଲାଗିଲେ କିଭଳି ଆୟତ୍ତ କରିବେ, ଅଚେତ ଅବସ୍ଥାରେ ଥିବା ବ୍ୟକ୍ତିଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ ପଠାଇବେ ତା' ଉପରେ ସମସ୍ତେ ଅବଗତ ହୋଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଜଗଦୀଶ ପୁଟେଲଙ୍କ ସମେତ ଛାତ୍ରୀଛାତ୍ର ଓ ଗୁରୁଜୀଗୁରୁମା ଉପସ୍ଥିତ ଥିଲେ।

# ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ।

କଲମପୁର, ୧୫।୪ (ଗଣେଶରାମ ବାଗ)

କଳାହାଣ୍ଡି ଜିଲା କଲମପୁର ବ୍ଲକ ମୀନଗୁର ଖେଳ ପଡିଆଠାରେ କଲମପୁର ପ୍ରେସ୍ କ୍ଲବ ପକ୍ଷରୁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଛି। ୨୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା ମୁଖ୍ୟ ଅତିଥି, ମୀନଗୁର ପଞ୍ଚାୟତ ସରପଞ୍ଚ ନିହାରିକା ବେହେରା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରେସ୍‌କ୍ଲବ କର୍ମକର୍ତ୍ତା ମା' ମାଣିକେଶ୍ୱରୀଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କରିବା ସହ ପତାକା ଉତ୍ତୋଳନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ପଣ୍ଡିଗାଁ ପଞ୍ଚାୟତ ଓ ମଣ୍ଡଳ ପଞ୍ଚାୟତ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପଣ୍ଡିଗାଁ ଦଳ ବ୍ୟାଟିଂକରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ବିନିମୟରେ ୧୩୬ରନ ସଂଗ୍ରହ କରିଥିଲା। ଜବାବରେ ମଣ୍ଡଳ ପଞ୍ଚାୟତ ଦଳ ସମାନ ଓଭରରେ ୨ ଉଇକେଟ ହରାଇ ୧୦୨ରନ କରି ପରାଜିତ ହୋଇଥିଲା।

# ସିଏମ୍ ଟ୍ରଫି ଖୋ ଖୋ ପ୍ରତିଯୋଗିତା ଉଦ୍‌ଘାଟିତ

ନୂଆପଡ଼ା, ୧୫।୪ ( ମକାରୁ ବେମାଲ)



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଖେଳାଳିମାନେ।

ନୂଆପଡ଼ାରେ ସିଏମ୍ ଟ୍ରଫି ଅନ୍ତର୍ଗତ ଜିଲାସ୍ତରୀୟ ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ବିଭାଗରେ ଖୋ ଖୋ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସକାଳ ୯ଟାରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖୋ ଖୋ କୋର୍ଟରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ବାଳକ ବିଭାଗରେ ୧୦ ଓ ବାଳିକା ବିଭାଗରେ ୬ ଦଳ ଅଂଶଗ୍ରହଣ କରିଥିଲେ। ଜିଲାପାଳ ମଧୁସୂଦନ ଦାସ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନକରି ଏହି ପ୍ରତିଯୋଗିତା ରାଜ୍ୟର କ୍ରୀଡ଼ା ପ୍ରତିଭାକୁ ଆଗକୁ ଆଣିବାରେ ସହାୟକ ହେବ ବୋଲି କହିଥିଲେ। ଜିଲା ଫୁଟ୍‌ବଲ ସଂଘ ସମ୍ପାଦକ ସରୋଜ କୁମାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଜିଲାରେ କ୍ରୀଡ଼ା କ୍ଷେତ୍ରରେ ହେଉଥିବା ଉନ୍ନତି ଓ ଖେଳାଳିମାନଙ୍କ ପାରଦର୍ଶିତା ବିଷୟରେ ଆଲୋକପାତ କରିଥିଲେ। ବାଳକ ବିଭାଗରେ ୬ଟି ମ୍ୟାଚ ହୋଇଥିବାବେଳେ ବାଳିକା ବିଭାଗରେ ସଂଘର୍ଷପୂର୍ଣ୍ଣ ଖେଳ ଦେଖିବାକୁ ମିଳିଥିଲା। ଅଭିଜ୍ଞ ଖେଳ ଶିକ୍ଷକ ଓ ରେଫରିଙ୍କ ଦ୍ୱାରା ସମସ୍ତ ମ୍ୟାଚ ପରିଚାଳନା କରାଯାଇଥିଲା। ଉଭୟ ବିଭାଗରୁ ଶ୍ରେଷ୍ଠ ଖେଳାଳିଙ୍କୁ ଚୟନକରି ଜିଲା ଦଳ ଗଠନ କରାଯିବ ଏବଂ ସେମାନେ ଆଗାମୀ ଦିନରେ ଜୋନାଲ ସ୍ତରରେ ଜିଲାକୁ ପ୍ରତିନିଧିତ୍ୱ କରିବେ ବୋଲି ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ ସୂଚନା ଦେଇଛନ୍ତି।

# ଉଠା ଜଳସେଚନ ବିଭାଗ କାର୍ଯ୍ୟାଳୟ ଘେରାଉ

ନୂଆପଡ଼ା, ୧୫।୪ (ମକାରୁ ବେମାଲ)



ଚାଷୀମାନେ ଉଠାଜଳସେଚନ ବିଭାଗ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

## ଗଭୀର ନଳକୂପକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ

ଉଠାଜଳସେଚନ ବିଭାଗ ନୂଆପଡ଼ା ପକ୍ଷରୁ ଗଭୀର ନଳକୂପ ଖନନ କରାଯାଇ ୫ବର୍ଷ ବିତିଯାଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଏହାର ପ୍ରତିବାଦରେ ବୁଧବାର ଚାଷୀ ନେତା ରବି ମଙ୍ଗରାଜଙ୍କ ନେତୃତ୍ୱରେ ନୂଆପଡ଼ା, କୋମନା ଓ ବୋଡେନ ବ୍ଲକର ଶତାଧିକ ଚାଷୀ ବିଭାଗ କାର୍ଯ୍ୟାଳୟ ଘେରାଉ କରିଥିଲେ।

ସୂଚନା ଅନୁଯାୟୀ, ଜିଲାର ବିଭିନ୍ନ ବ୍ଲକର ଚାଷୀମାନେ ଜମିରେ ଜଳସେଚନ ସୁବିଧା ପାଇଁ ଉଠା ଜଳସେଚନ ବିଭାଗ ଜରିଆରେ ୨୦୨୦-୨୧ରେ ଗଭୀର ନଳକୂପ ଖନନ କରିଛନ୍ତି। ହେଲେ ୫ ବର୍ଷ ବିତିଯାଇଥିଲେ ବି ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ତେଣୁ ଚାଷୀମାନେ ଗଭୀର ନଳକୂପର ଲାଭ ଉଠାଇ ପାରୁନାହାନ୍ତି। ସେମାନେ ବାରମ୍ବାର କାର୍ଯ୍ୟାଳୟକୁ ଦୌଡି ନୟାନ୍ତ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସୂଚନାଯୋଗ୍ୟ ଗତ ୧୦ ତାରିଖରେ ଜିଲାପାଳ ଉଠା ଜଳସେଚନ ବିଭାଗର ସମୀକ୍ଷା ବୈଠକ କରିଥିଲେ। ଉକ୍ତ ବୈଠକରେ ଉଠା ଜଳସେଚନ ବିଭାଗ ୯ ମାସରେ ୧ ହଜାର ସୋଲାର ଗଭୀର ନଳକୂପ କାର୍ଯ୍ୟକ୍ଷମ କରି ୫ ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେଇଥିବା ଉଲ୍ଲେଖ କରିଥିଲା। ଯଦି ଜିଲାରେ ୨୦୨୦-୨୧ରୁ ଚାଷୀଙ୍କ ଜମିକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ ତେବେ ୧ ହଜାର ସୋଲାର ବୋରୱେଲ କେଉଁଠି ଲାଗିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଳସେଚନ କେଉଁଠି କରାଗଲା, କାଗଜ କଲମରେ ନା ଚାଷୀଙ୍କ ଜମିରେ ବୋଲି ଚାଷୀମାନେ ସହକାରୀ ଯନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ସହକାରୀ ଯନ୍ତ୍ରୀ ମାନସ ରଞ୍ଜନ ବୁଢ଼ା ୨ ଦିନ ସମୟ ମାଗିଥିବାବେଳେ ଚାଷୀମାନେ ୭ ଦିନ ସମୟ ଦେଇଛନ୍ତି। ଆସନ୍ତା ୨୧ ସୁଦ୍ଧା ବିଦ୍ୟୁତ୍ ସଂଯୋଗ ନ ହେଲେ ୨୨ରେ ଆନ୍ଦୋଳନ ହେବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏହି ଘେରାଉରେ ଚାଷୀ ନେତା ମଙ୍ଗରାଜଙ୍କ ସହ ସିଆଲଟି ପୂର୍ବତନ ସରପଞ୍ଚ ରୁଦ୍ରସିଂ ମାଝି, ଯୋଗେନ୍ଦ୍ର ମାଝି, ଗମ୍ଭୀର ମାଝି, ମନୋଜ ମାଝି, ଉପେନ୍ଦ୍ର ମାଝି, ଯୋଗେନ୍ଦ୍ର ଶଗରିଆ, ନରେଶ ନାଏକଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।



କଟକ ସିଡିଏସ୍ଥିତ ଡିଏଭି ସ୍କୁଲ୍‌ର ଛାତ୍ରୀଛାତ୍ରମାନେ ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାରେ ସଫଳତା ପରେ ନାଚି ଖୁସି ମନାଉଛନ୍ତି।

## ସିବିଏସ୍‌ଇ ଦଶମ ବୋର୍ଡ ରେଜଲ୍ଟ

# ସୁନ୍ଦର ଭବିଷ୍ୟତ ପାଇଁ ସ୍ୱପ୍ନ...

ପ୍ରକାଶ ପାଇଛି ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷା ଫଳ। ଆଶାନୁରୂପ ଫଳ ପାଇ ଅନେକ ଛାତ୍ରୀଛାତ୍ର ଖୁସି ମନାଉଥିବାବେଳେ କେହି କେହି ଆହୁରି ଅଧିକ ନମ୍ବର ପାଇବାକୁ ଆଶା କରିଥିବା ପ୍ରକାଶ କରିଛନ୍ତି। ବିଶେଷକରି ଦଶମ ବୋର୍ଡ ପରୀକ୍ଷା ଫଳ ଶିକ୍ଷା କ୍ୟାରିୟରରେ ବିଶେଷ ଗୁରୁତ୍ୱ ବହନ କରୁଥିବାରୁ ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୂଆ ଉନ୍ମାଦନା ସୃଷ୍ଟି କରିଛି। ଏଥିସହିତ ପିଲାମାନେ ନିଜର ସୁନ୍ଦର ଭବିଷ୍ୟତ ଗଢ଼ିବା ପାଇଁ ସ୍ୱପ୍ନ ଦେଖିବା ଆରମ୍ଭ କରିଛନ୍ତି।

### ସ୍କୁଲ ଟପ୍ପର ହୋଇଥିବାରୁ ବହୁତ ଖୁସି



ଦଶମ ବୋର୍ଡର ଫଳାଫଳ ପାଇଁ ମନରେ ଉତ୍ସୁକତା ରହିଥିଲା। ୯୯.୬% ମାର୍କ ରଖି ସ୍କୁଲ ଟପ୍ପର ହୋଇଥିବାରୁ ମୁଁ ବହୁତ ଖୁସି। ପ୍ରତିଦିନ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ଏନ୍‌ସିଇଆର୍‌ଟି ବହି ଅନୁସରଣ କରିବା ସହିତ ରେଫରେନ୍ସ ବହି ମଧ କିଛି ମାତ୍ରାରେ ଅନୁସରଣ କରୁଥିଲି। ସ୍କୁଲ ତରଫରୁ ଶିକ୍ଷକମାନେ ସ୍ୱତନ୍ତ୍ର ଭାବେ ଯତ୍ନ ନେଉଥିଲେ। ମୋର ଏ ସଫଳତାରେ ଶିକ୍ଷକ ଓ ମୋର ପରିବାରର ସଦସ୍ୟଙ୍କୁ ଧନ୍ୟବାଦ ଦେଉଛି।

- ଏସ୍‌ଡି ପ୍ରିୟାଂଶୁ ପ୍ରୀତୀଶ୍ ଦାସ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର

### ପରିଶ୍ରମ ଅନୁଯାୟୀ ଫଳ ମିଳିଛି



ପରିଶ୍ରମ ଅନୁଯାୟୀ ଆଶାନୁରୂପକ ୯୮.୦୪% ଫଳ ମଳିଛି। ତେବେ ଆହୁରି ଆଶା ଥିଲା। ଏହି ସଫଳତାରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କ ବିଶେଷ ଭୂମିକା ରହିଛି। ଏନ୍‌ସିଇଆର୍‌ଟି ବହି ସହ ଅନ୍ୟ ରେଫରେନ୍ସ ବହି ଅଧ୍ୟୟନ କରିବା ମୋତେ ଅଧିକ ସଫଳତା ଦେଇଛି।

- ଅଂଶିକା ମିଶ୍ର, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର

### ସ୍କୁଲ ଓ ଟ୍ୟୁଶନରେ ଡାଉଟ୍ କ୍ଲିୟର ହେଉଥିଲା



ପ୍ରତିଦିନ ୪ରୁ ୫ ଘଣ୍ଟା ପାଠପଢୁଥିଲି। ପରୀକ୍ଷାରେ ଭଲ ମାର୍କ ରହିବ ବୋଲି ଆଶାଥିଲା। ପରୀକ୍ଷାରେ ୪୯୯ ମାର୍କ ରଖିଛି। ସ୍କୁଲ ଓ ଟ୍ୟୁଶନରେ ନିଜର ଡାଉଟ କ୍ଲିୟର କରିପାରୁଥିବାରୁ ପାଠପଢ଼ିବା ସହଜ ଲାଗୁଥିଲା। ଆଗକୁ କ'ଣ ପଢ଼ିବି ସେଥିପାଇଁ ଏବେ କିଛି ଯୋଜନା କରିନାହିଁ। ପ୍ରତିଦିନ ପଢୁଥିବାରୁ ପରୀକ୍ଷା ପାଇଁ ସେମିତି ଅଧିକ କଷ୍ଟ କରିବାକୁ ପଡ଼ି ନ ଥିଲା।

- କଳ୍ପିତା ସାବତ, ବିଜେଇଏମ୍ ସ୍କୁଲ, ଭୁବନେଶ୍ୱର

### ବୋର୍ଡ ପରୀକ୍ଷା ପାଇଁ ଟିକେ ନର୍ଭସ ଥିଲି



ମୁଁ ପରୀକ୍ଷାରେ ୪୯୭ ନମ୍ବର ରଖିଛି। ବୋର୍ଡ ପରୀକ୍ଷା ପାଇଁ ମୁଁ ଟିକେ ନର୍ଭସ ଥିଲି। ୯୯ ପ୍ରତିଶତରୁ ଅଧିକ ରଖିବି ବୋଲି ଆଶା ରହିଥିଲା। ସବୁଦିନ ଘରେ ୩ଘଣ୍ଟାରୁ ଅଧିକ ସମୟ ପଢୁଥିଲି। ହେଲେ ପରୀକ୍ଷା ସମୟରେ ଅଧିକ ସମୟ ଦେବାକୁ ପଡୁଥିଲା। ମୋର ପରୀକ୍ଷା ପ୍ରସ୍ତୁତି ପାଇଁ ମୁଁ ଏନ୍‌ସିଇଆର୍‌ଟି ବହି ପଢୁଥିଲି।

- କୋଏଲ ରାଉତରାୟ, ବିଜେଇଏମ୍ ସ୍କୁଲ, ଭୁବନେଶ୍ୱର

### ସଫଳତା ପାଇଁ କୌଣସି ଶର୍ଟକଟ୍ ମାଧମ ନାହିଁ



ଦଶମ ଶ୍ରେଣୀରେ ୯୯% ମାର୍କ ମୋ ପାଇଁ କେବଳ ଏକ ସଂଖ୍ୟା ନୁହେଁ, ବରଂ ଏହା ମୋର ନିରନ୍ତର ପ୍ରଚେଷ୍ଟା ଓ ଶୃଙ୍ଖଳିତ ଜୀବନଶୈଳୀର ପ୍ରତିଫଳନ। ସଫଳତା ପାଇଁ କୌଣସି ଶର୍ଟକଟ୍ ମାଧମ ନାହିଁ। ସମୟ ପରିଚାଳନା ପାଇଁ ମୁଁ ପୂର୍ବ ବର୍ଷର ପ୍ରଶ୍ନପତ୍ରଗୁଡ଼ିକୁ ବାରମ୍ବାର ଅଭ୍ୟାସ କରିଥିଲି। ଲକ୍ଷ୍ୟ ସ୍ଥିର ରଖି ନିଜ ଉପରେ ଭରସା କଲେ ହିଁ ଯେକୌଣସି ଶିଖରରେ ପହଞ୍ଚିବା ସମ୍ଭବ। ଏହି ସଫଳତା ପାଇଁ ମୁଁ ମୋର ମାତାପିତା ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ନିକଟରେ କୃତଜ୍ଞ।

- ଶୁଭକାନ୍ତ ଶୁକ୍ଲା, ପ୍ରଭୁଜୀ ଇଂରାଜୀ ମାଧମିକ ସ୍କୁଲ, ଭୁବନେଶ୍ୱର

### ଆଇଆଇଟି ପଢ଼ି ଇଞ୍ଜିନିୟର ହେବି



ଆମ ବିଦ୍ୟାଳୟରେ ମୁଁ ସର୍ବୋଚ୍ଚ ୯୯.୬% ମାର୍କ ରଖି ପ୍ରଥମ ସ୍ଥାନରେ ଥିବାରୁ ବହୁତ ଖୁସି। ଭବିଷ୍ୟତରେ ଆଇଆଇଟି ପାଠ ପଢ଼ି ଜଣେ ଦକ୍ଷ ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଛି। ଦିନକୁ ୧୦ରୁ ୧୨ ଘଣ୍ଟା ପଢୁଥିଲି। ମୋର ପରିଶ୍ରମ ସାଙ୍ଗକୁ ଗୁରୁଜନ, ମାତାପିତା ଓ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଆଶୀର୍ବାଦ ପାଇଁ ମୋତେ ଏହି ସଫଳତା ମିଳିଛି।

- ପାର୍ଥ ପ୍ରୀତମ୍ ପତି, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ନୟାବଜାର, କଟକ

### ଡାକ୍ତର ହୋଇ ରୋଗୀସେବା କରିବି



୧୦୦% ମାର୍କ ରଖିବି ବୋଲି ଭାବିଥିଲି। ତେବେ ୯୯.୬% ରଖି ଆମ ବିଦ୍ୟାଳୟରେ ମୁଁ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଖୁସି ଅଛି। ଭବିଷ୍ୟତରେ ଡାକ୍ତରୀ ପାଠ ପଢ଼ି ଜଣେ ଭଲ ଡାକ୍ତର ହୋଇ ରୋଗୀସେବା କରିବି। ଏଥିପାଇଁ ନିଟ୍ ପ୍ରବେଶିକା ପରୀକ୍ଷା ଦେବାକୁ ପ୍ରସ୍ତୁତି ଆରମ୍ଭ କରିଛି। ଥରକରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବି ବୋଲି ଚେଷ୍ଟା କରୁଛି।

- ଜିଜ୍ଞାସା ଜିଗିଶା ବେହେରା, ଡିଏଭି ପବ୍ଲିକ୍ ସ୍କୁଲ, ସିଡିଏ ସେକ୍ଟର-୬, କଟକ

# ଲାଇଟ୍ସ ଆଉଟ୍

କଳ୍ପନା କରନ୍ତୁ, ଏକ ସିନେମା ହଲ୍‌ର ବନ୍ଦ କୋଠରି। ପରଦାରେ କାହାଣୀ ଜୀବନ୍ତ ହେଉଛି, ପ୍ରୋଜେକ୍ଟରର ଚକ୍ର ଘୂରୁଛି ଏବଂ ଦର୍ଶକ ସେଥିରେ ହଜିଯାଇଛନ୍ତି। କିନ୍ତୁ ହଠାତ୍ କୌଣସି ପୂର୍ବ ସୂଚନା ନ ଥାଇ ସବୁକିଛି ଅନ୍ଧକାର ହୋଇଯାଉଛି। ଏହି ଅନ୍ଧକାର ସିନେମାର ବିଫଳତା ପାଇଁ ନୁହେଁ। ସିନେମା ଯେତେବେଳେ ସେହି ସତ୍ୟକୁ ଦର୍ଶକଙ୍କ ସାମ୍ନାରେ ଉନ୍ମୋଚିତ କରିଦିଏ, ଯାହାକୁ ଦେଖିବା ବୋଧହୁଏ ସମାଜ କିମ୍ବା ଶାସନ ପାଇଁ ନିଷେଧ ଥିଲା, ସେତେବେଳେ ଏହି ଆଲୋକକୁ ଜୋରଜବରଦସ୍ତ ଲିଭାଇ ଦିଆଯାଏ।

ଇତିହାସର ପୃଷ୍ଠାରେ ଏମିତି ଅନେକ ଥର ଘଟିଛି ଏବଂ ଆଜି ବି ଏହା ଜାରି ରହିଛି।

୧୯୭୫ ମସିହାରେ ଗୁଲଜାରଙ୍କ 'ଆନ୍ଧି' ଚଳଚ୍ଚିତ୍ରରେ ଏକ ଅତି ସ୍ୱଳ୍ପ ତଥା ଗଭୀର ଦୃଶ୍ୟ ଥିଲା। ନିର୍ବାଚନ ପ୍ରଚାରର କୋଳାହଳ ଭିତରେ ରାଜନେତ୍ରୀ ଆରତୀ ଦେବୀ (ସୁଚିତ୍ରା ସେନ୍) ହଠାତ୍ ନିଜର ପୁରୁଣା କେୟାରଟେକରଙ୍କୁ ଦେଖିବାକୁ ପାଆନ୍ତି। ସେହି ମୁହୂର୍ତ୍ତରେ ତାଙ୍କ ଆଖିରେ ଏକ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଦୁନିଆର ଭାବପ୍ରବଣତା ଖେଳିଯାଏ। ଜଣେ ମହିଳାଙ୍କ ରାଜନୈତିକ ମହତ୍ତ୍ୱାକାଂକ୍ଷା ଏବଂ ନିଜର ସରଳ ଅତୀତ ପ୍ରତି ଥିବା ଦୁର୍ବଳତା ମଧ୍ୟରେ ଥିବା ଏହି ଦ୍ୱନ୍ଦ୍ୱ ହିଁ ସେତେବେଳେ ଶାସକ ଗୋଷ୍ଠୀକୁ 'ବିପଜ୍ଜନକ' ମନେ ହୋଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସହ ସାମଞ୍ଜସ୍ୟ ଏବଂ ଜରୁରିକାଳୀନ ପରିସ୍ଥିତିର ପରିବେଶ ଏହି ଚଳଚ୍ଚିତ୍ରକୁ ପରଦାରୁ ହଟାଇବା ପାଇଁ ବାଧ୍ୟ କରିଥିଲା। ଆଜି 'ଆନ୍ଧି' ଏକ କ୍ଲାସିକ, କିନ୍ତୁ ସେତେବେଳେ ଏହା ଥିଲା ଏକ 'ସମସ୍ୟା'।

ପ୍ରାୟ ଚାରି ଦଶନ୍ଧି ପରେ, କମଲ ହାସନଙ୍କ 'ବିଶ୍ୱରୂପମ୍' ଏକ ଭିନ୍ନ ବିରୋଧର ସମ୍ମୁଖୀନ ହେଲା। ଚଳଚ୍ଚିତ୍ରର ପ୍ରଥମ ଭାଗରେ ଜଣେ କୋମଳମତି କଥକ ନୃତ୍ୟ ଶିକ୍ଷକ ମୁଖା ପିନ୍ଧିଥିବା ନାୟକ ଯେତେବେଳେ ହଠାତ୍ ନିଜର ପ୍ରକୃତ ପରିଚୟ ଉନ୍ମୋଚନ କଲେ, ସେତେବେଳେ ଦର୍ଶକ ସ୍ତବ୍ଧ ହୋଇଯାଇଥିଲେ। ସିନେମାର ମୂଳ ମନ୍ତ୍ର ଥିଲା ଯେ ମଣିଷ ଯେମିତି ଦେଖାଯାଏ, ସେ ପ୍ରକୃତରେ ସେମିତି ନୁହେଁ। କିନ୍ତୁ ଏହି ସତ୍ୟକୁ ଗ୍ରହଣ କରିବା ପରିବର୍ତ୍ତେ, ସେନ୍‌ସର ବୋର୍ଡର ଅନୁମତି ସତ୍ତ୍ୱେ କେବଳ 'ଆଶଙ୍କା' ଓ 'ଆଇନ ଶୃଙ୍ଖଳା' ନାମରେ ଏହାର ପ୍ରଦର୍ଶନକୁ ରୋକି ଦିଆଗଲା। ଏଠାରେ ବିଡ଼ମ୍ବନା ହେଉଛି ଯେଉଁ ସିନେମା 'ଭୁଲ୍ ଧାରଣା' ବିରୋଧରେ କହୁଥିଲା, ସେ ନିଜେ ହିଁ ସାମାଜିକ ଭୁଲ୍ ଧାରଣାର ବଳି ପଡ଼ିଗଲା।

ସବୁଠାରୁ ଆଶ୍ଚର୍ଯ୍ୟଜନକ ଚିତ୍ର ହେଉଛି 'ହିନ୍ଦ ରଜବ'ର ମାମଲା। ୨୦୨୪ର ଗାଜା ଆକ୍ରମଣରେ ଜଣେ ୬ ବର୍ଷୀୟା ଶିଶୁକନ୍ୟାଙ୍କ ମୃତ୍ୟୁକୁ ନେଇ ପ୍ରସ୍ତୁତ ଏହି ଡକ୍ୟୁମେଣ୍ଟାରିକୁ ୨୦୨୫ ମସିହାରେ କୌଣସି ଠୋସ୍ ଆଇନଗତ କାରଣ ନ ଥାଇ ସେନ୍‌ସର ବୋର୍ଡ ପ୍ରତ୍ୟାଖ୍ୟାନ କରିଦେଲା। ଯେଉଁଠି 'ଆନ୍ଧି' ପାଇଁ ଜରୁରିକାଳୀନ ପରିସ୍ଥିତି ବାଧା ସୃଷ୍ଟି କରିଥିଲା, ସେଠାରେ ଏହି ସିନେମା ପାଇଁ କୌଣସି ଢାଞ୍ଚାର ଆବଶ୍ୟକତା ମଧ୍ୟ ଅନୁଭବ କରାଗଲା ନାହିଁ।



**ଦର୍ଶିମ ସକ୍ସେନା**

ଲେଖିକା ସିନେମା ଓ ସଂସ୍କୃତି ଉପରେ ଲେଖାଲେଖି କରନ୍ତି। ସେ ସେକେଣ୍ଡ ସିଟ୍ ନାମକ ଏକ ପ୍ଲାଟ୍‌ଫର୍ମର ପ୍ରତିଷ୍ଠାତା। ଏହି ପୋଡ୍‌କାଷ୍ଟ ମଞ୍ଚ ଉଭୟ ନିର୍ମାତା ଓ ଦର୍ଶକଙ୍କ ପ୍ରତି ଉତ୍ସର୍ଗୀକୃତ।

ଏହି ତିନୋଟି ଚଳଚ୍ଚିତ୍ର ଓ ତିନୋଟି ଭିନ୍ନ ସମୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉପରେ ରେଖାଙ୍କିତ କରିଥାଏ: ସିନେମା କାହାକୁ ଆଘାତ ଦେଉଛି? ଭାରତରେ ସେନ୍‌ସରଶିପ୍ କେବଳ ଏକ ପ୍ରମାଣପତ୍ର ନୁହେଁ, ବରଂ ଏହା ରାଜନୈତିକ, ସାମ୍ପ୍ରଦାୟିକ ଏବଂ କୂଟନୈତିକ ଭୟର ଏକ ମିଶ୍ରଣ। ଆମ ଦେଶରେ କ'ଣ ପବିତ୍ର, କ'ଣ ସମ୍ବେଦନଶୀଳ ଆଉ କ'ଣ ଅତ୍ୟଧିକ ବାସ୍ତବ ଏହି ସୂକ୍ଷ୍ମ ରେଖା ହିଁ ସିନେମାର ଭବିଷ୍ୟତ ନିର୍ଦ୍ଧାରଣ କରେ।

ଭାରତୀୟ ସିନେମା ସବୁବେଳେ ଏହି ସୀମାଗୁଡ଼ିକୁ ଅତିକ୍ରମ କରି ନିଜ ସତ୍ତା ବ୍ୟକ୍ତ କରିଛି। ଏହା ମନେରଖିବାକୁ ହେବ ଯେ ସିନେମା ଶୂନ୍ୟରେ ରହେ ନାହିଁ; ଏହାର ପ୍ରତ୍ୟେକ ଦୃଶ୍ୟ ସମାଜର କୌଣସି ନା କୌଣସି କୋଣରୁ ଜନ୍ମ ନିଏ। ପରଦା ଓ ପରିପ୍ରେକ୍ଷୀ ମଧ୍ୟରେ ରହିଥିବା ଏହି ଦ୍ୱନ୍ଦ୍ୱ ଏକପ୍ରକାର ଅନ୍ତଃହୀନ।

ହଲ୍‌ରେ ଲାଇଟ ଲିଭିଯାଇପାରେ, କିନ୍ତୁ ବିଚାରର ପ୍ରୋଜେକ୍ଟର ସବୁବେଳେ ଘୂରୁଥାଏ।

# ତାଳଚେରରେ ଧସିଲା ରାସ୍ତା, ୫ ଫୁଟ ଗଭୀର ଗର୍ତ୍ତ

ତାଳଚେର,୧୫।୪(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରରେ ପୁଣି ଧସିଛି ମାଟି। ରାସ୍ତା ଦବି ସୃଷ୍ଟି ହୋଇଛି ୫ ଫୁଟ ଗଭୀର ଗର୍ତ୍ତ। ଡେରା ପେଟ୍ରୋଲ ପମ୍ପ ନିକଟ ହାଣ୍ଡିଧୁଆଁ-ବଳଣ୍ଡା ରାସ୍ତାରେ ବୁଧବାର ସକାଳୁ ୨ ଫୁଟ ଓସାରର ଏହି ଗର୍ତ୍ତ ଦେଖିବାକୁ ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ଏମ୍‌ସିଏଲ୍ ପକ୍ଷରୁ କୋଇଲା ଖନନ ପରେ ଭୂତଳ ଖଣିଗୁଡ଼ିକରେ ଠିକ୍ ଭାବେ ବାଲି ଫିଲିଂ କରାଯାଇ ନ ଥିବାରୁ ଏଭଳି ଘଟଣା ବାରମ୍ବାର ଘଟୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ତାଳଚେର ସହର ହାଣ୍ଡିଧୁଆଁ-ବଳଣ୍ଡା ମୁଖ୍ୟ ରାସ୍ତାରେ ଏହି ଗର୍ତ୍ତ ସୃଷ୍ଟି ହୋଇଥିବା ସକାଳୁ ଦେଖାଯାଇଥିଲା। ଏହାପରେ ଉକ୍ତ ରାସ୍ତା ଦେଇ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଯାତାୟାତ କରୁଥିବା ଗାଡ଼ିଗୁଡ଼ିକ ଉକ୍ତ ଗର୍ତ୍ତ ନିକଟରେ ଅତି ଧୀର ଗତିରେ ଯାଉଥିବାବେଳେ ଅଞ୍ଚଳବାସୀ ପହଞ୍ଚି ଏମ୍‌ସିଏଲ୍ ଉପରେ ଦୋଷ ଲଦିଥିଲେ। ନିକଟ ଅତୀତରେ ହାଣ୍ଡିଧୁଆଁ ଗାଁ ନିକଟ ଏକ

### ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ

ଜମି ଧସି ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଅଞ୍ଚଳବାସୀଙ୍କ ଭବିଷ୍ୟତ ସୁରକ୍ଷିତ ନୁହେଁ ବୋଲି ଅଭିଯୋଗ କରିଥିଲେ। ଭୂତଳ ଖଣିରୁ କୋଇଲା କାଢ଼ି ନିଆଯାଇଥିଲେ ମଧ ସେଥିରେ ଆବଶ୍ୟକ ପାଣିମାଣର ବାଲି ଫିଲିଂ କରାଯାଇ ନ ଥିବାରୁ ତାଳଚେରରେ ଏପରି ଘଟଣା ନିୟମିତ ଦେଖିବାକୁ ମିଳୁଥିବା ଅଞ୍ଚଳବାସୀ କହିଥିଲେ। ତେବେ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଥିବା ସମ୍ପର୍କରେ ଖବରପାଇ ଏମ୍‌ସିଏଲ୍ କର୍ମଚାରୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏକ କଲଭର୍ଟ ପାଖରେ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଏହା ଭୂତଳ କୋଇଲା ଖଣି ପାଇଁ ହୋଇ ନ ଥିବା ଏମ୍‌ସିଏଲ୍ କର୍ତ୍ତୃପକ୍ଷ ସୂଚନା ଦେବା ସହ ଗର୍ତ୍ତରେ ବାଲି ଓ ମାଟି ଭର୍ତ୍ତିକରି ରାସ୍ତା ମରାମତି କରିଥିଲେ। ଖଣି କର୍ତ୍ତୃପକ୍ଷ, ଖଣି ସୁରକ୍ଷା ବିଭାଗ ଓ ପ୍ରଶାସନର ଅବହେଳା ଯୋଗୁ ତାଳଚେରରେ ବାରମ୍ବାର ମାଟି ଦବି ଗର୍ତ୍ତ ସୃଷ୍ଟି ହେଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।



ତାଳଚେର ହାଣ୍ଡିଧୁଆଁ-ବଳଣ୍ଡା ମୁଖ୍ୟ ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତ।

# ବାହାରକୁ ଆଉ ଛଡ଼ାଯିବନି ଶିଳ୍ପ ବର୍ଜ୍ୟଜଳ

## ସବୁ ଜିଲାପାଳଙ୍କୁ ଜଳ ସମ୍ପଦ ବିଭାଗର କଡ଼ା ନିର୍ଦ୍ଦେଶ

ଯାଜପୁର,୧୫।୪(ହର୍ଷବର୍ଦ୍ଧନ ବେହେରା)

ଜଳ ସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନ, ବାଣିଜ୍ୟିକ ସଂସ୍ଥା ଏବଂ ଅନ୍ୟ ସଂଗଠନଗୁଡ଼ିକୁ ବାହାରକୁ ଶୂନ୍ୟ ବର୍ଜ୍ୟପାଣି ନିର୍ଗତ ତଥା ଜିରୋ ଏଫ୍ଲୁଏଣ୍ଟ ଡିସଚାର୍ଜ(ଜେଡ୍‌ଏଲ୍‌ଡି) ନୀତି ପାଳନ ସର୍ତ୍ତରେ ବିଭିନ୍ନ ନଦୀନାଳରୁ ଜଳଯୋଗାଣ ହେଉଛି। କିନ୍ତୁ ଯାଜପୁର ଜିଲାର ଅଧିକାଂଶ ଖଣି ଓ ଶିଳ୍ପ କମ୍ପାନୀଗୁଡ଼ିକ ନଦୀନାଳରୁ ଜଳନେଇ ବାହାରକୁ ବର୍ଜ୍ୟଜଳ ଛାଡୁଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି। ଫଳରେ ଜିଲାର ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା ଆଦି ନଦୀଗୁଡ଼ିକର ପାଣି ବ୍ୟବହାର ଅନୁପଯୋଗୀ ହେଉଛି। ଏପରିକି ଭୂତଳ ଜଳରେ ମଧ କ୍ରୋମିୟମ ଅଂଶ ବହୁ ଗୁଣ ଅଧିକ ରହୁଥିବା ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ(ସିଜିଡବ୍ଲୁବି)ର ତଦନ୍ତ ରିପୋର୍ଟରେ ସ୍ପଷ୍ଟ ହୋଇଛି। ତେଣୁ ପରବର୍ତ୍ତୀ ସମୟରେ କୌଣସି ଶିଳ୍ପ ସଂସ୍ଥା ଆଉ ବାହାରକୁ ବର୍ଜ୍ୟଜଳ ନ ଛାଡ଼ିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଇଞ୍ଜିନିୟର-ଇନ୍-ଚିଫ୍ ଲିଙ୍ଗରାଜ ଗୌଡ଼ ସମସ୍ତ ଜିଲାପାଳଙ୍କୁ ୭।୪।୨୦୨୬ରେ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି।

ଯାଜପୁର ଜିଲାର ସୁକିନ୍ଦା ଖଣି ଓ କଳିଙ୍ଗନଗର ଶିଳ୍ପାଞ୍ଚଳରେ ରହିଥିବା କେତେକ ସଂସ୍ଥା ପରିବେଶ ପ୍ରଦୂଷଣର ସମସ୍ତ ସୀମା ଲଂଘୁଛନ୍ତି। ଖଣି ଓ କାରଖାନା ପରିସରରୁ ବାହାରକୁ ବର୍ଜ୍ୟପାଣି ନିର୍ଗତ ହୋଇ ଲୋକଙ୍କ ସ୍ୱାସ୍ଥ୍ୟ ଓ କୃଷିକ୍ଷେତ୍ରକୁ ପ୍ରଭାବିତ କରୁଛି ବୋଲି ବହୁଥର ନ୍ୟାଶନାଲ ଗ୍ରୀନ



ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ଅଭିଯୋଗ ହୋଇଛି। କାରଖାନା ଓ ଖଣି ପରିସରରେ କ୍ରୋମ, ଆଇରନ, କୋଇଲାଗୁଣ୍ଡ ଓ ବିଭିନ୍ନ ତୈଳଜାତ ପଦାର୍ଥର ମିଶ୍ରିତ ପାଣି ବାହାରକୁ ନିର୍ଗତ ହେଉଛି। କାରଖାନା ପ୍ରତିଷ୍ଠା ସମୟରେ ବାହାରକୁ ମୁନ୍ଦାଏ ବି ପାଣି ନ ଛାଡ଼ିବାକୁ ସର୍ତ୍ତ ରଖାଯାଉଥିଲେ ହେଁ ତାହା କାଗଜକଲମରେ ସୀମିତ ରହୁଛି। କେତେକ କାରଖାନାକୁ ଆସୁଥିବା ଲୌହସୌରୀ ପାଣି ଜନଜୀବନକୁ ବିପଦରେ ପକାଇଛି। ଏହି ପାଣିରୁ ବିଷାକ୍ତ ପ୍ରାଙ୍ଗାରମ୍ଳ ବା ଫେନଲ ଏବଂ ସାୟାନାଇଡ ରହିଥିବା ପୂର୍ବରୁ ହୋଇଥିବା ପରୀକ୍ଷା ରିପୋର୍ଟରେ ଜଣାପଡ଼ିଛି। ଏନେଇ ପୂର୍ବରୁ ଏକାଧିକ ବାର ଅଭିଯୋଗ ହୋଇଥିଲେ ହେଁ ଏହି ସମ୍ବେଦନଶୀଳ ଘଟଣାକୁ ଚାପି ଦେବାରେ କାରଖାନା କର୍ତ୍ତୃପକ୍ଷ ସକ୍ଷମ ହୋଇଛନ୍ତି। ଏହାସହ ଖଣି ଓ ଶିଳ୍ପ ପରିସରରୁ ପ୍ରଦୂଷିତ ବର୍ଷା ପାଣି ପରିଚାଳନା ବିଫଳ ହେଉଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ(ଇଟିପି) ବସାଇ ଶିଳ୍ପ ଓ ଖଣି ପରିସରସ୍ଥ ବିଷାକ୍ତ ବର୍ଜ୍ୟପାଣିକୁ ବିଶୋଧନ କରି ପୁଣି ତାକୁ ବ୍ୟବହାର କରିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ବିଡ଼ମ୍ବନା ଯେ, ଯାଜପୁର ଜିଲାର କେତେକ ଖଣି ଓ ଶିଳ୍ପ ସଂସ୍ଥା ସରକାରଙ୍କ କୌଣସି ନୀତିନିୟମକୁ ମାନୁନାହାନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ତାଗିଦ ସତ୍ତ୍ୱେ ଉକ୍ତ ବର୍ଜ୍ୟପାଣି ବାହାରକୁ ଛଡ଼ାଯାଉଥିବାରୁ ଜିଲାର ଡମଶାଳା, ଗଣ୍ଡନାଳା ସମେତ ବ୍ରାହ୍ମଣୀ ନଦୀ ଜହର ହେଉଛି। ସୁକିନ୍ଦା ଖଣି ଅଞ୍ଚଳରୁ ନିଷ୍କାସିତ ପାଣିରେ ବିଷାକ୍ତ କ୍ରୋମିୟମ ମିଶି ଅଧିକ ମାତ୍ରାରେ ବିପଦପୂର୍ଣ୍ଣ ହୋଇଛି। ଏହି ପାଣି ସିଧାସଳଖ ଖଣି ଅଞ୍ଚଳବାସୀଙ୍କ ଏକମାତ୍ର ଜୀବନରେଖା ଭାବେ ପରିଚିତ ଡମଶାଳା ନାଳାରେ ମିଶି ତାହା ବ୍ରାହ୍ମଣୀରେ ବହୁଛି। ୨୦୧୪ ଏପ୍ରିଲରେ ତୁରନ୍ତ ଖଣି ଅଞ୍ଚଳରୁ ବିଷାକ୍ତ ବର୍ଜ୍ୟପାଣି ନିଷ୍କାସନ ବନ୍ଦ କରିବାକୁ ହାଇକୋର୍ଟଙ୍କ ପକ୍ଷରୁ ରାୟ ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ୨୦୧୪ ଡିସେମ୍ବର ୧୭ରୁ ୧୯ ତାରିଖ ମଧ୍ୟରେ ହାଇକୋର୍ଟଙ୍କ ରାୟକୁ ଭିତ୍ତିକରି ଆଇବିଏମ, ଏସପିସିବି ଓ ଯାଜପୁରରୋଡ ଖଣି ଉପନିର୍ଦ୍ଦେଶକ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ ଯୁଗ୍ମ ତଦନ୍ତ କରାଯାଇଥିଲା। ତଦନ୍ତରେ ମାଇନ୍ସ ଦ୍ୱାରା ବହି ଯାଉଥିବା ବର୍ଷାପାଣିର ଉପଯୁକ୍ତ ପରିଚାଳନା ଆଦୌ ହେଉ ନ ଥିବା ଜଣାପଡିଥିଲା। ଏହାପରେ ଏସ୍‌ପିସିବି ପକ୍ଷରୁ ଆବଶ୍ୟକ ମେଶିନ ସଂସ୍ଥାପନ କରି ବର୍ଜ୍ୟପାଣି ବହିବା ବନ୍ଦ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଇତିମଧ୍ୟରେ ସମସ୍ତ କାର୍ଯ୍ୟକ୍ଷମ ଖଣିସଂସ୍ଥା ସେମାନଙ୍କ ଖଣି ପରିସରରେ ଆବଶ୍ୟକ ମେଶିନ ସଂସ୍ଥାପନ କରି ବହିଯାଉଥିବା ପାଣିକୁ ବିଶୋଧନ କରି ଡମଶାଳା ନାଳାରେ ଛାଡୁଥିବା ଦାବି କରାଯାଉଛି। କିନ୍ତୁ କେତେକ ଖଣି ସଂସ୍ଥା ଏହାକୁ ଭ୍ରୁକ୍ଷେପ ନ କରି ସଂସ୍ଥାପନ ହୋଇଥିବା ମେଶିନ ବାହାରେ ଖଣି ପରିସରର ବର୍ଜ୍ୟପାଣି ବାହାରକୁ ଛାଡୁଥିବା ଅଭିଯୋଗ ହେଉଛି। ସେହିପରି କଳିଙ୍ଗନଗର କେତେକ ଶିଳ୍ପ କାରଖାନାର ବିଷାକ୍ତ ପାଣି ପ୍ରତିବର୍ଷ ଚାଷଜମିରେ ମାଡୁଛି। ସେହି ପାଣି ପୁଣି ଗଣ୍ଡନାଳା ଦେଇ ପ୍ରବାହିତ ହୋଇ ଖରସ୍ରୋତା ଓ ବ୍ରାହ୍ମଣୀ ନଦୀ ଜଳକୁ ଜହର କରୁଛି। ଅଞ୍ଚଳବାସୀ ଏହାର ପ୍ରତିକାର ପାଇଁ ଜିଲା ପ୍ରଶାସନ ଓ ଏସ୍‌ପିସିବିର ଦୃଷ୍ଟି ଆକର୍ଷଣ କରୁଥିଲେ ବି କିଛି ସୁଫଳ ମିଳୁନାହିଁ। ବର୍ତ୍ତମାନ ଜଳ ସମ୍ପଦ ବିଭାଗର ଉପରୋକ୍ତ ତାଗିଦ ଯଦି ଠିକ ଭାବେ ପାଳନ କରାଯାଏ, ତେବେ ଜଳ ପ୍ରଦୂଷଣ ସମସ୍ୟା ଖଣି ଓ ଶିଳ୍ପାଞ୍ଚଳରେ ନିୟନ୍ତ୍ରଣ ହୋଇପାରିବ ବୋଲି ଅଞ୍ଚଳବାସୀ ଆଶା ପ୍ରକଟ କରିଛନ୍ତି।

# ରାସ୍ତା ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ।

**ଲାଠୋର,୧୫।୪(ଭୁବନେଶ୍ୱର ବାରିକ)**

ଖପ୍ରାଖୋଲ ବ୍ଲକର ଲାଠୋର ଚାଉଲଡ଼ିଆ ରାସ୍ତା ଉନ୍ନତୀକରଣ ପାଇଁ ବୁଧବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଲାଠୋର କଲେଜ ଛକ ଠାରୁ ଚାଉଲଡ଼ିଆ ଗ୍ରାମ ପର୍ଯ୍ୟନ୍ତ ୬ କିମି ୨ ଶହ ମିଟର ରାସ୍ତା ନିର୍ମାଣ କରାଯିବ। ରାଜ୍ୟ ଯୋଜନା ପାଣ୍ଠିରୁ ୯ କୋଟି ୮୭ ଲକ୍ଷ ୭୨ ହଜାର ୪୭୧ ଟଙ୍କା ବ୍ୟୟରେ ନିର୍ମାଣ କାର୍ଯ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ କରାଯିବ। ଏହି ଅବସରରେ ଏକ ସଭାର ଆୟୋଜନ ହୋଇଥିଲା। ସଭାରେ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ଲାଠୋର ଗ୍ରାମର ଘାସିରାମ ଅଗ୍ରୱାଲ, ପାଟଣାଗଡ଼ ଉପଜିଲାପାଳ ସୁନୀଲ କୁମାର ମେହେର, ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଏବଂ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନିହାର ରଞ୍ଜନ ନାଏକ, ଉପମୁଖ୍ୟମନ୍ତ୍ରୀଙ୍କ ଖପ୍ରାଖୋଲ ବ୍ଲକ ପ୍ରତିନିଧି ପଦ୍ମନ ସିଂ ବରିହା, ଏମ୍‌ପିଙ୍କ ପ୍ରତିନିଧି ସନ୍ତୋଷ ଭଇଁଷାଲ , ପ୍ରବୀଣ ଅଗ୍ରୱାଲ,କାଶୀନାଥ ମେହେର ଏବଂ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଅଭୟ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡ୍ରେନେଜ ବ୍ୟବସ୍ଥା ନାହିଁ,ରାସ୍ତାରେ ଆବର୍ଜନା ପାଣି

## ୨ ଗାଁର ମୁଖ୍ୟରାସ୍ତା ବିପର୍ଯ୍ୟସ୍ତ

**ଲୋଇସିଂହା,୧୫।୪(ସୁଶାନ୍ତ ବାରିକ)**

ଲୋଇସିଂହା ବ୍ଲକର ଯୋଗୀସର୍ଡା ଓ ବାଦିବାହାଲ ପଞ୍ଚାୟତ ସଦର ଗ୍ରାମରେ ଡ୍ରେନେଜ ବ୍ୟବସ୍ଥା ନାହିଁ । ଏଣୁ ବସ୍ତି ରାସ୍ତାରେ ଆବର୍ଜନା ପାଣି ବୋହୁଛି । ଅସ୍ୱାସ୍ଥ୍ୟକର ପରିବେଶରେ ଗ୍ରାମବାସୀ ଯାତାୟାତ କରୁଛନ୍ତି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଯୋଗୀସର୍ଡା ପଞ୍ଚାୟତ ପରିସରରେ ଥିବା ଓଭର ହେଡ ଟାଙ୍କିରୁ ନିୟମିତ ଭାବେ ସକାଳ ବେଳା ଯୋଗୀସର୍ଡା ବସ୍ତିକୁ ପାଇପ ଜଳ ଯୋଗାଣ ହୋଇଥାଏ । ଘରକୁ ଘର ପାଇପ ସଂଯୋଗ ଦିଆଯାଇଛି । ପାଇପ ସଂଯୋଗ ବସ୍ତି ରାସ୍ତା ପାର୍ଶ୍ୱରେ ରହିଛି । ଏଣୁ ଜଳଯୋଗାଣ ସମୟରେ ଗ୍ରାମବାସୀ ପାଣି ସଂଗ୍ରହ କରିଥାନ୍ତି । ଅନେକ ପାଇପ ସଂଯୋଗରେ ଟ୍ୟାପ ନାହିଁ । ଏଣୁ ଜଳ ଯୋଗାଣ ବେଳେ ଅଯଥାରେ ପାଣି ବୋହି ନଷ୍ଟ ହେଉଛି। ଏପରିକି ଜଳଯୋଗାଣ ସମୟରେ ଲୋକେ କପଡା ସଫା କରିବା ସହିତ ଆନ୍ୟାନ୍ୟ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି । ବସ୍ତିରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଜଳଯୋଗାଣ ପାଣି ରାସ୍ତା ମଝିରେ ବୋହୁଛି । ଏହାର ସୁଯୋଗ ନେଇ କେହି କେହି ନିଜ ଘରର ଆବର୍ଜନା ପାଣିକୁ ଛାଡି ଦେଇଥାନ୍ତି । ଯଦ୍ୱାରା ପରିବେଶ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ହୋଇପଡିଛି । ଯୋଗୀସର୍ଡା ଜଗନ୍ନାଥ ମନ୍ଦିରରୁ ଥନାପତିପଡା ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ବେହାଲ ହୋଇପଡିଛି। ଏହି ଅଞ୍ଚଳର ଲୋକେ ଅସ୍ୱାସ୍ଥ୍ୟକର ପରିବେଶରେ ରହୁଛନ୍ତି । ଏହାଛଡା ଯୋଗୀସର୍ଡା ଗ୍ରାମର ଦଳିତ ବସ୍ତି ଓ ଅନ୍ୟାନ୍ୟ ଗଳି ରାସ୍ତା ଅବସ୍ଥା ମଧ ଶୋଚନୀୟ ହୋଇ ପଡିଛି । ପ୍ରତିକାର ପାଇଁ ଗ୍ରାମର ରାମମନ୍ଦିର ଛକରୁ ଥନାପତିପଡା ପର୍ଯ୍ୟନ୍ତ ଡ୍ରେନେଜ ଓ ନୂତନ କଂକ୍ରିଟକରଣ କରିବାକୁ ସାଧାରଣରେ ଦାବି ହେଉଛି । ସେହିପରି ବାଦିବାହାଲ ପଞ୍ଚାୟତ ସଦର ଗାଁ ବାଦିବାହାଲର ଗ୍ରାମ୍ୟ ରାସ୍ତା ଅବସ୍ଥା ମଧ ଶୋଚନୀୟ ହୋଇପଡିଛି । ଜଳଯୋଗାଣ ପାଣି ରାସ୍ତା ମଝିରେ ଜମି ରହୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ବିହିତ ପ୍ରତିକାର କରିବାକୁ ସାଧାରଣରେ ଦାବି ହେଉଛି ।



ଯୋଗୀସର୍ଡା ଗ୍ରାମର ଜଗନ୍ନାଥ ମନ୍ଦିର ସଂଲଗ୍ନ ବସ୍ତି ରାସ୍ତା ଦୁରବସ୍ଥା ।

# ଅଗ୍ନିଶମ ନିରାପତ୍ତା ସୁରକ୍ଷା ସପ୍ତାହ ପାଳିତ

**କୋକସରା,୧୫।୪ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)**

କଳାହାଣ୍ଡି ଜିଲା କୋକସରା ଅଗ୍ନିଶମ ବିଭାଗ ପକ୍ଷରୁ ମଙ୍ଗଳବାର ଜାତୀୟ ଅଗ୍ନିଶମ ନିରାପତ୍ତା ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ କୁମାର ବାଗଙ୍କ ନେତୃତ୍ୱରେ କାର୍ଯ୍ୟାଳୟଠାରୁ କର୍ମଚାରୀମାନେ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଚିଲିଗୁଡା ପର୍ଯ୍ୟନ୍ତ ଯାଇଥିଲେ। ଏପ୍ରିଲ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଏହା ପାଳିତ ହୋଇଥାଏ। ୧୯୪୪ ମସିହା ଆଜିର ଦିନରେ ମୁମ୍ବାଇ ବନ୍ଦରଠାରେ ଫୋର୍ଟ ଷ୍ଟିକେନ ନାମକ ଏକ ମାଲବାହୀ ଜାହାଜ ବାରୁଦ, ବିସ୍ଫୋରକ ଓ ଯୁଦ୍ଧ ଉପକରଣ ନେଇ ଆସିଥିବାବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ନିଆଁ ଲିଭାଇବା ସମୟରେ ବିସ୍ଫୋରକ ସାମଗ୍ରୀ ଥିବାରୁ ୬୬ ଫାୟାର ଫାଇଟର ନିଆଁ ଲାଗି ବୀର ଗତି ପ୍ରାପ୍ତ ହେଇଥିଲେ। ସେହି ଦିନଟିକୁ ମନେ ରଖିବା ଏହି କାର୍ଯ୍ୟକ୍ରମ ପାଳନ କରାଯାଏ। ଶୋଭାଯାତ୍ରାରେ ଅଗ୍ନିଶମ ଅଧିକାରୀ ବାଗଙ୍କ ସମେତ ହାବିଲଦାର ସୁନୀଲ ରଞ୍ଜନ ବାରଳା, କର୍ମଚାରୀ ଶ୍ୟାମ ପ୍ରଧାନୀ, ହେମନ୍ତ ନାଏକ, ଦିଗମ୍ବର ଶବର, ଉମା ଶଙ୍କର ନାଏକ, ସତ୍ୟମ ଶିବମ ମାଝି ପ୍ରମୁଖ ସାମିଲ ଥିଲେ।



ସଚେତନତା କାର୍ଯ୍ୟକ୍ରମରେ ସାମିଲ କର୍ମଚାରୀମାନେ।

# କ୍ଷତିଗ୍ରସ୍ତ ଗାଁ ବୁଲିଲେ ଉପମୁଖ୍ୟମନ୍ତ୍ରୀ

**ଖପ୍ରାଖୋଲ,୧୫।୪(ଅଭୟ ତ୍ରିପାଠୀ):** ଖପ୍ରାଖୋଲ ବ୍ଲକର ଚଙ୍ଗଚିଆ ପଞ୍ଚାୟତର ଚଙ୍ଗଚିଆ ଓ ରେଙ୍ଗାଲଝୁରୀ ଗାଁକୁ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବୁଧବାର ଗସ୍ତ କରିଥିଲେ। ଏହି ଅବସରରେ ଗତ ୬ ତାରିଖରେ କାଳ ବୈଶାଖୀ ଓ କୁଆପଥର ମାଡରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରଙ୍କୁ ଭେଟି ଆଲୋଚନା କରିବା ସହିତ ତାଙ୍କ ଅଭିଯୋଗ ଶୁଣିଥିଲେ। ସମସ୍ତ କ୍ଷତିଗ୍ରସ୍ତଙ୍କୁ ନିୟମ ଅନୁସାରେ ସରକାରୀ ସହାୟତା ବ୍ୟାଙ୍କ ପାସ୍‌ବୁକକୁ ଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉପ ମୁଖ୍ୟମନ୍ତ୍ରୀ ପ୍ରଥମେ ରେଙ୍ଗାଲଝୁରୀ ଗାଁ ଓ ପରେ ଚଙ୍ଗଚିଆ ଗାଁକୁ ଯାଇଥିଲେ। ଏହି ଅବସରରେ ପାଟଣାଗଡ ଉପ ଜିଲାପାଳ ସୁନୀଲ କୁମାର ମେହେର, ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆନନ୍ଦ କୁମାର ପଣ୍ଡା, ସରପଞ୍ଚ ସୁଶୀଲ କୁମାର ଗୁରୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସର୍ଭେରେ ବାଦ ପଡ଼ିଥିବା ପରିବାରକୁ ସାମିଲ ପାଇଁ ଉପ ମୁଖ୍ୟମନ୍ତ୍ରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, କାଳ ବୈଶାଖୀ ଓ କୁଆପଥର ମାଡରେ ଉଭୟ ଗାଁରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ବହୁ ଚାଳଘର, ଆଜବେଷ୍ଟସ୍ ଘର ଛପର ଉଡିଯିବା ସହ ବିଭିନ୍ନ ଫସଲ ନଷ୍ଟ ହୋଇଥିଲା । ଏନେଇ ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ତରଫରୁ କ୍ଷୟକ୍ଷତି ଆକଳନ କରାଯାଇଥିଲା ।

# ସିଏମ୍ ଟ୍ରଫି ଫୁଟ୍‌ବଲ: ଖରମୁଣ୍ଡା ଓ ଆମ୍ବେଦକର ଫୁଟ୍‌ବଲ କ୍ଲବ ବିଜୟୀ

**ବରଗଡ,୧୫।୪(ପ୍ରେମାନନ୍ଦ ଖମାରୀ):** ଓଡିଶା ରାଜ୍ୟ ସରକାର, ଓଡ଼ିଶା କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତଥା ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା ଆନୁକୂଲ୍ୟରେ ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସି.ଏମ ଟ୍ରଫି ଫୁଟବଲ ପ୍ରତିଯୋଗିତାର ଷଷ୍ଠ ଦିବସ ବୁଧବାର ଅନୁଷ୍ଠିତ ମ୍ୟାଚରେ ଖରମୁଣ୍ଡା ଏଥେଲେଟିକ ଏସୋସିଏସନ ଓ ଆମ୍ବେଦକର ଫୁଟବଲ କ୍ଲବ ପ୍ରତିପକ୍ଷ ଦଳକୁ ହରାଇ ବିଜୟୀ ହୋଇଛନ୍ତି । ଖରମୁଣ୍ଡା ଆଥେଲେଟିକ ଆସୋସିଏଶନ ଓ ବକ୍ସି ଜଗବନ୍ଧୁ ଫୁଟବଲ କ୍ଲବ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ଖରମୁଣ୍ଡା ଦଳ ୧୦–୦ ଗୋଲରେ ବିଜୟୀ ହୋଇଥିଲା। ଖରମୁଣ୍ଡା ଦଳର ତୁଫାନ ମୁଣ୍ଡା ୫ଟି ଗୋଲ ଦେଇଥିଲେ । ମ୍ୟାଚକୁ ଆଦିତ୍ୟ ନାୟକ ପରିଚାଳନା କରିଥିଲେ। ରାଜେନ୍ଦ୍ର ଭୁଏ ଚତୁର୍ଥ ରେଫରୀ ଥିଲେ । ଦ୍ୱିତୀୟ ମ୍ୟାଚ ଆମ୍ବେଦକର ଫୁଟବଲ କ୍ଲବ ଏବଂ ଏସଏସୱାଇଏସ ଗୋବିନ୍ଦପାଲି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆମ୍ବେଦକର କ୍ଲବ ୪–୦ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚକୁ ନିରଞ୍ଜନ ମହାକୁର ପରିଚାଳନା କରିଥିଲେ । ପଞ୍ଚାନନ ପାତ୍ର ଚତୁର୍ଥ ରେଫରୀ ଥିଲେ। ସୁରେଶ କୁମାର ଦାଶ ମ୍ୟାଚ କମିଶନର ଅଛନ୍ତି ।

# ମରାମତି କାର୍ଯ୍ୟ ପାଇଁ ଜଗଦାରେ ବିଜୁଳି ସରବରାହ ରହିବ ବନ୍ଦ

**ରାଉରକେଲା,୧୫।୪(ସଙ୍ଗୀତା ଜେନା):** ଗୁରୁବାର ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବାର୍ଷିକ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ବିଜୁଳି ସରବରାହ ବନ୍ଦ ରହିବ। ଏ ନେଇ ଟିପିଡ଼ବ୍ଲ୍ୟୁଓଡିଏଲ୍ କୋଏଲନଗର ସେକ୍ସନ ପକ୍ଷରୁ ବୁଧବାର ଅପରାହ୍ନରେ ଡାକବାଜି ଯନ୍ତ୍ରରେ ସର୍ବସାଧାରଣଙ୍କୁ ସୂଚନା ପ୍ରଦାନ କରାଯାଇଛି। ଗ୍ରୀଷ୍ମ ଋତୁ ଓ ଏହାର ମୁକାବିଲା ପାଇଁ ପ୍ରତିଷେଧକମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ବିଭାଗ ପକ୍ଷର କୁହାଯାଇଛି।


## OFFICE OF THE SUPERINTENDING ENGINEER RURAL WORKS DIVISION, BALLIGUDA

No.25001/24/2627

Government of Odisha e-Procurement Notice
Bid Identification No. Online Tender - 27/EERWD BLG/2025-26
rw_balliguda@yahoo.com

Letter No. : 3019 //RWDBLG Date : 31.03.2026

| | | | |
|---|---|---|---|
| 1 | Name of the work | : | Road Works |
| 2 | Estimated cost | : | Rs.55.80 Lakhs |
| 3 | Period of Completion | : | As per Annexure |
| 4 | Date & Time of availability of Bid documents in the Portal | : | From 16.04.2026 at 10.00 A.M. to 23.04.2026 up to 5.00 P.M. |
| 5 | Last date / Time for receipt of Bids in the Portal | : | 23.04.2026 up to 5.00 P.M. |
| 6 | Name and address of the Officer Inviting Bid | : | Executive Engineer, Rural Works Division, Balliguda |

The Bidders have to participate in **ONLINE** bidding only. Further details can be displayed from the e-procurement portal website https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website only.

Sd./- Executive Engineer
Rural Works Division
Balliguda

OIPR-25001/25164/1/26-27/0002

## DIRECTORATE OF TEACHER EDUCATION AND SCERT: ODISHA : BHUBANESWAR

### TENDER CALL NOTICE FOR ADMISSION PROCESS FOR THE SESSION 2026-2028 OF D.El.Ed. COURSES

**Notice No.2230** **Date: 15.4.26**

No.27001/18/2627: Request for Proposal (RFP) are invited from reputed agencies, both from State and National Level, for selection of Service Provider for Online Examination (Computer-Based Test) for D.El.Ed. Course for the session, 2026-2028. The prospective bidders must meet the qualifying criteria mentioned in the RFP Terms of Reference (Volume I and II). They should have capacity to design, undertake/ execute Online Entrance Examination and examination process related work as prescribed in the RFP.

1. **Date of release of Tenders: 16.04.2026**
2. **Last Date for submission of tender : 06.05.2026 (05.00 P.M.)**
3. **Pre-bid meeting : 23.04.2026 (11.00 A.M.)**

Detailed terms, conditions and schedules of activities and the RFP (Volume I and II) can be seen / downloaded from the website i.e. **www.scert.odisha.gov.in.**

Sd./- Director
TE and SCERT,
Odisha, Bhubaneswar

OIPR-27001/27006/1/26-27/0001

## वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर

### लापताः आवश्यक सूचना



गुमशुदा पुरूष सुरेन्द्र तिवारी, उम्र–करीब 72 वर्ष।

उपरोक्त प्रसंग एवं विषय के संबंध में सूचित करना है कि आवेदक सह पुत्र देवेन्द्र तिवारी के द्वारा अपने पिता सुरेन्द्र तिवारी, उम्र–करीब 72 वर्ष की गुमशुदगी के संबंध में संबंधित थाना गोलमुरी में लिखित आवेदन दिया गया है। आवेदन में इनके द्वारा बताया गया कि गुमशुदा सुरेन्द्र तिवारी, उम्र–72 वर्ष, पिता–हरिनन्दन तिवारी, पता– म0 नं0–34, लाईन नं0–01 टुईलाडुंगरी, थाना–गोलमुरी, जिला– पूर्वी सिंहभूम, जमशेदपुर जो दिनांक–07.02.2026 को मिलन चौक चाण्डिल से अपने घर टुईलाडुंगरी, गोलमुरी आने के लिए निकले हैं लेकिन अभी तक घर नहीं पहुँचे हैं। आवेदक एवं इनके परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। गुमशुदा पुरूष का हुलिया निम्न प्रकार है :–उम्र–करीब 72 वर्ष, ऊँचाई–05 फीट 07 इंच, पहनावा–हरा रंग का टी–शर्ट एवं काला रंग का पैन्ट।

अतः आप सभी जन साधारण से अनुरोध है कि उपरोक्त गुमशुदा के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक, पूर्वी सिंहभूम, जमशेदपुर के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक, नगर, पूर्वी सिंहभूम, जमशेदपुर : 9471190203
पुलिस उपाधीक्षक, नगर : 9431706483
थाना प्रभारी, गोलमुरी : 9431706494

वरीय पुलिस अधीक्षक,
पूर्वी सिंहभूम, जमशेदपुर

PR 377565 Police (26-27)_D

POLICE HELPLINE (EMERGENCY DIAL)-112 CHILD HELPLINE-1098
WOMEN HELPLINE-1091 DOMESTIC ABUSE HELPLINE-181
CYBER CRIME HELPLINE-1930 AMBULANCE SERVICE-108

## कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमंडल, चाईबासा

email- rwdchaibasa64@gmail.com

### शुद्धि पत्र

एतद् द्वारा सूचित किया जाता है कि इस कार्यालय के **पत्रांक– 404(अनु0) दिनांक–02.04.2026** PR NO-**376589** द्वारा आमंत्रित ई–पुनर्निविदा आमंत्रण सूचना सं0**&03/RII/2023-24 /RWD/EE/CHAIBASA** में निकाली गई शुद्धि पत्र को आंशिक रूप से संशोधित किया जाता है जो निम्न है –

| क्र0 | पूर्व में दैनिक समाचार पत्र में प्रकाशित | संशोधित तिथि |
|---|---|---|
| 1 | ई–निविदा प्राप्ति की अंतिम तिथि एवं समय :– **15.04.2026** अपराह्न **05:00** बजे तक। | ई–निविदा प्राप्ति की अंतिम तिथि एवं समय :– **22.04.2026** अपराह्न **05:00** बजे तक। |
| 2 | निविदा खोलने की तिथि एवं समय :– **16.04.2026** अपराह्न **05:00** बजे। | निविदा खोलने की तिथि एवं समय :– **23.04.2026** अपराह्न **05:00** बजे। |

निविदा की शेष कंडिकाएँ एवं शर्त्तें यथावत् रहेंगी।

ह0/–
कार्यपालक अभियंता
ग्रामीण कार्य विभाग, कार्य प्रमण्डल, चाईबासा

PR 377576 West Singhbhum(26-27)#D

## Jharkhand Bijli Vitran Nigam Limited

(CIN:U40108JH2013SGC001702)
Regd. Office:- Engineering Building, HEC, Dhurwa, Ranchi–834004.
fax # 0651-2400483 e-mail : cesp.jseb@rediffmail.com/gmsp.jbvnl@rediffmail.com

### CORRIGENDUM NOTICE

Date & timeline for **NIT 14/PR/JBVNL/2026-27** shall be read as in following manner :

| Sr | NIT/Tender notice No. and description of item | Tender fee | Date of publication of tender on website | Document download start date & time | Online Bid Submission start date | Online Bid Submission end date | Technical bid opening date and time |
|---|---|---|---|---|---|---|---|
| 1 | 14/PR/JBVNL/2026-27 33 KV Metering Unit of different ratio (-/1A) | Rs 10000/- + GST | 16/04/2026 from 13:00 Hrs. | 16/04/2026 from 13:10 Hrs. | 16/04/2026 from 13:20 Hrs. | 07/05/2026 upto 18:00 Hrs. | 08/05/2026 at 18: 00 Hrs. |

PR No.377096

स्वहित एवं राष्ट्रहित में ऊर्जा बचावें। कृपया अपनी शिकायतों को 18003456570 (कॉल सेन्टर) पर दर्ज करायें।

Sd/-
Dy.General Manager (P)

PR.NO.377514 Jharkhand Bijlee Vitran Nigam Ltd(26-27):D

## OFFICE OF THE SR. GENERAL MANAGER (ELECTRICAL) UPPER INDRAVATI HYDRO ELECTRIC PROJECT, MUKHIGUDA

DIST.: KALAHANDI-766026, ODISHA, E-mail: sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel : 91-0674-2542983, 2542802, 2545526, 2542826, Fax : 2542102
E-Mail : ohpc.co@gmail.com / md@ohpcltd.com WEB: www.ohpcltd.com, CIN: U40101OR1995SGC003963

### NOTICE INVITING TENDER NO. UIHEP-04/2026-27 DATE 13.04.2026

**No.32001/59/2627** : Sealed tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from reputed original equipment manufacturers / channel partners / reputed firm / service provider having similar works experience for the work as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/ Banker's Cheque only (Refundable in Rs.) | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Supply, Erection, Testing & Commissioning of Exhaust fans of UIHEP, Mukhiguda | 7,080/- (Inclusive of GST) | 29,014/- | From 21.04.2026 to 04.05.2026 up to 11.00 Hrs. | 04.05.2026 (up to 11:30 Hrs) | 04.05.2026 at 12:30 Hrs. |

For details of the tender documents, terms and conditions please visit our website www.ohpcltd.com

OIPR-32001/32136/1/26-27/0002 Sd./- C&P Head, UIHEP, Mukhiguda

## ODISHA HYDRO POWER CORPORATION LTD.

(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/PO : BARINIPUT, DIST. : KORAPUT-764006, ODISHA, Phone : (06854)242001 (O), Fax : (06854)242038, E-mail : sgmel.ukhep@gmail.com

### TENDER CALL NOTICE NO UKHEP-02/2026-27, DATED.10.04.2026

**No.4001/18/2627** : Sealed Tenders are invited in two part i.e. (1) Technical Bid & (2) Price Bid in separate sealed envelopes from Govt. registered Contractors / Agencies having valid Registration Certificate issued by Govt. Authority, IT PAN, GST Regn Certificate, valid HT/EHT License issued by ELBO, valid contract labour license & fulfilling the eligibility criteria as per the tender specification for the work as mentioned below.

| Description of work | Cost of tender paper in Rs. (Non-refundable) | EMD in Rs. (Refundable) |
|---|---|---|
| **Annual Maintenance Contract for Maintenance of 4x80 MW Hydro Generator and its Auxiliaries, Turbine and its Auxiliaries, Other Equipments with their Auxiliaries, Station Services Equipments and 04 Nos. BF Valves with their Auxiliaries of UKHEP, Bariniput for One Year on job contract basis.** | 11,800/- (Rs.10,000/-+18% GST) | 72,300/- |

The sale of Tender Paper will be from : **Dt.16.04.2026 to 11.00 Hrs of Dt.27.04.2026**
The last date & time of receipt of Tender : **12.00 Hrs of Dt.27.04.2026**
The date and time of opening of tender : **12.30 Hrs of Dt.27.04.2026**
**N.B. : The due date and time of opening of Price Bids will be intimated later on to the Technically qualified bidders.**
For details of tender documents, Terms & conditions, downloading, please visit our website www.ohpcltd.com.

OIPR-4001/4002/1/26-27/0002 Sd./- C & P Head, Upper Kolab H.E.Project, Bariniput

## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SAMBALPUR

No.25001/18/2627

E-Mail : serwcirclesbp@yahoo.com

### E-PROCUREMENT NOTICE

### BID IDENTIFICATION NO. BUILDING TENDER ONLINE RWCSBP-03/2026-27

1. Name of the work : Building Works, 2. Total No. of works : 04 Nos. Bridge work, 3. Estimated Cost : Rs.326.28 lakhs to Rs.729.45 lakhs, 4. Class of Contractor : 'A' & "Spl." Class, 5. Other details : As mentioned in DTCN

| Procurement Officer | Bid Identification No. | Availability of Tender on-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Chief Construction Engineer, Rural Works Circle, Sambalpur** | **Building TENDER ONLINE RWCSBP-03/2026-27** | **20.04.2026 11.00 A.M.** | **08.05.2026 05.00 P.M.** |

Further details can be seen from the website : www.tendersorissa.gov.in.

Sd./- Chief Construction Engineer
Rural Works Circle, Sambalpur

OIPR-25001/25091/1/26-27/0003

## GOVERNMENT OF ODISHA PANCHAYATIRAJ & D.W. DEPARTMENT OFFICE OF THE PANCHAYAT SAMITI, BALIKUDA

No.19001/21/2627

'e' mail ID : ori-ballikuda@nic.in

### 'e' Procurement Notice No.BDO-BKD/PS-01 of 2026-27

1. Number of the works : 09 (Nos.) Nos. 2. Tender Amount (Approx.) : Rs.9.31 Lakh to 28.52 Lakh, 3. EMD (online) : As per DTCN, 4. Tender Paper Cost (online) (Non-Refundable) : Rs.6,000.00, 5. Class of Contractor : "D", "C" & "B" Class Contractor, 6. Period of Completion : 06 (Six) Calendar Months.

| Procurement Officer | 'e' Procurement Notice No. | Availability of Tender | | Last date & time for seeking tender clarification | Date & Time of opening of BID | Place of opening of Bid |
|---|---|---|---|---|---|---|
| | | From | To | | | |
| **BLOCK DEVELOPMENT OFFICER, BALIKUDA** | BDO-BKD/PS-01/2026-27 | **17.04.2026** at 10.00 Hours | **29.04.2026** at 17.30 Hours | **28.04.2026** up to 1.00 P.M. during office hours on working days | **30.04.2026** upto 11.00 A.M. during office hours | O/o the Panchayat Samiti, Balikuda |

Further details can be seen from the Govt. website "https://tendersodisha.gov.in
All corrigendum / cancellation of tender if any, will only be uploaded in the above website.

Sd./- BLOCK DEVELOPMENT OFFICER,
BALIKUDA

OIPR-19001/19282/1/26-27/0001

## OFFICE OF THE CHIEF DISTRICT MEDICAL OFFICER, CUTTACK ZILLA SWASTHYA SAMITI, CUTTACK

**Advertisement No: 6634 /DPMU/NHM /2026** **Date : 13.04.2026**

### Walk-In-Interview for Doctors

**No.10001/46/2627** : Walk-in-Interview for the post of Medical Officer (01 no.) under NHM will be conducted on 21.04.2026 at 11 AM in the Office Chamber of the CDM & PHO, Cuttack on contractual basis. The candidates must have MBBS Degree with permanent Registration Number from Odisha Council of Medical Registration, Bhubaneswar and completed compulsory Internship. The upper age limit is within 70 years as on 01/04/2026. The interested candidates may appear before the selection committee with filled application format and desired documents.

The details application form can be downloaded from the district website cuttack.odisha.gov.in The authority reserves the right to reject or cancel the advertisement without assigning any reason thereof.

Sd./- CDM & PHO-cum-District
Mission Director, Cuttack

OIPR-10001/10022/1/26-27/0003

## GOVERNMENT OF ODISHA OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR

Phone / Fax : (0680) 2233683, e-mail : sernb1.ganjam@yahoo.com

No.34001/66/2627 **"e" Procurement Notice**

**Bid Identification No. SE R&B Divn. No.I Bam. 03/2026-27**

**Lr. No. 4528** **Dated : 13.04.2026**

| | | |
|---|---|---|
| Name of work | : | E.I. Works |
| No. of works | : | 06 (Six) No's |
| Estimated Cost | : | Approximately **Rs.1.12 to 44.06** Lakh |
| Period of Completion | : | Three Calendar Months |
| Date and time of Availability of bid document in the portal | : | From 10.00 hours of **18.04.2026** to **16.00** hours of **26.04.2026** |
| Last date / time for receipt of bids in the portal | : | Upto **16.00** hours of **26.04.2026** |
| Name and address of the Officer inviting Bid | : | Superintending Engineer, Ganjam (R&B) Division No.I, Berhampur |

Further details can be seen from the e-Procurement portal **https://tendersodisha.gov.in**

Sd./- Superintending Engineer
Ganjam (R&B) Division No.I
Berhampur

OIPR-34001/34109/1/26-27/0003

## OFFICE OF THE DIVISIONAL HEAD (ELECTRICAL)-II, IDCO, IDCO TOWER, BHUBANESWAR

No.4001/17/2627

idco | ODISHA NEW OPPORTUNITIES

Tender Call Notice No.-BBSR/ELECT-II/E-411/2025-26/589 Dt : 10.04.2026

### NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

1. Name of the work : **Supply, Installation, Testing and commissioning of 250 Tr Cooling Tower with associated works at Odisha Technology Centre, Bhubaneswar**

| Procurement Officer | Bid Identification No. | Availability of Tender On-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **D.H. (Elect-II), IDCO, IDCO Tower, Janpath, Bhubaneswar** | Bid ID. No. BBSR/ELECT-II/ e-01/26-27 | 17.04.2026 at 18.00 Hrs. | 27.04.2026 at 17.00 Hrs. |

Further details can be seen from the e-procurement portal, **www.tendersorissa.gov.in**. Corrigendum or Addendum if any will not be published in newspapers and can be seen **in e-procurement portal** as well as in **IDCO website**.

Sd./- Divisional Head (Elect)-II
IDCO, Bhubaneswar

OIPR-4001/4075/1/26-27/0007

## राँची समाहरणालय,राँची (सामाजिक सुरक्षा कोषांग) जिला बाल संरक्षण इकाई

### गुमशुदा बालक की सूचना (बाल कल्याण समिति, रांची के आदेशानुसार)

- नाम– आरव राज (काल्पनिक नाम)
- लिंग– बालक
- पिता का नाम– अज्ञात
- माता का नाम– अज्ञात
- पता– अज्ञात
- उम्र – 13 दिन (लगभग)
- रंग – गोरा



एतद् द्वारा सर्वसाधारण को सूचित किया जाता है कि बाल कल्याण समिति, राँची के आदेशानुसार एक (01) बालक आरव राज (काल्पनिक नाम) उम्र–13 दिन (लगभग) को करूणा एन०एम०ओ०, राँची में आवासित किया गया है। जिसके जैविक एवं विधिक संरक्षक का पता लगाने हेतु राज्य स्तरीय एवं स्थानीय अखबार में विज्ञापन प्रकाशित की गयी है। उक्त बालक के जैविक एवं विधिक संरक्षक का विज्ञापन प्रकाशन के 60 दिनों (दो माह) तक कोई दावा प्रस्तुत नहीं होने पर दत्तक ग्रहण मार्गदर्शिका 2017 के नियम, 6 के उपनियम, 13 के अन्तर्गत बालक को दत्तक ग्रहण हेतु बाल कल्याण समिति, राँची द्वारा कानुनी रूप से मुक्त किया जा सकेगा।

दावा प्रस्तुत करने का पता एवं संपर्क नम्बर–

1. बाल कल्याण समिति, राँची
राँची समाहरणालय, राँची, भवन–ब्लॉक बी, कमरा संख्या–110
2. जिला बाल संरक्षण इकाई, राँची।
राँची समाहरणालय, राँची, भवन–ब्लॉक बी, कमरा संख्या–111
सम्पर्क सूत्र–06513505516

जिला बाल संरक्षण पदाधिकारी, राँची। सहायक निदेशक, सामाजिक सुरक्षा, राँची।

PR 377579 Social Welfare,Women and Child Development(26-27)#D

## ସଂକ୍ଷେପରେ

### ବାବାସାହେବ ଆମ୍ବେଡକର ଜୟନ୍ତୀ

**ସୋହେଲା,୧୫।୪(ଅଶ୍ୱିନୀ କୁମାର ପାତ୍ର):** ବରଗଡ଼ ଜିଲା ସୋହେଲାରେ ସାବିତ୍ରୀ ବାଇ ଫୁଲେ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବାବାସାହେବ ଆମ୍ବେଡକରଙ୍କ ୧୩୫ତମ ଜୟନ୍ତୀ ମହାଆଡ଼ମ୍ବରରେ ପାଳନ ହୋଇଯାଇଛି। ଟ୍ରଷ୍ଟ ଅଧ୍ୟକ୍ଷ ରମେଶ କୁମ୍ଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସଭାରେ ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ଶିକ୍ଷା ପାଇଁ ବାବାସାହେବଙ୍କ ପ୍ରୟାସ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେପୁର ବିଧାୟକ ସନତ ଗଡ଼ତିଆ, ଆଦର୍ଶ ଗଣବିବାହ ସଂସ୍ଥାପକ ପବିତ୍ର ଦେହୁରି ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମାଜିକ ପରିବର୍ତ୍ତନ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶକୁନ୍ତଳା ସୁନା, ସୁରେଖା ମହାନନ୍ଦ, ନାରାୟଣ ବୁଦ୍ଧିଆ, ସୁଜାତା ଗୁଆଲ ମଞ୍ଚାସୀନ ଥିଲେ। ଏହି ଅବସରରେ ୧୨ ନବ ଦମ୍ପତିଙ୍କ ଆଦର୍ଶ ବିବାହ କରାଯାଇଛି।

# ରନ୍ଧା ସାମଗ୍ରୀ ଧରି ଧାରଣା ବସିଲେ ପଡ଼ାବାସୀ

**ବରଗଡ଼,୧୫।୪(ପ୍ରେମାନନ୍ଦ ଖମାରୀ)**



ନୂଆପଡ଼ାବାସୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣାରେ ବସିଛନ୍ତି।

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଟୁକୁର୍ଲା ଗ୍ରାମର ନୂଆଁପଡ଼ା। ଦୀର୍ଘ ୭ବର୍ଷ ପୂର୍ବରୁ ଲୋକେ ଏଠାରେ ବସତି ସ୍ଥାପନ କରିଛନ୍ତି। ଏହି ପଡ଼ାରେ ଏବେ ୧୪ ପରିବାରର ୮୦ରୁ ଊର୍ଦ୍ଧ୍ୱ ଲୋକ ରହୁଛନ୍ତି। ମାତ୍ର ଦୁର୍ଭାଗ୍ୟର ବିଷୟ, ଶାସକ ଦଳର ନେତାମାନେ ସବୁ ସଭା ସମିତିରେ ବିକଶିତ ବରଗଡ଼ ବିକଶିତ ଓଡ଼ିଶା ନାରା ଦେଉଥିବାବେଳେ ଏହି ପଡ଼ାକୁ ଏପର୍ଯ୍ୟନ୍ତ ଏକ ରାସ୍ତାଟିଏ ସୁଦ୍ଧା ହୋଇପାରି ନାହିଁ। ସ୍ଥାନୀୟ ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ରାସ୍ତାଟିଏ ପାଇଁ ପଡ଼ାବାସୀ ଦାବି କରିଆସିଛନ୍ତି। ମାତ୍ର ଆଶ୍ୱାସନା ଛଡ଼ା ସେମାନଙ୍କୁ ଆଉ ଅନ୍ୟ କିଛି ମିଳିନାହିଁ। ଅନ୍ୟପକ୍ଷରେ ପଡ଼ାବାସୀ ବହୁବିଧ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ନ ଥିବାରୁ ପଡ଼ାବାସୀ ଏକ ନାଳା ହିଡ଼ରେ ଯିବାଆସିବା କରୁଛନ୍ତି। କେବଳ ସେତିକି ନୁହେଁ, ରାସ୍ତା ନ ଥିବାରୁ ପଡ଼ାର ଯୁବତୀ, ଯୁବକଙ୍କୁ ବିବାହ ପାଇଁ ଲୋକେ ମୁହଁ ଫେରାଇ ଦେଉଥିବା ବେଳେ କାହାରି ଦେହାନ୍ତ ହେଲେ ଶବ ସଂସ୍କାର ପାଇଁ ହଟହଟା ହେବାକୁ ପଡୁଛି ବୋଲି ପଡ଼ାବାସୀ ଅଭିଯୋଗ କରିଛନ୍ତି। ସେହିପରି ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଥିବାବେଳେ ରୋଗୀଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା କଷ୍ଟସାଧ୍ୟ ହୋଇ ପଡୁଛି। ତେବେ ଏହି ସମସ୍ୟା ସ୍ଥାନୀୟ ଜନପ୍ରତିନିଧି କିମ୍ବା ବିଭାଗୀୟ ଅଧିକାରୀମାନଙ୍କୁ ଅଜଣା ଅଛପା ରହିନାହିଁ। ପଡ଼ାବାସୀ ବହୁ ପୂର୍ବରୁ ସ୍ଥାନୀୟ ବିଡିଓ, ତହସିଲଦାରଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିସାରିଛନ୍ତି। ଜିଲାପାଳ ମଧ୍ୟ ସେହି ସମସ୍ୟାର ସମାଧାନ ପାଇଁ ଭଟଲି ତହସିଲଦାର ଏବଂ ବିଡିଓଙ୍କୁ ନିର୍ଦ୍ଦେଶ ଦେଇସାରିଛନ୍ତି। ମାତ୍ର ଏହି ସମସ୍ୟା

### ରାସ୍ତା ନାହିଁ

ଅସମାହିତ ହୋଇ ରହିଯାଇଛି। ଫଳରେ ଏହାର ପ୍ରତିବାଦରେ ବୁଧବାର ପଡ଼ାର ଆବାଳବୃଦ୍ଧବନିତା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। କାହା ହାତରେ ଜାଳେଣି କାଠ ଥିଲା ତ ଆଉ କିଏ ବାସନକୁସନ ଏବଂ ଡାଲି, ଚାଉଳ, ପରିବା ଧରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣାରେ ବସି ସେମାନେ ସମସ୍ତେ ଏକ ସ୍ୱରରେ ଗୋଟିଏ ନାରା ଦେଇଥିଲେ 'ଆମର ରାସ୍ତା ଆମକୁ ଦିଅ'। ପରେ ପଡ଼ାର ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଆଦିତ୍ୟ ଗୋୟଲଙ୍କୁ ସେମାନଙ୍କ ସମସ୍ୟା କହିଥିଲେ। ଆସନ୍ତା ୭ଦିନ ମଧ୍ୟରେ ବିହିତ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଥିଲେ। ଏହାପରେ ପଡ଼ାବାସୀ ଧାରଣାରୁ ଉଠିଥିଲେ। ତେବେ ପଡ଼ାକୁ ତୁରନ୍ତ ରାସ୍ତା ବ୍ୟବସ୍ଥା କରା ନ ଗଲେ ଆଗକୁ ରନ୍ଧାବଢ଼ା କରି ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆଶ୍ରୟ ନେବେ ବୋଲି ପଡ଼ାବାସୀ ଚେତାବନୀ ଦେଇଛନ୍ତି।

# ନୃସିଂହନାଥ ବୈଶାଖ ମେଳା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ



ବୈଠକରେ ଆଲୋଚନା ଚାଲିଛି।

**ପାଇକମାଳ,୧୫।୪(ବଡ଼ ଶତପଥୀ)**

ବରଗଡ଼ ଜିଲାରେ ପ୍ରସିଦ୍ଧ ଶ୍ରୀଶ୍ରୀ ନୃସିଂହନାଥ ମନ୍ଦିରରେ ହେଉଥିବା ବୈଶାଖ ମେଳା ଭାରତରେ ଅନୁଷ୍ଠିତ ଅନ୍ୟ ମେଳାଗୁଡ଼ିକ ମଧ୍ୟରେ ଅନ୍ୟତମ। ଏଥିପାଇଁ ପ୍ରଶାସନିକ ସ୍ତରରେ ବୁଧବାର ପ୍ରସ୍ତୁତି ଜୋରଦାର ହୋଇଛି। ଆସନ୍ତା ଏପ୍ରିଲ ୨୬ରୁ ମେ ୧ ତାରିଖ ପର୍ଯ୍ୟନ୍ତ ୬ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମେଳାକୁ ସୁଶୃଙ୍ଖଳିତ କରିବା ପାଇଁ ବୁଧବାର ମନ୍ଦିର କାର୍ଯ୍ୟାଳୟ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ପାଇକମାଳ ଏବିଡିଓ ଦେବାଶିଷ ସିହ୍ନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପଦ୍ମପୁର ଉପଜିଲାପାଳ ହେମସାଗର ଭୋଇ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ପଦ୍ମପୁର ବିଧାୟିକା ବର୍ଷାସିଂହ ବରିହା ଓ ଏମ୍‌ପି ପ୍ରତିନିଧି ପ୍ରୀତମ ମେହେର ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଳୁଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ପାଇକମାଳ ତହସିଲଦାର ସିନ୍ଧୁସୁତା ପାତ୍ର, ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ କୁବେର ମହନ୍ତ ଓ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପାଣ୍ଡବ ଶବରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଧନ୍ୟବାଦ ଦେଇଥିଲେ।

SAMALESWARI GROUP OF INSTITUTIONS
S.R.I.T. Colony, Near Hanuman Temple, Budharaja, Sambalpur-768004
B.Ed.
DIRECT ADMISSION
SESSION 2026-28
2 Years (4 Sems) B.Ed.
Eligibility- Any Graduate
NCTE Recognised Course
Under Acharya Nagarjuna University & Andhra Kesari University
CONTACT US- 9777167095, 9437446036

**ସିବିଏସ୍ଇ ପରୀକ୍ଷା**

# ଅନିଶ ଦାଶ ସ୍କୁଲ ଟପ୍ପର

## କୋଶଳ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଶତପ୍ରତିଶତ ସଫଳତା

**ଅତାବିରା,୧୫।୪(ଯୁଧିଷ୍ଠିର ମହାପାତ୍ର) :** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳାଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ସ୍ଥାନୀୟ ନୂଆଁ ଖଇରପାଲିସ୍ଥିତ କୋଶଳ ସ୍କୁଲ ଛାତ୍ରୀଛାତ୍ରମାନେ ଶତପ୍ରତିଶତ ସଫଳତା ହାସଲ କରି ପୁଣି ପୂର୍ବ ଇତିହାସ ଦୋହରାଇଛନ୍ତି। ୨୦୨୫-୨୬ ଶିକ୍ଷାବର୍ଷରେ କୋଶଳ ସ୍କୁଲର ୧୧୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇ ଶତପ୍ରତିଶତ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟକୁ ଗୌରାବାନ୍ୱିତ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୧ ଜଣ ପରୀକ୍ଷାର୍ଥୀ ୯୦ ପ୍ରତିଶତରୁ ଅଧିକ ଆଣିଥିବା ବେଳେ ୩୮ ଜଣ ୮୦ ପ୍ରତିଶତରୁ ଅଧିକ ମାର୍କ ଆଣିଛନ୍ତି। ୧୦୦ ପରୀକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନ୍ୟପକ୍ଷେ ଇଂଲିଶ୍ ଓ ହିନ୍ଦୀ ଭଳି ଭାଷା ବିଷୟରେ ଏକାଧିକ ପରୀକ୍ଷାର୍ଥୀ ଶହେରୁ ଶହେ ଶତପ୍ରତିଶତ ମାର୍କ ଆଣିଛନ୍ତି। ବିଦ୍ୟାଳୟର ଛାତ୍ର ଅନିଶ ଦାଶ ୪୭୬ ମାର୍କ ରଖି ତଥା ୯୫. ୨ ପ୍ରତିଶତ ପାଇ ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ସମସ୍ତ କୃତୀ ପରୀକ୍ଷାର୍ଥୀଙ୍କୁ କୋଶଳ ସ୍କୁଲର ନିର୍ଦ୍ଦେଶିକା ନଳିନୀ ପଟ୍ଟନାୟକ, ଅତିରିକ୍ତ ନିର୍ଦ୍ଦେଶିକା ମଧୁ ପଟ୍ଟନାୟକ, ଅଧ୍ୟକ୍ଷ ରବୀନ୍ଦ୍ରନାଥ ବେହେରା ଅଭିନନ୍ଦନ ଜଣାଇଛନ୍ତି।



# ଧାନମଣ୍ଡି ପାଇଁ ଜିଲାପାଳଙ୍କୁ ଫେରାଦ



ଧାନମଣ୍ଡି ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

**ବରଗଡ଼,୧୫।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ କେବାଡ଼ ଗ୍ରାମରେ ଏକ ଧାନମଣ୍ଡି ଖୋଲିବାକୁ ଦାବି ହୋଇଛି। ଏହି ଦାବି ନେଇ ବୁଧବାର ଗ୍ରାମର ଚାଷୀମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ଦାବିପତ୍ର ପ୍ରଦାନ କରି କେବାଡ଼ ଗ୍ରାମରେ ଧାନମଣ୍ଡି ଖୋଲିବାକୁ ସେମାନେ ନିବେଦନ କରିଛନ୍ତି। ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, କେବାଡ଼ ଗ୍ରାମ ଅଞ୍ଚଳରେ ୧ ହଜାରରୁ ଊର୍ଦ୍ଧ୍ୱ ଏକର ଜମିରେ ଚାଷକାର୍ଯ୍ୟ ହୋଇଥାଏ। ଅଞ୍ଚଳର ଚାଷୀମାନେ ଧାନ ସଂଗ୍ରହ ପ୍ରକ୍ରିୟା ସମୟରେ ପ୍ରାୟ ୩୦ହଜାର କୁଇଣ୍ଟାଲ ଧାନ ବିକ୍ରି କରିଥାନ୍ତି। ତେବେ ଗ୍ରାମରେ ଧାନବିକ୍ରି ପାଇଁ ମଣ୍ଡି ନଥିବାରୁ ସେମାନେ ବହୁବିଧ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଚାଷୀମାନେ କହିଛନ୍ତି। ଏହି ଦୃଷ୍ଟିରୁ କେବାଡ଼ ଗ୍ରାମରେ ଏକ ଧାନମଣ୍ଡି ଖୋଲିବାର ଆବଶ୍ୟକତା ରହିଥିବା ପ୍ରକାଶ କରି ସେ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଦାବିପତ୍ରରେ ୱାର୍ଡ଼ସଭ୍ୟା ଦିପାଞ୍ଜଳି ସା, ବିଶ୍ୱନାଥ ନାଏକ, କାଳିଆ ମହାକୁର, ଅମ୍ବିକା ମାଝୀ, ସୀତା ଭୋଇ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।

# ଓବିସି ମଞ୍ଚର ରାଜ୍ୟସ୍ତରୀୟ ସମ୍ମିଳନୀ

**ଅତାବିରା,୧୫।୪(ଯୁଧିଷ୍ଠିର ମହାପାତ୍ର)**

ଅତାବିରା ଏନ୍‌ଏସି ଅନ୍ତର୍ଗତ ଲାଦରପାଲି ରାମଚଣ୍ଡୀ ମନ୍ଦିର କଲ୍ୟାଣମଣ୍ଡପରେ ରାଜ୍ୟ ଓବିସି ମଞ୍ଚର ୫ମ ରାଜ୍ୟସ୍ତରୀୟ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଶଙ୍କର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶଙ୍କର ପାତ୍ର, କାର୍ଯ୍ୟକାରୀ ସଭାପତି ରଞ୍ଜିତାରାଣୀ ପ୍ରଧାନ, ସାଧାରଣ ସମ୍ପାଦକ ହୀରାଲାଲ୍ ବେହେରା, ଉପସଭାପତି ନାରାୟଣ ସାହୁ, ରବିନ୍ ଦଣ୍ଡପାଟ, କୋଷାଧ୍ୟକ୍ଷ ପ୍ରଦେଶୀ ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋପୀନାଥ ବେହେରା, ଅତାବିରା ବ୍ଲକ ଜନକଲ୍ୟାଣ କୁଲତା ସମାଜ ସଭାପତି ସୁରେନ୍ଦ୍ର ସ୍ୱାଇଁ, ପୂର୍ବତନ ସଭାପତି ଦିବାକର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଓବିସିଙ୍କୁ ରାଜ୍ୟ ଏବଂ କେନ୍ଦ୍ର ସରକାର ଅଣଦେଖା କରୁଛନ୍ତି। ୨୦୨୫ରେ କେନ୍ଦ୍ର ସରକାରଙ୍କ ଜାତିଗତ ଜନଗଣନା ପାଇଁ ନିଷ୍ପତ୍ତି ହୋଇଥିଲା, ମାତ୍ର ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉନାହିଁ। ଜାତିଗତ ଜନଗଣନା ୧୨ ନମ୍ବର ସ୍ତମ୍ଭରେ ଓବିସିଙ୍କ ପାଇଁ କଲମ ନାହିଁ। ପୁଣି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଜାତିଗତ ଜନଗଣନାରେ ଓବିସି ତଥ୍ୟ ନ ଥିଲେ ସେମାନଙ୍କୁ ସଂରକ୍ଷଣ ମିଳିବ ନାହିଁ। ଓବିସି ବର୍ଗଙ୍କ ପାଇଁ ଖାଲିଥିବା ୮୦% ଚାକିରି ପୂରଣ କରାଯିବା ପାଇଁ ବକ୍ତାମାନେ ମତବ୍ୟକ୍ତ କରିଥିଲେ।



ମଞ୍ଚାସୀନ ଅତିଥି।

# ସିଏମ୍ ଟ୍ରଫି ଜୁନିୟର କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ



ଅତିଥି, ଆୟୋଜକଙ୍କ ଗହଣରେ ଖେଳାଳିବୃନ୍ଦ।

**ପାଇକମାଳ ,୧୫।୪(ବଡ଼ ଶତପଥୀ)**

### ଯୋଗ ଦେଲେ ୧୦ ବାଳକ ଦଳ , ୬ ବାଳିକା ଦଳ

ଓଡ଼ିଶା କବାଡ଼ି ଆସୋସିଏଶନ ଆନୁକୂଲ୍ୟରେ ପାଇକମାଳ ବ୍ଲକ ଅନ୍ତର୍ଗତ ମାଣ୍ଡୋସିଲ ଯୁକ୍ତଦୁଇ ମହାବିଦ୍ୟାଳୟଠାରେ ସିଏମ୍ ଟ୍ରଫି ଜୁନିୟର ବାଳକ ବାଳିକା କବାଡ଼ି ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ରଙ୍କ ଅଧ୍ୟକ୍ଷତା ଓ ଖେଳ ଶିକ୍ଷକ ବୈବସ୍ୱତ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ବିଧାୟକ ତଥା ବିଧାନସଭା ମୁଖ୍ୟ ସଚେତକ ସତ୍ୟ ଭୂଷଣ ସାହୁ ମୁଖ୍ୟଅତିଥି, ଜିଲା କ୍ରୀଡ଼ା ସଂସଦ କୋଷାଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର, ଇଣ୍ଡୋର ଗେମ୍ସ ସମ୍ପାଦକ ତଥା ଫାଓ ଉପସଭାପତି ରବି ପଣ୍ଡା, ପାଇକମାଳ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ୍ କୁମାର ପତି, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରାଧେଶ୍ୟାମ ମେହେର, ମାଣ୍ଡୋସିଲ ଯୁକ୍ତଦୁଇ ମହାବିଦ୍ୟାଳୟ ଅଧ୍ୟକ୍ଷ ପରମେଶ୍ୱର ସାହୁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହେବ। ଏହି ପ୍ରତିଯୋଗିତାରେ ବାଳକ ବିଭାଗରେ ୧୦ ଦଳ ଭାଗ ନେଇଥିବା ବେଳେ, ୬ଟି ବାଳିକା ଦଳ ଭାଗ ନେଇଛନ୍ତି। ପ୍ରତିଯୋଗିତା ପରିଚାଳନାରେ ବୈବସ୍ୱତ ପ୍ରଧାନ, ସୁମନ୍ତ ସାହୁ, ସୁଦର୍ଶନ ମହାକୁର, ହେମସାଗର ସାହୁ, ଅଜିତ୍ ପ୍ରଧାନ, କ୍ଷୀରୋଦ୍ର ଦାଶ, ଉଦ୍ଧବ ତନ୍‌ସନା, ଉମାଶଙ୍କର ସାହୁ, ଗଣେଶ ଭୋଇ ଓ ଝରଣା ଦାଶ ସହଯୋଗ କରିଥିଲେ।

# ଉପ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ ନୋହିଲା

**ବରପାଲି,୧୫।୪(ଚିତ୍ତରଞ୍ଜନ ସାହୁ)**




ବରପାଲି ବ୍ଲକ ବାଗବାଡ଼ି ଗ୍ରାମରେ ବୁଧବାର ଏକ ଉପସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଏହି କାର୍ଯ୍ୟକ୍ରମ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଉଦ୍‌ଘାଟିତ ହୋଇ ନପାରି ବନ୍ଦ ହୋଇଯାଇଥିଲା। ବରଗଡ଼ ନିର୍ବାଚନମଣ୍ଡଳୀର ବରପାଲି ବ୍ଲକ ଅନ୍ତର୍ଗତ ବାଗବାଡ଼ି ଗ୍ରାମରେ ସ୍ୱାସ୍ଥ୍ୟସେବା ପାଇଁ ସରକାରଙ୍କ ପକ୍ଷରୁ ଆୟୁଷ୍ମାନ୍ ଉପସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ମଞ୍ଜୁର ହୋଇଥିଲା। ଏଥିପାଇଁ ଆବଶ୍ୟକ କୋଠା ମଧ୍ୟ ନିର୍ମିତ ହୋଇଛି। ବୁଧବାର ଉକ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ ହେବାର ଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସବୁ କିଛି ଆୟୋଜନ ମଧ୍ୟ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ଜିଲା ପରିଷଦ ସଦସ୍ୟ ଗୋବିନ୍ଦ ସାହୁ, ସରପଞ୍ଚ ସୁଷମା ଭୋଇ, ସମିତି ସଭ୍ୟା ଚାତୁରୀ ମେହେରଙ୍କ ନାମ ଫଳକରେ ଥିବା ବେଳେ ବିଧାୟକଙ୍କ ନାମ ଫଳକରେ ନ ଥିବାରୁ ବ୍ୟାପକ ଅସନ୍ତୋଷ ଦେଖାଦେଇଥିଲା। ପରିସ୍ଥିତି ଏପରି ହେଲା ଯେ, ବାଧ୍ୟ ହୋଇ ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ବାତିଲ କରିବାକୁ ପଡ଼ିଥିଲା ଓ ଫଳକକୁ ଉପାଡ଼ି ଦିଆଗଲା। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ବିଧାୟକଙ୍କ ନାମ ଫଳକରେ ନ ଥିଲା କି ଏ ସମ୍ପର୍କରେ ବିଧାୟକଙ୍କୁ ଜଣାଇ ନଥିଲେ। ଏ ସମ୍ପର୍କରେ ବରଗଡ ସିଡିଏମ୍‌ଓଙ୍କୁ ପଚାରିବାରୁ କୌଣସି ଉଦ୍‌ଘାଟନ ବିଷୟରେ ଜାଣିନାହିଁ କି ମୋର ଗୋଚରରେ ଆସିନାହିଁ ବୋଲି କହିଥିଲେ। ତେବେ ବାଗବାଡ଼ି ଅଞ୍ଚଳବାସୀଙ୍କ ବହୁ ଦିନର ଦାବି ପୂରଣ ହେବାକୁ ଯାଉଥିବାରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ପାଇଁ ତୁରନ୍ତ ଏହି ଉପସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବାକୁ ଦାବି ହେଉଛି।

# ଲାଇବ୍ରେରି ନିର୍ମାଣ ଦାବିକଲା ଛାତ୍ର କଂଗ୍ରେସ

**ବରଗଡ,୧୫।୪(ପ୍ରେମାନନ୍ଦ ଖମାରୀ)**



ବରଗଡ଼ ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

ବରଗଡ଼ ସହର ଦିନକୁ ଦିନ ଶିକ୍ଷାର ହବ୍ ପାଲଟି ବସିଛି। ମାତ୍ର ଏଠାରେ ଏପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଏକ ବଡ଼ ଧରଣର ଲାଇବ୍ରେରି ନାହିଁ। ଏହାକୁ ନେଇ ବରଗଡ଼ ଜିଲା ଛାତ୍ର କଂଗ୍ରେସ ଉଦ୍‌ବେଗ ପ୍ରକାଶ କରିଛି। ଏହି କ୍ରମରେ ବୁଧବାର ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଗୌରବ ପତି ଆଜାଦଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଥିଲେ। ଛାତ୍ରୀଛାତ୍ରଙ୍କ ସ୍ୱାର୍ଥଦୃଷ୍ଟିରୁ ବରଗଡ଼ ସହରରେ ଏକ ବଡ଼ ଧରଣର ଲାଇବ୍ରେରି ନିର୍ମାଣ କରିବା ପାଇଁ ସେମାନେ ଦାବି କରିଛନ୍ତି। ଏହି ଦାବିରେ ଜିଲାପାଳ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଲାଇବ୍ରେରିରେ ଇଣ୍ଟରନେଟ୍ ବ୍ୟବସ୍ଥା, ସମସ୍ତ ବହି ଉପଲବ୍ଧ କରିବା ଓ ପାନୀୟଜଳ ବ୍ୟବସ୍ଥା ପାଇଁ ଦାବି ହୋଇଛି। ଜିଲାରେ ଅନେକ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ମଧ୍ୟ ରହିଥିବା ବେଳେ ତାଙ୍କ ସୁବିଧା ପାଇଁ ଗ୍ରାଉଣ୍ଡ ଫ୍ଲୋରରେ ଲାଇବ୍ରେରି ନିର୍ମାଣ ପାଇଁ ଦାବି କରାଯାଇଛି। ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଗେଟ ନିର୍ମାଣ କରୁଥିବା ବେଳେ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥଦୃଷ୍ଟିରୁ ଏକ ବଡ଼ ଧରଣର ଲାଇବ୍ରେରି ନିର୍ମାଣ କରୁ ବୋଲି ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଆଜାଦ୍ ଦାବି କରିଛନ୍ତି। ଅନ୍ୟପକ୍ଷରେ ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଏକ ଲାଇବ୍ରେରି ପୂର୍ବରୁ ରହିଥିବା ବେଳେ ଅନେକ ସମସ୍ୟା ରହିଥିବା ଅଭିଯୋଗ ହୋଇଛି। ବରଗଡ଼ ଜିଲାପାଳ ଦାବିପତ୍ର ଗ୍ରହଣ କରିବା ସହ ଏ ଦିଗରେ କାର୍ଯ୍ୟ କରାଯାଇ ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଲାଇବ୍ରେରି ନିର୍ମାଣ ହେବ ବୋଲି ଛାତ୍ର କଂଗ୍ରେସ ସଦସ୍ୟଙ୍କୁ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

# ମାଟିରେ ମିଶିଲା ଦୋକାନ ଗୃହ

**ବରଗଡ଼,୧୫।୪(ପ୍ରେମାନନ୍ଦ ଖମାରୀ)**

- ଦୂରଦୃଷ୍ଟି ଅଭାବ, ସରକାରୀ ଅର୍ଥ ବରବାଦ୍
- ୨ବର୍ଷ ଆଗରୁ ହୋଇଥିଲା ନିର୍ମାଣ

ବରଗଡ଼ ସହରକୁ ବିକଶିତ କରିବା ଲକ୍ଷ୍ୟ ନେଇ ପୌର ପ୍ରଶାସନ ପକ୍ଷରୁ ପର୍ଯ୍ୟାୟକ୍ରମେ ଉଚ୍ଛେଦ ପ୍ରକ୍ରିୟା ଚାଲିଛି। ଉଚ୍ଛେଦ ଅଭିଯାନ ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳରେ ଜାରି ରହିଛି। ବୁଧବାର ସ୍ଥାନୀୟ ଘରୋଇ ବସଷ୍ଟାଣ୍ଡ କେନାଲ ଛକ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତି ନିକଟରେ ରହିଥିବା ଦୋକାନ ଗୃହ ଉଚ୍ଛେଦ ଏବେ ଚର୍ଚ୍ଚାର ବିଷୟ ହୋଇଛି। ପୌର ପ୍ରଶାସନ ପକ୍ଷରୁ ନିର୍ମିତ ଏହି ଦୋକାନ ଗୃହ ଗୁଡ଼ିକ ମାତ୍ର ୨ବର୍ଷ ପୂର୍ବରୁ ଉଦ୍‌ଘାଟିତ ହୋଇଥିଲା। ମାତ୍ର ବୁଧବାର ପୌର ପ୍ରଶାସନ ବୋଲଡ଼ୋଜର ଲଗାଇ ସେହି ଦୋକାନ ଗୁଡ଼ିକୁ ଧୂଳିସାତ୍ କରି ଦେଇଛି। ସହରକୁ ବିକଶିତ କରିବା ଉଦ୍ଦେଶ୍ୟରେ ଏହି ଉଚ୍ଛେଦ କରାଯାଇଥିବା କୁହାଯାଉଛି, ମାତ୍ର ପୌର ପରିଷଦର ଦୂରଦୃଷ୍ଟି ଅଭାବ ଯୋଗୁ ଆଜି ଲକ୍ଷାଧିକ ସରକାରୀ ଅର୍ଥ ବରବାଦ୍ ହେଲା ବୋଲି ସାଧାରଣରେ ଆଲୋଚିତ ହେଉଛି।



ମାଟିରେ ମିଶି ଯାଇଥିବା ଦୋକାନ ଗୃହ।

ସୂଚନା ଅନୁଯାୟୀ, ସମ୍ପୃକ୍ତ ସ୍ଥାନରେ ପୌର ପରିଷଦ ପକ୍ଷରୁ ୮ଟି ଦୋକାନ ଗୃହ ନିର୍ମିତ ହୋଇଥିଲା। ସେଥିପାଇଁ ଲକ୍ଷଲକ୍ଷ ସରକାରୀ ଅର୍ଥ ଖର୍ଚ୍ଚ ହୋଇଥିଲା। ଦୋକାନ ଗୃହ ନିର୍ମାଣ ହେବା ପରେ ସେହି ଗୃହ ଗୁଡ଼ିକୁ ବିଭିନ୍ନ ଦୋକାନୀଙ୍କ ମଧ୍ୟରେ ଆବଣ୍ଟିତ କରାଯାଇଥିଲା ଏବଂ ସେଠାରେ ନାନା ପ୍ରକାର ଦୋକାନ ଗଢ଼ି ଉଠିଥିଲା। ସେହି ଦୋକାନ ଗୁଡ଼ିକରୁ ଦୋକାନୀମାନେ ରୋଜଗାର ମଧ୍ୟ କରି ଆସୁଥିଲେ। ଅନ୍ୟପଟେ ସମ୍ପୃକ୍ତ ଦୋକାନ ଗୃହ ଗୁଡ଼ିକ ନିର୍ମାଣ ହେବା ଦିନଠାରୁ ତାକୁ ନେଇ ସାଧାରଣରେ ନାନା ଚର୍ଚ୍ଚା ଚାଲି ଆସୁଥିଲା। ସେଠାରୁ କେନାଲ ପାର୍ଶ୍ୱ ଦେଇ ଏକ ରାସ୍ତା ସହର ମଧ୍ୟକୁ ସଂଯୋଗ କରୁଛି। ସେହିପରି ପାଖରେ ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତି ଥିବାବେଳେ ନିକଟରେ ମୁଖ୍ୟରାସ୍ତା ଯାଇଛି। ଏଭଳି ସ୍ଥିତିରେ ସେଠାରେ ଦୋକାନ ଗୃହ ଗୁଡ଼ିକର ନିର୍ମାଣକୁ ନେଇ ଆରମ୍ଭରୁ ବିଭିନ୍ନ ମହଲ ନାପସନ୍ଦ କରି ଆସୁଥିଲେ।

ତେବେ ଉଚ୍ଛେଦ ପରେ ଦୋକାନ ଗୁଡ଼ିକ ମାଟିରେ ମିଶି ଯାଇଛି। ଦୋକାନୀ ଗୁଡ଼ିକ ସେଠାରେ ନିଜ ଜୀବିକା ହରାଇଛନ୍ତି। ଅନ୍ୟପଟେ ଉଚ୍ଛେଦ ପୂର୍ବରୁ ସମ୍ପୃକ୍ତ ଦୋକାନୀମାନଙ୍କୁ ଅନ୍ୟତ୍ର ଥଇଥାନ କରିବାକୁ ପୌର ପ୍ରଶାସନ ନିର୍ଭର ପ୍ରତିଶ୍ରୁତି ଦେଇଥିଲା। ଏହାପରେ ଦୋକାନୀମାନେ ଦୋକାନ ଗୁଡ଼ିକୁ ଖାଲି କରି ଦେଇଥିଲେ ଏବଂ ସେଠାକୁ ବୋଲଡ଼ୋଜର ମାଡ଼ି ବସିଥିଲା। ତେବେ ଉଚ୍ଛେଦ ପରେ ଦୋକାନୀମାନଙ୍କୁ ଥଇଥାନ କରିବାକୁ ପ୍ରତିଶ୍ରୁତି ମିଳିଛି ସତ, ମାତ୍ର ସେହି ଦୋକାନ ଗୃହ ଗୁଡ଼ିକ ନିର୍ମାଣ କରିବାରେ ଯେଉଁ ଲକ୍ଷଲକ୍ଷ ଟଙ୍କା ସରକାରୀ ଅର୍ଥ ବିନିଯୋଗ ହୋଇଥିଲା, ତାକୁ ଏବେ କିଏ ଭରଣା କରିବ ବୋଲି ସହରସାରା ଚର୍ଚ୍ଚା ଜୋର୍ ଧରିଛି।

# ୧୬ ରୁ ୨୦ ଯାଏ ୫ମ ରାଜ୍ୟ ହକି ପ୍ରତିଯୋଗିତା

ରାଉରକେଲା,୧୫।୪ (ବିପ୍ଳବ ରଞ୍ଜନ ଦାଶ): ଗୁରୁବାରଠାରୁ ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଏବଂ ପାନପୋଷ ସ୍ପୋର୍ଟସ ହଷ୍ଟେଲ ରାଉରକେଲାଠାରେ ଆରମ୍ଭ ହେଉଛି ପଞ୍ଚମ ରାଜ୍ୟ ହକି ପ୍ରତିଯୋଗିତା। ଓଡିଶା ହକି ଆସୋସିଏସନ ଦ୍ୱାରା ପଞ୍ଚମ ରାଜ୍ୟ ହକି ପ୍ରତିଯୋଗିତା ଆୟୋଜିତ ହେଉଥିବାବେଳେ, ଏହା ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ଏବଂ ପାନପୋଷ କ୍ରୀଡ଼ା ଛାତ୍ରାବାସ ହକି ପଡିଆରେ ଖେଳାଯିବ ବୋଲି ସୂଚନା ମିଳିଛି। ଏହା ନକ୍ ଆଉଟ୍ ହକି ପ୍ରତିଯୋଗିତା ହୋଇଥିଲାବେଳେ ଏହାର ପ୍ରାରମ୍ଭିକ ମ୍ୟାଚଗୁଡିକ ଉଭୟ ଷ୍ଟାଡିୟମରେ ଖେଳାଯିବ। କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଏବଂ ଫାଇନାଲ୍ ମ୍ୟାଚଗୁଡିକ ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଖେଳାଯିବ।

# ଜନସଚେତନତା ବୃଦ୍ଧି ନେଇ ଶୋଭାଯାତ୍ରା

## ନାରୀ ଶକ୍ତି ବନ୍ଦନ ଅଧିନିୟମ

ରାଉରକେଲା, ୧୫।୪(ବିପ୍ଳବ ରଞ୍ଜନ ଦାଶ)

ଭାରତର ଗଣତାନ୍ତ୍ରିକ ଇତିହାସରେ ନାରୀ ଶକ୍ତି ବନ୍ଦନ ଅଧିନିୟମ, ୨୦୨୩ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବରେ ଉଭା ହୋଇଛି। ଏହି ବିଷୟକୁ ନେଇ ବୁଧବାର ରାଉରକେଲା ଜିଲା ଭାଜପା ପକ୍ଷରୁ ସେକ୍ଟର-୨ଛକରୁ ମହିଳାମାନଙ୍କ ଦ୍ୱାରା ଏକ ବିଶାଳ ବାଇକ ଶୋଭାଯାତ୍ରା ହୋଇଥିଲା। ଏହି ଶୋଭାଯାତ୍ରା ଭାଜପା ଜିଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା, ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ, ରାଜ୍ୟ ମହିଳା ଶିଶୁ କଲ୍ୟାଣ ଆୟୋଗ ସଦସ୍ୟା କଳ୍ପନା ଲେଙ୍କା, ବରିଷ୍ଠ ନାରୀ ନେତ୍ରୀ ପ୍ରମିଳା ଦାସ, ମିନତୀ ଦେବତାଙ୍କ ନେତୃତ୍ୱରେ ହୋଇଥିଲା। ଶୋଭାଯାତ୍ରା ଶିଳ୍ପାଞ୍ଚଳ ବ୍ୟାପୀ ହୋଇଥିଲା। ଶୋଭାଯାତ୍ରାରେ ଯୋଜନା ପ୍ଲାକାର୍ଡ ମାଧ୍ୟମରେ ସଚେତନତା ବୃଦ୍ଧି କରାଯିବା ସହିତ ସ୍ଥାନେ ସ୍ଥାନେ ସଭା ମଧ୍ୟ ହୋଇଥିଲା। ସଭାରେ ଭାଜପା ପକ୍ଷରୁ ଲୋକସଭା ସମେତ ରାଜ୍ୟ ବିଧାନସଭାଗୁଡ଼ିକରେ



ବାଇକ୍ ଶୋଭାଯାତ୍ରାରେ ମହିଳାମାନେ ସହର ପରିକ୍ରମା କରୁଛନ୍ତି।

ମହିଳାମାନଙ୍କ ପାଇଁ ଏକ-ତୃତୀୟାଂଶ ସଂରକ୍ଷଣର ବ୍ୟବସ୍ଥା କେବଳ ପ୍ରତିନିଧି ବୃଦ୍ଧି ମଧ୍ୟରେ ସୀମିତ ନୁହେଁ, ବରଂ ନୀତି ନିର୍ମାଣକୁ ଅଧିକ ସମାବେଶୀ କରିଛି। ଏହି ଅଧିନିୟମ ଲାଗୁ ହେବାର ସବୁଠାରୁ ବଡ଼ ଲାଭ ହେବ ଯେ, ଶାସନର ପ୍ରାଥମିକତା ଗୁଡ଼ିକରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳିବ। ଯେତେବେଳେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି ପାଏ, ସେତେବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ସୁରକ୍ଷା, ଜଳ ଏବଂ ସ୍ୱଚ୍ଛତା ଭଳି ପ୍ରସଙ୍ଗଗୁଡ଼ିକ ଅଧିକ ପ୍ରାଥମିକତା ମିଳେ । ସ୍ଥାନୀୟ ସଂସ୍ଥାଗୁଡ଼ିକରେ ମହିଳାଙ୍କ ସଂରକ୍ଷଣର ଅନୁଭବ ପୂର୍ବରୁ ହିଁ ଦର୍ଶାଇସାରିଛି ଯେ ମହିଳା ପ୍ରତିନିଧିତ୍ୱ ଦ୍ୱାରା ନୀତିଗୁଡ଼ିକ ଅଧିକ ଜନ-କୈନ୍ଦ୍ରିକ ଏବଂ ପ୍ରଭାବଶାଳୀ ହୋଇଥାଏ। ବର୍ତ୍ତମାନ ଏହି ପ୍ରଭାବ ସଂସଦ ଏବଂ ବିଧାନସଭା ସ୍ତରରେ ଦେଖାଯିବ, ଯାହା ଫଳରେ ବିକାଶର ଦିଗ ଅଧିକ ସନ୍ତୁଳିତ ଏବଂ ସମାବେଶୀ ହୋଇପାରିବ ବୋଲି ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ବାଇକ ଶୋଭାଯାତ୍ରାରେ ରାଉରକେଲାର ଶତାଧିକ ମହିଳା ସାମିଲ ହୋଇଥିଲେ।

# ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟରେ ଚାଲିଥିବା ବିବିଧ କାର୍ଯ୍ୟକ୍ରମ ଉଦ୍‌ଯାପିତ



ଉଦ୍‌ଯାପନୀ ସଭାରେ ଅତିଥିମାନେ।

ରାଉରକେଲା,୧୫।୪(ବିପ୍ଳବ ରଞ୍ଜନ ଦାଶ)

ଗୁରୁକୁଳ ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟରେ ଓଡିଆ ପକ୍ଷ ପାଳନ ନେଇ ଚାଲିଥିବା ବିବିଧ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର କଲେଜ ପକ୍ଷରୁ ଓଡିଆ ନବବର୍ଷ ଓ ବିଷୁବ ସଂକ୍ରାନ୍ତୀ ନେଇ ପଣା ବଣ୍ଟନ କାର୍ଯ୍ୟକ୍ରମ ହୋଇଥିବାବେଳେ ବୁଧବାର ମେଧାବୃତି କାର୍ଯ୍ୟକ୍ରମ ଓ ମହିଳା ଶସକ୍ତିକରଣ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧକ୍ଷ ଡ. ପରମେଶ୍ୱର ଶତପଥିଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ପଣ୍ଡିତ ସୁରେଶ ଚନ୍ଦ୍ର ଭୋଇ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଓଡ଼ିଆ ପକ୍ଷ, ମାତୃଭାଷା ଓ ଓଡିଆ ନବବର୍ଷ ମୁଖ୍ୟ ଉପଦେୟତା ବିଷୟରେ ପରାମର୍ଶ ପ୍ରଦାନ କରିଥିଲେ। ଇଂରାଜୀ ବିଭାଗ ଅଧାପକ ଚନ୍ଦ୍ରଧ୍ୱଜ ମାଝୀ ମେଧାବୃତ୍ତି ଏବଂ ପଣାସଂକ୍ରାନ୍ତୀ ଉପରେ ଆଲୋକପାତ କରିଥିଲେ। ଓଡ଼ିଆ ଅଧାପିକା ଶ୍ୟାମମାଳା ଦାସ ମହିଳା ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ। ଶେଷରେ ମହାବିଦ୍ୟାଳୟର ଅଧକ୍ଷ ମହିଳା ଶସକ୍ତିକରଣ ଉପରେ ମତପ୍ରକାଶ କରି କହିଥିଲେ, ନାରୀ ସମାଜକୁ ସମ୍ମାନ ଦେବା ସହିତ ମହିଳାସମାଜକୁ ଆଗକୁ ବଢିବାରେ ସମସ୍ତେ ସହଯୋଗ କରିବା ଆବଶ୍ୟକ। ଶେଷରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଅଧିକାରିଣୀ ଜ୍ୟୋସ୍ନାରାଣି ଦାସ ଧନ୍ୟବାଦ ଜଣାଇଥିଲେ। ତେବେ ବିଗତ ୧୪ଦିବସ ବ୍ୟାପୀ କଲେଜରେ ଓଡ଼ିଆ ପକ୍ଷ ପାଳନ ନେଇ ବିବିଧ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଥିବାବେଳେ ବୁଧବାର ସମସ୍ତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ଶ୍ରେଷ୍ଠ ରାମନବମୀ ଆଖଡାର ପୁରସ୍କାର ପ୍ରଦାନ



ରାଉରକେଲା ପୋଲିସ ମୁଖ୍ୟାଳୟରେ ପୁରସ୍କାର ପ୍ରଦାନ କରାଯାଉଛି।

ରାଉରକେଲା,୧୫।୪(ସଙ୍ଗୀତା ଜେନା)

## ରାଉରକେଲା ପୋଲିସ ଜିଲା

ଚଳିତବର୍ଷ ରାଉରକେଲା ରାମନବମୀ ଆଖଡା ଆୟୋଜନ ଓ ପ୍ରଦର୍ଶନ ପାଇଁ ରାଉରକେଲା ପୋଲିସ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଛି। ରାମନବମୀ ଆଖଡା ଶୋଭାଯାତ୍ରା ରାଉରକେଲା ମେନରୋଡରେ ଅନୁଷ୍ଠିତ ହୋଇଥିଲା। ସମନ୍ୱୟ ରକ୍ଷା କରି ଶାନ୍ତିଶୃଙ୍ଖଳା ବଜାୟ ରଖି ପ୍ରଦର୍ଶନ ଶୋଭାଯାତ୍ରାରେ କରିଥିବାରୁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି। ବୁଧବାର ପୂର୍ବାହ୍ନ ସାଢ଼େ ୧୦ଟାରେ ରାଉରକେଲା ପୋଲିସ ମୁଖ୍ୟାଳୟରେ ଏସ୍‌ପି ନିତେଶ ୱାଧୱାନୀଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୋଟ ୧୫ଟି ଆଖଡା କମିଟିରୁ ୪ଟି କମିଟିକୁ ଚୟନ କରାଯାଇଥିଲା। ପ୍ରଥମ ସ୍ଥାନ ଗାନ୍ଧୀରୋଡ ତ୍ରିନାଥ ଆଖାଡା, ଦ୍ୱିତୀୟ ପୁରସ୍କାର ତିଲକ୍କ ଲେନ୍ ଗଳି ଶ୍ରୀ ଶିବଶକ୍ତି ଆଖାଡା କମିଟି ଓ ୩ୟ ପୁରସ୍କାର ବିଶ୍ରା ରୋଡ ମହାବୀର ଆଖଡା ତଥା ଶ୍ରେଷ୍ଠ ରାମନବମୀ ଆଖଡା କୁମ୍ଭାରପଡ଼ା ଆଖଡାକୁ ପ୍ରଦାନ କରାଯାଇଥିଲା। ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର, ଶ୍ରାବଣୀ ନାୟକ ସମେତ ବରିଷ୍ଠ ପୋଲିସ ଅଧିକାରୀ, ତଥା ଆଖଡା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

# ଇସ୍ପାତ ସହରରେ ମହାବିଷୁବ ସଂକ୍ରାନ୍ତିରେ ପଣାବଣ୍ଟନ

ରାଉରକେଲା, ୧୫।୪(ସଙ୍ଗୀତା ଜେନା)

ରାଉରକେଲାରେ ମହାବିଷୁବ ସଂକ୍ରାନ୍ତି ଅବସରରେ ବିଭିନ୍ନ କ୍ଲବ, ସାମାଜିକ ସଙ୍ଗଠନ ଓ ମନ୍ଦିର କମିଟି ପକ୍ଷରୁ ମଙ୍ଗଳବାର ପଣାବଣ୍ଟନ କରାଯାଇଛି। ସହରବାସୀ ବିଭିନ୍ନ ସ୍ଥାନରେ ବଣ୍ଟନ ହେଉଥିବା ଆମ୍ବପଣା, ବେଲପଣା, ଦହିସରବତ, ଆମ୍ବପୋଡାସରବତ୍, ଜଳଜୀରା, ଟଙ୍କତୋରାଣି, କନିକା, ଖେଚୁଡ଼ି ଭୋଗର ମଜା ନେଇଥିଲେ। ସେକ୍ଟର-୨ ରୟାଲ ଗ୍ରୁପ ପକ୍ଷରୁ ସେକ୍ଟର-୨ ଓଏସ୍ ଆରଟିସି କାର୍ଯ୍ୟାଳୟ ନିକଟରେ ନିଆରା ଆମ୍ବପଣା ବଣ୍ଟନ ଆୟୋଜନ କରାଯାଇଥିଲା। ସାମାଜିକ କର୍ମୀ ସରୋଜ ପ୍ରଧାନ, ମନୋଜ ଦୋରା, ମୁକ୍ତିକାନ୍ତ ବେହେରା, ଧର୍ମାନନ୍ଦ ବିଶ୍ୱାଳ, ଅଜିତ ନାୟକ, ପବିତ୍ର ସାହୁ, ହିମାଂଶୁ ସ୍ୱାଇଁ ,ଜଗତ ସାହୁ, ବିରେନ୍ଦ୍ର ସିଂହ, ଶରତ ନାୟକ, ସନ୍ତୋଷ ନାୟକ, ମହେଶ୍ୱର ସାହୁ, ଦୀପକ ପରେଶ, ସୁନୀଲ, ଶିବୁ ପ୍ରମୁଖ ଏହି କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ। ସେକ୍ଟର-୧ ଜଗଦାତ୍ରୀ ମନ୍ଦିର ନିକଟରେ ଓମ ସାଇସେବକ ମଣ୍ଡଳୀ ଟ୍ରଷ୍ଟ ପକ୍ଷରୁ ଦହିସରବତ ବଣ୍ଟନ କରାଯାଇଥିଲା। ସଭାପତି ପ୍ରଶାନ୍ତ ପଣ୍ଡା, ସମ୍ପାଦକ ସୁମନ୍ତ ସ୍ୱାଇଁ, ମହେନ୍ଦ୍ର ବିଶ୍ୱାଳ, କୋଷାଧ୍ୟକ୍ଷ ପ୍ରହଲାଦ ପରିଡା, ରେବତୀ ବିଶୋୟୀ, ଧ୍ରୁବନାଥ ପରିଡ଼ା ପ୍ରମୁଖ ଲୋକଙ୍କୁ ସେବା ପ୍ରଦାନ କରିଥିଲେ। ସାମାଜିକ ଅନୁଷ୍ଠାନ ସମ୍ଭବ ପକ୍ଷରୁ ମଙ୍ଗଳବାର ଅପରାହ୍ନ ୫ଟାରେ କୋଏଲନଗର ସ୍ଥିତ ଶନିମନ୍ଦିର ନିକଟରେ ପଣାବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛତୁଆ, ଫଳମୂଳ ପଣା ବଣ୍ଟନ କରାଯାଇଥିଲା। ସଭାପତି ସୁବ୍ରତ ମହାନ୍ତି, ପଦ୍ମିନୀ ଦାସ, ଆରତୀ ଚୌଧୁରୀ, ଉମା ନାୟକ, ଅଜୟ ରାଉତ, ସିପ୍ରା ନାୟକ, ସୁକ୍ତା ସ୍ୱାଇଁ, ଇନ୍ଦୁମତୀ ଶତପଥୀ, ସ୍ମିତା ନାଗ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଛେଣ୍ଡ କଳିଙ୍ଗବିହାର ସ୍ଥିତ ବିଜୁ ପଟ୍ଟନାୟକ ଛକ ନିକଟରେ ପୂର୍ବତନ କାଉନସିଲର ଜର୍ଜ ଆନନ୍ଦଙ୍କ ଅଧ୍ୟକ୍ଷତାରେ କଲ୍ୟାଣୀ ରାୟ ମହିଳା ସଙ୍ଗଠନ ଓ କଲ୍ୟାରୀ ରାୟ ସେବା ସଙ୍ଗଠନ ମିଳିତ ଆନୁକୂଲ୍ୟରେ ସଙ୍ଗଠନର ଅଧ୍ୟକ୍ଷ ହରିହର ରାଉତରାୟ, ରିଙ୍କୁ ସାମଲ, ରାଜା ରାୟଙ୍କ ଦ୍ୱାରା ପଣା ବଣ୍ଟନ କରାଯାଇଥିଲା। ସେହିପରି ସେକ୍ଟର-୧ ଦକ୍ଷିଣ କାଳୀମନ୍ଦିର, ସାଥୀ ଟ୍ରଷ୍ଟ, ରାଉରକେଲା ଶ୍ରମିକ ସେବର ଟ୍ରଷ୍ଟ, ରାଉରକେଲା ୟୁଥ୍ ଫୋରମ୍ ଆସୋସିଏସନ୍, ଶକ୍ତିନଗର ମାର୍କେଟ କମିଟି, ସେକ୍ଟର-୨ ଖରିଆବାହାଲ ବସ୍ତି ମହିଳା ସଂଘ ସମେତ ଶତାଧିକ ଅନୁଷ୍ଠାନ ପକ୍ଷରୁ ପଣାବଣ୍ଟନ କରାଯାଇଥିଲା।

SAMALESWARI GROUP OF INSTITUTIONS
S.R.I.T. Colony, Near Hanuman Temple, Budharaja, Sambalpur-768004
B.Ed.
DIRECT ADMISSION
SESSION 2026-28
2 Years (4 Sems) B.Ed.
Eligibility- Any Graduate
NCTE Recognised Course
Under Acharya Nagarjuna University & Andhra Kesari University
CONTACT US- 9777167095, 9437446036

# ଆର୍‌ଏମ୍‌ସିର ୪୦ ୱାର୍ଡରେ ଗୃହଗଣନା ପ୍ରକ୍ରିୟା ଶୁଭାରମ୍ଭ

ରାଉରକେଲା,୧୫।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମହାନଗର ନିଗମ ଆୟୁକ୍ତ ଓ ରାଜ୍ୟ ଜନଗଣନା ବିଭାଗ ନିର୍ଦ୍ଦେଶ କ୍ରମେ ଗୁରୁବାରରୁ ରାଉରକେଲା ମହନଗର ନିଗମର ୪୦ଟି ୱାର୍ଡରେ ପ୍ରଥମ ପର୍ଯ୍ୟାୟରେ ଜନଗଣନା-୨୦୨୭ ନେଇ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବ। ଏହି ପ୍ରକ୍ରିୟା ୧୬ ଏପ୍ରିଲରୁ ୧୫ ମେ ଯାଏଁ ଚାଲିବ। ଏଣୁ ଏନେଇ ବୁଧବାର ରାଉରକେଲା ମହାନଗର ନିଗମ ତରଫରୁ ଗଣନାକାରୀମାନଙ୍କୁ ପରିଚୟପତ୍ର ଏବଂ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ସର୍ବପ୍ରଥମେ ଏନେଇ ସହରର ୪୧ଟି ୱାର୍ଡରେ ରହୁଥିବା ଲୋକଙ୍କ ଗୃହ ଗଣନା କରାଯିବ। ଯାହାଦ୍ୱାରା ସହରାଞ୍ଚଳ ଲୋକଙ୍କର ଗୃହ ସଂଖ୍ୟା ସହିତ ଗୃହ ସ୍ଥିତି ସଂଗ୍ରହ ହେବ। ଏହାପରେ ଆସନ୍ତା ୯ଫେବୃଆରୀରୁ ସହରବ୍ୟାପି ଜନଗଣନା ଦ୍ୱିତୀୟ ପର୍ଯ୍ୟାୟରେ କରାଯିବ। ଯାହାଦ୍ୱାରା କି ସହରର ଗୃହସଂଖ୍ୟା ଓ ଲୋକସଂଖ୍ୟା ସ୍ଥିତି ଠିକ ଆକଳନ କରାଯାଇ ସରକାରୀ ଯୋଜନା ତଥା ମତଦାନ ଜନିତ ସଠିକତା ପ୍ରକାଶ ପାଇବ। ବୁଧବାର ଏନେଇ ସହରର ଜନଗଣନାକାରୀମାନଙ୍କର ଆରଏମସିରେ ପ୍ରବଳ ଭିଡ ଜମିଥିବା ବେଳେ,ଆରଏମସି ପକ୍ଷରୁ ତିନୋଟି ସ୍ଥାନରେ ପୃଥକ ପୃଥକ ଭାବେ ଜନଗଣନାକାରୀଙ୍କୁ ପରିଚୟ ପତ୍ର ଓ ପ୍ରମାଣପତ୍ର ପ୍ରଦାନ କରାଯିବା ସହିତ ସହରର ପ୍ରତ୍ୟେକ ଗଳିକନ୍ଦି ଘରକୁ ଘର ଯାଇ ଗୃହ ଗଣନା କରିବାକୁ ବୁଧବାର ଜନଗଣନାକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗୋଟିଏ ମଧ୍ୟ ଘର ଯେଭଳି ଗଣନାରୁ ବାଦ ନ ପଡେ ସେ ଦିଗରେ ଯତ୍ନଶୀଳ ହୋଇ କାମ କରିବା ସହିତ ଉପଯୁକ୍ତ ତଥ୍ୟ ସଂଗ୍ରହ କରିବା ପାଇଁ କୁହାଯାଇଛି। ଏଥିସହିତ ରାଉରକେଲା ମହାନଗର ନିଗମ ପକ୍ଷରୁ ସହରବାସୀଙ୍କୁ ଜନଗଣନାକାରୀମାନଙ୍କୁ ଗୃହ ଗଣନାରେ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ନିବେଦନ କରାଯାଇଛି। ଆଜିର ଏହି ପରିଚୟ ପତ୍ର ଓ ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟରେ ଆରଏମ୍‌ସି ଉପାୟୁକ୍ତ ତରୁଣ କାନ୍ତଙ୍କ ସମେତ ବହୁ ଅଧିକାରୀ ସାମିଲ ରହିଥିବାବେଳେ ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟ ଅପରାହ୍ନ ୨ଟା ଯାଏଁ ଚାଲିଥିଲା।

# ସିପିଆଇଏମ୍ ପକ୍ଷରୁ ଆମ୍ବେଡକରଙ୍କ ଜୟନ୍ତୀ

ରାଉରକେଲା,୧୫।୪(ସଙ୍ଗୀତା ଜେନା)

ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ସମ୍ବିଧାନ ପ୍ରଣେତା, ଭାରତରତ୍ନ ବାବା ସାହେବ ଭୀମରାଓ ଆମ୍ବେଡ଼କରଙ୍କ ୧୩୫ ତମ ଜୟନ୍ତୀକୁ ଦଳିତ ଅଧିକାର ଦିବସ ଭାବରେ ପାଳନ କରାଯାଇଛି। ଏହା ସହିତ ରାଉରକେଲା ଉଦିତନଗର ସ୍ଥିତ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ଦଳ ପକ୍ଷରୁ ମାଲ୍ୟାର୍ପଣ କରାଯିବା ସହିତ ସଭା ଅନୁଷ୍ଠିତ ହୋଇଯାଇଛି। ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାର୍ଟିର ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ଜିଲା କମିଟି ସଦସ୍ୟ ବିପି ମହାପାତ୍ର, ବସନ୍ତ ନାୟକ, ଆଞ୍ଚଳିକ କମିଟି ନେତା ଅଜୟ ଶର୍ମା, ଭାଗିରଥି ଟୁଡୁ, ବିଶ୍ୱଜିତ ମାଝୀ, ଚନ୍ଦ୍ରଭାନୁ ଦାସ, ପ୍ରଭାତ ମହାନ୍ତି, ପ୍ରଦୀପ ସେଠୀ, ଦିବାକର ମହାରଣା, ଅନାଦି ସାହୁ, ସୁଧାଂଶୁ ଜେନା, ଅରୁଣ ମହାରଣା, ବସନ୍ତ ପାଢ଼ୀ ପ୍ରମୁଖ ବକ୍ତବ୍ୟ ରଖି ବାବା ସାହେବଙ୍କ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏନ୍.କେ ରାଉତରାୟ, ନିରଞ୍ଜନ ସିଂ,ସି ଦିବାକର ରାଓ, ସୁରେନ୍ଦ୍ର ବେହେରା, ପ୍ରମୋଦ ପରିଡ଼ା, ଜନ୍ମେଜୟ ଘୋଷ,ରାଜୀବ ବସନ୍ତ ରାୟ ପ୍ରମୁଖ ପରିଚାଳନା କରିଥିଲେ।


ଆମ୍ବେଡକର ଜୟନ୍ତୀରେ ଉପସ୍ଥିତ ସିପିଆଇଏମ୍ କର୍ମୀ।

# ଆଦର୍ଶ ପାଠାଗାରର ବିଷୁବ ମିଳନ ସମାରୋହ


ଆଦର୍ଶ ପାଠାଗାରର ବିଷୁବ ମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ରାଉରକେଲା,୧୫।୪(ବିପ୍ଳବ ରଞ୍ଜନ ଦାଶ)

## ସମ୍ମାନିତ ହେଲେ ପ୍ରଫେସର ସବିତା ପ୍ରଧାନ

ରାଉରକେଲାର ପୁରାତନ ସାହିତ୍ୟାନୁଷ୍ଠାନ ଆଦର୍ଶ ପାଠାଗାରର ବିଷୁବ ମିଳନ କାର୍ଯ୍ୟକ୍ରମ ମଙ୍ଗଳବାର ଦିବସ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ସେକ୍ଟର ୭ ମଧୁମଣ୍ଡପ ଠାରେ ପାଠାଗାରର ସଭାପତି ରାଧାକାନ୍ତ ମିଶ୍ରଙ୍କ ସଭାପତିତ୍ୱ, ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆଙ୍କ ଆବାହକତ୍ୱ ତଥା ଲୋକସମ୍ପର୍କ ଅଧିକାରୀ କୁଞ୍ଜବିହାରୀ ରାଉତଙ୍କ ମଞ୍ଚ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ଅତିଥି ତଥା ମୁଖ୍ୟବକ୍ତା ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ତଥା ବର୍ତ୍ତମାନ ବିଶ୍ୱଭାରତୀ ଶାନ୍ତିନିକେତନର ଓଡ଼ିଆ ବିଭାଗର ମୁଖ୍ୟ ପ୍ରଫେସର ସବିତା ପ୍ରଧାନ, ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ତଥା ଭଞ୍ଜ ସାଂସ୍କୃତିକ ନ୍ୟାସର କାର୍ଯ୍ୟକାରୀ ଅଧକ୍ଷ ଇଂ.ଅଭୟ କୁମାର ଦାସ ଓ ପାଠାଗାରର କାର୍ଯ୍ୟକାରୀ ଅଧକ୍ଷ ଡ଼ ସନାତନ ପ୍ରଧାନ ପ୍ରମୁଖ ଯୋଗଦେଇ ବିଷୁବ ମିଳନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ନାୟକ ପାଠାଗାରର ସାହିତ୍ୟ ପ୍ରତି ପ୍ରତିବଦ୍ଧତାକୁ ସାଧୁବାଦ ଦେବା ସହ ପାଠାଗାରର ସମସ୍ୟା ପ୍ରତି ଦୃଷ୍ଟି ଦେବେ ମତ ରଖିଥିଲେ। ମୁଖ୍ୟବକ୍ତା ପ୍ରଫେସର ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଲେ ଭାଷାର ବ୍ୟବହାର ନ ହେଲେ ତାହା ଧିରେ ଧିରେ କଥିତ ଭାଷା ହୋଇ ରହିଯିବ। ଆସନ୍ତା ୧୦୦ ବର୍ଷ ମଧ୍ୟରେ ୫୦ ପ୍ରତିଶତ ଭାଷା ବିଲୁପ୍ତ ହେବ ବୋଲି ମତ ରଖିଥିଲେ। ଏହି ଅବସରରେ ପ୍ରଫେସର ସବିତା ପ୍ରଧାନଙ୍କୁ ଚଳିତ ବର୍ଷ ବିଷୁବ ସମ୍ମାନ ୨୦୨୬ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଝିଲିମା ମହାନ୍ତି ମାନପତ୍ର ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ଆର୍ତ୍ତତ୍ରାଣ ମହାପାତ୍ର ଓ ଝିଲିମା ମହାନ୍ତିଙ୍କ ସଂଯୋଜନାରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବଶ୍ରୀ ଡା କୃପାସିନ୍ଧୁ ନାୟକ, ବଳରାମ ରାଉଳ,ଡ କ୍ଷୀରୋଦ ବରାଳ, ଅଶୋକ ପଟ୍ଟନାୟକ, ମୀନକେତନ ପଶାୟତ, ଉପେନ୍ଦ୍ର ବସ୍ତିଆ, ପ୍ରତାପ ପଣ୍ଡା, କୁଞ୍ଜବିହାରୀ ରାଉତ, ସଞ୍ଜୀବ ଭୋଇ, ଧୋବେଇ ବେହେରା, ସବିତା ବସ୍ତିଆ, ସାଗର ମହାନ୍ତି, ବ୍ରଜେନ୍ଦ୍ର ଦାଶ, ତାରିଣୀ ଚରଣ ସାହୁ, ସସ୍ମିତା ପ୍ରଧାନ, ବିଜୟିନୀ ଜେନା,ବ୍ରଜବିହାରୀ ଦାଶ, ରଶ୍ମି ସାହୁ, ସତ୍ୟନାରାୟଣ ଦାଶ, ସୁନିଲ କୁମାର ଦାସ,ବିନିତା ମହନ୍ତ, ଉମେଶ ଚନ୍ଦ୍ର ନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

# କଳାକେନ୍ଦ୍ର ପକ୍ଷରୁ ବିଶ୍ୱଚିତ୍ରକଳା ଦିବସ



କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ର।

ରାଉରକେଲା, ୧୫।୪(ସଙ୍ଗୀତା ଜେନା)

ବିଶ୍ୱଚିତ୍ରକଳା ଦିବସ ଉପଲକ୍ଷେ ଛେଣ୍ଡ କଲୋନୀସ୍ଥିତ ସ୍କୁଲ ଅଫ୍ ଫାଇନ୍ ଆର୍ଟ ପକ୍ଷରୁ ବିଶ୍ୱ ବିଖ୍ୟାତ ଚିତ୍ରଶିଳ୍ପୀ ଲିଓନାର୍ଡୋ ଦାଭିନ୍ସିଙ୍କ ଜନ୍ମଦିନ ଅବସରରେ ଏକ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ କରିଥିଲେ। ଦାଭିନ୍ସିଙ୍କ ଜନ୍ମଦିନକୁ ସାଧାରଣ ଭାବେ ଚିତ୍ରକଳା ଦିବସ ଭାବେ ପାଳନ କରାଯାଇଥାଏ। ଏଥିରେ ମୁଖ୍ୟ ଅତିଥି ଭାବେ ଲେଖିକା ସ୍ନେହଲତା ନାୟକ, କଳାକେନ୍ଦ୍ର ଅଧ୍ୟକ୍ଷ ଦେବେନ୍ଦ୍ର ମହାରଣା ଯୋଗଦେଇ ପ୍ରଦର୍ଶନୀରେ ଥିବା ଚିତ୍ରକଳାଗୁଡ଼ିକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ମହାରଣା କଳା ଓ ଚିତ୍ରକଳା ସମ୍ପର୍କରେ ବିଶେଷ ଆଲୋଚନା କରି ତଥ୍ୟ ପ୍ରଦନ କରିଥିଲେ। ରଶ୍ମୀରେଖା ବିଶ୍ୱାଳ, ମାଧୁରୀ ପ୍ରଧାନ, ସବିତା ବାସା, ଦେବସ୍ମିତା ବେହେରା, ପ୍ରିୟା ଦାସ, ଶ୍ରୁତିଦିତ୍ୟ ପ୍ରମୁଖ କଳାକାରମାନେ ଉପସ୍ଥିତ ଥିଲେ।

# କଞ୍ଚାମାଲ ପରିଚାଳନା ବିଭାଗରେ ଠିକା ଶ୍ରମିକ ପୁରସ୍କୃତ

## ଆର୍‌ଏସପିରେ ତତ୍କାଳ ସ୍ୱୀକୃତି ଯୋଜନା ଅଧୀନ

ରାଉରକେଲା,୧୫।୪(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର କଞ୍ଚାମାଲ ପରିଚାଳନା ବିଭାଗ ତତ୍କାଳ ସ୍ୱୀକୃତି ଯୋଜନା ଅଧୀନରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଞ୍ଚାମାଲ ପରିଚାଳନା ବିଭାଗର ଜିଏମ ଇନଚାର୍ଜ ଜେଡି ସେଠି ଅଧକ୍ଷତା କରି ୨୫ ଜଣ ଠିକା ଶ୍ରମିକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଇଲେକଟ୍ରିକାଲ ବିଭାଗର ଜିଏମ ଏସ୍ ରଣା, ମେକନିକାଲ ବିଭାଗର ଜିଏମ ପି କେ ନାଏକ, ଅପରେସନ ବିଭାଗ ର ଜିଏମ , ଏ କାର୍ଜୁନ୍, ଏଚ.ଆର ସିଏଲସି, ପ୍ରୋଜେକ୍ଟ, ଟାଉନ୍ ଏବଂ ମେଡିକାଲ୍ ବିଭାଗର ଜିଏମ ଜି ଆର ଦାଶଙ୍କ ସମେତ ବିଭାଗର ଅନ୍ୟ ବହୁ ବରିଷ୍ଠ ଅଧିକାରୀ, ଏଚଆର ସିଏଲସି ପ୍ରତିନିଧି, ସମ୍ପୃକ୍ତ ଠିକାଦାର ଏବଂ ଠିକା ଶ୍ରମିକ ଉପସ୍ଥିତ ଥିଲେ। ଏହି ଅବସରରେ ସେଠି ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଏହା କାରଖାନା ଏବଂ ବିଭାଗର ଉତ୍ପାଦନ ତଥା କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବାରେ କିପରି ସାହାଯ୍ୟ କରିଛି ତାହା ଉପରେ ଆଲୋକପାତ କରିଥିଲେଠ ଫେଜ-୧ , ୨ ଏବଂ ୩ ରେ ହାଉସକିପିଂ କ୍ଷେତ୍ରରେ କରାଯାଇଥିବା ପ୍ରଶଂସନୀୟ କାର୍ଯ୍ୟ ଏବଂ ୱାଗନ ଟିପ୍ଲର ଏବଂ ବକେଟ ରିକ୍ଲେମରରେ ଗୁରୁତ୍ୱପୂର୍ଣ୍ଣ ମରାମତି କାର୍ଯ୍ୟ ପାଇଁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିରିକ୍ତ କୋକ୍ ସ୍କ୍ରିନିଂ ପାଇଁ ସିଏଫଓ ରେ ଏକ ନୂତନ ସ୍କ୍ରିନ୍ ସୁବିଧା ସ୍ଥାପନ କରିବାରେ ମଧ୍ୟ ପୁରସ୍କାରପ୍ରାପ୍ତ ବ୍ୟକ୍ତିମାନେ ଯଥେଷ୍ଟ ଅବଦାନ ରଖିଥିଲେ। ପ୍ରାରମ୍ଭରେ ଅପରେସନ୍ ବିଭାଗ ର ଡି.ଜି ଏମ ଏସ୍.ମୁଣ୍ଡା ସମାବେଶକୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ଅଧିକାରୀ।

## ସଂକ୍ଷେପରେ

### ଭାଜପାର ମିଶ୍ରଣ ପର୍ବ

**ସରପଞ୍ଚ, ସମିତି ସଭ୍ୟ ସହ ବହୁ ସମର୍ଥକ ହେଲେ ସାମିଲ**

**କଣ୍ଟାବାଞ୍ଜି,୧୫।୪(ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହିଆଲ ପଞ୍ଚାୟତ ଖୁଟୁଲୁମୁଣ୍ଡା ଗ୍ରାମରେ ବୁଧବାର ଦିନ ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବଙ୍ଗୋମୁଣ୍ଡା, ମୁରିବାହାଲ, ତୁରେକେଲା ବ୍ଲକର ଶତାଧିକ କର୍ମୀ ବିଜେଡି ଓ କଂଗ୍ରେସ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ବଙ୍ଗୋମୁଣ୍ଡା ବ୍ଲକର ଜାମଖୁଣ୍ଟା, ଚାନ୍ଦୋତରା, ଭୂର୍ଷଗୁରା, ଆର୍ଣାତୁଲା, ଭୁସଲାଡ, ଗନ୍ଧରାବନ୍ଧ, ଖଇରା, କପିଲାଭଟା, ଝଳପ, ଝରିଆଲ, ବିରିପାଲି ଆଦି ପଞ୍ଚାୟତ ର ସରପଞ୍ଚ, ସମିତି ସଭ୍ୟ ଓ କର୍ମୀମାନେ ସାମିଲ ହୋଇଥିଲେ । ମିଶ୍ରଣ ପର୍ବ ଅବସରରେ ଅନୁଷ୍ଠିତ ସଭାରେ ରାଜ୍ୟ ଉପସଭାପତି ଶିବାଜୀ ମହାନ୍ତି ,ଜିଲା ଉପସଭାପତି ବେଦବ୍ୟାସ ନାଗ, ଜିଲା ସମ୍ପାଦକ ପୁରୁନ୍ଦର ବାଗ, ତିନି ଗୋଟି ବ୍ଲକର ସଭାପତି ମଞ୍ଚାସୀନ ଥିଲେ ।

### ହନୁମାନ ଜୟନ୍ତୀରେ ଶୋଭାଯାତ୍ରା,ପାରାୟଣ

**ଦେଓଗାଁ,୧୫।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ବ୍ଲକର ବିଭିନ୍ନ ଗାଁରେ ହନୁମାନ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ହନୁମାନ ଜୟନ୍ତୀ ଉତ୍ସବ ପରିଚାଳନା କମିଟି ଆନୁକୂଲ୍ୟରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ପ୍ରହଲ୍ଲାଦ ରଣା ଓ ସାଥୀଙ୍କ ଦ୍ୱାରା କୀର୍ତ୍ତନ ଧାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଦୟାନିଧି ଖମାରୀଙ୍କ ସମେତ କର୍ମଚାରୀ ତଥା ଆଖପାଖର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ନରେନ୍ଦ୍ର ବିଶ୍ୱାଳ, କିରଣ ପଟ୍ଟନାୟକ, ସୁବ୍ରତ କୁମାର ପଟ୍ଟନାୟକ, ହିରେନ୍ଦ୍ର ବିଶ୍ୱାଳ, ସନତ କୁମାର ସାହୁ, ଅନନ୍ତ ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବଙ୍ଗଳା ଛକରେ ତୁଳସୀ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଥିଲା। ଏଥିରେ ଗାୟିକା ଭାବେ ସବିତା ପଣ୍ଡା ଯୋଗ ଦେଇଥିଲେ । ମୁରସିଂ ବଜରଙ୍ଗ ଦଳ ତରଫରୁ ଏକ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା। ମୁରସିଂ ଗ୍ରାମବାସୀଙ୍କ ଆୟୋଜନ କ୍ରମେ ସ୍ଥାନୀୟ ହନୁମାନ ପୀଠରେ ରାମାୟଣ ପାରାୟଣ ହୋଇଥିଲା। ବ୍ୟାସ ଭାବେ ଲୋକନାଥ ମିଶ୍ର ଯୋଗ ଦେଇଥିଲେ। ସାଲେପାଲିରେ ସ୍ଥାନୀୟ ବଜରଙ୍ଗ ଦଳ ତରଫରୁ ହନୁମାନ ମନ୍ଦିର ପ୍ରାଙ୍ଗଣରେ ହନୁମାନ ଜୟନ୍ତୀ ପାଳିତ ହୋଇଥିଲା । ଏହି ଅବସରରେ ରାମାୟଣ ପାରାୟଣ ହୋଇଥିଲା। ବନ୍ଧପଡାରେ ଯୁବନେତା ଅମିତ ସିଂ ନିନାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା। ଦେଓଗାଁ ପଞ୍ଚାୟତ ମୁଖ୍ୟାଳୟସ୍ଥିତ ବଜରଙ୍ଗବଳୀ ଛକଠାରେ ଶୋଭାଯାତ୍ରା ହୋଇଥିଲା। ନାଗେଶ୍ୱର ଯୁବକ ସଂଘ ତରଫରୁ ଦେଓଗାଁରେ ହନୁମାନ ଜୟନ୍ତୀ ଉତ୍ସବ ଓ ଗ୍ରାମ ପରିକ୍ରମା ହୋଇଥିଲା।

# ଦେଢ଼ କୋଟିର ଗଞ୍ଜେଇ ଜବତ, ୨ ଫେରାର






ପୁଇଁନ୍ତଲା ଗିରିଗୋବର୍ଦ୍ଧନ ମନ୍ଦିର ନିକଟରେ ଜବତ ଗାଡ଼ି ଓ ଗଞ୍ଜେଇ।

- ବୌଦ୍ଧରୁ ଛତିଶଗଡ଼ ଚାଲାଣ ହେଉଥିଲା
- ଗିରିଗୋବର୍ଦ୍ଧନ ମନ୍ଦିର ନିକଟରେ ଗାଡ଼ି ଛାଡ଼ି ଫେରାର

**ବଲାଙ୍ଗୀର,୧୫।୪(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥରେ ଗଞ୍ଜେଇ ଭର୍ତ୍ତି ଏକ ସ୍କର୍ପିଓ (ନଂ ସିଜି୦୪କ୍ୟୁଡି ୪୩୮୫)କୁ ପୁଇଁନ୍ତଲା ଥାନା ପୋଲିସ ବୁଧବାର ଜବତ କରିଛି। ଉକ୍ତ ଗାଡିରୁ ୩.୬ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ଦେଢ଼ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି। ବୌଦ୍ଧ-ସୋନପୁର ଅଞ୍ଚଳରୁ ଛତିଶଗଡ ଚାଲାଣ ହେଉଥିବା ଏହି ଗାଡିକୁ ତରଭା ପୋଲିସ ପିଛା କରୁଥିଲା। ତେବେ ତରଭା ପୋଲିସକୁ ଚକ୍ମା ଦେଇ ଏହା ବଲାଙ୍ଗୀର ସହର ଅଭିମୁଖେ ଆସୁଥିଲା। ଖବର ପାଇ ପୁଇଁନ୍ତଲା ଥାନା ପୋଲିସ ଉକ୍ତ ଗାଡିକୁ ପିଛା କରିଥିଲା। ସୋନପୁର-ବଲାଙ୍ଗୀର ଜାତୀୟ ରାଜପଥର ପୁଇଁନ୍ତଲା ବାଇପାସ୍ ନିକଟରେ ଗଞ୍ଜେଇ ଭର୍ତ୍ତି ଉକ୍ତ ଗାଡ଼ିକୁ ଛାଡି ଚୋରାଚାଲାଣକାରୀମାନେ ଫେରାର ମାରିଥିଲେ। ଉକ୍ତ ଗାଡିରେ ଦୁଇଜଣ ବ୍ୟକ୍ତି ଥିଲେ । ସେମାନେ ଗାଡି ଛାଡି ଫେରାର ହୋଇଯାଇଥିବା ପୋଲିସ ସୂଚନା ଦେଇଛି। ଏହାପରେ ପୋଲିସ ଉକ୍ତ ଗାଡିରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଜବତ କରିଥିଲା।

ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ ଜିଲାରୁ ଗଞ୍ଜେଇ ନେଇ ସ୍କର୍ପିଓଟି ସୁବର୍ଣ୍ଣପୁର ଜିଲାର ତରଭା ବାଟଦେଇ ଛତିଶଗଡ ଯାଉଥିଲା। ପରେ ବଲାଙ୍ଗୀର-ସୋନପୁର ଜାତୀୟ ରାଜପଥର ଭଇଁଷାପାଲି ଟୋଲଗେଟ୍‌ରେ ଧସେଇ ପଶିଥିଲା। ଏପରିକି ରାସ୍ତା ମଝିରେ ଦିଆଯାଇଥିବା ପୁଇଁନ୍ତଲା ଥାନା ପୋଲିସର ବ୍ୟାରିକେଡ୍‌କୁ ମଧ୍ୟ ଭାଙ୍ଗି ଗାଡିଟି ଫେରାର ହେବାକୁ ଚେଷ୍ଟା କରିଥିଲା। ତେବେ ପୋଲିସ ଟିମ୍ ଆଗ ରାସ୍ତାରେ ନାକାବନ୍ଦୀ କରିଥିବା ଜାଣି ଚୋରାଚାଲାଣକାରୀମାନେ ଗିରିଗୋବର୍ଦ୍ଧନ ମନ୍ଦିର ନିକଟ ରାସ୍ତାକଡ ଅସ୍ଥାୟୀ ପାର୍କିଂ ଏରିଆରେ ଗାଡି ରଖି ଫେରାର ହୋଇଯାଇଥିଲେ। ଏହାପରେ ପୋଲିସ ଉକ୍ତ ଗାଡିରୁ ଗଞ୍ଜେଇ ଜବତ କରିଥିଲା। ଉକ୍ତ ଗାଡିରୁ ଓଡି୩୧ଏଲ୮୪୬୭ ଲେଖାଥିବା ଦୁଇଟି ନମ୍ବର ପ୍ଲେଟ୍ ଜବତ ହୋଇଛି। ଜବତ ଗାଡିଟି ଛତିଶଗଡର ଏବଂ ଗାଡି ମାଲିକଙ୍କ ପରିଚୟ ଜଣାପଡିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଖୁବ୍ ଶୀଘ୍ର ଗାଡି ମାଲିକଙ୍କୁ ଗିରଫ କରାଯିବ ବୋଲି ବଲାଙ୍ଗୀର ଏସ୍‌ଡିପିଓ ସରୋଜ ଉପାଧ୍ୟାୟ କହିଛନ୍ତି।

# ରାଜ୍ୟସ୍ତରୀୟ ଯୁବ ସାହିତ୍ୟ ସମ୍ମିଳନୀରେ ଅଶୋକ ପୁରସ୍କୃତ



ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଛାତ୍ର ଅଶୋକ ପୁରସ୍କୃତ ହେଉଛନ୍ତି ।

**ଲୋଇସିଂହା,୧୫।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ କଲେଜର ଛାତ୍ର ଅଶୋକ କନ୍ଧେର ରାଜ୍ୟସ୍ତରୀୟ ଯୁବ ସାହିତ୍ୟ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଓଡିଆ ପକ୍ଷ ପାଳନ ଅବସରରେ ଆୟୋଜିତ ସାରସ୍ୱତ ପ୍ରତିଭା ପ୍ରତିଯୋଗିତା ପ୍ରଥମେ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଶୋକ କନ୍ଧେର, ପ୍ରିୟାଶ୍ରୀ ପଟେଲ ଏବଂ ଡିଲେଶ୍ୱରୀ ସାହୁ ଯଥାକ୍ରମେ ଓଡିଆ କବିତା, ଓଡିଆ ପ୍ରବନ୍ଧ ଓ ଗଳ୍ପ ରଚନାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଅଶୋକ ଓ ପ୍ରିୟାଶ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇ ଭୁବନେଶ୍ୱରସ୍ଥ ବକ୍ସି ଜଗବନ୍ଧୁ ମହାବିଦ୍ୟାଳୟରେ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କବିତା ଲିଖନରେ ଓଡିଶାର ଶ୍ରେଷ୍ଠ ୧୫ ଜଣଙ୍କ ମଧ୍ୟରେ ଅଶୋକ ମନୋନୀତ ହୋଇଥିଲେ। ସେ ରାଜ୍ୟସ୍ତରୀୟ ଯୁବ ସାହିତ୍ୟିକ ସମ୍ମିଳନୀରେ ମୁଖ୍ୟଅତିଥି ମୁଖ୍ୟମନ୍ତ୍ରୀ ମାଝୀଙ୍କଠାରୁ ପୁରସ୍କୃତ ହୋଇ କଲେଜ ତଥା ଅଞ୍ଚଳର ଗୌରବ ବଢାଇଥିବା କଲେଜ କର୍ତ୍ତୃପକ୍ଷ ଜଣାଇଛନ୍ତି। ନିଜ ପ୍ରତିକ୍ରିୟାରେ ଅଶୋକ କହିଛନ୍ତି, ଏହି ସମ୍ମାନ ଭବିଷ୍ୟତରେ ତାଙ୍କୁ ସୁସାହିତ୍ୟିକ ହେବାରେ ପ୍ରେରଣା ଯୋଗାଇବ। ଏହାକୁ ନେଇ କଲେଜର ଛାତ୍ରୀଛାତ୍ର ,ଅଧାପିକା ଅଧାପକ ମହଲରେ ଖୁସିର ଲହରି ଖେଳିଯାଇଛି।

# ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟର କୃତିତ୍ୱ



ଟପ୍ପର ଛାତ୍ରୀ ଏବଂ ୯୫ ପ୍ରତିଶତ ଅଧିକ ମାର୍କ ରଖିଥିବା ଛାତ୍ରୀଛାତ୍ର ।

**ଲୋଇସିଂହା୧୫।୪(ସୁଶାନ୍ତ ବାରିକ)**

ସିବିଏସ୍‌ଇ ୧୦ମ ଶ୍ରେଣୀ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ଝାରମୁଣ୍ଡାସ୍ଥିତ ଆଦର୍ଶ ବିଦ୍ୟାଳୟର ଶତପ୍ରତିଶତ ଛାତ୍ରୀଛାତ୍ର ପାସ୍ ହୋଇ ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ବିଦ୍ୟାଳୟର ୭ ଜଣ ଛାତ୍ରୀଛାତ୍ର ୯୫ %ରୁ ଅଧିକ ମାର୍କ ରଖି ପାସ୍ କରିଛନ୍ତି। ଛାତ୍ରୀ ପ୍ରତୀକ୍ଷା ପ୍ରିୟଦର୍ଶିନୀ ସାହୁ ୫୦୦ରୁ ୪୯୩ (୯୮.୬୦%)ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସୌରଭ ଶେଖର ବହିଦାର (୯୮.୪୦%), ଦିବ୍ୟାଂଶୁ ଦର୍ଶନ ବିଶାଳ (୯୮%), ଲକ୍ଷ୍ମୀପ୍ରିୟା ମିଶ୍ର (୯୭%), ପ୍ରଣିତା ଦାସ (୯୬.୮୦%), ଆକାଂକ୍ଷା ଠାକୁର (୯୫.୬୦%),ରୋନକ ବେହେରା(୯୫.୪୦%) ମାର୍କ ରଖିଛନ୍ତି। ସୂଚନା ଅନୁଯାୟୀ, ଚଳିତବର୍ଷ ବିଦ୍ୟାଳୟର ୭୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସମସ୍ତେ ପାସ୍ ହୋଇଥିବା ବେଳେ ୭ ଜଣ ଛାତ୍ରୀଛାତ୍ର ୯୫ % ଓ ୨୪ ଜଣ ଛାତ୍ରୀଛାତ୍ର ୯୦ %ରୁ ଅଧିକ ମାର୍କ ରଖିଛନ୍ତି। ସେହିପରି ଆଇଟି ବିଷୟରେ ୭ ଜଣ ଛାତ୍ରୀଛାତ୍ର, ଏସ୍‌ଏସ୍‌ଟିରେ ୨ ଜଣ, ଓଡ଼ିଆରେ ୨ଜଣ ଓ ଗଣିତରେ ଜଣେ ଶତ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଥିବା ବିଦ୍ୟାଳୟ ଅଧକ୍ଷା ଜ୍ୟୋର୍ତିମୟୀ ପଧାନଙ୍କ ସୂତ୍ରରୁ ପ୍ରକାଶ। ଶିକ୍ଷକମାନଙ୍କ ନିରନ୍ତର ପ୍ରୟାସ ଓ ଅଭିଭାବକମାନଙ୍କ ସହଯୋଗରୁ ଏହି ସଫଳତା ମିଳିଛି । ବିଦ୍ୟାଳୟ ପକ୍ଷରୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ଅଧକ୍ଷା ପଧାନ ଶୁଭେଚ୍ଛା ଜଣାଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

### ଖପ୍ରାଖୋଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ; ଚିରସ୍ମିତା ଭୋଇ ବିଦ୍ୟାଳୟ ଟପ୍ପର

**ଖପ୍ରାଖୋଲ,୧୫।୪(ଅଭୟ ତ୍ରିପାଠୀ)**

ବୁଧବାର ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶ ପାଇଛି। ଖପ୍ରାଖୋଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ରେ ଚିରସ୍ମିତା ଭୋଇ ସର୍ବାଧିକ ୯୮.୮ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଥିବା ଜଣାଯାଇଛି । ମଳୟ ରଞ୍ଜନ ସାହୁ ୯୭.୪ ପ୍ରତିଶତ, ରୋଶନ ସାହୁ ୯୬ ପ୍ରତିଶତ, ପ୍ରଜ୍ଞାରାଣୀ ନାଏକ ୯୫.୮ ପ୍ରତିଶତ, ଦିବ୍ୟରଞ୍ଜନ ସାଏ ୯୩.୮ ପ୍ରତିଶତ, ନିବେଦିତା ସିଂହ ଠାକୁର ୯୩.୩ ପ୍ରତିଶତ, ଦିବ୍ୟେଶ ପାତ୍ର ୯୨.୬ ପ୍ରତିଶତ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ଶୁଭମ ଥନାପତି ୯୨ ପ୍ରତିଶତ, ଗୁଗୁଲ ପଧାନ ୯୧.୬ ପ୍ରତିଶତ, ଅଲିସା ସାହୁ ୯୧.୪ ପ୍ରତିଶତ ଓ ଐଶ୍ୱର୍ଯ୍ୟାମୟୀ ପ୍ରଧାନ ୯୦.୬ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ୯୭ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାଳୟର ଅଧକ୍ଷା ସରିତା ନାଏକ ସୂଚନା ଦେଇଛନ୍ତି।

SAMALESWARI GROUP OF INSTITUTIONS
S.R.I.T. Colony, Near Hanuman Temple, Budharaja, Sambalpur-768004
B.Ed.
DIRECT ADMISSION
SESSION 2026-28
2 Years (4 Sems) B.Ed.
Eligibility- Any Graduate
NCTE Recognised Course
Under Acharya Nagarjuna University & Andhra Kesari University
CONTACT US- 9777167095, 9437446036

### ୨୪ ୟୁନିଟ୍ ରକ୍ତ ସଂଗ୍ରହ



ରକ୍ତଦାନ ଶିବିର ।

**ଦେଓଗାଁ ଡିଗ୍ରୀ କଲେଜରେ ରକ୍ତଦାନ ଶିବିର**

**ଦେଓଗାଁ,୧୫।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ବୁଧବାର ଯୁବ ରେଡକ୍ରସ ଓ ଜାତୀୟ ସେବା ଶିବିର ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜାତୀୟ ସେବା ଶିବିର ଯୋଜନାର ପ୍ରୋଗ୍ରାମ ଅଧିକାରୀ ଆଶିଷ କୁମାର ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରକୁ କଲେଜର ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ । ଶିବିରରେ ୨୪ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଓଡିଶା ରକ୍ତଦାନ କେନ୍ଦ୍ର ବଲାଙ୍ଗୀର ଶାଖାର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଯୁବ ରେଡକ୍ରସ ସଂଯୋଜକ ମଳୟ ରଞ୍ଜନ ରଣା, ସରୋଜ କୁମାର ସାହୁ, ଉଦୟନାଥ ରଥ, ପ୍ରାଧ୍ୟାପକ ଡ. ସୁରେଶ ପ୍ରସାଦ ଷଡଙ୍ଗୀ, ରିତିକ ମେହେର, ସାରଦା ଭଞ୍ଜଦେଓ, ରୋଜାଲିନ ସାହୁ, ଆକାଂକ୍ଷା ପୁରୋହିତ, ରୋଜିରାଣୀ ପ୍ରଧାନ, ଅନ୍ୱେଷା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# କଣ୍ଟାବାଞ୍ଜି ମହିଳା ସ୍ନାତକ ମହାବିଦ୍ୟାଳୟରେ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପିକାବୃନ୍ଦ।

**କଣ୍ଟାବାଞ୍ଜି,୧୫।୪(ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ ମହିଳା ସ୍ନାତକ ମହାବିଦ୍ୟାଳୟରେ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ଶକ୍ତିଶ୍ରୀ କୋଷର ସଂଯୋଜିକା ଅଧ୍ୟାପିକା ରଶ୍ମି ରମିତା ମେହେର ଅଧ୍ୟକ୍ଷତା କରିଥିଲେ। ଛାତ୍ରୀମାନଙ୍କ ସଶକ୍ତିକରଣ, ସ୍ୱାଭିମାନ ବୃଦ୍ଧି ଓ ସମାଜରେ ନାରୀଙ୍କ ଗୁରୁତ୍ୱ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ରହିଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ,ନାରୀ କେବେ ଅବଳା କିମ୍ବା ଦୁର୍ବଳା ନ ଥିଲା, ଅବହେଳିତ ଥିଲା । କିନ୍ତୁ ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନାରୀଙ୍କୁ ସମ୍ମାନ ଦେବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏଥିପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପ୍ରତ୍ୟେକ ମହାବିଦ୍ୟାଳୟରେ ଶକ୍ତିଶ୍ରୀ କୋଷ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯଦ୍ୱାରା ସମସ୍ତ କ୍ଷେତ୍ରରେ ମହିଳାମାନଙ୍କ ସହଭାଗିତା ରହିପାରିବ। ଏହାଦ୍ୱାରା ଓଡିଶାକୁ ୨୦୩୬ ଓ ଭାରତକୁ ୨୦୪୭ରେ ବିକଶିତ ରାଜ୍ୟ ଓ ରାଷ୍ଟ୍ରରେ ପରିଣତ କରିବା ସ୍ୱପ୍ନ ସାକାର କରାଯାଇପାରିବ ବୋଲି ପୁରୋହିତ ମତ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପିକାମାନେ ଯୋଗଦେଇଥିଲେ।

### ବାବା ସାହେବ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ

**ଟିଟିଲାଗଡ,୧୫।୪(ଶରତ ମିଶ୍ର)**

କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମୁରିବାହାଲ ବ୍ଲକର ଶିରୁଲ ଗ୍ରାମଠାରେ ବାବା ସାହେବ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହଂସରାଜ ଜୈନ , ସମ୍ମାନିତ ଅତିଥି ଭାବେ ଗିରିରାଜ ସିଂ ମାଝୀ , ଲମ୍ବୋଦର ବରର୍ତ୍ତା, ଅଗସ୍ତି ବାଗ, ଡି. ମହାନନ୍ଦ, ଗୋବର୍ଦ୍ଧନ ଭରାସାଗର, ହୁତାଶନ ବାଗ, ମିନିକେତନ ପ୍ରଧାନୀ ଯୋଗ ଦେଇଥିଲେ। ଅତିଥିମାନେ ସମ୍ବିଧାନ ପ୍ରଣେତା ଆମ୍ବେଡକରଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଉତ୍କଳ କୁମାର ମଞ୍ଚ ପରିଚାଳନା କରିଥିଲେ।

# ସିଏମ୍ ଟ୍ରଫି-୨୦୨୬ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ



କବାଡି ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର,୧୫।୪(ବୀରେନ୍ଦ୍ର କୁମାର ଝାଙ୍କର)**

**ଭାଗନେଲେ ୧୦ ବାଳକ ଦଳ, ୬ ବାଳିକା ଦଳ**

ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃ ଜିଲା କବାଡ଼ି ଚାମ୍ପିୟନଶିପ୍ ୨୦୨୬ ବୁଧବାର ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ୍‌ଠାରେ ଉଦ୍‌ଘାଟିତ ହୋଇଛି। ଏଥିରେ ୧୦ଟି ବାଳକ ଦଳ ଓ ୬ଟି ବାଳିକା ଦଳ ଭାଗ ନେଇଥିଲେ। ବାଳକ ବର୍ଗରେ ଲୋଇସିଂହା (କ), ଲୋଇସିଂହା (ଖ), ବଲାଙ୍ଗୀର, ସଇଁନ୍ତଲା, ବଙ୍ଗୋମୁଣ୍ଡା, ଟିଟିଲାଗଡ଼, ପୁଇଁନ୍ତଲା, ପାଟଣାଗଡ଼, ଆଗଲପୁର, ତୁରେକେଲା ଦଳ ଭାଗ ନେଇଥିଲେ। ବାଳିକା ବର୍ଗରେ ପୁଇଁନ୍ତଲା (କ), ପୁଇଁନ୍ତଲା (ଖ), ବଲାଙ୍ଗୀର, ପାଟଣାଗଡ଼, ସଇଁନ୍ତଲା, ଟିଟିଲାଗଡ଼ ଦଳ ଭାଗ ନେଇଥିଲେ। କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲାପାଳ ବିଜୟାନନ୍ଦ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କବାଡି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ କ୍ରୀଡ଼ା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ-ସମ୍ପାଦକ ଶତ୍ରୁଘ୍ନ ସିଂ, ପଦ୍ମଚରଣ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, ସୁଧୀର ଚନ୍ଦ୍ର ପଣ୍ଡା, ପ୍ରଭାତ କୁମାର ମିଶ୍ର, ଡ଼ା. ସିଦ୍ଧେଶ୍ୱର ମିଶ୍ର, ଡା. ଶୁଭମ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଖେଳକୁ ବୁଦ୍ଧିରାଜ ବିଶ୍ୱାଲ, ଜନାର୍ଦ୍ଦନ ସାହୁ, ଯଶୋବନ୍ତୀ ବେହେରା, ଗୋପାଳ ଚନ୍ଦ୍ର ବହିଆ, ସନ୍ତୋଷ ମେହେର, ମାଧୁରୀ ପଣ୍ଡା, ସ୍ୱାଗତିକା ବରର୍ତ୍ତା, ସୁଦର୍ଶନ ସେଠ ଓ ଆର୍ଶୀବାଦ ସା ପରିଚାଳନା କରିଥିଲେ। କବାଡ଼ି ସମ୍ପାଦକ ବିଭୂତିଭୂଷଣ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ସୋନଗଡ଼ ନଦୀରେ ବ୍ୟାରେଜ ନିର୍ମାଣ ଦାବି ତେଜିଲା

**ଦେଓଗାଁ,୧୫।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁର ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ ଦାବି ତେଜିବାରେ ଲାଗିଛି । ବୁଧବାର ଦେଓଗାଁ ବ୍ଲକ କଂଗ୍ରେସ ତରଫରୁ ଦେଓଗାଁ ବଙ୍ଗଳା ଛକଠାରେ ବିକ୍ଷୋଭ ପ୍ରଦର୍ଶନ ସହ ୨ଘଣ୍ଟା ଧରି ୨୬ ନଂ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା । ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିବା ସହ ଯାତ୍ରୀମାନେ ହନ୍ତସନ୍ତ ହେବା ନଜରକୁ ଆସିଥିଲା ।

ପ୍ରକାଶ ଯେ, ବଲାଙ୍ଗୀର ଜିଲାର ଦେଓଗାଁ ବ୍ଲକ ପଶ୍ଚିମାଞ୍ଚଳର ସମସ୍ତ ପଞ୍ଚାୟତ ମରୁଡି ପ୍ରପୀଡିତ। ଜଳସେଚନ ସୁବିଧା ନଥିବା ବେଳେ ଜଳସ୍ତର ହ୍ରାସ ପାଉଥିବାରୁ ଗଭୀର ନଳକୂପଗୁଡିକ ମଧ୍ୟ କାମ କରୁନି। ଫଳରେ ଚାଷ କାର୍ଯ୍ୟ ବ୍ୟାହତ ହେବା ସହ ପାନୀୟ ଜଳ ସଙ୍କଟ ମଧ ଦେଖାଦେଉଛି। ଏଣୁ ଅଞ୍ଚଳବାସୀଙ୍କ ଦାବି ଅନୁସାରେ ପୂର୍ବ ସରକାର ସମୟରେ ପୂର୍ବତନ ବିଧାୟକ ନରସିଂହ ମିଶ୍ରଙ୍କ ପ୍ରଚେଷ୍ଟାରେ ସୋନଗଡ ନଦୀର ସିକୁଆଁଠାରେ ବ୍ୟାରେଜ ନିର୍ମାଣ ପାଇଁ ପ୍ରଶାସନିକ ମଞ୍ଜୁରୀ ମିଳିବା ସହ ୧୨୪ କୋଟି ଟଙ୍କା ମଞ୍ଜୁର ହୋଇଛି। କିନ୍ତୁ ସରକାର ବଦଳିବା ପରେ ଏହି ବ୍ୟାରେଜ କାମ ଆରମ୍ଭ ହୋଇପାରୁ ନଥିବା ପରିତାପର ବିଷୟ ବୋଲି ବ୍ଲକ କଂଗ୍ରେସ ଅଭିଯୋଗ କରିଛି । ଉକ୍ତ କାମ ତୁରନ୍ତ ଆରମ୍ଭ କରିବା ତଥା ପ୍ରସ୍ତାବିତ ଦେଓଗାଁ ଓ ଜରାସିଂହା ନିକଟରେ ଆଉ ଦୁଇଟି ବ୍ୟାରେଜ ନିର୍ମାଣ କରିବା ପାଇଁ ପ୍ରଥମେ ଜିଲାପାଳଙ୍କ ନିକଟରେ ବ୍ଲକ କଂଗ୍ରେସ ଦାବି କରିଥିଲା । ତେବେ ଦାବି ପୂରଣ ନ ହେବାରୁ ପୂର୍ବ ନିଷ୍ପତ୍ତି ଅନୁସାରେ ଦେଓଗାଁ ବଙ୍ଗଳାଛକଠାରେ ରାଜପଥ ଅବରୋଧ କରି ଧାରଣା ଦିଆଯାଇଥିଲା । ଖବର ପାଇ ଅତିରିକ୍ତ ତହସିଲଦାର ଦିବ୍ୟଜ୍ୟୋତି ପରିଡା, ଥାନାଧିକାରୀ ସବିତା ଠେମରିଆ ପ୍ରମୁଖ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ଧାରଣାକାରୀଙ୍କ ଠାରୁ ଦାବିପତ୍ର ଗ୍ରହଣ କରିଥିଲେ।

ଧାରଣାରେ ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ, ଜିଲା କଂଗ୍ରେସ ଉପ-ସଭାପତି ଜନ୍ମେଜୟ ସାହୁ, ସେବାଦଳ ମୁଖ୍ୟ ଅସିତ ମିଶ୍ର, ହାତୀସରା ସମିତିସଭ୍ୟ ବିଶ୍ୱଜିତ ପାତ୍ର, ବନ୍ଧପଡା ସମିତି ସଭ୍ୟ କାନ୍ତେଶ୍ୱର ପଧାନ, ଡୁମେରପିଟା ସମିତିସଭ୍ୟ ସଂକୀର୍ତ୍ତନ ବାଗ, ଜରାସିଂହା ସମିତିସ ଭ୍ୟ ଅମିତ ତ୍ରିପାଠୀ ,ବଡବନ୍ଧ ସରପଞ୍ଚ ଜଗବନ୍ଧ ମେହେର, ସିକୁଆଁ ସରପଞ୍ଚ ରାଜକୁମାର ଭୋଇ, ସାରସମାଲ ସରପଞ୍ଚ ଗୋପାଳ ବାଗ, ପ୍ରଦୋଷ ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ ।



କଂଗ୍ରେସ ତରଫରୁ ରାଜପଥ ଅବରୋଧ ସମୟରେ ଧାରଣାକାରୀମାନେ ଅତିରିକ୍ତ ତହସିଲଦାରଙ୍କ ସହ ଆଲୋଚନା କରୁଛନ୍ତି ।

**ବ୍ଲକ କଂଗ୍ରେସ ପକ୍ଷରୁ ୨୬ନଂ ଜାତୀୟ ରାଜପଥ ଅବରୋଧ**

## ସିଏମ୍ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ: ସେଣ୍ଟ ଭିନ୍‌ସେଣ୍ଟ ପାଲୋଟି, ସମଲେଶ୍ୱରୀ କ୍ଲବ ବିଜୟୀ

ଝାରସୁଗୁଡ଼ା,୧୫।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସ୍ଥିତ ଓଏସ୍‌ଏପି ପଡ଼ିଆଠାରେ ବୁଧବାର ସିଏମ୍ କପ୍ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟର ଷଷ୍ଠ ଦିବସରେ ଦୁଇଟି ରୋମାଞ୍ଚକ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ସେଣ୍ଟ ଭିନ୍‌ସେଣ୍ଟ ପାଲୋଟି ଇଂଲିଶ ସ୍କୁଲ ଏବଂ ଝାରସୁଗୁଡ଼ା ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମୁକାବିଲାରେ ସେଣ୍ଟ ଭିନ୍‌ସେଣ୍ଟ ୨–୧ ଗୋଲରେ ବିଜୟୀ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୌରପାଳିକା ଅଧ୍ୟକ୍ଷା ରାନୀ ହାତୀ ଯୋଗ ଦେଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ଅଣ୍ଡର–୧୪ ବର୍ଗରେ ସମଲେଶ୍ୱରୀ କ୍ଲବ ଏବଂ ଝାଡ଼େଶ୍ୱର କ୍ଲବ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ସମଲେଶ୍ୱରୀ କ୍ଲବ ୧–୦ ଗୋଲରେ ବିଜୟୀ ହୋଇଛି। ଏହି ଅବସରରେ ବରିଷ୍ଠ ଓକିଲ ଜୀବନ ସାର୍ଥକ ଦାସ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ।

# ଜଳିଲା କୋଇଲା ଚୁଲା, ବିପଦରେ ଜନସ୍ୱାସ୍ଥ୍ୟ

ରନ୍ଧନ ଗ୍ୟାସ ସଙ୍କଟ

ବେଲପାହାଡ଼,୧୫।୪(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହା ଅଞ୍ଚଳରେ ରନ୍ଧନ ଗ୍ୟାସର ପ୍ରବଳ ଅଭାବ ଦେଖାଦେଇଛି। ଏହାର ସିଧାସଳଖ ପ୍ରଭାବ ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିବାରେ ଲାଗିଛି। ଦୀର୍ଘ ବର୍ଷ ଧରି ବନ୍ଦ ରହିଥିବା ବିଷାକ୍ତ କୋଇଲା ଚୁଲା ଏବେ ପୁଣି ଥରେ ଲୋକଙ୍କ ରୋଷେଇ ଘର ସମେତ ବିଭିନ୍ନ ହୋଟେଲ, ଢାବା ଓ ଚା' ଦୋକାନରେ ଜଳୁଥିବା ଦେଖିବାକୁ ମିଳୁଛି। ଉଲ୍ଲେଖଯୋଗ୍ୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଝାରସୁଗୁଡ଼ ଜିଲାରେ କୋଇଲା ଚୁଲା ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଥିଲା। ୨୦୧୭ ମେ ୧୦ ତାରିଖରେ ନୋଟିସ ସଂଖ୍ୟା ୬୫୬୫ ଅନୁସାରେ ଏବଂ ପୁଣି ଥରେ ୨୦୨୪ ଫେବୃଆରୀରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଥିଲା କି ଢେଙ୍କାନାଳ, ଅନୁଗୋଳ, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲାର ରାସ୍ତାକଡ଼ରେ ଥିବା ଢାବାଗୁଡ଼ିକରେ କଞ୍ଚା କୋଇଲା ବ୍ୟବହାର କରାଯାଇପାରିବ ନାହିଁ। ଏହି



ଜଣେ ବେପାରି କୋଇଲା ଚୁଲା ବିକ୍ରି ପାଇଁ ବୁଲୁଛନ୍ତି।

ନିୟମ ଉଲ୍ଲଂଘନ କଲେ ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୧୮୮ ଅନୁସାରେ ଦଣ୍ଡର ବ୍ୟବସ୍ଥା ରହିଛି। ଗ୍ୟାସ ସିଲିଣ୍ଡର ନମିଳିବାରୁ ଲୋକେ ବାଧ ହୋଇ କୋଇଲା ଚୁଲା ଆପଣେଇଛନ୍ତି। ସକାଳ ଓ ସନ୍ଧ୍ୟା ସମୟରେ ବେଲପାହାଡ଼ ସହରର ଗଳିକନ୍ଦି ବିଷାକ୍ତ ଧୂଆଁରେ ଭରିଯାଉଛି। କୋଇଲା ଜଳିବା ସମୟରେ ନିର୍ଗତ ହେଉଥିବା ମିଥେନ ଗ୍ୟାସ କେବଳ ମଣିଷ ନୁହେଁ, ସମଗ୍ର ଜୀବଜଗତ ପାଇଁ ହାନିକାରକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁସାରେ, କଞ୍ଚା କୋଇଲାରେ ଆର୍ସେନିକ, ପାରଦ, ନିକେଲ ଓ ୟୁରାନିୟମ ଭଳି ଅନେକ ମାରାତ୍ମକ ଉପାଦାନ ରହିଥାଏ। ଏହି ଧୂଆଁ ସଂସ୍ପର୍ଶରେ ଆସିବା ଦ୍ୱାରା ଆସ୍ତମା ଓ ଶ୍ୱାସକ୍ରିୟାରେ ସମସ୍ୟା ଆଖି ପୋଡ଼ିବା ଓ ମୁଣ୍ଡବିନ୍ଧାଗ୍ୟାଷ୍ଟ୍ରିକ୍ ସମସ୍ୟା କର୍କଟ ରୋଗ ହେବାର ସମ୍ଭାବନା ୧୭ ପ୍ରତିଶତ ବୃଦ୍ଧି ପାଇଥାଏ। ସ୍ଥାନୀୟ ପୌର ଚିକିତ୍ସକ ଡା. ଦିଲ୍ଲୀପ ନାଏକଙ୍କ କହିବା ଅନୁଯାୟୀ, ସ୍ଥାନୀୟ ପୌର ଚିକିତ୍ସକ ଡା. ଦିଲ୍ଲୀପ ନାଏକ କହିଛନ୍ତି, କୋଇଲା ଧୂଆଁ ଦ୍ୱାରା ଫୁସଫୁସ ସଂକ୍ରମଣ ଓ କର୍କଟ ଭଳି ଭୟଙ୍କର ବ୍ୟାଧି ହେବାର ଆଶଙ୍କା ରହିଛି। ତେଣୁ ଏହି ଧୂଆଁରୁ ଦୂରେଇ ରହିବା ଜରୁରୀ। ପ୍ରଶାସନର କଡ଼ା ପଦକ୍ଷେପ ଓ ପୌର ପରିଷଦର କସରତ ପରେ ସହର ପ୍ରଦୂଷଣ ମୁକ୍ତ ହେବାକୁ ଯାଉଥିବା ବେଳେ ବର୍ତ୍ତମାନର ଗ୍ୟାସ ସଙ୍କଟ ପୁଣି ଥରେ ପୁରୁଣା ବିପଦକୁ ଡାକି ଆଣିଛି। ଏଣୁ ତୁରନ୍ତ ଗ୍ୟାସ ଯୋଗାଣ ସ୍ୱାଭାବିକ କରିବା ସହ କୋଇଲା ଚୁଲା ବନ୍ଦ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଜିଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେସ୍ରାଙ୍କୁ ପଚାରିବାରୁ ଜିଲାରେ ରନ୍ଧନ ଗ୍ୟାସର ସଙ୍କଟ ନାହିଁ, ଜିଲାରେ ଦରକାର ମୁତାବକ ରନ୍ଧନ ଗ୍ୟାସ ମହଜୁଦ ଅଛି ବୋଲି କହିଛନ୍ତି।

## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବଦଳିକୁ ବିରୋଧ



ପଞ୍ଚାୟତ ପ୍ରତିନିଧି କୋଲାବିରା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଝାରସୁଗୁଡା,୧୫।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କୋଲାବିରା ଗ୍ରାମ ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ମାଝୀଙ୍କ ବଦଳିକୁ ନେଇ କୋଲାବିରା ବ୍ଲକର ଜନପ୍ରତିନିଧିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ବେଆଇନ ବଦଳି ଆଦେଶକୁ ରଦ୍ଦ କରିବା ଦାବିରେ ବୁଧବାର କୋଲାବିରା ସରପଞ୍ଚଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟାସଭ୍ୟ କୋଲାବିରା ବିଡିଓ ଅଶୋକ କୁମାର ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ମାଝୀ ମାତ୍ର ୧୦ ମାସ ହେବ କୋଲାବିରା ଗ୍ରାମ ପଞ୍ଚାୟତରେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ହଠାତ୍ ବଦଳି କରାଯାଇଛି। ସାଧାରଣତଃ ଏହି କାର୍ଯ୍ୟକାଳ ଅତିକ୍ରମ୍‌ରେ ୩ ବର୍ଷ ହେବା କଥା, କିନ୍ତୁ କୌଣସି ନିର୍ଦ୍ଦିଷ୍ଟ କାରଣ ନଥାଇ ଏହି ବଦଳି କରାଯାଇଥିବା ଅଭିଯୋଗ ହୋଇଛି। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ପଞ୍ଚାୟତର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ସୁଚାରୁରୂପେ ପରିଚାଳିତ ହେଉଥିଲା। ଏହି ବଦଳି ଦ୍ୱାରା ପଞ୍ଚାୟତର ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହେବ ବୋଲି ପ୍ରତିନିଧିମାନେ ମତ ପ୍ରକାଶ କରିଛନ୍ତି। ଯଦି ଏହି ବଦଳି ଆଦେଶକୁ ତୁରନ୍ତ ପ୍ରତ୍ୟାହାର କରା ନ ଯାଏ, ତେବେ ଆଗାମୀ ଦିନରେ କୋଲାବିରା ସରପଞ୍ଚ, ନାଏବ ସରପଞ୍ଚ ଏବଂ ସମସ୍ତ ୱାର୍ଡସଭ୍ୟ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ସହ ଆଇନର ସହାୟତା ନେବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ର ଦେବା ସମୟରେ କୋଲାବିରା ଭାରପ୍ରାପ୍ତ ସରପଞ୍ଚ ଅଞ୍ଜଳି ବାଗ, ସମିତି ସଭ୍ୟ ଦୀନବନ୍ଧୁ ଧୁରୁଆଙ୍କ ସମେତ ରୁଦ୍ରପ୍ରତାପ ସିଂହ, ସ୍ମୃତିରଞ୍ଜନ ରାଏ, ସହଦେବ ବାଗ, ସତ୍ୟବତୀ ଖଡ଼ିଆ, ସରୋଜ ମାଝୀ, ରମେଶ ସେଠ ଏବଂ ଅନ୍ୟାନ୍ୟ ୱାର୍ଡ ସଭ୍ୟ ଉପସ୍ଥିତ ଥିଲେ।

## ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ଦେବଗଡ଼,୧୫।୪(ଶଶାଙ୍କ ଶେଖର ଝାଙ୍କର)

ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବିନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲାରେ ଥିବା ବିଭିନ୍ନ ପ୍ରକଳ୍ପର ସମସ୍ୟାର ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ସାହୁ ପରାମର୍ଶ ଦେଇଥିଲେ। ସ୍ୱଚ୍ଛ ଭାରତ ମିଶନ, ଗ୍ରାମୀଣ ଆବାସ ଇତ୍ୟାଦି ଉପରେ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲାପାଳ ପରୀକ୍ଷୀତ ସାହୁ, ଡେପୁଟି କଲେକ୍ଟର କଳିଙ୍ଗ ଆଶିଷ ଶତପଥୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାରକୋଟ ସୂର୍ଯ୍ୟକାନ୍ତ ବରିହା, ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝି, ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, କାର୍ଯ୍ୟନିର୍ବାହୀ ଅଧିକାରୀ ପୌର ପରିଷଦ ରିତିକାନ୍ତ ଶୁକ୍ଳା, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀ।

## କବାଡି, ଖୋ–ଖୋ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଖେଳାଳିଙ୍କ ସହିତ ଅତିଥି, ରେଫରି।

ଝାରସୁଗୁଡ଼ା,୧୫।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ୨ୟ ଓଏସ୍‌ଏପି ପରେଡ ପଡ଼ିଆଠାରେ ପ୍ରଥମ ମୁଖ୍ୟମନ୍ତ୍ରୀ କପ୍ ଟ୍ରଫି (୧୪ ବର୍ଷରୁ କମ୍ ବାଳିକା ଓ ବାଳକ) କବାଡ଼ି ଏବଂ ଖୋ–ଖୋ ପ୍ରତିଯୋଗିତା ବୁଧବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଝାରସୁଗୁଡ଼ା ପୌରପାଳିକାର ଅଧ୍ୟକ୍ଷା ରାନୀ ହାତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଫ୍ରେଣ୍ଡସ ଆଣ୍ଡ ଟ୍ରାଇବାଲ ସୋସାଇଟିର ସମ୍ପାଦିକା ଇନ୍ଦୁ ବକ୍ସି ଯୋଗ ଦେଇଥିଲେ। ଏହା ସହିତ ତାପସ ରାୟ ଚୌଧୁରୀ, ବିଜୟ ବେହେରା, ମନୋଜ ଦାସ, ପ୍ରଜ୍ୱଳ ପଟେଲ, ଗଣେଶ ନାଏକ, ପି. ରାଜେଶ୍ୱର ରାଓ, ମୋହନ ମିଶ୍ର, କିଶୋର ମହାନ୍ତି ଏବଂ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟରେ ସମୁଦାୟ ୩୨ଟି କବାଡ଼ି, ଖୋ ଖୋ ଦଳ ଅଂଶଗ୍ରହଣ କରିଛନ୍ତି। ଏହି ଖେଳ ବୁଧବାର ଏବଂ ଗୁରୁବାର ପର୍ଯ୍ୟନ୍ତ ଓଏସ୍‌ଏପି ପରେଡ ପଡ଼ିଆରେ ଜାରି ରହିବ।

SAMALESWARI GROUP OF INSTITUTIONS
S.R.I.T. Colony, Near Hanuman Temple, Budharaja, Sambalpur-768004
B.Ed.
DIRECT ADMISSION
SESSION 2026-28
2 Years (4 Sems) B.Ed.
Eligibility- Any Graduate
NCTE Recognised Course
Under Acharya Nagarjuna University & Andhra Kesari University
CONTACT US- 9777167095, 9437446036

## ଅସ୍ତ୍ର ବଦଳରେ ଛାତ୍ରଙ୍କୁ କଲମ, ଯୁବକଙ୍କୁ ରୋଜଗାର ଦିଅ

ସମ୍ବଲପୁର,୧୫।୪(ବି.ଶଙ୍କର)

### ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷର କଲମ ଯାତ୍ରା

ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ବିଶାଳ କଲମ ଯାତ୍ରା ବୁଧବାର ଅପରାହ୍ଣରେ ଆୟୋଜିତ ହୋଇଛି। ଚର୍ଚ୍ଚ ଛକରୁ ଆରମ୍ଭ ହୋଇଥିବା ଏହି କଲମ ଯାତ୍ରାରେ ସହରର ଶତାଧିକ ଛାତ୍ରୀଛାତ୍ର, ଯୁବକ, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ ସାମିଲ ହୋଇ ବୁଢାରାଜା ମନ୍ଦିର ମୁଖ୍ୟ ଫାଟକ ପର୍ଯ୍ୟନ୍ତ ଯାଇଥିଲେ। ପ୍ରୋଗ୍ରେସିଭ ସମ୍ବଲପୁର ଆବାହକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ବର୍ତ୍ତମାନ ସମାଜ ଓ ରାଜନୀତିରେ ବିକୃତ ଚିତ୍ରକୁ ସାମ୍ନାକୁ ଆଣି ଆଜିର ଯୁବପୀଢ଼ିକୁ ଶିକ୍ଷା, ରୋଜଗାର ଦେବା ପ୍ରତି ଗୁରୁତ୍ୱ ଦେବା ବଦଳରେ ଭ୍ରମ ଏବଂ ଭ୍ରାନ୍ତିରେ ଠେଲି ଦିଆଯାଉଛି। ଛାତ୍ର ସମାଜ ହାତରେ କଲମ ଦେବା ସ୍ଥାନରେ, ଯୁବମାନଙ୍କୁ ରୋଜଗାର ଓ ନିଯୁକ୍ତି ବଦଳରେ ପରମ୍ପରା ନାମରେ ତାଙ୍କୁ ଅସ୍ତ୍ର ଶସ୍ତ୍ର ପ୍ରଦାନ କରିବାକୁ ଯାତ୍ରାରେ କଟୁ ସମାଲୋଚନା ଯାଇଛି । ସମ୍ବଲପୁର ସହରରେ ଆଜି ମଧ୍ୟ ହସ୍ପିଟାଲରେ ଡାକ୍ତରଙ୍କ ଅଭାବ, ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ଅଭାବ, ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ସହ ପାନୀୟ ଜଳ ଓ ବିଦ୍ୟୁତ୍ ଭଳି ମୂଳଭୁତ ସମସ୍ୟା ରହିଛି। ତଥାପି ରାଜନୈତିକ ଦଳଗୁଡିକ ମୂଳ ସମସ୍ୟା ଉପରେ ଧ୍ୟାନ ନ ଦେବାକୁ ପ୍ରୋଗ୍ରେସିଭ ସମ୍ବଲପୁର ଆବାହକ ମହାନ୍ତି ନିନ୍ଦା କରିଛନ୍ତି । ଅନ୍ୟ ବକ୍ତାମାନେ ମଧ୍ୟ ଶିକ୍ଷା, ରୋଜଗାର ଓ ବିକାଶ ପାଇଁ ଆନ୍ଦୋଳନ ଜାରି ରଖିବାକୁ ସଂକଳ୍ପ ନେବା ସହ ସମ୍ବଲପୁରର ଜନ ପ୍ରତିନିଧିମାନେ ଲୋକଙ୍କ ମୌଳିକ ସମସ୍ୟା ସମାଧାନ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରିବାକୁ ନିନ୍ଦା କରିଥିଲେ । ଏହି କଲମ ଯାତ୍ରା ମାଧ୍ୟମରେ ଯୁବକମାନେ ଏକ ସ୍ପଷ୍ଟ ସନ୍ଦେଶ ଦେଇଥିଲେ, କଲମ କେବଳ ଲେଖନୀ ନୁହେଁ, ଏହା ହେଉଛି ଶିକ୍ଷାର ପ୍ରତୀକ, ଜ୍ଞାନର ପ୍ରତୀକ, ରୋଜଗାରର ପ୍ରତୀକ ଓ ଯୁବଶକ୍ତିର ସତ୍ୟର ବିଜୟର ପରିଚୟ । ଯୁବପିଢ଼ୀ ଯଦି କଲମକୁ ଧରିବେ, ସେମାନେ ନିଜ ଭବିଷ୍ୟତ ଗଢ଼ିବା ସହ ସମାଜକୁ ଠିକ ଦିଗରେ ନେଇପାରିବେ ବୋଲି ବକ୍ତାମାନେ ଚେତାଇ ଦେଇଥିଲେ। ବିଶିଷ୍ଟ ଶ୍ରମିକ ନେତା ଗୋକୁଳ ମେହେର, ବରିଷ୍ଠ ଖବରଦାତା ଶିବ ନନ୍ଦ, ଚାଷୀ ନେତା ସରୋଜ ମହାନ୍ତି, ଶ୍ରମିକ ନେତା ଏନ.ବାଳଗୋପାଳ, ପରଭେଜ ଅଲି ଖାନ, ମହେଶ୍ୱର ଷଣ୍ଢ, ଭି ରାମା ରାଓ, ମହମ୍ମଦ ଜାଫର ଖାନ, ମହମ୍ମଦ ଅଜିମ ଅଞ୍ଜୁ, ପ୍ରଶାନ୍ତ ଥାପା, ଲାୟକ ଅଲି, ମହେଶ ସତ୍ୟ, ପ୍ରକାଶ ଡାଙ୍ଗ, ଧିରେନ୍ଦ୍ର ଦେବତା, ମୁକ୍ତ କଣ୍ଠ ପ୍ରଧାନ, ଅନିଲ ଯାଦବ, ଗୁରମିତ ସିଂ, ମହମ୍ମଦ ଜାଭେଦ ପ୍ରମୁଖ ଏହି କଲମ ଯାତ୍ରାରେ ସାମିଲ ହୋଇଥିଲେ ।




ବୁଧବାର ଚର୍ଚ୍ଚ ଛକ ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ଆୟୋଜିତ ବିଶାଳ କଲମ ଯାତ୍ରା।

## ଆମ୍ବେଡକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଶପଥ



ଆମ୍ବେଡକରଙ୍କ ଜୟନ୍ତୀରେ ଉପସ୍ଥିତ ଅତିଥି।

ବେଲପାହାଡ଼,୧୫।୪(ସୁବାସ ପ୍ରଧାନ)

ବେଲପାହାଡ଼ସ୍ଥିତ ପି.ଆର୍. ଚାକି କ୍ଲବ ପରିସରରେ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡକରଙ୍କ ୧୩୫ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡ. ସୁଶାନ୍ତ ଜଗଦଲା ଯୋଗଦେଇ ବାବା ସାହେବଙ୍କ ସ୍ମୃତିଚାରଣ କରିବା ସହ ସମାଜ ଗଠନରେ ତାଙ୍କର ଅତୁଳନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ମୃତିରଞ୍ଜନ ପ୍ରଧାନ ଏବଂ ସୁଶିଲ ବିନ୍ଧାଣି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପି.ଆର୍. ଚାକି କ୍ଲବର ସଦସ୍ୟ ଘନଶ୍ୟାମ ସାଗର, ରାଜେଶ ବାଗ, ଜଗଦୀଶ ଜାମଦୁଲିଆ, ମନୋଜ ମହାକୁଡ଼, ଗଜେନ୍ଦ୍ର ସେନ୍ଦ୍ରିଆ, ରତ୍ନା ସୁନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଜୟନ୍ତୀ ଉତ୍ସବରେ ଝଣ୍ଡାପଡ଼ାର ସମସ୍ତ ବାସିନ୍ଦା ଏବଂ କ୍ଲବର କର୍ମକର୍ତ୍ତାମାନେ ବହୁ ସଂଖ୍ୟାରେ ଯୋଗଦେଇ ଡ. ଆମ୍ବେଡକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଶପଥ ନେଇଥିଲେ। ଉପସ୍ଥିତ ସମସ୍ତ ଅତିଥି ଓ ଜନସାଧାରଣ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ସମ୍ବଲପୁରର ଶବ୍ଦ ସାଂସ୍କୃତିକ ଅନୁଷ୍ଠାନ ପୁରସ୍କୃତ

ସମ୍ବଲପୁର,୧୫।୪(ପ୍ରମୋଦ ବହିଦାର)

### ରାଜ୍ୟସ୍ତରୀୟ ପଞ୍ଚପଞ୍ଚମାଳୀ ନାଟ୍ୟ ମହୋତ୍ସବ

### ଭାଜ୍ୟ ଭାଜକ ଭାଗଫଳକୁ ସର୍ବାଧିକ ୮ଟି ସମ୍ମାନ

ଦାମନଯୋଡ଼ି(ନାଲକୋ)ଠାରେ ଅନୁଷ୍ଠିତ ବିଂଶ ରାଜ୍ୟସ୍ତରୀୟ ପଞ୍ଚପଞ୍ଚମାଳୀ ନାଟ୍ୟ ମହୋତ୍ସବରେ ସମ୍ବଲପୁରର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଶବ୍ଦ ସାଂସ୍କୃତିକ ଅନୁଷ୍ଠାନ ନିଜର ଶ୍ରେଷ୍ଠତା ପ୍ରତିପାଦିତ କରିଛି। ଚଳିତ ମାସ ୩ରୁ ୧୩ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ନାଟ୍ୟ ମହୋତ୍ସବରେ ରାଜ୍ୟର ୧୮ଟି ପ୍ରତିଷ୍ଠିତ ନାଟ୍ୟଦଳ ଅଂଶଗ୍ରହଣ କରିଥିଲେ। ଶବ୍ଦ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ପରିବେଷିତ ନାଟକ 'ଭାଜ୍ୟ ଭାଜକ ଭାଗଫଳ' ସର୍ବମୋଟ ୮ଟି ବିଭାଗରେ ପୁରସ୍କାର ହାସଲ କରି ସମଗ୍ର ସମ୍ବଲପୁର ପାଇଁ ଗୌରବ ଆଣିଛି। ବିଶିଷ୍ଟ ନାଟ୍ୟକାର ବିରୂପାକ୍ଷ ପ୍ରଧାନଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ଏହି ସାମାଜିକ ନାଟକଟି ପରିବାର ମଧ୍ୟରେ ସ୍ୱାର୍ଥପରତା ଓ ମନୋମାଳିନ୍ୟ ଯୋଗୁ କିଭଳି ଏକତା ଭାଙ୍ଗିଯାଏ ତାହା ମାର୍ମିକ ଭାବେ ଚିତ୍ରଣ କରି ଦର୍ଶକଙ୍କ ସମେତ ବିଚାରକମଣ୍ଡଳୀଙ୍କ ମନ ଜିଣି ନେଇଥିଲେ। ଏହି ପ୍ରତିଯୋଗିତାରେ ଭାଜ୍ୟ ଭାଜକ ଭାଗଫଳ ତୃତୀୟ ଶ୍ରେଷ୍ଠ ନାଟକ ଭାବେ ବିବେଚିତ ହୋଇଥିଲା। ଏଥିରେ ଶିଶୁ କଳାକାର ଭାବେ ଅଭିନୟ କରିଥିବା ବେଦିକା ଭୋଇଙ୍କୁ ଶ୍ରେଷ୍ଠ ଶିଶୁ କଳାକାର ପୁରସ୍କାର ମିଳିଛି। ଅନନ୍ୟା ପ୍ରଧାନ ଦ୍ୱିତୀୟ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ, ଧନଞ୍ଜୟ ସାହୁ ଦ୍ୱିତୀୟ ଶ୍ରେଷ୍ଠ ହାସ୍ୟ ଅଭିନେତା, ବିଶ୍ୱନାଥ ଶତପଥୀ ତୃତୀୟ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ସମ୍ମାନିତ ହୋଇଛନ୍ତି। ନାଟ୍ୟକାର ତଥା ନିର୍ଦ୍ଦେଶକ ବିରୂପାକ୍ଷ ପ୍ରଧାନଙ୍କୁ ତୃତୀୟ ଶ୍ରେଷ୍ଠ ନିର୍ଦ୍ଦେଶକ, ଦ୍ୱିତୀୟ ଶ୍ରେଷ୍ଠ ନାଟ୍ୟକାର ଓ ଦ୍ୱିତୀୟ ଶ୍ରେଷ୍ଠ ଅଭିନେତା ଭାବେ ପୁରସ୍କୃତ କରାଯାଇଛି। ନାଟକରେ ଭବତୋଷ ବିଶି, ଚନ୍ଦ୍ରକାନ୍ତ ମହାନ୍ତି ଓ ଶ୍ୟାମଳୀ ପତିଙ୍କ ଅଭିନୟ ଉଚ୍ଚ ପ୍ରଶଂସିତ ହୋଇଥିଲା।

## ପ୍ରକାଶ ଦେବତାଙ୍କ ପରଲୋକ

ଦେବଗଡ଼,୧୫।୪(ଶଶାଙ୍କ ଶେଖର ଝାଙ୍କର)



ଦେବଗଡ ଜିଲାର ବିଶିଷ୍ଟ ମଞ୍ଚ କଳାକାର ତଥା ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲର ଉପ ସଭାପତି ପ୍ରକାଶ ଦେବତା (ପେରୁ)ଙ୍କ ବୁର୍ଲା ଡାକ୍ତରଖାନାରେ ପରଲୋକ ଘଟିଛି। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ଜିଲାର ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଦେବତା ଶତାଧିକ ନାଟକରେ ନିଖୁଣ ଅଭିନୟ କରି ପ୍ରସିଦ୍ଧି ଲାଭ କରିଥିଲେ। ଦେବଗଡ ସହରର ବହୁ ନାଟ୍ୟକାର, ନାଟ୍ୟ କଳାକାର, ସମାଜସେବୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତା ତାଙ୍କର ଗୁରୁସାହିସ୍ଥିତ ବାସଭବନରେ ଶେଷଦର୍ଶନ କରିଥିଲେ।

## ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ଆୟୋଜନ ଉଦ୍‌ଯାପିତ

ବ୍ରଜରାଜନଗର,୧୫।୪(ବିଜୟ ବରାଡ଼)

ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଓଡ଼ିଆ ପକ୍ଷ ଆୟୋଜନ ବ୍ରଜରାଜନଗର ମହାବିଦ୍ୟାଳୟରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଯାଇଛି । ଏହି କ୍ରମରେ ଏପ୍ରିଲ ୬ ତାରିଖ ଜାତୀୟ ସେବା ଯୋଜନା ତତ୍ତ୍ୱାବଧାନରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ମହାବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା। ଠିକ୍ ସେହିପରି ଏପ୍ରିଲ ୯ ତାରିଖରେ ଆସ ବହିଟିଏ କିଣିବା ଦିବସ ପାଳନ ଅବସରରେ ମହାବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର ପୁସ୍ତକ କ୍ରୟ କରିବା ସହ ପୁସ୍ତକର ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ। ପୁନଶ୍ଚ ଏପ୍ରିଲ ୧୧ ତାରିଖରେ ଓଡ଼ିଶାର ବନ୍ଦନୀୟ ବରପୁତ୍ର ଶୀର୍ଷକ ଏକ ଓଡ଼ିଆ ଆଲୋଚନାଚକ୍ର ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଆୟୋଜିତ ହୋଇଥିଲା। ଓଡ଼ିଆ ପକ୍ଷ ଆୟୋଜନ ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ବିଜୟ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସମ୍ମାନରେ ବରପୁତ୍ରମାନଙ୍କର ମହିମା ଗାନ କରାଯାଇଥିଲା। ମହାବିଦ୍ୟାଳୟ ପ୍ରଶାସନିକ ମୁଖ୍ୟ ପ୍ରାଧ୍ୟାପକ ସୁପ୍ରକାଶ ଚୌଧୁରୀ, ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଶ୍ରୀକର ଭୋଇ, ଇଂଲିଶ ବିଭାଗ ମୁଖ୍ୟ ଅଜୟ ଦୀପ, ଇତିହାସ ବିଭାଗ ଅଧ୍ୟାପକ ସୁମିତ୍ ତିର୍କୀ, ଅରୁନ୍ଧତୀ ନାଏକ ପ୍ରମୁଖ ଓଡ଼ିଶାର ବରପୁତ୍ରମାନଙ୍କର ତ୍ୟାଗ, ବଳିଦାନର ଗାଥା ବର୍ଣ୍ଣନା କରିବା ସହ ଓଡ଼ିଆ ଭାଷାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ୯ ଜଣ ଛାତ୍ରୀ ପ୍ରବନ୍ଧ ପାଠ କରିଥିଲେ ।

## ଜମେରା–ପୁଡ଼ାପାଲି ରାସ୍ତା କଂକ୍ରିଟକରଣ ଦାବି

ଝାରସୁଗୁଡ଼ା,୧୫।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଜମେରା ପଞ୍ଚାୟତ ଅନ୍ତର୍ଗତ ଜମେରାରୁ ପୁଡ଼ାପାଲି ଗ୍ରାମ ରାସ୍ତା ଦୀର୍ଘଦିନରୁ ଶୋଚନୀୟ ହୋଇ ପଡ଼ିଛି। ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜମେରା ଗ୍ରାମରୁ ପୁଡ଼ାପାଲି ଗ୍ରାମର ପ୍ରାୟ ୩ ରୁ ୪ କିଲୋମିଟର ରାସ୍ତା ଏବେ ବି ମାଟି ରାସ୍ତା ହୋଇ ରହିଛି । ଏହି ରାସ୍ତାଟିର କଂକ୍ରିଟକରଣ କେବେ ମଧ୍ୟ ହୋଇନାହିଁ, କାଁ ଭାଁ ରାସ୍ତାରେ ବେଳେବେଳେ ମୋରମ ପକାଯାଇ ରାସ୍ତାକୁ ମରାମତି କରାଯାଇଛି। ପୁଡ଼ାପାଲି ଗ୍ରାମରେ ବାସ କରିଥିବା ୫୦ରୁ ଊର୍ଦ୍ଧ୍ୱ ପରିବାର ଏହି ରାସ୍ତା ପାଇଁ ବହୁ ଅସୁବିଧା ଭୋଗୁଛନ୍ତି। ଉକ୍ତ ରାସ୍ତା ଦେଇ ହାଇସ୍କୁଲ, କଲେଜରେ ପାଠ ପଢ଼ିବା ପାଇଁ ଯାଉଥିବା ଛାତ୍ରୀଛାତ୍ର, କମ୍ପାନୀରେ କାର୍ଯ୍ୟ ପାଇଁ ତଥା ବିଭିନ୍ନ କାମ ପାଇଁ ଝାରସୁଗୁଡ଼ା ସହରକୁ ଯାଉଥିବା ଯୁବକ, ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ସାମାନ୍ୟ ବର୍ଷା ହେଲେ ଏହି ମାଟିରାସ୍ତା କାଦୁଅରେ ପରିଣତ ହେଉଛି, ଯାହା ଦ୍ୱାରା ଲୋକେ ଚାଲିବା ମଧ୍ୟ କଷ୍ଟକର ହୋଇପଡୁଛି। ରାସ୍ତା ଅବସ୍ଥା ଯୋଗୁ ଗ୍ରାମକୁ ଆମ୍ବୁଲାନ୍ସ କିମ୍ବା ଅନ୍ୟ କୌଣସି ଗାଡ଼ି ଯିବା ଆସିବାରେ ବହୁତ ସମସ୍ୟା ହେଉଛି। ତେବେ ଜିଲା ପ୍ରଶାସନ ଏହି କଚ୍ଚା ରାସ୍ତାକୁ ତୁରନ୍ତ କଂକ୍ରିଟ ରାସ୍ତାରେ ପରିଣତ କରିବାକୁ ପୁଡ଼ାପାଲି ଗ୍ରାମର ଘନଶ୍ୟାମ ସା, ଶେଷଦେବ ପ୍ରଧାନ, ଦୀନବନ୍ଧୁ ସା ଙ୍କ ସହିତ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଝାରସୁଗୁଡ଼ା ବିଡିଓ ଅନିଲ କୁମାର ଆଚାର୍ଯ୍ୟଙ୍କୁ ପଚାରିବା ପାଇଁ ଫୋନ୍ କରାଯାଇଥିଲେ ମଧ୍ୟ ସେ ଫୋନ ଗ୍ରହଣ କରି ନ ଥିଲେ।



ଶୋଚନୀୟ ହୋଇ ପଡ଼ିଥିବା ପୁଡ଼ାପାଲି ଗ୍ରାମର ରାସ୍ତା।

## ସଂକ୍ଷେପରେ

### ଜଳସଙ୍କଟ: ପିଇବା ପାଣି ପାଇଁ ହନ୍ତସନ୍ତ ସାହୁପଡ଼ାବାସୀ



ବାଉଁଶୁଣୀ, ୧୫।୪(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ଅଁଳାପାଲି ଗ୍ରାମ ପଞ୍ଚାୟତ ସାହୁପଡ଼ା ଗ୍ରାମରେ ପାନୀୟ ଜଳ ସଙ୍କଟ ଗ୍ରୀଷ୍ମ ଆରମ୍ଭରୁ ଉତ୍କଟ ହୋଇଥିବା ଅଭିଯୋଗ ହୋଇଛି। ଦୁଇଟି ୱାର୍ଡକୁ ନେଇ ଗଠିତ ସାହୁପଡା ଗ୍ରାମର କିଛି ଅଞ୍ଚଳକୁ ମେଗା ପାନୀୟ ଜଳ ପହଞ୍ଚି ପାରୁଥିବା ବେଳେ ଅଧା ପରିବାର ଜଳ ସଙ୍କଟର ସମ୍ମୁଖୀନ ହେଉଥିବା ବୁଧବାର ଅଭିଯୋଗ କରିଛନ୍ତି। ଗ୍ରାମରେ ଲାଗିଥିବା ବିଭିନ୍ନ ଷ୍ଟାଣ୍ଡପୋଷ୍ଟଗୁଡ଼ିକରୁ ପାଣି ବାହାରୁ ନ ଥିବା ହେତୁ ଲୋକେ ମାଟିତଳେ ଯାଇଥିବା ପାଇପ୍ ଲାଇନ୍ କାଟି ପାନୀୟ ଜଳ ସଂଗ୍ରହ କରୁଛନ୍ତି। ଜଳ ଯୋଗାଣ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସୁଧାରିବା ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଜିଲାପାଳ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସମସ୍ୟା ସମାଧାନ କରିବାକୁ ପାନୀୟ ଜଳରୁ ବଞ୍ଚିତ ଶତାଧିକ ପରିବାର ଦାବି କରିଛନ୍ତି।

### ଚଢ଼ିଗଲା ସିମେଣ୍ଟ ବୋଝେଇ ପିକ୍ଅପ୍, ପଥଚାରୀ ଗୁରୁତର

ବାଉଁଶୁଣୀ, ୧୫।୪(ଦେବାଶିଷ ନେପାକ)

ବାଉଁଶୁଣୀ ଥାନା ଡିମିରିପାଲି ଛକ ନିକଟରେ ବୁଧବାର ଏକ ସିମେଣ୍ଟ ବୋଝେଇ ପିକ୍ଅପ୍ ଚଢ଼ିଯିବାରୁ ଡିମିରିପାଲି ଗ୍ରାମର ଗଙ୍ଗାଧର ମହାକୁଡ଼ ଗୁରୁତର ଆହତ ହୋଇଛନ୍ତି। ଗଙ୍ଗାଧର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରେ ଏକ ଜଳଛତ୍ର ଦେଇଛନ୍ତି। ସେ ନିଜ ଘରୁ ଜଳଛତ୍ର ନିକଟକୁ ଯାଉଥିବା ବେଳେ ଗୋଟିଏ ସିମେଣ୍ଟ ବୋଝେଇ ପିକଅପ୍ (ନଂ. ଓଡି ୩୧ପି ୨୬୯୨) ପଛକୁ ବୁଲାଉଥିବା ବେଳେ ତାଙ୍କ ଗୋଡ଼ ଉପରେ ଗାଡ଼ିର ଚକ ମାଡ଼ିଯାଇଥିଲା। ସ୍ଥାନୀୟ ଲୋକେ ପଥଚାରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଉଁଶୁଣୀ ଡାକ୍ତରଖାନା ଆଣିଥିଲେ। ପରେ ତାଙ୍କୁ ସୋନପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ବାଉଁଶୁଣୀ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ବାଉଁଶୁଣୀ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ

ବାଉଁଶୁଣୀ, ୧୫।୪(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବାଉଁଶୁଣୀ ହନୁମାନ ମନ୍ଦିରରେ ମଙ୍ଗଳବାର ବିଳମ୍ବିତ ରାତିରେ ହନୁମାନ ଜୟନ୍ତୀ ଉଦ୍ୟାପିତ ହୋଇଯାଇଛି। ପୂଜକ ଅରୁଣ ଦେହୁରୀ ପୂଜାକାର୍ଯ୍ୟ ତୁଲାଇ ଥିଲେ ଓ ତ୍ରିବିକ୍ରମ ପାଢ଼ୀ ହନୁମାନ କଥା ଓ ଚାଳିଶା ପଠନ କରିଥିଲେ। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇ ପୁରାଣ ପାଠ ଶ୍ରବଣ ସହିତ ହନୁମାନଙ୍କ ଉଦ୍ଦେଶ୍ୟରେ ୧୦୦୮ ଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ଶ୍ରଦ୍ଧାଳୁମାନଙ୍କ ପାଇଁ ମନ୍ଦିର କମିଟି ତଥା ଆୟୋଜକମାନଙ୍କ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ୧୨ଘଣ୍ଟିଆ ବୀରମହାରାଜପୁର ବନ୍ଦ ଆଜି

ବୀରମହାରାଜପୁର, ୧୫।୪(ଯୁଗଳ କିଶୋର ମିଶ୍ର)

- ଶ୍ରୀରାମ, ହନୁମାନଙ୍କ ଫଟୋଚିରା ଘଟଣାର ପ୍ରତିବାଦ
- ଭିଏଚ୍ପି, ବଜରଙ୍ଗ ଦଳ ତରଫରୁ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ମାମଲା

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସହରରେ ମଙ୍ଗଳବାର ଆମ୍ବେଦକର ସେବାସଂଘ ତରଫରୁ ଡ଼ ଭୀମରାଓ ଆମ୍ବେଡ଼କରଙ୍କ ୧୩୫ ତମ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହିଦିନ ହନୁମାନ ଜୟନ୍ତୀ ଥିବାରୁ ବୀରମହାରାଜପୁର ମୁଖ୍ୟ ଛକଠାରେ ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍ପି), ବଜରଙ୍ଗ ଦଳ ତରଫରୁ ଭଗବାନ ରାମ ଓ ହନୁମାନଙ୍କ ଦୁଇଟି ବଡ଼ ଫଟୋ ଲଗାଯାଇଥିଲା। ଆମ୍ବେଦକର ସେବା ସଂଘ ତରଫରୁ ସେଠାରେ ଶୋଭାଯାତ୍ରା ପହଞ୍ଚିବା ପରେ କେତେଜଣ ସେଠାରେ ରଖା ଯାଇଥିବା ଶ୍ରୀରାମ ଓ ହନୁମାନଙ୍କ ଫଟୋ ଚିରି ତଳେ ପକାଇ ଦେଇଥିଲେ। ଏଥିସହ ହିନ୍ଦୁ ଦିଅଁ ଦେବତାଙ୍କୁ ସେମାନେ ବିଭିନ୍ନ ପ୍ରକାରର ଆକ୍ଷେପ କରିଥିଲେ। ଏହା ଧାର୍ମିକ ଭାବନାର କୁଠାରଘାତ ବୋଲି ବୀରମହାରାଜପୁର ଥାନାରେ ଭିଏଚ୍ପି ଓ ବଜରଙ୍ଗ ଦଳ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗପତ୍ର ଦାଖଲ ସମୟରେ ଉଭୟ ସଙ୍ଗଠନର ନିଳାମ୍ବର ହୋତା, ଅଂଶୁମାନ ପଣ୍ଡା, ତ୍ରିନାଥ ସାହୁ, ଦୁର୍ଯ୍ୟୋଧନ ମେହେର, ରମାକାନ୍ତ ହୋତା, ପ୍ରକାଶ ପ୍ରଧାନ ଉପସ୍ଥିତ ଥିଲେ। ଅଭିଯୋଗପତ୍ରରେ ଆଶ୍ରୟ ମହାନନ୍ଦ, ବିପିନ ଭୋଇ, ପ୍ରତୀପ ରାଜହଂସ, ଶୈଳେସ ରଞ୍ଜନ ବାଦିଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାଁ ଉଲ୍ଲେଖ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୮୭/୨୬) ରୁଜୁ ହୋଇଛି। ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ ଘଟଣାର ଅଧିକ ତଦନ୍ତ ଚଳାଇଛନ୍ତି। ଅପରପକ୍ଷରେ ଶ୍ରୀରାମ ଓ ହନୁମାନଙ୍କ ଫଟୋ ଚିରିବା ଓ ଅଶାଳୀନ ବ୍ୟବହାର ପ୍ରଦର୍ଶନ ବିରୋଧରେ ଭିଏଚ୍ପି ଓ ବଜରଙ୍ଗ ଦଳ ତରଫରୁ ଗୁରୁବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦକୁ ସଫଳ କରିବା ପାଇଁ ବୁଧବାର ଡାକବାଜି ଯନ୍ତ୍ର ସାହାଯ୍ୟରେ ଅନୁରୋଧ କରାଯାଇଛି। ଅପରପକ୍ଷରେ ଆମ୍ବେଦକର ସେବା ସଂଘଠାରେ ଥିବା ଡ଼ ଭୀମ ରାଓ ଆମ୍ବେଡ଼କର ପ୍ରତିମୂର୍ତ୍ତିର ସୁରକ୍ଷା ପାଇଁ ପୋଲିସ ନିକଟରେ ଲିଖିତ ଦାବି କରିଛନ୍ତି ସଂଘ ସଭାପତି ଅନାଦି ଜଗଦଳା।

## ଶାନ୍ତି କମିଟି ବୈଠକ, ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ ଉପରେ ଗୁରୁତ୍ୱ

ବୀରମହାରାଜପୁର, ୧୫।୪(ଯୁଗଳ କିଶୋର ମିଶ୍ର)



ବୀରମହାରାଜପୁର ଥାନା ପରିସରରେ ଅନୁଷ୍ଠିତ ଶାନ୍ତି କମିଟି ବୈଠକରେ ଅଧିକାରୀ ଓ ବିଭିନ୍ନ ସଂଗଠନ କର୍ମକର୍ତ୍ତା।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସହରରେ ମଙ୍ଗଳବାର ଆମ୍ବେଡ଼କର ଜୟନ୍ତୀ ଓ ହନୁମାନଙ୍କ ଜୟନ୍ତୀ ପାଳନ ଅବସରରେ ମୁଖ୍ୟ ଛକଠାରେ ଲଗାଯାଇଥିବା ପ୍ରଭୁ ଶ୍ରୀରାମ ଓ ହନୁମାନଙ୍କ ଫଟୋକୁ କେତେଜଣ ଚିରିବା ଓ ଅସମ୍ମାନ କରିବା ପରି ଘଟଣା ଘଟିଥିଲା।

ଆମ୍ବେଦକର ସେବା ସଂଘ ତରଫରୁ ଶୋଭାଯାତ୍ରା ଯାଉଥିବା ବେଳେ ଏପରି ଘଟଣା ଘଟିଥିବା ଓ ହିନ୍ଦୁଧର୍ମର ଧାର୍ମିକ ଭାବନା ପ୍ରତି ଆଘାତ ବୋଲି ଭିଏଚ୍ପି ଓ ବଜରଙ୍ଗ ଦଳ ଅଭିଯୋଗ କରିଥିଲା। ସାମାଜିକ ଗଣମାଧ୍ୟମରେ ବିଭିନ୍ନ ଆକ୍ଷେପ ପ୍ରତି ଆକ୍ଷେପ ଲେଖା ଓ ଭିଡିଓ ଦେଖିବାକୁ ମିଳିଥିଲା। ଏହାର ପ୍ରତିବାଦରେ ଭିଏଚ୍ପି ଓ ବଜରଙ୍ଗ ଦଳ ତରଫରୁ ଗୁରୁବାର ୧୨ଘଣ୍ଟିଆ ବୀରମହାରାଜପୁର ବନ୍ଦ ଡାକରା ଦିଆଯାଇଛି। ପରିସ୍ଥିତି ଉତ୍ତେଜନାମୂଳକ ଥିବା ଏବଂ ବନ୍ଦବେଳେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ବୁଧବାର ପୂର୍ବାହ୍ନ ୧୧ଟାରେ ବୀରମହାରାଜପୁର ଥାନା ପରିସରରେ ଏକ ଶାନ୍ତି କମିଟି ବୈଠକ ବସିଥିଲା। ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର ମେହେର ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବୀରମହାରାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ କୁମାର ରାଓ, ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ବିଡ଼ିଓ ରାଜୀବ କୁମାର ହାଁସଦା, ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ, ଡେପୁଟି କଲେକ୍ଟର ପ୍ରିତମ ମହାନ୍ତି, ସାମ୍ବାଦିକ ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି, ଓକିଲ ସଂଘ ସଭାପତି ଛବିଳ କୁମାର କର୍ଣ୍ଣ, ବରିଷ୍ଠ ନାଗରିକ ସଙ୍ଗଠନ ସଭାପତି ଦୟାନିଧି ହୋତା, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ବ୍ଲକ କଂଗ୍ରେସ ସଭାପତି ବସନ୍ତ କୁମାର ମହାକୁଡ଼, କଂଗ୍ରେସ ନେତା ପ୍ରିୟବ୍ରତ ସାହୁ, ବିଜେଡି ବ୍ଲକ ସଭାପତି ସୁରୁ ନାରାୟଣ ମହାକୁଡ଼, ଆମ୍ବେଦକର ସେବା ସଂଘ ସମ୍ପାଦକ କର୍ମୁ କଲତା, ବରିଷ୍ଠ ସଦସ୍ୟ ତଥା ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଳା, ବିବସ୍ୱତି ପଣ୍ଡା, ଦାମୋଦର ହୋତା, ଭିଏଚ୍ପି ବୀରମହାରାଜପୁର ପ୍ରଖଣ୍ଡ ଅଧିକାରୀ ଦୁର୍ଯ୍ୟୋଧନ ମେହେର, ବଜରଙ୍ଗ ଦଳର ଅବନିସ ହୋତା ସାମିଲ ହୋଇଥିଲେ। ବୀରମହାରାଜପୁର ହେଉଛି ଏକ ଭାଇଚାରାର ଅଞ୍ଚଳ। ଏଣୁ ଏଠାରେ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବା କଥା ବୋଲି ଆଲୋଚନା ହୋଇଥିଲା। ଏହା ସହିତ ଗୁରୁବାର ଦିଆ ଯାଇଥିବା ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ହେଉ ବୋଲି ବୈଠକରେ ଆଲୋଚନା ହୋଇଥିଲା।

## ନୀଳଚକ୍ର ସାହିତ୍ୟ ସଂସଦର ବିଷୁବମିଳନ ଉତ୍ସବ



ବିଷୁବମିଳନ ଉତ୍ସବରେ ମଞ୍ଚାସୀନ ଅତିଥି।

ବୌଦ୍ଧ, ୧୫।୪(ଅଜିତ କୁମାର ବାରିକ)

ବୌଦ୍ଧ ସହରର ପାରିଜାତ ପେଲେସର ସମ୍ମିଳନୀ କକ୍ଷରେ ନୀଳଚକ୍ର ସାହିତ୍ୟ ସଂସଦ, ଭାବସମ୍ରାଟ ଓ ବୌଦ୍ଧଚକ୍ର, ତ୍ରୈମାସିକ ସାହିତ୍ୟ ପତ୍ରିକାର ବିଷୁବମିଳନ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଉତ୍ସବର ପ୍ରାରମ୍ଭିକ ପର୍ବରେ ଚିତ୍ତରଞ୍ଜନ ଦାଶଙ୍କ ସଭାପତିତ୍ୱରେ ପ୍ରଫେସର ପ୍ରଶାନ୍ତ କୁମାର ମହାପାତ୍ର, ପ୍ରାକ୍ତନ ଅଧ୍ୟକ୍ଷ ମୁଖ୍ୟ ଅତିଥି, ପ୍ରଫେସର ଡମ୍ବରୁଧର ଭୋଇ, ବିଶିଷ୍ଟ ଅତିଥି,ଡକ୍ଟର ଶରତ ଚନ୍ଦ୍ର ପତି, ଓଡ଼ିଆ ପ୍ରାଧ୍ୟାପକ,ମୁଖ୍ୟବକ୍ତା, ଡକ୍ଟର କଳ୍ପତରୁ ନାୟକ, ଓଡିଆ ଅଧ୍ୟାପକ, ସମ୍ମାନିତ ଅତିଥି, ଦୁଃଖିଶ୍ୟାମ ବେହେରା, ପ୍ରାବନ୍ଧିକ, ସମ୍ମାନିତ ଅତିଥି, କମଳକାନ୍ତ ଦଳବେହେରା, ସମ୍ମାନିତ ଅତିଥି ଓ ଡକ୍ଟର (ଇଂ) ସଞ୍ଜୟ କୁମାର ପଣ୍ଡା ଆଲୋଚକ ଭାବେ ଯୋଗଦେଇଥିଲେ। ଏହି ପର୍ବରେ ସୁଶାନ୍ତ କୁମାର ମହାପାତ୍ର, ଶିଶୁ ସାହିତ୍ୟିକ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନର କବିତା ପାଠୋତ୍ସବରେ ଡକ୍ଟର ଦେବେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ବ୍ରହ୍ମାନନ୍ଦ ଥାଟି, ମୁଖ୍ୟ ଅତିଥି,ହୃଷିକେଶ ପ୍ରଧାନ,ସମ୍ମାନିତ ଅତିଥି ଥିବାବେଳେ ସତ୍ୟନାରାୟଣ ସାହୁ, ଉପସଭାପତି,ସନ୍ତୋଷ କୁମାର କର୍ଣ୍ଣ, ଜିଲା ସଂଯୋଜକ, ଗୋପାଳ ଅମାତ, ପ୍ରମୋଦିନୀ ବାଇ, ଚନ୍ଦ୍ରକାନ୍ତ ନାୟକ, ହୃଦାନନ୍ଦ ପ୍ରଧାନ, ସମସ୍ତ ସାହିତ୍ୟିକ ମଞ୍ଚାସୀନ ହୋଇଥିଲେ। ସଂଯୋଜକଙ୍କ ମନମୁଗ୍ଧକର ସଂଯୋଜନା ପୁଲକରେ ୩୦ଟି କବିତା ପାଠ କରାଯାଇଥିଲା। ଡକ୍ଟର ଶରତ ଚନ୍ଦ୍ର ପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯିବା ସହ ହୃଷିକେଶ ପ୍ରଧାନ,ସାହିତ୍ୟିକଙ୍କ ରଚିତ 'ବିବିଧା' କବିତା ପୁସ୍ତକ ଉନ୍ମୋଚିତ ହୋଇଥିଲା। ଧାନ ପୁସ୍ତକର ଆତ୍ମସ୍ୱର ପ୍ରକାଶ କରିଥିବା ବେଳେ ସୁଶାନ୍ତ କୁମାର ମହାପାତ୍ର କବିତା ପୁସ୍ତକର ସମୀକ୍ଷା କରିଥିଲେ।

### ଭାରସାମ୍ୟ ହରାଇ ଗଛକୁ ପିଟିଲା ବାଇକ୍: ୧ମୃତ, ଜଣେ ଗୁରୁତର

ହରଭଙ୍ଗା, ୧୫।୪(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗ ବ୍ଲକ ଖୋରଧା ବଲାଙ୍ଗୀର ଜାତୀୟ ରାଜପଥର ବଡବନ୍ଧଠରେ ମଙ୍ଗଳବାର ବିଳମ୍ବିତ ରାତିରେ ବାଇକ ଦୁର୍ଘଟଣାରେ ଜଣେ ମୃତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛି। ମିଳିଥିବା ସୂଚନା ମୁତାବକ ରମ୍ଭିକଟା ଗ୍ରାମର ରାଜେଶ ନାୟକ (୨୧) ଓ ଜଗନ୍ନାଥ କଂହର (୨୨) ଏକ ବାଇକ ଯୋଗେ ମେରୁ ଯାତ୍ରା ଦେଖିବାକୁ ଯାଉଥିବା ବେଳେ ବଡ ବନ୍ଧ ଠରେ ରାତି ୩ଟା ବେଳେ ଭାର ଶ୍ୟାମ ହରାଇ ଏକ ଗଛକୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ରାଜେଶଙ୍କ ମୃତ୍ୟୁହୋଇଥିବା ବେଳେ ଜଗନ୍ନାଥ ଗୁରୁତର ହୋଇଛନ୍ତି। ଖବର ପାଇ ପୁରୁଣା କଟକ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ପୁରୁଣା କଟକ ମେଡିକାଲକୁ ଆଣିଥିଲେ। ଗୁରୁତର ଜଗନ୍ନାଥଙ୍କୁ ବୁର୍ଲା ପଠାଯାଇଛି।

## କୁଚିଆ ମଦବିକ୍ରି ବନ୍ଦ ଦାବିରେ ତାତିଲେ ମହିଳା



ମହିଳାମାନେ ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ବିନିକା, ୧୫।୪(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ସିନ୍ଧୁରପୁର ପଞ୍ଚାୟତ ଅନ୍ତର୍ଗତ ଚେରୁପାଲିରେ ଦେଶୀ ରନ୍ଧାମଦ କାରବାର ଅବାଧରେ ଚାଲିଛି। ସହଜରେ ମଦ ପାଇ ଅନେକ ନିଶାଗ୍ରସ୍ତ ହେଉଛନ୍ତି। ଏଥିପାଇଁ ଗାଁରେ ନାନାଦି ବିଶୃଙ୍ଖଳା ହେଉଛି। ପାରିବାରିକ ଶୃଙ୍ଖଳା ନଷ୍ଟ ଭ୍ରଷ୍ଟ ହେଉଛି। ନିଶଖୋରଙ୍କ ପ୍ରଦୃଭାବ ଯୋଗୁ ଝିଅ, ବୋହୂ ରାସ୍ତାରେ ଯିବାକୁ ସୁରକ୍ଷିତ ମନେ କରୁ ନାହାନ୍ତି। ଅପରପକ୍ଷରେ ଦୈନନ୍ଦିତ ନିଶା ସେବନ ଯୋଗୁ ପରିବାରର ଆର୍ଥିକ ସ୍ଥିତି ଦୋହାଲି ଯାଉଛି। ଏ ନେଇ ବିଭିନ୍ନ ସମୟରେ ସ୍ଥାନୀୟ ଥାନା ଓ ଅବକାରୀ ବିଭାଗକୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦ କରି ବୁଧବାର ଗାଁର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବିନିକା ଥାନାରେ ପହଞ୍ଚି ଥିଲେ। କାରବାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଅବିଳମ୍ବେ କାର୍ଯ୍ୟାନୁଷ୍ଠାନ ସହ ଗାଁରୁ ମଦବିକ୍ରି ସମୂଳ ବନ୍ଦ କରିବାକୁ ସେମାନେ ଥାନା ଅଧିକାରୀ ସତ୍ୟନାରାୟଣ ପ୍ରଧାନଙ୍କୁ ଲିଖିତ ଅଭିଯୋଗ କରିଥିଲେ। ମଦ ବିକ୍ରି ବନ୍ଦ ନ ହେଲେ ଆଗକୁ ମହିଳାମାନେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବେ ବୋଲି ଏହି ଅବସରରେ ଚେତାବନୀ ଦେଇଛନ୍ତି।

## ଆମ୍ବେଡ଼କର ଥିଲେ ପ୍ରଚଣ୍ଡ ଜ୍ଞାନର ଅଧିକାରୀ

ବୀରମହାରାଜପୁର, ୧୫।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଉଫୁଲା ପଞ୍ଚାୟତ ଗୌଡକେଲାଠାରେ ସମ୍ବିଧାନ ପ୍ରଣେତା ଡ଼ ଭୀମରାଓ ଆମ୍ବେଦକରଙ୍କ ୧୩୫ ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ନେତୃବୃନ୍ଦ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବ୍ଲକ କଂଗ୍ରେସ କମିଟି ସଭାପତି ବସନ୍ତ ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓକିଲ ସଂଘର ସଭାପତି ଛବିଳ କୁମାର କର୍ଣ୍ଣ ଯୋଗଦେଇ ଡ଼ ଭୀମ ରାଓ ଆମ୍ବେଦକର ପ୍ରଚଣ୍ଡ ଜ୍ଞାନର ଅଧିକାରୀ ଥିଲେ। ତାଙ୍କ ନେତୃତ୍ୱରେ ଏକ ସୁନ୍ଦର ସମ୍ବିଧାନ କରାଯାଇଥିଲା ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁ, ଅକ୍ଷୟତରୁ ମହାକୁଡ଼, ଯୁବ ନେତା ପ୍ରୀୟବ୍ରତ ସାହୁ, କର୍ଣ୍ଣରାଜ ପ୍ରଧାନ ପ୍ରମୁଖ ଯୋଗଦେଇ ଆମ୍ବେଦକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ।



କଂଗ୍ରେସ ଦଳ ତରଫରୁ ଆୟୋଜିତ ଜୟନ୍ତୀ ସଭାରେ ଅତିଥିମାନେ।

## ମୃତ ଦାଦନ ଶ୍ରମିକଙ୍କ ପରିବାରକୁ ଭେଟିଲେ ବିଧାୟକ

ବିନିକା, ୧୫।୪(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଗଡ଼ଭିତରର ଚିତାନନ୍ଦ ବାରିକ କର୍ମ ଅନ୍ୱେଷଣରେ ତାମିଲନାଡୁ ଦାଦନ ଖଟିବାକୁ ଯାଇଥିଲେ। ତାମିଲନାଡୁ ରାଜ୍ୟ ତିରପୁର ଜିଲା ଲିଙ୍ଗପାଲିୟନ ଗାଁ ନିକଟରେ ଥିବା ଏସିଏମ୍ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। କିନ୍ତୁ ରାତିରେ କାମସାରି ଚିତାନନ୍ଦ ରାସ୍ତା ପାରହେବା ସମୟରେ ଏକ କାର ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ତାଙ୍କ ମୃତଦେହ ଘରକୁ ଆଣିବା ପାଇଁ ଚିନ୍ତାରେ ପଡି ଯାଇଥିଲେ। ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲାଙ୍କ ସହଯୋଗରେ ତାଙ୍କ ମୃତଦେହ ଘରକୁ ଫେରିଥିଲା। ବୁଧବାର ବିଧାୟକ ଜଗଦଲା ମୃତ ଶ୍ରମିକଙ୍କ ଘରକୁ ଯାଇ ସମବେଦନା ଜଣାଇବା ସହ ସମସ୍ତ ପ୍ରକାରର ସହଯୋଗ କରାଯିବ ବୋଲି କହିଛନ୍ତି।



ବିଧାୟକ ମୃତ ଦାଦନ ଶ୍ରମିକଙ୍କ ପରିବାରକୁ ଭେଟୁଛନ୍ତି।

## ପାଣ-ଗଣ୍ଡା ସମାଜ ପାଳିଲା ଆମ୍ବେଡ଼କର ଜୟନ୍ତୀ

ବୌଦ୍ଧ, ୧୫।୪(ଅଜିତ କୁମାର ବାରିକ)

ସାମାଜିକ ସଙ୍ଗଠନ ବୌଦ୍ଧ ଜିଲା ପାଣ-ଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ ସାଧାରଣ ସମ୍ପାଦକ ସୁଧାଂଶୁ ଡାଙ୍ଗଙ୍କ ନେତୃତ୍ୱରେ ଭାରତୀୟ ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଭୀମରାଓ ରାମଜୀ ଆମ୍ବେଡ଼କରଙ୍କ ୧୩୫ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଛି। ଏହି ଅବସରରେ ମହାନଦୀ ବ୍ରିଜ ଛକ ଠାରୁ ଶତାଧିକ ବାଇକ ଶୋଭାଯାତ୍ରାରେ ବୌଦ୍ଧ ସହର ପରିକ୍ରମା କରିବା ସହିତ କଚେରି ଛକସ୍ଥିତ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନ ମୁଖ୍ୟ ଉପଦେଷ୍ଟା ବଟକୃଷ୍ଣ ପ୍ରଧାନ, କାର୍ଯ୍ୟକାରୀ ସଭାପତି ମହାଦେବ କଲତା, ଉପ ସଭାପତି ଦଶରଥ ବେହେରା, ସହକାରୀ କୋଷାଧ୍ୟକ୍ଷ ଶ୍ରୀନିବାସ ହାତୀ, ସଙ୍ଗଠନ ସମ୍ପାଦକ ଦେବଦତ୍ତ ସାଗର, ଯୁଗ୍ମ ସମ୍ପାଦକ ମାର୍କଣ୍ଡ କଲତା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ରମେଶ ମହାନନ୍ଦିଆ, ଡାକ୍ତର ବେହେରା, ଶଶ୍ୱେଶ୍ୱର ଜଗଦଲା, ରଞ୍ଜନ ରଣବିଡ଼ା, ଅଇଁଲାପାଲି ପଞ୍ଚାୟତ କମିଟି ସଭାପତି ଜଗବନ୍ଧୁ ବାଦୀ, ବଘିଆପଡ଼ା ପଞ୍ଚାୟତ କମିଟି ସଭାପତି ଉତ୍ତମ ବେହେରା, ପଦ୍ମନପୁର ପଞ୍ଚାୟତ କମିଟି ସଭାପତି ରମେଶ ମହାନନ୍ଦିଆ, ବରିଷ୍ଠ ସମାଜସେବୀ ମହେନ୍ଦ୍ର ଲୁହା, ପ୍ରଶାନ୍ତ କହଁର, ରଘୁନାଥ କହଁର, ଅର୍ଜୁନ ବେହେରା, ପ୍ରଦୀପ ସାଗର, ଧର୍ମେନ୍ଦ୍ର ଜାଲ, ବୈଷ୍ଣବ ମଲ୍ଲିକ, ଉମେଶ ସୁନା, ସୌରାଷ୍ଟ୍ର ଦୀପ, ଅମଲ ବେହେରା, ନରେନ୍ଦ୍ର ନାଏକ, ଗୌରାଙ୍ଗ ରାଜହଂସ, ପରମେଶ୍ୱର ଭୋଇନା, ରାହୁଲ ସାଗର, ହିରଣ୍ୟ ସାଗର, ସୁମନ୍ତ ଲୁହା, ବରୁଣ ରଣବିଡା, ବିକାଶ ବାଦୀ, ସୁରେଶ ବଳିଆର, ରାଯେଶ୍ୱର କଲତା, ବରୁଣ ରାଜଦୀପ, ଅନେକ ରଣବିଡା ପ୍ରମୁଖ ଶତାଧିକ ଆମ୍ବେଡ଼କର ପ୍ରେମୀ ଯୋଗଦେଇ ଅଂଶଗ୍ରହଣ କରିଥିଲେ।



# ବୈଶାଖୀ-୨୦୨୬ ବିଷୁବ ଆସର

ସୋନପୁର, ୧୫।୪(ମୃତ୍ୟୁଞ୍ଜୟ ଶତପଥୀ)




ବିଷୁବ ଆସରରେ ଅତିଥି ଓ ଆଲୋଚକ।

ସୁବର୍ଣ୍ଣପୁରର ଅଗ୍ରଣୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ମହାନଦୀ ସାହିତ୍ୟ ସଂସଦ ପକ୍ଷରୁ ବୈଶାଖୀ-୨୦୨୬ ଅବସରରେ ଏକ ସାରସ୍ୱତ କାର୍ଯ୍ୟକ୍ରମ ବିଷୁବ ଆସର ଆୟୋଜିତ ହୋଇଯାଇଛି। ଓଡ଼ିଆ ନବବର୍ଷର ପବିତ୍ର ପର୍ବକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମ ସାହିତ୍ୟ ପ୍ରେମୀମାନଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ସୃଜନାତ୍ମକ ଚେତନା ସୃଷ୍ଟି କରିଥିଲା। ବିଷୁବ ସ୍ପନ୍ଦନ ଓ ସାହିତ୍ୟ ସୃଜନ ଶୀର୍ଷକରେ ଆୟୋଜିତ ବୌଦ୍ଧିକ କଥାଚକ୍ରରେ ବରିଷ୍ଠ ସାହିତ୍ୟିକ ସତ୍ୟମୋହନ ଦେଓ ଅତିଥି ଆଲୋଚକଭାବେ ଯୋଗଦେଇ ଓଡ଼ିଆ ନବବର୍ଷର ସାମ୍ପ୍ରଦାୟିକ ଓ ସାହିତ୍ୟିକ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସେ ସାହିତ୍ୟ ସୃଜନରେ ନୂତନତ୍ୱ, ଚିନ୍ତନର ବିସ୍ତାର ଓ ସମାଜ ସହ ସମ୍ପର୍କ ସୃଷ୍ଟିର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଆୟୋଜିତ ମନୋଜ୍ଞ କବିତା ସନ୍ଧ୍ୟାରେ ସଂସଦର ସଭ୍ୟ ଓ ପ୍ରତିଭାଶାଳୀ କବିମାନେ ନିଜ ନିଜ କବିତା ଆବୃତ୍ତି କରି ସମାବେଶକୁ ସାହିତ୍ୟମୟ ପରିବେଶରେ ଭରି ଦେଇଥିଲେ। ସଂସଦ ସଭାପତି ଡ଼. ସୌରଭ ରଞ୍ଜନ ଖମାରୀଙ୍କ ପରିଚାଳନାରେ ଅନୁଷ୍ଠିତ ସାରସ୍ୱତ ସମାରୋହରେ ଉପ ସଭାପତି ବେଣୁଧର ପ୍ରଧାନ ସ୍ୱାଗତ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସାଧାରଣ ସମ୍ପାଦକ ଲକ୍ଷ୍ମୀ ନାରାୟଣ ସାହୁ। ପ୍ରାରମ୍ଭରେ ଭାରତୀୟ ସଙ୍ଗୀତର ବିଶିଷ୍ଟ ଗାୟିକା ଆଶା ଭୋସଲେଙ୍କ ବିୟୋଗରେ ନିରବ ପ୍ରାର୍ଥନା ପରେ ଶେଷ ପର୍ବରେ ସଂସଦର ସହସମ୍ପାଦକ ବ୍ରତାନନ୍ଦ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ କବି ପ୍ରଦ୍ୟୁମ୍ନ ସାହୁ, ଓଁଶ୍ୟାମ ଓମ ପ୍ରସାଦ ମିଶ୍ର, ରଞ୍ଜିତା ପଣ୍ଡା, ରଞ୍ଜୁ ଅମାତ, ସସ୍ମିତା ମେହେର, ଜଳଦେବ ବେରିହା, ଶିବରାଜ ମିଶ୍ର, ଆରତୀ ଖମାରୀ, ଇତିଶ୍ରୀ ଡାଙ୍ଗ ଓ ଏସ.ଏସ.ପ୍ରିୟଦର୍ଶିନୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ବରିଷ୍ଠ ସଦସ୍ୟ ପ୍ରଭୁଦତ୍ତ ରଥ ଓ ନିର୍ମଳ ମେଣ୍ଡଲି ବିଷୁବ ଆସରକୁ ଆୟୋଜନରେ ସହଯୋଗ କରିଥିଲେ।

## ସାପ କାମୁଡ଼ାରେ ନାବାଳିକା ମୃତ

ବାଲିଶଙ୍କରା,୧୫।୪ (ହୃଦାନନ୍ଦ ବାରିକ)

ତଳସରା ଥାନା ଅନ୍ତର୍ଗତ କୁରୁମକେଲ ଗ୍ରାମରେ ଜଣେ ନାବାଳିକାଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ମୃତା ହେଲେ କୁରୁମକେଲ ଗ୍ରାମର ଅନିଲ ସରେଙ୍ଗଙ୍କ ଝିଅ ଅର୍ପିତା ସରେଙ୍ଗ (୧୩)। ସୂଚନା ଅନୁଯାୟୀ, ୧୩ ତାରିଖ ସନ୍ଧ୍ୟା ୭ଟାରେ ଅର୍ପିତା ଘରପାଖ ରାସ୍ତାପାର୍ଶ୍ୱରେ ଖେଳୁଥିବା ସମୟରେ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ଏହି ବିଷୟରେ ଅର୍ପିତା ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତା ନାବାଳିକାଙ୍କ କାକା ନେଲସନ ସରେଙ୍ଗ ଏନେଇ ତଳସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

# ସରଣ୍ଡା ବାଲିବା ଜଙ୍ଗଲରେ ଗୁଳି ବିନିମୟ, ୫ ଯବାନ ଆହତ

- ଲ୍ୟାଣ୍ଡମାଇନ ବିସ୍ଫୋରଣ, ଗୁଳିବର୍ଷାରେ ଥରିଲା ଅଞ୍ଚଳ
- ପୁଣି ଅଶାନ୍ତ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ
- ସର୍ଚ୍ଚ ଅପରେଶନ ଜାରି, ସୀମାରେ ହାଇ ଆଲର୍ଟ

ବଣାଇଁ,୧୫।୪(ପ୍ରଦୀପ ତ୍ରିପାଠୀ)

ଓଡ଼ିଶା–ଝାଡ଼ଖଣ୍ଡ ସୀମା ସଂଲଗ୍ନ ପଶ୍ଚିମ ସିଂହଭୂମ୍ ଜିଲାର ଛୋଟାନାଗରା ଥାନା ଅଧୀନସ୍ଥ ସରଣ୍ଡାର ବାଲିବା ଜଙ୍ଗଲରେ ବୁଧବାର ସୁରକ୍ଷା ବଳ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ସରଣ୍ଡାର ଚାରାଡେରା ଓ ଡୋଲାଇଗଡ଼ା ଜଙ୍ଗଲ ମଧ୍ୟରେ ଚାଲିଥିବା ସର୍ଚ୍ଚ ଅପରେଶନ ସମୟରେ ଉଭୟ ପକ୍ଷରୁ ଗୁଳି ବିନିମୟ ହୋଇଥିଲା, ଯେଉଁଥିରେ ୫ ଯବାନ ଆହତ ହୋଇଛନ୍ତି। ସେମାନେ ହେଲେ କୋବ୍ରା ୨୦୫ ବାଟାଲିୟନ୍‌ର ଇନ୍ସପେକ୍ଟର ସତ୍ୟ ପ୍ରକାଶ, ଯବାନମାନଙ୍କ ମଧ୍ୟରେ ଶୈଳେଶ କୁମାର ଦୁବେ, ଉତ୍ତମ ସେନାପତି, ଜିତେନ୍ଦ୍ର କୁମାର ରାୟ, ପ୍ରେମ୍ କୁମାର। ସମସ୍ତ ଆହତଙ୍କୁ ବୁଧବାର ସନ୍ଧ୍ୟା ପ୍ରାୟ ୫ଟାରେ ବାଲିବା ଗାଁରୁ ହେଲିକପ୍ଟର ଯୋଗେ ଏୟାରଲିଫ୍ଟ କରାଯାଇ ଉତ୍ତମ ଚିକିତ୍ସା ପାଇଁ ରାଞ୍ଚି ପଠାଯାଇଛି। ଏଥିରୁ ଜଣେ ଯବାନଙ୍କ



ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଏୟାରଲିଫ୍ଟ କରାଯାଉଛି।

ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଏହି ଗୁଳି ବିନିମୟ ସମୟରେ ମାଓବାଦୀମାନେ ବିଛାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା। ଏଥିରେ କାହାର କିଛି ହୋଇ ନ ଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗୋଇନ୍ଦା ସୂତ୍ରରୁ ମିଳିଥିବା ସୂଚନାକ୍ରମେ ବାଲିବାର ଚାରାଡେରା ଓ ଡୋଲାଇଗଡ଼ା ଜଙ୍ଗଲ ଅଞ୍ଚଳରେ ପ୍ରାୟ ୧୫ ଜଣ ମାଓବାଦୀ ଲୁଚି ରହିଥିଲେ। ବୁଧବାର ଭୋର୍ ୪ଟାରୁ ଅଭିଯାନ ଆରମ୍ଭ କରାଯାଇଥିଲା, ଯାହା ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା।

ମାଓବାଦୀଙ୍କ ମୃତ୍ୟୁର ସୂଚନା ନାହିଁ। ହେଲେ ସୂତ୍ର ଅନୁସାରେ, ଏହି ଗୁଳି ବିନିମୟରେ ୩ରୁ ୪ ମାଓବାଦୀ ମୃତ୍ୟୁବରଣ କରିଥିବା ଓ କେତେଜଣ ଆହତ ହୋଇଥିବା କୁହାଯାଉଛି। ହେଲେ ଏହାକୁ ଅଧିକାରିକ ଭାବେ ସ୍ୱୀକାର କରାଯାଇନାହିଁ।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପ୍ରାୟ ୧୦ କିଲୋମିଟର ଅଞ୍ଚଳ ପର୍ଯ୍ୟନ୍ତ ଗୁଳି ଶବ୍ଦ ଶୁଭିଥିଲା। ଘଟଣା ପରେ ସମଗ୍ର ଅଞ୍ଚଳରେ ସୁରକ୍ଷା ବଳ ଦ୍ୱାରା ତୀବ୍ର ସର୍ଚ୍ଚ ଅଭିଯାନ ଜାରି ରହିଛି। ଯାହାଦ୍ୱାରା ମାଓବାଦୀ କାର୍ଯ୍ୟକଳାପକୁ ପୂରାପୂରି ନିୟନ୍ତ୍ରଣ କରାଯାଇପାରିବ ବୋଲି ଅନୁମାନ କରାଯାଉଛି। ଏହି ଘଟଣା ପରେ ଉଭୟ ରାଜ୍ୟ ଓଡ଼ିଶା ଓ ଝାଡ଼ଖଣ୍ଡ ସୀମାରେ ହାଇ ଆଲର୍ଟ ଜାରି କରାଯାଇଛି।

## ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା
### ବଡ଼ଗାଁ ବ୍ଲକ କାର୍ଯ୍ୟାଳୟରେ ସମିତି ବୈଠକ

ବଡ଼ଗାଁ,୧୫।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ କାର୍ଯ୍ୟାଳୟରେ ବୁଧବାର ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗଙ୍କ ସଭାପତିତ୍ୱରେ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଏହାକୁ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ ପରିଚାଳନା କରିଥିଲେ। ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ପଟେଲ, ବିଧାୟକ ପ୍ରତିନିଧି ବାବୁଲି କର୍ସେଲ, ଏମ୍‌ପିଙ୍କ ପ୍ରତିନିଧି ଶିଶିର ରାଉତରାୟ, ଏବିଡିଓ ଉଷାବତୀ ଗରଡିଆ ମଞ୍ଚାସୀନ ଥିଲେ। ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ବ୍ଲକ କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ବ୍ଲକସ୍ତରରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଉନ୍ନୟନ କାର୍ଯ୍ୟରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଜନପ୍ରତିନିଧିମାନେ ଆଲୋଚନା କରିଥିଲେ।

## ହାତୀ ଉପଦ୍ରବ, ଭାଙ୍ଗିଲା ପାଚେରି



ହାତୀ ପାଚେରି ଭାଙ୍ଗିଦେଇଛି।

ବଡ଼ଗାଁ,୧୫।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ନିକଟ ମହାବୀର ପର୍ବତ ତଳି ସାଲେପାଲି ଗ୍ରାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପାଚେରିର କିଛି ଅଂଶକୁ ମଙ୍ଗଳବାର ବିଳମ୍ବିତ ରାତିରେ ୨ଟି ହାତୀ ଭାଙ୍ଗି ଦେଇଛନ୍ତି। ଏଥିସହ ବିଦ୍ୟାଳୟ ପରିସରରେ ଥିବା ଗଛରୁ ପଣସ ଖାଇବା ସହ କଦଳୀ ଗଛ ମାଡ଼ି ଦଳି ନଷ୍ଟ କରିଦେଇଛନ୍ତି। ସ୍କୁଲ ପଛପଟେ ଥିବା ଖେଳପଡିଆର ଗୋଲପୋଷ୍ଟ ବାର୍ ଭାଙ୍ଗି ଦେଇଛନ୍ତି। କିଛିଦିନ ହେଲା ପର୍ବତରେ ଦୁଇଟି ହାତୀ ଅବସ୍ଥାନ କରୁଥିବା ଗ୍ରାମବାସୀଙ୍କ ଠାରୁ ଜଣାପଡ଼ିଛି।

## ଗୋରୁ ଚୋରି ଅଭିଯୋଗରେ ୨ ଗିରଫ

ବଡ଼ଗାଁ,୧୫।୪(ଅଶୋକ ଷଡ଼ଙ୍ଗୀ)

୫ଟି ଗାଈ ବଳଦଙ୍କୁ ରୁନଗାଁ ଅଞ୍ଚଳରୁ ଚୋରିକରି ୨ ଯୁବକ ନେଉଥିବା ବେଳେ ଗ୍ରାମବାସୀ ଧରି ମଙ୍ଗଳବାର ପୋଲିସ ଜିମା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ୨ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଘଟଣା ଅନୁଯାୟୀ, ତଳସରା ଥାନା ଅନ୍ତର୍ଗତ ଦେଓଗାଁର ସରୋଜ ବାରିକ ଓ କ୍ଷେତ୍ରମଣି ଆପଟ ସ୍ଥାନୀୟ ଅଞ୍ଚଳର ଗାଈ, ବଳଦ ଚୋରିକରି ନେଉଥିବା ବେଳେ ରୁନଗାଁ ଗ୍ରାମର କେତେଜଣ ବ୍ୟକ୍ତି ତାଙ୍କୁ ଧରି ବଡ଼ଗାଁ ପୋଲିସରେ ଦେଇଥିଲେ। ପୋଲିସ କେସ୍ ନମ୍ବର ୧୨୩/୨୬ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି।

## ଦର୍ଶକଙ୍କୁ ବାନ୍ଧି ରଖିଲା ନାଟକ ବଏଠା

ସୁନ୍ଦରଗଡ,୧୫।୪(ଜୟ ନାରାୟଣ ମେଣ୍ଡୁଲି)



### ୨୬ତମ ବସନ୍ତ ମହୋତ୍ସବ ଉଦ୍‌ଘାଟିତ

ସୁନ୍ଦରଗଡର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନବଜୀବନ ପକ୍ଷରୁ ବୁଧବାରଠାରୁ ପାଞ୍ଚ ଦିବସୀୟ ବସନ୍ତ ମହୋତ୍ସବ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ସନ୍ତୋଷ ଅମାତ ମୁଖ୍ୟ ଅତିଥି, ପୂର୍ବତନ ନଗରପାଳ ରାଜକିଶୋର ଷଡ଼ଙ୍ଗୀ, ବେଣୁମାଧବ ତ୍ରିପାଠୀ, ରାଜକିଶୋର ମହାରଣା, ଅସୀମ ଦାସ, ଚନ୍ଦ୍ରମଣି ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ପ୍ରଖ୍ୟାତ ନାଟ୍ୟକାର ସ୍ୱର୍ଗତ ପ୍ରଦୀପ ଭୋଳଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଅନୁଷ୍ଠାନ ନବଜୀବନ ଦ୍ୱାରା ବସନ୍ତ ମହୋତ୍ସବ ଜରିଆରେ ନାଟ୍ୟ କଳା ଓ କଳାକାରଙ୍କୁ ବଞ୍ଚାଇ ରଖିବାର ଏକ ବଳିଷ୍ଠ ଭୂମିକା ନିର୍ବାହ କରି ଆସୁଛି ବୋଲି କହିଥିଲେ। ମୁଖ୍ୟ ଅତିଥି ଅମାତ ସ୍ୱର୍ଗତ ଭୋଳଙ୍କ ଉଦ୍ୟମରେ ଭାରତ ନାଟ୍ୟମଞ୍ଚରେ ସୁନ୍ଦରଗଡ଼ ସ୍ଥାନ ପାଇ କଳାକାରମାନେ ଅନେକ ପ୍ରଶଂସା ଓ ପୁରସ୍କାର ଲାଭ କରିଥିଲେ। ତାଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ସିନେମା 'ଚିନି'ରେ ପ୍ରଖ୍ୟାତ ଗାୟିକା ଆଶା ଭୋଷଲେ ପ୍ରଥମ ଓ ଶେଷ ସମ୍ବଲପୁରୀ ଗୀତ ଗାଇ ଆମମାନଙ୍କ ପାଇଁ ଗୌରବର ବିଷୟ ବୋଲି କହିଥିଲେ। ନାଟ୍ୟକଳାର ଏହି ଧାରାକୁ ବଜାୟ ରଖିବା ପାଇଁ ତାଙ୍କ ଭାଇ ପ୍ରଭାତ ଭୋଳ ଓ ଅନୁଷ୍ଠାନର କଳାକାରମାନଙ୍କ ଉଦ୍ୟମକୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ରାଜ୍ୟ ତଥା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ନାଟ୍ୟକାର ସୁବୋଧ ପଟ୍ଟନାୟକଙ୍କୁ ଚଳିତ ବର୍ଷର ନବଜୀବନ ନାଟ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ନାଟ୍ୟକାର ପଟ୍ଟନାୟକ ତାଙ୍କ ଅଭିଭାଷଣରେ ନାଟ୍ୟ ଜଗତରେ ସ୍ୱର୍ଗତ ଭୋଳଙ୍କ ଅବଦାନ ସ୍ମରଣୀୟ ବୋଲି କହିବା ସହିତ ନାଟକ କେବଳ ମନୋରଞ୍ଜନ ପାଇଁ ନୁହେଁ, ଏହା ବ୍ୟକ୍ତିତ୍ୱ ବିକାଶ ପାଇଁ ମାଧ୍ୟମ। ବର୍ତ୍ତମାନ ଅନ୍‌ଲାଇନ ଯୁଗରେ ନାଟକ ଏକାଠି କରିବାର ଏକ ମାଧ୍ୟମ ବୋଲି କହିଥିଲେ। ଅନୁଷ୍ଠାନ ପକ୍ଷରୁ ନାଟ୍ୟ ନିର୍ଦ୍ଦେଶକ ତଥା ବର୍ଷିୟାନ କଳାକାର ସମରେନ୍ଦ୍ର ଠାକୁର ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସ୍ୱର୍ଗତ ଭୋଳଙ୍କ ନାଟ୍ୟ ଜୀବନ ସମ୍ପର୍କରେ ସୂଚନା ଦେଇଥିଲେ। ବିଶ୍ୱରଞ୍ଜନ ହୋତା ସଭା ସଞ୍ଚାଳନ କରିଥିଲେ।

ପ୍ରଥମ ସନ୍ଧ୍ୟାରେ ସ୍ୱର୍ଗତ ପ୍ରଦୀପ ଭୋଳଙ୍କ ଦ୍ୱାରା ୪୦ବର୍ଷ ତଳେ ରଚିତ ଓ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'ବଏଠା' ପରିବେଷିତ ହୋଇଥିଲା। ନାଟକ ସମରେନ୍ଦ୍ର ଠାକୁରଙ୍କ ନିର୍ଦ୍ଦେଶନାରେ ନବଜୀବନର କଳାକାରମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ବଏଠା ନାଟକର ବିଷୟବସ୍ତୁ ସାମାଜିକ ଜନଜୀବନରେ ଏକ ଦଳିତ ପରିବାର ଜୀବନ ଜୀବିକାର ସଂଘର୍ଷର କାହାଣୀକୁ ନିଛକ ଭାବେ ପ୍ରଦର୍ଶିତ କରିଥିଲେ କଳାକାରମାନେ। ଜଙ୍ଗଲରୁ ବାଉଁଶ କାଟି ସେଥିରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ବିକ୍ରୟ କରି ନିଜ ପରିବାର ପ୍ରତିପୋଷଣ କରୁଥିବା ଏହି ପରିବାର କିଭଳି ବିଭିନ୍ନ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଶୋଷଣର ଶିକାର ହୋଇଛନ୍ତି ତାହା ଏହି ନାଟକର ମୁଖ୍ୟ କଥାବସ୍ତୁ ରହିଥିଲା। ନାଟକ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ନାଟକରେ ବିଭିନ୍ନ ଭୂମିକାରେ କୁମୁଦ ପ୍ରକାଶ ପଣ୍ଡା, ଦେବଦର୍ଶୀ ପାତ୍ର, ଗୋପାଳ ପୃଷ୍ଟେଠ, ଭେଙ୍କଟେଶ ନାୟକ, ପ୍ରଭାସ କୁମାର ତ୍ରିପାଠୀ, ଧରଣୀଧର ପଟେଲ, ଅନୀଲ ପଟେଲ, ବୃନ୍ଦାବନ ଦାଶ, ଗୁଣନିଧି ମହାନ୍ତି, ମନୋରଞ୍ଜନ ଦାସ, ଲତିକା ପଟ୍ଟନାୟକ, ଲକ୍ଷ୍ମୀପ୍ରଭା ପତି, ରୀତିକା ଯୋଷୀ, ରିଧୀସା ପଟ୍ଟନାୟକଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ସସ୍ମିତା ସାହୁ, ଗୋପକୃଷ୍ଣ ନାୟକ ପ୍ରମୁଖ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ପ୍ରଭାତ ଭୋଳ ଓ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଏହି ମହୋତ୍ସବ ଆୟୋଜିତ ହୋଇଥିଲା।

## ପାଣିରେ ବୁଡ଼ି ଯୁବକ ମୃତ

ଲହୁଣୀପଡା,୧୫।୪(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ସାନ ରକ୍ସି ଗ୍ରାମର ଜୈନିକ ଯୁବକ ବୁଧବାର ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡି ମୃତ୍ୟୁ ବରଣ କରିଥିବା ଜଣାପଡିଛି। ମୃତକ ଯୁବକ ହେଲେ ଶିବଲେନ ମୁଣ୍ଡା(୩୦)। ସୂଚନାରୁ ପ୍ରକାଶ ଯେ, ସାନ ରକ୍ସି ଗ୍ରାମର ଶିବଲେନ ମୁଣ୍ଡା (୩୦) ନିଜ ଭଉଣୀ ଘର ସୋଲଙ୍ଗା ଗ୍ରାମକୁ ଯାଇଥିଲେ। ବୁଧବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ ଟା ବେଳେ ଗ୍ରାମ ନିକଟସ୍ଥ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଅସାବଧାନତା ବଶତଃ ପାଣିରେ ବୁଡି ଯାଇଥିଲେ। କେ ବଲାଙ୍ଗ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ୧୪ ଜାମିନବିହୀନ ଗିରଫ ପରୱାନା ଘଟଣା
## ଫେରାର ୯ ଜଣ କୋର୍ଟ ଚାଲାଣ

କୁଆଁରମୁଣ୍ଡା,୧୫।୪(ମହେନ୍ଦ୍ର କୁମାର ସାହୁ)

ବିଭିନ୍ନ ଅପରାଧିକ ମାମଲାରେ ୧୪ଟି ଜାମିନ ବିହୀନ ଗିରଫ ପରୱାନାରେ ଫେରାର ଥିବା ୯ ଜଣ ଅଭିଯୁକ୍ତଙ୍କୁ ବୁଧବାର ବୀରମିତ୍ରପୁର ଆଇଆଇସି ରାମପ୍ରସାଦ ନାଗ ଏକ ପୋଲିସ ଟିମ ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗିରଫ କରିଛି। ଏହାସହ ଏକାବେଳେ ସମସ୍ତ ୯ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଆଇଆଇସି ନାଗ ସୂଚନା ଦେଇଛନ୍ତି।

## ସ୍କୁଲ୍ ଗୃହ ନିର୍ମାଣ ପାଇଁ ଭୂମି ପୂଜନ

ହେମଗିର,୧୫।୪(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ନୂଆ ଗର୍ଜନବାହାଲ ଗ୍ରାମଠାରେ ବୁଧବାର ନୂତନ ସ୍କୁଲ ଗୃହ ନିର୍ମାଣ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂ ଯୋଗଦେଇ ଭୂମି ପୂଜନରେ କର୍ତ୍ତା ହୋଇ ପୂଜାକାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ବିଧାୟକ ସିଂ ହାଇସ୍କୁଲ ସ୍ଥାପନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେମଗିର ବିଜେଡି ସଭାପତି ସୁଶାନ୍ତ ପତି, ବୈଦେଶ୍ୱର ମାଝୀ, ସ୍କୁଲ ପ୍ରତିଷ୍ଠାତା ବିପିନ ବିହାରୀ ନାଏକ, ଗର୍ଜନବାହାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଏକ, ଧର୍ମୁ କିଶାନ, ବୀରେନ୍ଦ୍ର କିଶାନ, ଜନ୍ମେଜୟ ସାହୁ, ଅଶୋକ କୁମାର ଅଗ୍ରୱାଲ, ପୂର୍ବତନ ଶିକ୍ଷକ ଶିଶିର ଚୌଧୁରୀ, ବଲିଙ୍ଗା ସରପଞ୍ଚ ସୁଭଦ୍ରା ବୈଗା, ସମିତି ସଭ୍ୟ ଧନେଶ୍ୱର ବଗର୍ତ୍ତି, ଲକ୍ଷ୍ମୀକାନ୍ତ ନାଏକ, ଡୁଡୁକା ସରପଞ୍ଚ ଜୟକୃଷ୍ଣ ମାଝୀ, ସଚିନ୍ଦ୍ର ମାଝୀ, ଉପେନ୍ଦ୍ର ମାଝୀ, ବଡ଼ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ଜଣେ ମୃତ

ବଡ଼ଗାଁ,୧୫।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଦାଣ୍ଡଜମରା ଗ୍ରାମର ଜଣେ ବ୍ୟକ୍ତିଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ମୃତକ ହେଲେ ଦାଣ୍ଡଜମରା ଗ୍ରାମର ଚାର୍ଲେସ ସୋରେଙ୍ଗ(୫୮)।ଘଟଣା ଅନୁଯାୟୀ, ଚାର୍ଲେସ ବୁଧବାର ଅପରାହ୍ନ ପ୍ରାୟ ୧ଟାରେ ସୁନାପଡା ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଦିନ ୨ଟା ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ତାଙ୍କ ସାନପୁଅ ଖୋଜିବାକୁ ପୋଖରୀକୁ ଯାଇଥିଲେ। ଚାର୍ଲେସ ପାଣିରେ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ତାଙ୍କୁ ପାଣିରୁ ଉଦ୍ଧାର କରି ବଡ଼ଗାଁ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପୋଖରୀରେ ବୁଡ଼ି ଯୁବକ ମୃତ

ବଡ଼ଗାଁ,୧୫।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଟିଙ୍କିଲିପଡା ଗ୍ରାମର ବୁଦ୍ଧଦେବ କର୍ସେଲ(୪୨) ମଙ୍ଗଳବାର ଖରିକାମୁଣ୍ଡା ଗ୍ରାମକୁ ବିବାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିଲେ। ସେଠାରେ ଗ୍ରାମ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ମଧ୍ୟାହ୍ନରେ ଯାଇଥିଲାବେଳେ ପୋଖରୀରେ ବୁଡ଼ି ଯାଇଥିଲେ। ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଅପରାହ୍ନରେ ପୋଖରୀରୁ ତାଙ୍କ ମୃତଦେହ ଜବତ ହୋଇଥିଲା। ବଡ଼ଗାଁ ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇବା ସହ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଗାଁମୁହାଁ ଜଙ୍ଗଲୀ ଦନ୍ତା



ଲହୁଣୀପଡ଼ା,୧୫।୪(ଦାଶରଥି ପଣ୍ଡା)

ଏବେ ଗାଁ ମୁହାଁ ଜଙ୍ଗଲୀ ଦନ୍ତା ହାତୀ। ପ୍ରାୟ ମାସେ ପୂର୍ବରୁ ନରେନ୍ଦ୍ର ପଟରୁ ବ୍ରାହ୍ମଣୀ ନଦୀ ପାର ହୋଇ ରାତିରେ ଲହୁଣୀପଡା ବ୍ଲକ ବାଙ୍କି ବନ୍ୟାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ବୁଲୁଥିଲା। ହେଲେ କିଛି କ୍ଷୟକ୍ଷତି କରି ନ ଥିବା ଜଣାପଡ଼ିଛି। ବୁଧବାର ଦିନରେ ବ୍ରାହ୍ମଣୀ ନଦୀ ପାର ହୋଇ ତୁମକଲା ଗ୍ରାମରେ ପଶିଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ବୁଧବାର ଅପରାହ୍ନରେ ବାଙ୍କି ବନ୍ୟାଞ୍ଚଳ ଅନ୍ତର୍ଗତ ତୁମକଲା ବ୍ରାହ୍ମଣୀ ନଦୀ ପଠାରେ ଜଙ୍ଗଲି ଦନ୍ତା ବିଚରଣ କରୁଥିବା ବେଳେ ନଦୀ ପାଣିରେ ଗାଧେଇ ସନ୍ଧ୍ୟାରେ ତୁମକଲା ଗ୍ରାମରେ ପଶିଥିଲା। ବଣେଇ ଚୈତ୍ର ପର୍ବ ପାଇଁ

### ଜଗି ରହିଛି ବନବିଭାଗ

ମେଳା ବସିଥିବାରୁ ଲୋକଙ୍କ ଭିଡ଼ ରାତି ପର୍ଯ୍ୟନ୍ତ ଲାଗି ରହୁଛି। ଯାହା ଫଳରେ ଜଙ୍ଗଲି ହାତୀ କିଭଳି ଚୈତ୍ର ମେଳା ପଡିଆ ପଟେ ନ ଯାଇ ଅନ୍ୟ ପଟେ ହୋଇ ଜଙ୍ଗଲ ଭିତରକୁ ଯିବ ସେଥିପ୍ରତି ବାଙ୍କି ବନାଞ୍ଚଳ ଅଧିକାରୀ ଦୃଷ୍ଟି ଦେଇ ହାତୀ ଘଉଡାଳି ଦଳକୁ ନିୟୋଜିତ କରିଛନ୍ତି। ବାଙ୍କୀ ରେଞ୍ଜର କୈଳାସ ଚନ୍ଦ୍ର କିଷାନ, ରାଜାମୁଣ୍ଡା ଫରେଷ୍ଟର ହରିଷ ଚନ୍ଦ୍ର ଜେନା, କେ ବଲାଙ୍ଗ ଫରେଷ୍ଟର ଗୋପାଳ ଓରାମଙ୍କ ସମେତ ହାତୀ ଘଉଡାଳି ଦଳ ଓ ବନ କର୍ମଚାରୀ ହାତୀକୁ ସୁରକ୍ଷିତ ଭାବେ ଜଙ୍ଗଲକୁ ଘଉଡାଇବା ପାଇଁ ଉଦ୍ୟମ କରୁଥିବା ଜଣାପଡିଛି।

## ଅଗ୍ନିଶମ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଲହୁଣୀପଡା,୧୫।୪(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ଅଗ୍ନିଶମ ବିଭାଗ ପକ୍ଷରୁ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ ଅବସରରେ ବୁଧବାର ଲହୁଣୀପଡା ବ୍ଲକ ଶରଧାପୁର ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅଗ୍ନିଶମ ସେବା ସପ୍ତାହ ଏପ୍ରିଲ ୧୪ ତାରିଖଠାରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଗ୍ନିଶମ ସେବା ସପ୍ତାହର ଚଳିତ ବର୍ଷର ବାର୍ତ୍ତା ରହିଛି ସୁରକ୍ଷିତ ବିଦ୍ୟାଳୟ, ସୁରକ୍ଷିତ ଡାକ୍ତରଖାନା ଓ ଅଗ୍ନି ନିରାପତ୍ତା ପ୍ରତି ସଚେତନ ସମାଜ ଅଗ୍ନି ନିବାରଣ ପାଇଁ ଏକତା। ଏହି ଅବସରରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଶୀତଳ ପ୍ରସାଦଙ୍କ ଅଧ୍ୟକ୍ଷତାରେ ନିର୍ମଳ କୁମାର ସାହୁଙ୍କ ମଞ୍ଚ ପରିଚାଳନାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଲହୁଣୀପଡ଼ା ଅଗ୍ନିଶମ



ଅଗ୍ନିଶମ ବିଭାଗ ପକ୍ଷରୁ ସଚେତନ କରାଯାଉଛି।

ବିଭାଗ ଅଧିକାରୀ ପ୍ରଦୀପ କୁମାର ନାୟକ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ସଚେତନତା ସଭାପରେ ଅଗ୍ନିଶମ କର୍ମଚାରୀମାନେ ବିଭିନ୍ନ ଉପକରଣ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜିକାଲି ଘରେ ଘରେ ରନ୍ଧନ ଗ୍ୟାସ ବ୍ୟବହାର ହେଉଛି। ବହୁ ସମୟରେ ଅଘଟଣ ମଧ୍ୟ ଘଟି ଧନଜୀବନ ମଧ୍ୟ ନଷ୍ଟ ହେଉଛି। ଅଘଟଣ ନ ଘଟିବା ପାଇଁ ସିଲିଣ୍ଡର ଓ ଚୁଲାକୁ କିଭଳି ବ୍ୟବହାର କରାଯିବ ଏବଂ ଦୁର୍ଘଟଣାକୁ ଏଡ଼ାଇବା ପାଇଁ କେଉଁ ପ୍ରକାର ସୁରକ୍ଷା ବ୍ୟବସ୍ଥା ଅବଲମ୍ବନ କରାଯାଇ ପାରିବ ସେ ସବୁକୁ କୌଶଳ ପ୍ରଦର୍ଶନ କରି ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜ୍ୟୋତି ରଞ୍ଜନ ଦାସ, ବିଶ୍ୱଜିତ ମହାପାତ୍ର, କିରଣ କୁମାର ସାହୁ, ଚନ୍ଦ୍ରା ପଲ, ଆଶା ବର୍ମାଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିବା ଜଣାପଡିଛି।

## ସାହିତ୍ୟର ଧର୍ମ, ଜୀବନ ପ୍ରତି ତା'ର ଦୃଷ୍ଟିକୋଣ ସମ୍ପର୍କରେ ଆଲୋଚନା

ସୁନ୍ଦରଗଡ଼,୧୫।୪(ଜୟ ନାରାୟଣ ମେଣ୍ଡୁଲି)

ସାହିତ୍ୟିକର ଲେଖକୀୟ ସତ୍ତା ତା'ର ସୃଜନ କର୍ମରେ ନିଜସ୍ୱ ଦୃଷ୍ଟିଭଙ୍ଗୀକୁ ପ୍ରତିପାଦିତ କରିଥାଏ। ପ୍ରତ୍ୟେକ ସାହିତ୍ୟିକ ଜଣେ ଜଣେ ହୃଦୟବାନ୍ ବ୍ୟକ୍ତି ଓ ସାହିତ୍ୟିକର ସୃଷ୍ଟିରେ ପରିବର୍ତ୍ତନର ସ୍ୱର ତା'ର ସୃଷ୍ଟିକୁ କାଳଜୟୀ କରିଥାଏ ବୋଲି ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ବୀରମିତ୍ର କ୍ଲବଠାରେ ସୁନ୍ଦରଗଡ଼ର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଅରଣ୍ୟା ଦ୍ୱାରା ଆୟୋଜିତ ବିଷୁବ ମିଳନ ସାରସ୍ୱତ ଆସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏଥିରେ ମୁଖ୍ୟ ଅତିଥିଭାବେ ଓଡ଼ିଶାର ବିଶିଷ୍ଟ ଗାଳ୍ପିକା ମୋନାଲିସା ମିଶ୍ର ଯୋଗଦେଇ ସାହିତ୍ୟର ଧର୍ମ ଓ ଜୀବନ ପ୍ରତି ତାର ଦୃଷ୍ଟିକୋଣ ସମ୍ପର୍କରେ ଆଲୋଚନା କରି କହିଥିଲେ ଯେ, କବିଟିଏ କେବେ କାହାକୁ ରକ୍ତାକ୍ତ କରେନି କି କ୍ଷତାକ୍ତ କରେ ନାହିଁ, ବରଂ ସେ ରକ୍ତର ନଦୀରେ ପହଁରି ମାନବିକତାର ଜୟଗାନ କରିଥାଏ। ଜଣେ ସ୍ରଷ୍ଟା ସର୍ବଦା ଜଗତର କଲ୍ୟାଣ ନିମନ୍ତେ ପ୍ରାର୍ଥନା କରିଥାଏ। ମୁଖ୍ୟ ଅତିଥି




ଗାଳ୍ପିକା ମୋନାଲିସା ମିଶ୍ରଙ୍କୁ ଅରଣ୍ୟା ସମ୍ମାନ ପ୍ରଦାନ କରାଯାଉଛି।

ରୂପେ ଅଧ୍ୟାପକ ନୂତନ ଖମାରୀ ନିଜ ବକ୍ତବ୍ୟରେ କହିଥିଲେ ଯେ, ଜଣେ ସ୍ରଷ୍ଟା ସର୍ବଦା ହୃଦୟବାନ ହୋଇଥାଏ। ସୃଷ୍ଟିର ରକ୍ଷା ନିମନ୍ତେ ତାର କଲମ ସର୍ବଦା ଚଳ ଚଞ୍ଚଳ ଥାଏ। ଉକ୍ତ ସଭାରେ ଅଧ୍ୟକ୍ଷତା କରି ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ କହିଥିଲେ ଯେ, ସମ୍ପ୍ରତି ଯୁବପିଢ଼ି ସାହିତ୍ୟ ବିମୁଖ ହେବା ଓ ନିଜ ମାତୃଭାଷା ଓଡ଼ିଆରେ ଲେଖି ନ ପରିବା ଏକ ବଡ଼ ସମସ୍ୟା। ଯାହାର କୌଣସି ସମାଧାନ ଆଗାମୀ ଦିନରେ ଦେଖାଯାଉନାହିଁ। ସାହିତ୍ୟ କିପରି ଏ ଉଦାସୀନତାକୁ ସମାଧାନ କରିପାରିବ , ତାହା ଆଜିର ପ୍ରତ୍ୟେକ ଲେଖକ ପାଇଁ ଏକ ବଡ଼ ଆହ୍ୱାନ ବୋଲି କହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅରଣ୍ୟାର ପ୍ରତିଷ୍ଠାତା ତଥା ବିଶିଷ୍ଟ ଗାଳ୍ପିକ ରାଜକିଶୋର ଷଡ଼ଙ୍ଗୀ ନିଜ ଅଭିଭାଷଣରେ କହିଥିଲେ ଯେ, ବିଷୁବ ମିଳନ ଓଡ଼ିଆ ସାହିତ୍ୟର ଏକ ଅଭିନ୍ନ ଅଙ୍ଗ । ସାହିତ୍ୟିକ ମାନଙ୍କୁ ଗୋଟିଏ ଛାତ ତଳେ ବସି ଏକ ମନ ପ୍ରାଣରେ ସାଧନା କରିବାକୁ ତଥା ଆଲୋଚନା କରିବାକୁ ପ୍ରେରଣା ଯୋଗାଇଥାଏ। ଚଳିତବର୍ଷ ପାଇଁ ଅରଣ୍ୟା ବିଷୁବ ସମ୍ମାନ ବିଶିଷ୍ଟ

### ଅରଣ୍ୟା ପକ୍ଷରୁ ବିଷୁବ ଆସର

ଗାଳ୍ପିକା ମୋନାଲିସା ମିଶ୍ରଙ୍କୁ ପ୍ରଦାନ କରାଯାଇଥିବା ବେଳେ ଯୁବ ଲେଖିକା ସ୍ନିଗ୍ଧା ନାଏକଙ୍କୁ ଅରଣ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। କବି ଲଳିତା ଖଣ୍ଡା ଓ ପ୍ରଣତି ବେହେରାଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ କବି ରଂଜୁ ଠାକୁର,ପୁଷ୍ପଲତା ପାଣିଗ୍ରାହୀ,ସୌମ୍ୟ ମହାକୁଡ଼ , ସତ୍ୟଭାମା ପଟେଲ , ଲୋପାମୁଦ୍ରା ମିଶ୍ର , ମୋନାଲିସା ବେହେରା , ପ୍ରତିମା ମିଶ୍ର,ସୁରଭି ପଟେଲ, ପ୍ରତାପ ପଟ୍ଟନାୟକ,ସୂର୍ଯ୍ୟ ମହାପାତ୍ର , ଉଦିତ ନାୟକ , ନୀତମ୍ବିନୀ କର , ଝରଣା ତନ୍ତି, ସସ୍ମିତା ଭୋଇ , ମୀନାରାଣୀ ସହାୟ, କିଶୋରୀ ଦାସ ,ରାମେଶ୍ୱର ପଟେଲ ପ୍ରମୁଖ କବି କବିତା ପାଠ କରିଥିଲେ । ଯୁବ ଗାଳ୍ପିକ ବିବିଧ ବିଶ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ କବି ସୁଷମା ପଟେଲ ଧନ୍ୟବାଦ ଜ୍ଞାପନ କରିଥିଲେ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ୨ ସମ୍ପର୍କୀୟ ଭାଇଙ୍କ ମୃତ୍ୟୁ

ରେଢ଼ାଖୋଲ,୧୫।୪(ସନ୍ତୋଷ ବଘାର)

ସମ୍ବଲପୁର ଜିଲା ଚାରମାଳ ଥାନା ଅନ୍ତର୍ଗତ ବଡହିନ୍ଦୋଳଠାରେ ଏକ ସଡକ ଦୁର୍ଘଟଣାରେ ୨ ସମ୍ପର୍କୀୟ ଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ଭାଲୁଛୁଆ ଗ୍ରାମର ସାଗର ପ୍ରଧାନ(୧୯) ଓ ସୁଶୀଲ ପ୍ରଧାନ (୨୪ )। ରାତିରେ ଦୁଇଭାଇ ମଙ୍ଗଳବାର ବିଳମ୍ବିତ ରାତିରେ ଦଣ୍ଡଯାତ୍ରା ଦେଖି ଖୁବେଲରୁ ନିଜ ଗାଁକୁ ଚାଲି କରି ଫେରୁଥିବା ବେଳେ ୫୫ ନମ୍ବର ଜାତୀୟ ରାଜପଥର ବଡହିନ୍ଦୋଳଠାରେ ଗାଡି ଧକ୍କା ଦେଇଥିଲା। ଏହାପରେ ଡ୍ରାଇଭର ଗାଡିକୁ ନେଇ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରୁ ଉଭୟଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବୀର ବଜରଙ୍ଗବାଲି ମନ୍ଦିରରେ ହନୁମାନ ଜୟନ୍ତୀ

ନାକଟିଦେଉଳ,୧୫।୪(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତ କୁଞ୍ଜାମୁରା ଶିବ ମନ୍ଦିର ପରିସରରେ ଥିବା ବୀର ବଜରଙ୍ଗବାଲି ମନ୍ଦିରରେ ହନୁମାନ ଜୟନ୍ତୀ ଓ ପଣାସଂକ୍ରାନ୍ତି ପାଳିତ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ହନୁମାନଙ୍କ ବିଗ୍ରହ ସମ୍ମୁଖରେ ହୋମଯଜ୍ଞ, ହନୁମାନ ଚାଳିଶା ପାଠ, ନାମ ସଂକୀର୍ତ୍ତନ ଏବଂ କୃଷ୍ଣଗୁରୁ ପରିବେଷଣ କରାଯାଇଥିଲା। ଗୋଲେଖ ବିହାରୀ ସାହୁ ଏବଂ ସୁପ୍ରଭା ସାହୁ ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଦିଲ୍ଲୀପ ଅଗ୍ରୱାଲ୍, ପ୍ରସନ୍ନ ରାଉତ, ମୋତିଲାଲ ସାହୁ, ଶ୍ୟାମଘନ ପ୍ରଧାନ, ହାଡ଼ି ପ୍ରଧାନ ଏବଂ ବାବୁଲା ବିଶ୍ୱାଳ ସହଯୋଗ କରିଥିଲେ।

### ସିବିଏସ୍‌ଇ ପରୀକ୍ଷାରେ ପେଣ୍ଟବାହାଲ ଓଏଭିର ଶତପ୍ରତିଶତ ସଫଳତା

ନାକଟିଦେଉଳ,୧୫।୪(ବୈକୁଣ୍ଠନାଥ ସାହୁ)

ସିବିଏସଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସମ୍ବଲପୁର ଜିଲା ନାକଟିଦେଉଳ ପେଣ୍ଟବାହାଲ ଓଡିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ଛାତ୍ରୀଛାତ୍ରମାନେ ଶତ ପ୍ରତିଶତ କୃତକାର୍ଯ୍ୟ ହୋଇଛନ୍ତି। ଚଳିତ ବର୍ଷ ଏହି ବିଦ୍ୟାଳୟର ୬୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପାସ କରିଛନ୍ତି। ବିଦ୍ୟାଳୟର ରଞ୍ଜନ ବେହେରା ୯୭ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟସ୍ତରରେ ଟପ୍ପର ହୋଇଛନ୍ତି। ୧୨ଜଣ ଛାତ୍ରୀଛାତ୍ରୀ ୯୦ ପ୍ରତିଶତରୁ ଅଧିକ, ୧୭ ଜଣ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଜଣାପଡିଛି । ଅନୁଷ୍ଠାନର ଅଧ୍ୟକ୍ଷ ପ୍ରତାପ କୁମାର ସ୍ୱାଇଁ ଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏହି ସଫଳତା ପାଇଁ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

### ସମ୍ବଲପୁର-ପୁରୀ ଇଣ୍ଟରସିଟିରୁ ୩ ନାବାଳିକା ଉଦ୍ଧାର

ରେଢ଼ାଖୋଲ,୧୫।୪(ସନ୍ତୋଷ ବଘାର)

ସମ୍ବଲପୁରରୁ ଭୁଲ ବଶତଃ ଟ୍ରେନରେ ଚଢ଼ି ରେଢ଼ାଖୋଲ ଚାଲି ଆସିଥିବା ୩ ଜଣ ନାବାଳିକାଙ୍କୁ ଆରପିଏଫ ଉଦ୍ଧାର କରିଛି। ଅଇଁଠାପାଲି ଥାନା ଅଞ୍ଚଳର ଏହି ୩ ନାବାଳିକା ମଙ୍ଗଳବାର ସମ୍ବଲପୁର ସହରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଦେଖିବାକୁ ଆସିଥିଲେ। ରାତି ବିଳମ୍ବ ହେବାରୁ ଘରକୁ ଫେରିପାରି ନଥିଲେ। ବୁଧବାର ସକାଳେ ସେମାନେ ଘରକୁ ଫେରିବା ପାଇଁ ସମ୍ବଲପୁର ଷ୍ଟେଶନରୁ ଭୁଲବଶତଃ ସମ୍ବଲପୁର-ପୁରୀ ଇଣ୍ଟରସିଟି ଏକ୍ସପ୍ରେସରେ ଚଢ଼ି ରେଢ଼ାଖୋଲ ଚାଲି ଆସିଥିଲେ। ଟ୍ରେନରେ ଥିବା ଜଣେ ଯାତ୍ରୀ ଏ ବାବଦରେ ସୂଚନା ଦେବା ପରେ ରେଢ଼ାଖୋଲ ପ୍ଲାଟଫର୍ମରେ କାର୍ଯ୍ୟରତ ଆରପିଏଫ କନଷ୍ଟେବଲ ବି. ବାଗ ସେମାନଙ୍କୁ ସୁରକ୍ଷିତଭାବେ ଉଦ୍ଧାର କରିଥିଲେ। ଘଟଣା ସମ୍ପର୍କରେ ଷ୍ଟେଶନ ମାଷ୍ଟରଙ୍କୁ ଅବଗତ କରାଯିବା ସହ ପରିବାର ଲୋକଙ୍କୁ ଯୋଗାଯୋଗ କରାଯାଇଥିଲା। ଏହାପରେ ସମସ୍ତ ନାବାଳିକାଙ୍କୁ ସମ୍ବଲପୁର ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷଙ୍କୁ ହସ୍ତାନ୍ତର କରାଯାଇଥିଲା।

# ସମନ୍ୱୟ ରଖି କାର୍ଯ୍ୟ କଲେ ଶ୍ରମିକ ଉପକୃତ ହେବେ

## ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

କୁଚିଣ୍ଡା,୧୫।୪(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବୁଧବାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ସହ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ବ୍ଲକର ୧୭ ପଞ୍ଚାୟତର ୨୦୨୫ ଏପ୍ରିଲ ୧ରୁ ୨୦୨୫ ସେପ୍ଟେମ୍ବର ୩୧ ପର୍ଯ୍ୟନ୍ତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର(ଗ୍ରାମୀଣ)ରେ ଚାଲୁଥିବା କାମ ବାବଦରେ ସମୀକ୍ଷା ହୋଇଥିଲା। ସମୀକ୍ଷା ସମୟରେ ବିଭିନ୍ନ ପଞ୍ଚାୟତରେ ଅନିୟମିତତା ହୋଇଥିବା ଜଣାପଡ଼ିଥିଲା। କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା ସମୀକ୍ଷାରେ ଜିଲା ପରିଷଦର ଅତିରିକ୍ତ ସିଇଓ ଉତ୍ତମ ବାଘ ନୋଡାଲ ଅଧିକାରୀ ଭାବେ ଯୋଗଦେଇଥିଲେ। ବକ୍ତବ୍ୟ ରଖି ସେ କହିଥିଲେ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସ୍ୱଚ୍ଛତା ବଜାୟ ରଖି କାମ କର। ପଞ୍ଚାୟତ ଅଧିକାରୀ ଓ ବ୍ଲକ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ ପରିଚାଳନା କଲେ ଶ୍ରମିକମାନେ ଉପକୃତ ହେବେ। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶର କିଷାନ, ଜିଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥୀ, ବ୍ଲକ ସମୀକ୍ଷକ ଡିକି ଦିଲୋମା ହୋତା, ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଜ୍ଞା ପରିମିତା ନାୟକ ଉପସ୍ଥିତ ଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମୀକ୍ଷା ସମୟରେ ଅଧିକାଂଶ ପଞ୍ଚାୟତର କାର୍ଯ୍ୟସ୍ଥଳୀରେ ସୂଚନା ଫଳକ ଲାଗି ନଥିବା, ଶ୍ରମିକଙ୍କୁ ଅଧିକ ମଜୁରି ପ୍ରଦାନ କରାଯାଇଥିବା, ଜାଲ ଦସ୍ତଖତରେ ମଜୁରି ପ୍ରଦାନ କରାଯାଇଥିବା ଭଳି ଅନିୟମିତତା ଧରାପଡ଼ିଥିଲା। ଏଥିପାଇଁ ସମ୍ପୃକ୍ତ ପଞ୍ଚାୟତର ପିଇଓ, ଗ୍ରାମ ରୋଜଗାର ସେବକ ଏବଂ କନିଷ୍ଠ ଯନ୍ତ୍ରୀ ମାନଙ୍କୁ ଜରିମାନା କରାଯାଇଥିଲା। ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅଧିକାଂଶ ପଞ୍ଚାୟତରେ ହିତାଧିକାରୀ ଘରେ ଝରକା, କବାଟ ନ ଲଗାଇଥିଲେ ମଧ୍ୟ ସେମାନଙ୍କୁ ସମ୍ପୂର୍ଣ୍ଣ ବିଲ୍ ପ୍ରଦାନ କରା ଯାଇଥିବା ସମୀକ୍ଷା ବେଳେ ଜଣାପଡ଼ିବାରୁ ଜିଲା ସାମାଜିକ ସମୀକ୍ଷକ ହୋତା ଅସନ୍ତୋଷ ପ୍ରକାଶ କରିଥିଲେ।



ସାମାଜିକ ସମୀକ୍ଷାରେ ଯୋଗଦେଇଥିବା ଅଧିକାରୀମାନେ।

# ଆର୍ଯ୍ୟନ ଦାଶ ୯୯.୪ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର

## ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର-୧

ସମ୍ବଲପୁର,୧୫।୪(ବି.ଶଙ୍କର)

ସଦ୍ୟ ପ୍ରକାଶିତ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳରେ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର-୧ ସମ୍ବଲପୁର ଅଭୂତପୂର୍ବ ସଫଳତା ହାସଲ କରିଛି। ବିଦ୍ୟାଳୟର ସମସ୍ତ ୧୯୪ ରୁ ୧୯୪ ଜଣ ବିଦ୍ୟାର୍ଥୀ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି ୧୦୦ ପ୍ରତିଶତ ସଫଳତା ଆଣିଛନ୍ତି। ରାଜବୀର ସିଂ ୫୦୦ ରୁ ୪୯୯ ନମ୍ବର ରଖି ୯୯.୮ପ୍ରତିଶତ ସହ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଆର୍ଯ୍ୟନ ଦାଶ ୯୯.୪ ପ୍ରତିଶତ ଓ ରୁଦ୍ରାଂଶ କୁମାର ୯୯.୨ ପ୍ରତିଶତ ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନର ଅଧିକାରୀ ହୋଇଛନ୍ତି। ଏଥିସହ ତେଜସ୍ୱୀ କୁଳଦୀପ (୯୯%), ଆଦ୍ୟା ଆଦର୍ଶ (୯୮.୨%), ସାତ୍ତ୍ୱିକ ଶେଖର (୯୮.୨%), ଅତୁଲ ଶର୍ମା(୯୮%), ଶ୍ରେୟା ସୁମନ (୯୬.୬%), ପ୍ରୀୟସା ଭୋଇ (୯୬.୨%) ଓ ସମ୍ୟକ ପ୍ରଧାନ (୯୭%) ରଖି ଟପ ଟେନରେ ନିଜ ନାମକୁ ଲିପିବଦ୍ଧ କରିଛନ୍ତି । ବିଦ୍ୟାଳୟର ୬୦ଜଣ ବିଦ୍ୟାର୍ଥୀ ସଂସ୍କୃତ ବିଷୟ, ୭ ଜଣ ଗଣିତ ବିଷୟରେ, ୬ ଜଣ ସାମାଜିକ ବିଜ୍ଞାନ ବିଷୟରେ, ୩ ଜଣ ଇଂଲିଶ ବିଷୟରେ ଓ ୨ଜଣ ବିଜ୍ଞାନ ବିଷୟରେ ୧୦୦ ରୁ ୧୦୦ ମାର୍କ ରଖି ସଫଳତା ହାସଲ କରିଛନ୍ତି। ସଂସ୍କୃତରେ ସମସ୍ତେ ଉଚ୍ଚମାନର ନମ୍ବର ରଖିଥିଲା ବେଳେ ୬୦ ଜଣ ଛାତ୍ରୀଛାତ୍ର ୧୦୦ରୁ ୧୦୦ ନମ୍ବର ରଖିବା ସଂସ୍କୃତ ଭାଷାର ପ୍ରଚାର ଓ ପ୍ରସାର ଦିଗରେ ଏକ ମାଇଲଖୁଣ୍ଟ ସ୍ଥାପନ କରିପାରିଛି ବୋଲି ବିଦ୍ୟାଳୟ ଅଧ୍ୟକ୍ଷ ରଣରଞ୍ଜୟ ସିଂ ମତପ୍ରକାଶ କରିବା ସହ ବିଷୟ ଅଧ୍ୟାପକମାନେ ଛାତ୍ରୀଛାତ୍ରଙ୍କୁ ସାଧୁବାଦ ଜଣାଇଛନ୍ତି ।


ରାଜବୀର ସିଂ।


ଆର୍ଯ୍ୟନ ଦାଶ।

# ବିକାଶ ଦ କନ୍‌ସେପ୍ଟ ସ୍କୁଲ ଛାତ୍ରୀଛାତ୍ର ଶତ ପ୍ରତିଶତ ପାସ

ସମ୍ବଲପୁର,୧୫।୪(ବି.ଶଙ୍କର)

ସିବିଏସଇ ଦଶମ ବୋର୍ଡ଼ ପରୀକ୍ଷା ବୁଧବାର ପ୍ରକାଶିତ ହୋଇଛି। ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ ଦ କନସେପ୍ଟ ସ୍କୁଲର ପାସ ହାର ଶତ ପ୍ରତିଶତ ରହିଛି। ବୁଧବାର ଏନେଇ ବିକାଶ ଦ କନସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି ସୂଚିତ କରିଛନ୍ତି । ତାଙ୍କ ସୂଚନା ଅନୁସାରେ ଶକ୍ତି ପ୍ରସାଦ ପଣ୍ଡା ୯୮.୪ ପ୍ରତିଶତ ମାର୍କ ରଖି ସ୍କୁଲର ଟପ୍ପର ହୋଇଛନ୍ତି । ଅନନ୍ୟା ପତି(୯୮.୨), ଶୁଭ୍ରଜିତ ସାହୁ(୯୮.୨), ଆରାଧ୍ୟା ଦିବ୍ୟାନୀ ଗୟା(୯୮) ପ୍ରମୁଖ ୯୮ ପ୍ରତିଶତରୁ ଉର୍ଦ୍ଧ ମାର୍କ ରଖିଥିବା ବେଳେ ୧୦ଜଣ ୯୭ ପ୍ରତିଶତରୁ ଉର୍ଦ୍ଧ୍ୱ, ୧୮ଜଣ ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ଓ ୫୩ ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଓଡ଼ିଆରେ ୧ଜଣ, ସଂସ୍କୃତରେ ୮ଜଣ, ଗଣିତରେ ୩ଜଣ, ସାମାଜିକ ବିଜ୍ଞାନରେ ୪ଜଣ, ଇନ୍‌ଫର୍‌ମେସନ୍ ଟେକ୍ନୋଲୋଜିରେ ୧ଜଣ ଓ ଆର୍ଟିଫିସିଆଲ ଇନ୍‌ଟେଲିଜେନ୍ସରେ ୯ ଜଣ ୧୦୦ରୁ ଶତ ପ୍ରତିଶତ ମାର୍କ ରଖିଛନ୍ତି। ଛାତ୍ରୀଛାତ୍ରଙ୍କ ଏଇ ସଫଳତା ପାଇଁ ବିଦ୍ୟାଳୟରେ ଖୁସିର ଲହରି ଖେଳି ଯାଇଛି । ଫଳାଫଳ ପ୍ରକାଶ ପାଇବା ପରେ ବିଦ୍ୟା ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ଚେୟାରମ୍ୟାନ ଜି. ଭାସ୍କର ରାଓ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ପରିଶ୍ରମ ପାଇଁ ଅଭିନନ୍ଦନ ଜଣାଇବା ସହ ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକଙ୍କ ଉଚ୍ଚ ଗୁଣବତ୍ତା ଶିକ୍ଷା ପ୍ରଦାନ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ଉଚ୍ଚ ପ୍ରଶଂସା କରିଛନ୍ତି। ବିଦ୍ୟା ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ଜି. ରାମକୃଷ୍ଣ ଛାତ୍ରୀଛାତ୍ରଙ୍କ ଏହି ପ୍ରଶଂସନୀୟ ସଫଳତା ଯୋଗୁ ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଧନ୍ୟବାଦ ଜଣାଇଛନ୍ତି । ବିଦ୍ୟା ବିକାଶ ଗ୍ରୁପର ଚିଫ ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ସଞ୍ଜିବ କୁମାର ବାବୁ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଡିନ ପୀତାମ୍ବର ଦାଶ, ବିକାଶ ସମ୍ବଲପୁର ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷା ଡ.ପୁଷ୍ପିତା ପଣ୍ଡା, ବିକାଶ ଫାଷ୍ଟ ଷ୍ଟେପ ଅଧ୍ୟକ୍ଷା ଡି. ଶାନ୍ତା ଚୌଧୁରୀ, ବିକାଶ ହାଇୟର ସେକେଣ୍ଡାରୀ ସ୍କୁଲ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଦିବ୍ୟସିଂହ ମହାନ୍ତ, ବିକାଶ ଦ କନ୍‌ସେପ୍ଟ ସ୍କୁଲ ଉପାଧ୍ୟକ୍ଷ ଯଶୱନ୍ତ ସାହୁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।


ଶକ୍ତିପ୍ରସାଦ ପଣ୍ଡା


ଅନନ୍ୟା ପତି


ଶୁଭ୍ରଜିତ ସାହୁ


ଆରାଧ୍ୟା ଦିବ୍ୟାନୀ ଗୟା

ଦଶମ ସିବିଏସଇ ପରୀକ୍ଷା ଫଳ

### ୭ ଦିନ ମଧ୍ୟରେ ସମସ୍ୟା ସମାଧାନ ଦାବି କଲା ଜେଡିୟୁ

**ଭିମ୍‌ସାରରେ ୩-ଟେସ୍‌ଲା ଏମ୍‌ଆର୍‌ଆଇ ମେଶିନ କାର୍ଯ୍ୟକାରିତା ପ୍ରସଙ୍ଗ**

ସମ୍ବଲପୁର,୧୫।୪(ପ୍ରମୋଦ ବହିଦାର)

ବୁର୍ଲା ଭିମସାରରେ ନୂତନ ଭାବେ ସ୍ଥାପିତ ହୋଇଥିବା ଅତ୍ୟାଧୁନିକ ୩-ଟେସଲା ଏମ୍‌ଆର୍‌ଆଇ ମେଶିନ୍ ଏବେ ରୋଗୀଙ୍କ କାମରେ ଲାଗୁନାହିଁ। ଆବଶ୍ୟକ ରେଡିଓଟେକ୍ନିସିଆନଙ୍କ ଅଭାବ ଯୋଗୁ ଏହି ମେଶିନ ପ୍ରତ୍ୟହ ସକାଳ ୧୦ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଦିନକୁ ମାତ୍ର ୭ଘଣ୍ଟା ଚାଲୁଥିବା ବେଳେ ବାକି ସମୟ ଏହା ବନ୍ଦ ରହୁଛି। ଏହାକୁ ନେଇ ଭିମସାର କନିଷ୍ଠ ଡାକ୍ତର ସଂଘ(ଜେଡିୟୁ) ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ଆସନ୍ତା ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବେ ବୋଲି ଜେଡିୟୁ ପ୍ରେସ ବିବୃତି ମାଧ୍ୟମରେ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବରୁ ପିପିପି ମୋଡ୍‌ରେ ରୋଗୀମାନେ ଏକ ଘରୋଇ ସଂସ୍ଥାରୁ ସୁବିଧାରେ ଏମ୍‌ଆର୍‌ଆଇ ସେବା ପାଉଥିଲେ। ବର୍ତ୍ତମାନ ନିଜସ୍ୱ ମେଶିନ୍ ଥାଇ ମଧ୍ୟ ସାଧାରଣ ରୋଗୀଙ୍କୁ ୪ରୁ ୫ମାସ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। କେତେକ ରୋଗୀ ବାଧ୍ୟ ହୋଇ ଟଙ୍କା ଖର୍ଚ୍ଚ କରି ବାହାରେ ଏମ୍‌ଆର୍‌ଆଇ ପରୀକ୍ଷା କରି ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଫଳରେ ଏଭଳି ଅସୁବିଧାକୁ ଦୃଷ୍ଟିରେ ରଖି ବୁଧବାର ସନ୍ଧ୍ୟାରେ ଜେଡିୟୁର ଏକ ଜରୁରୀ ବୈଠକ ବସି ଉକ୍ତ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଆଲୋଚନା ପରେ ପଶ୍ଚିମ ଓଡ଼ିଶାର ଏହି ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ଭିମ୍‌ସାରରେ ରୋଗୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ଏମ୍‌ଆର୍‌ଆଇ ସେବାକୁ ଦିନକୁ ଅତିକମରେ ୨୦ ଘଣ୍ଟା କାର୍ଯ୍ୟକ୍ଷମ କରିବାକୁ ଭିମ୍‌ସାର କର୍ତ୍ତୃପକ୍ଷଙ୍କୁ ସଂଘ ସଭାପତି ମଳୟ ରଞ୍ଜନ ମଲ୍ଲିକ ଓ ସାଧାରଣ ସମ୍ପାଦକ ଦେବଦତ୍ତ ପଣ୍ଡା ମିଳିତ ଭାବେ ଦାବି କରିଛନ୍ତି।

# ବାଜି ମାରିଲେ ଅନୋଖି, ଶ୍ରୀଜିତା

**ସିବିଏସ୍‌ଇ ୧୦ମ ପରୀକ୍ଷାରେ ଡିଏଭିର ଶତ ପ୍ରତିଶତ ସଫଳତା**

ସମ୍ବଲପୁର,୧୫।୪(ପ୍ରମୋଦ ବହିଦାର)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ବୁର୍ଲା ଏମ୍‌ସିଲ୍ ଆନନ୍ଦ ବିହାରସ୍ଥିତ ଡିଏଭି ସ୍କୁଲର ସମସ୍ତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଉକ୍ତ ସ୍କୁଲରେ ଚଳିତ ବର୍ଷ ପରୀକ୍ଷା ଦେଇଥିବା ସମସ୍ତ ୧୩୭ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ସ୍କୁଲ୍‌ର ପାସ୍ ହାର ଶତ ପ୍ରତିଶତ ରହିଛି। ଅନୋଖି ସାହୁ ଓ ଶ୍ରୀଜିତା ବେହେରା ଉଭୟ ସମାନ ୯୮.୮ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଛନ୍ତି। ସ୍ୱର୍ଣ୍ଣିକା ଭୋଇ ଓ ଉଜ୍ଜ୍ୱଳା ସାହୁ ୯୮.୪ ପ୍ରତିଶତ ନମ୍ବର ସହ ମିଳିତ ଦ୍ୱିତୀୟ ଏବଂ ଅଭିଷ୍ଠା ପ୍ରିୟଦର୍ଶିନୀ ସାହୁ ୯୮.୨ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଚଳିତବର୍ଷ ସ୍କୁଲ୍‌ର ମୋଟ ୨୦ ଜଣ ପରୀକ୍ଷାର୍ଥୀ ୯୫ ପ୍ରତିଶତରୁ ଅଧିକ ଏବଂ ୪୩ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବେଳେ ଅବଶିଷ୍ଟ ୧୧୬ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।


ଅନୋଖି ସାହୁ


ଶ୍ରୀଜିତା ବେହେରା

# ଦେବେଇପାଲିରେ ହରିନାମ ମହୋତ୍ସବ ଉଦ୍‌ଯାପିତ

**ସାଧୁ ସେବାରେ ସାମିଲ ହେଲେ ମଠାଧୀଶ**

ସମ୍ବଲପୁର,୧୫।୪(ବି.ଶଙ୍କର)

ହରିନାମ ମହୋତ୍ସବ -୨୦୨୬ ସମ୍ବଲପୁର ଜିଲା ଧନକଉଡା ବ୍ଲକ ଦେବେଇପାଲିରେ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମହାବିଷୁବ ସଂକ୍ରାନ୍ତି ଅବସରରେ ଆୟୋଜିତ ମହୋତ୍ସବର ସାଧୁସେବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ମଠ ଏବଂ ଆଶ୍ରମରୁ ସାଧୁମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସାଧୁମାନେ ପହଞ୍ଚିବା ପରେ ଗ୍ରାମବାସୀ ସେବା କରି ସେମାନଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ଏଥିରେ ବରଗଡ଼, ଝାରସୁଗୁଡ଼ା ଏବଂ ସମ୍ବଲପୁରର ବିଭିନ୍ନ ମଠରୁ ମଠାଧୀଶ ପ୍ରମୁଖଙ୍କ ସହ ସାଧୁ ସନ୍ଥମାନେ ସାମିଲ ହୋଇଥିଲେ। ଏହି ଅବସରରେ ଦେବେଇପାଲିରେ ଷୋହଳ ପ୍ରହର ନାମଯଜ୍ଞ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବରଗଡ଼ ଅମ୍ବାପାଲି ଜିରାନଦୀ କୂଳରେ ଥିବା ବେଣୁବାବା ମଠର ମଠାଧୀଶ ଭଗବାନ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ୧୯୬୮ ମସିହାରୁ ଦେବେଇପାଲିରେ ନାମ ଯଜ୍ଞ କାର୍ଯ୍ୟକ୍ରମ ଆୟୋଜନ ହୋଇ ଆସୁଛି। ୨୦୦୧ ମସିହାରେ ବେଣୁବାବା ମଠର ମଠାଧୀଶ ବାବାଜୀ ହରିଚରଣ ଦାସ ଦେବେଇପାଲିରେ ନାମଯଜ୍ଞକୁ ଭବ୍ୟ ରୂପ ଦେଇଥିଲେ। ସେହି ସମୟରୁ ନାମ ଯଜ୍ଞ ହରିନାମ ମହୋତ୍ସବର ରୂପ ନେଇ ଆସିଥିବା ମଠାଧିଶ ଭଗବାନ ଦାସ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜକିଶୋର ପ୍ରଧାନ ଏବଂ ତାଙ୍କର ଧର୍ମପତ୍ନୀ ହସିନା ପ୍ରଧାନ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ।

# ୪ ପଞ୍ଚାୟତକୁ ଜଳ ଟ୍ୟାଙ୍କର ପ୍ରଦାନ

ସମ୍ବଲପୁର,୧୫।୪(ପ୍ରମୋଦ ବହିଦାର)

ଗ୍ରୀଷ୍ମ ପ୍ରବାହ ଓ ଜଳ ସଙ୍କଟକୁ ଦୃଷ୍ଟିରେ ରଖି ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ମାନେଶ୍ୱର ବ୍ଲକର୭ଟି ପଞ୍ଚାୟତ ପାଇଁ ଜଳ ଯୋଗାଣର ସୁବ୍ୟବସ୍ଥା କରାଯାଇଛି। ବୁଧବାର ପ୍ରଥମ ପର୍ଯ୍ୟାୟରେ ଦେଓଗାଁ, ହୁମା, ବରଗାଁ ଓ ସାହାସପୁର ପଞ୍ଚାୟତ ପାଇଁ ଚାରିଗୋଟି ପାଣି ଟ୍ୟାଙ୍କର ଯୋଗାଇ ଦିଆଯାଇଥିବା ବେଳେ ଅବଶିଷ୍ଟ ପଞ୍ଚାୟତଗୁଡ଼ିକୁ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ସୁବିଧା ଯୋଗାଇ ଦିଆଯିବ। ସ୍ଥାନୀୟ ସରପଞ୍ଚ ଓ ବିଧାୟକଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ବୁଧବାରଠାରୁ ଜନସାଧାରଣଙ୍କ ବ୍ୟବହାର ପାଇଁ ଏହି ଜଳ ଯୋଗାଣ ସେବା ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି। ହୁମା ଗ୍ରାମ ପଞ୍ଚାୟତର କନବାର, ବରଗାଁ ପଞ୍ଚାୟତର ବଉଁସରା ଏବଂ ଦେଓଗାଁ ପଞ୍ଚାୟତର ପାଟପାଲି ଠାରେ ଏହି ଜଳ ସେବା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ବିଧାୟକଙ୍କ ପ୍ରତିନିଧି ମନୋଜ କୁମାର ମହାପାତ୍ର, ଜିଲା ପରିଷଦ ସଭ୍ୟା ଗୀତାଞ୍ଜଳି ପାଣ୍ଡେ, ହୁମା ସରପଞ୍ଚ ଇଲାବତି ପୂଝାରୀ, ବରଗାଁ ସରପଞ୍ଚ ପ୍ରଭାସିନୀ ହୋତା ଓ ଦେଓଗାଁ ସରପଞ୍ଚ ସରସ୍ୱତୀ ରାଉତ ଉପସ୍ଥିତ ରହି ନିଜ ଅଞ୍ଚଳରେ ଜଳ ବଣ୍ଟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ମାନସ ବେହେରା, ଆକାଶ ମହାପାତ୍ର, ଭରତ ଗୌନ୍ତିଆ, ଅର୍ଜୁନ ମହାନନ୍ଦ, ଦୟାନିଧି ଭୋଇ ଓ ଅଜିତ୍ ଭୋଇ ପ୍ରମୁଖ ଉପସ୍ଥିତ ରହି ଏହି ଜନହିତକର କାର୍ଯ୍ୟରେ ସହଯୋଗ କରିଥିଲେ।

# ସମ୍ବଲପୁର ରେଳମଣ୍ଡଳରେ ଆମ୍ବେଡ୍‌କର ଜୟନ୍ତୀ

ସମ୍ବଲପୁର,୧୫।୪(ପ୍ରମୋଦ ବହିଦାର)

ଭାରତୀୟ ସମ୍ବିଧାନ ପ୍ରଣେତା ଭାରତ ରତ୍ନ ବାବାସାହେବ ଡ. ବାବାସାହେବ ଭୀମରାଓ ଆମ୍ବେଡ୍‌କରଙ୍କ ୧୩୫ତମ ଜନ୍ମବାର୍ଷିକୀ ସମ୍ବଲପୁର ରେଳମଣ୍ଡଳ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ରେଳମଣ୍ଡଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ଆମ୍ବେଡ୍‌କରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ, ମଣ୍ଡଳ ପ୍ରବନ୍ଧକ ଚୌଧରୀ ଡ. ଆମ୍ବେଡ୍‌କରଙ୍କ ନୀତି ଏବଂ ଆଦର୍ଶକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ରେଳମଣ୍ଡଳ କାର୍ମିକ ଅଧିକାରୀ, ରାଜେଶ୍ୱର ଟିଗ୍ଗା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଫଟୋଚିତ୍ରରେ ପୁଷ୍ପମାଲ୍ଯ ଅର୍ପଣ କରୁଛନ୍ତି।



ରେଳମଣ୍ଡଳ ପ୍ରବନ୍ଧକ ଆମ୍ବେଡ୍‌କରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

# ଭିସୁଟ୍‌ରେ ଜୋହୋ ସ୍କିଲ୍ ହବ୍ ଉଦ୍‌ଘାଟିତ

**ଶିକ୍ଷା ଓ କୌଶଳ ବିକାଶ ଅଭିବୃଦ୍ଧିରେ ସହାୟକ ହେବ**

ସମ୍ବଲପୁର,୧୫।୪(ପ୍ରମୋଦ ବହିଦାର)

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ର ପ୍ଲାଟିନମ୍ ଜୁବୁଲି ବର୍ଷ ପାଳନ ଅବସରରେ ବୁଧବାର ଜୋହୋ ସ୍କିଲ୍‌ହବ୍ ଓ ଜ୍ଞାନ ବାହାନର ଲୋକାର୍ପଣ ହୋଇଛି।

ବିଶ୍ୱସ୍ତରୀୟ ଆଇଟି କମ୍ପାନୀ ଜୋହୋ ସହଯୋଗରେ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇ-ଲର୍ଣ୍ଣିଂ ସେଣ୍ଟରରେ ଜୋହୋ ସ୍କିଲ୍ ହବ୍‌ର ଉଦ୍‌ଘାଟନ ଓ ପେଟିଏମ୍-ୱିଜଡମ୍ ଅନ୍ ହୁଇଲ ବା ଜ୍ଞାନବାହାନର ଶୁଭାରମ୍ଭ କରିଛନ୍ତି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହା ସମ୍ବଲପୁରର ଶିକ୍ଷା ଓ କୌଶଳ ବିକାଶ କ୍ଷେତ୍ରରେ ଅଭିବୃଦ୍ଧିରେ ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି। ଜୋହୋ ସ୍କିଲ୍ ହବ୍ ଜରିଆରେ ଛାତ୍ରୀଛାତ୍ରମାନେ ଅତ୍ୟାଧୁନିକ ଜ୍ଞାନକୌଶଳ ଉପରେ ପ୍ରଶିକ୍ଷଣ ପାଇବା ସହ ଜୋହୋର ପାର୍ଟନର ନେଟୱର୍କ ଜରିଆରେ ଦେଶ-ବିଦେଶରେ ନିଯୁକ୍ତିର ସୁଯୋଗ ପାଇପାରିବେ। ଅନ୍ୟପଟେ ପେଟିଏମ ପକ୍ଷରୁ ଆରମ୍ଭ କରାଯାଇଥିବା ଜ୍ଞାନବାହାନ ଏକ ଅତ୍ୟାଧୁନିକ ବସ୍, ଯାହା ଗ୍ରାମାଞ୍ଚଳର ସରକାରୀ ସ୍କୁଲ ଛାତ୍ରୀଛାତ୍ର ଓ ସାଧାରଣ ଲୋକଙ୍କୁ ଡିଜିଟାଲ୍ ଏବଂ ଆର୍ଥିକ ସାକ୍ଷରତା ପ୍ରଦାନ କରିବ ବୋଲି ମନ୍ତ୍ରୀ ପ୍ରଧାନ କହିଥିଲେ। ସେହିପରି ସେ ସମ୍ବଲପୁରର ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକର ସମନ୍ୱୟ ଯଥା ଭିସୁଟ୍‌ର ବୈଷୟିକ ଦକ୍ଷତା, ଭିମସାରର ଚିକିତ୍ସା ବିଜ୍ଞାନ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ଏବଂ ଆଇଆଇଏମ ସମ୍ବଲପୁରର ମ୍ୟାନେଜମେଣ୍ଟ ଦକ୍ଷତାକୁ ଏକତ୍ରିତ କରି ଏକ 'ମଲଟି-ଡିସିପ୍ଲିନାରୀ' ବା ବହୁମୁଖୀ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରି ସମ୍ବଲପୁରକୁ ଏକ ବିଶ୍ୱସ୍ତରୀୟ ଜ୍ଞାନର କେନ୍ଦ୍ର ବା ନଲେଜ ହବ୍ ଭାବେ ଗଢ଼ି ତୋଳିବା ତାଙ୍କର ଲକ୍ଷ୍ୟ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ମନ୍ତ୍ରୀ ଭିସୁଟ୍ ପରିସରରେ ଏକ ନୂତନ ପ୍ରଶିକ୍ଷଣ ଓ ନିଯୁକ୍ତି ଭବନ ଏବଂ ସ୍ପୋର୍ଟ୍ସ କମ୍ପଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥି ସହ ଶ୍ରେଷ୍ଠ ୧୦ଟି ଅଭିନବ ଆସାଇନମେଣ୍ଟ ପାଇଁ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନୀତ କରିଥିଲେ। ଭିସୁଟ୍ କୁଳସଚିବ ପ୍ରଦୀପ ତାଙ୍ଗ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏଥିରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଭିସୁଟ୍ କୁଳପତି ପ୍ରଫେସର ଡ. ଦୀପକ କୁମାର ସାହୁ, ଜୋହୋ କର୍ପୋରେଶନର ନିର୍ଦ୍ଦେଶକ ରାଜେନ୍ଦ୍ରନ ଦଣ୍ଡପାଣି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।



ଭିସୁଟ୍‌ରେ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ, କର୍ତ୍ତୃପକ୍ଷଙ୍କ ଗହଣରେ ଜୋହୋ ସ୍କିଲ୍ ହବ୍‌କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରୁଛନ୍ତି।

# ଏୟାର ଇଣ୍ଡିଆର କ୍ଷତି ୨୨,୦୦୦ କୋଟି

ନୂଆଦିଲ୍ଲୀ, ୧୫।୪



ଏୟାର ଇଣ୍ଡିଆ କମ୍ପାନୀର କ୍ଷତି କମିବା ନାଁ ଧରୁ ନାହିଁ। ପୂର୍ବରୁ ଏକ ରାଷ୍ଟ୍ରାୟତ୍ତ କମ୍ପାନୀ ଭାବେ ଏୟାର ଇଣ୍ଡିଆ ବିପୁଳ କ୍ଷତିର ସମ୍ମୁଖୀନ ହେବା ପରେ ଏହାର ଘରୋଇକରଣ ସହ ୨୦୨୨ରେ ଏହାକୁ ଟାଟା ଗ୍ରୁପ୍ ହାତକୁ ନେଇଥିଲା। ଏହାପରେ ମଧ୍ୟ କମ୍ପାନୀର କ୍ଷତି ବଢି ଚାଲିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ଦ୍ୱିତୀୟ ବୃହତ ଏୟାରଲାଇନ୍ସ କମ୍ପାନୀ ଭାବେ ଏୟାର ଇଣ୍ଡିଆର କ୍ଷତି ପରିମାଣ ୨୨ ହଜାର କୋଟି ଟଙ୍କା(୨.୪ ବିଲିୟନ ଡଲାର)ରେ ପହଞ୍ଚିଛି। ବିଭିନ୍ନ କାରଣକୁ ନେଇ ଏହି ବର୍ଷରେ କମ୍ପାନୀର କ୍ଷତି ୧.୭ ବିଲିୟନ ଡଲାର ରହିବ ବୋଲି ଆକଳନ କରାଯାଇଥିଲେ ହେଁ କ୍ଷତି ପରିମାଣ ଏହାଠାରୁ ଯଥେଷ୍ଟ ଅଧିକ ରହିଛି। ୨୦୨୫ରେ ପାକିସ୍ତାନ ସହ ଯୁଦ୍ଧରେ ଏୟାରସ୍ପେଶକୁ ନେଇ ଉପୁଜିଥିବା ସମସ୍ୟା ସହିତ ଏହି ବର୍ଷ ଏୟାର ଇଣ୍ଡିଆର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଏବଂ ପରବର୍ତ୍ତୀ ସମୟରେ ବିମାନ ଇନ୍ଧନ ମୂଲ୍ୟ ବୃଦ୍ଧି ବିପୁଳ କ୍ଷତିର କାରଣ ହୋଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏଥିପାଇଁ ଏୟାର ଇଣ୍ଡିଆ ଏବଂ ଏହାର ସହଯୋଗୀ କମ୍ପାନୀ ସିଙ୍ଗାପୁର ଏୟାର ଲାଇନ୍ସ ବେଲ୍ଆଉଟ୍ ପ୍ୟାକେଜ ପାଇଁ ଯୋଜନା ଚଳାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏୟାର ଇଣ୍ଡିଆ କମ୍ପାନୀରେ ଟାଟା ଗ୍ରୁପ୍ର ୭୪.୯ ପ୍ରତିଶତ ଅଂଶଧନ ରହିଥିଲାବେଳେ ସିଙ୍ଗାପୁର ଏୟାରଲାଇନ୍ସର ଅଂଶଧନ ୨୫.୧ ପ୍ରତିଶତ ରହିଛି। ବର୍ତ୍ତମାନ ଭାରତୀୟ ବିମାନ ଚଳାଚଳ କ୍ଷେତ୍ରରେ ଏୟାର ଇଣ୍ଡିଆର ମାର୍କେଟ ଶେୟାର ୨୫% ରହିଥିଲାବେଳେ ଇଣ୍ଡିଗୋ ଏୟାର ଲାଇନ୍ସର ଶେୟାର ସର୍ବାଧିକ ଭାବେ ୬୪ ପ୍ରତିଶତ ରହିଛି।


**ମେଘନା ମହାନ୍ତିଙ୍କ Ph.D. ପ୍ରାପ୍ତ**



ମେଘନା ମହାନ୍ତି ଝାଡ଼ଖଣ୍ଡ ସ୍ଥିତ Capital University, Kodermaରେ Psychology Enrollment No. 7161811977014111 ଦ୍ୱାରା ସମ୍ମାନ ସୂଚକ ପିଏଚ୍.ଡି. ଉପାଧି ଲାଭ କରିଛନ୍ତି। ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟବସ୍ତୁ ଥିଲା "Role of Government & NGO in Reducing Depression among Hearing Impaired Adolescents in Odisha". Dr. Meghna, Prof. Archana Krishnaଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ ଏବଂ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। Dr. Meghna Mohanty ବାଲେଶ୍ୱର ନିବାସୀ, ସୁଧାଂଶୁ ଶେଖର ମହାନ୍ତି ଓ ଲୋପାମୁଦ୍ରା ମହାନ୍ତିଙ୍କର ଏକମାତ୍ର କନ୍ୟା ଅଟନ୍ତି। ସେ ତାଙ୍କର ଏହି ସମ୍ମାନ ଏବଂ ସଫଳତାର ଶ୍ରେୟ ମା' ଦୁର୍ଗା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରିବା ସହିତ ନିଜ ପିତାମାତା, ସ୍ୱାମୀ, ଶ୍ୱଶୁର, ଶାଶୁ, ସମସ୍ତ ପରିବାରବର୍ଗ, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ସମସ୍ତ ସହକର୍ମୀ ଏବଂ ବନ୍ଧୁମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛନ୍ତି। ବର୍ତ୍ତମାନ Dr. Meghna Mohanty, Utkal Balashram, Balasore Psychologist ଭାବରେ କାର୍ଯ୍ୟ କରୁଛନ୍ତି। ଧ-୧୦୮


# ଜିଡିପି ର୍ୟାଙ୍କିଙ୍ଗ୍ରେ ପୁଣି ଭାରତକୁ ଟପିଲା ବ୍ରିଟେନ

## ୬ଷ୍ଠ ସ୍ଥାନରେ ଭାରତ

ନୂଆଦିଲ୍ଲୀ, ୧୫।୪




ବିଶ୍ୱ ସ୍ତରରେ ଅର୍ଥନୈତିକ କ୍ଷେତ୍ରରେ ଭାରତର ସ୍ଥାନ ତଳକୁ ଖସିଛି। ବିଶ୍ୱର ୫ମ ବୃହତ୍ ଅର୍ଥନୀତି ଭାବେ ଏବେ ବ୍ରିଟେନ୍ ଭାରତକୁ ଅତିକ୍ରମ କରିଛି। ପୂର୍ବରୁ ଭାରତ ଅର୍ଥନୀତି କ୍ଷେତ୍ରରେ ବ୍ରିଟେନକୁ ଟପି ୫ମ ସ୍ଥାନରେ ରହିଥିଲା। କିନ୍ତୁ ଏବେ ବିଭିନ୍ନ କାରଣକୁ ନେଇ ଭାରତର ସ୍ଥାନ ତଳକୁ ଖସି ୬ରେ ରହିଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ରିପୋର୍ଟ ଅନୁସାରେ ବ୍ରିଟେନ ବିଗତ ଦିନରେ ଏହାର ଅର୍ଥନୀତିରେ ସୁଧାର ଆଣିବା ସହ ନିଜର ପୂର୍ବ ସ୍ଥାନ ହାସଲ କରିବାକୁ ସକ୍ଷମ ହୋଇଛି। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟରେ କ୍ରମାଗତ ଅବମୂଲ୍ୟାନ ଯୋଗୁ ସାମଗ୍ରିକ ଅର୍ଥନୀତି କ୍ଷେତ୍ରରେ ପରିବର୍ତ୍ତନ ଘଟିବା ସହ ଜିଡିପି ମଧ୍ୟ ପ୍ରଭାବିତ ହୋଇଛି ବୋଲି ଆଇଏମ୍ଏଫ୍ କହିଛି। ଚଳିତ ବର୍ଷ ପ୍ରାରମ୍ଭରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୯.୯୧ ରହିଥିଲା। କିନ୍ତୁ ଏହା ମଧ୍ୟରେ ଡଲାର-ଟଙ୍କା ବିନିମୟ ମୂଲ୍ୟ ୯୩.୪୦ରେ ପହଞ୍ଚିଛି। ଏହାକୁ ନେଇ ଭାରତର ସାମଗ୍ରିକ ଅର୍ଥନୈତିକ ସ୍ଥିତି ତଳକୁ ହୋଇଛି ବୋଲି କୁହାଯାଇଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟର ହ୍ରାସ ଯୋଗୁ ଭାରତର ଜିଡିପି ହ୍ରାସ ପାଇଥିଲାବେଳେ ଜିଡିପି 'ବେସ୍ ଇୟର'ରେ ପରିବର୍ତ୍ତନ ଅନ୍ୟତମ କାରଣ ବୋଲି କୁହାଯାଇଛି। ପୂର୍ବରୁ ୨୦୧୧-୧୨ ଆର୍ଥିକ ବର୍ଷକୁ ବେସ୍ ଇୟର ଭାବେ ଗଣନା କରାଯାଇଆସୁଥିଲା। କିନ୍ତୁ ଏବେ ୨୦୨୨-୨୩କୁ ବେସ୍ ଇୟର ଭାବେ ଗଣନା କରାଯାଉଛି। ଆଇଏମଏଫ୍ ରିପୋର୍ଟ ଅନୁସାରେ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ଜିଡିପି ୩.୯୨ ଟ୍ରିଲିୟନ ଡଲାର ରହିବା ସହ ୨୦୨୬-୨୭ ବର୍ଷରେ ଏହା ୪.୧୫ ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଅନ୍ୟପକ୍ଷରେ ୨୦୨୫-୨୬ରେ ବ୍ରିଟେନ ଜିଡିପି ୪ ଟ୍ରିଲିୟନ ଡଲାର ଏବଂ ୨୦୨୬-୨୭ ବର୍ଷରେ ଏହା ୪.୨୬ ଟ୍ରିଲିୟନ ଡଲାର ଛୁଇଁବ ବୋଲି ଆକଳନ କରାଯାଇଛି। ୨୦୨୪ରେ ଭାରତ ବ୍ରିଟେନ ଅର୍ଥନୀତିକୁ ଟପି ୫ମ ସ୍ଥାନରେ ରହିଥିଲା। ଏହି ବର୍ଷ ବ୍ରିଟେନର ଜିଡିପି ୩.୪ ଟ୍ରିଲିୟନ ରହିଥିଲାବେଳେ ଭାରତର ଜିଡିପି ୩.୫ ଟ୍ରିଲିୟନ ଡଲାରରେ ପହଞ୍ଚିଥିଲା। ବିଶ୍ୱର ସର୍ବବୃହତ୍ ଅର୍ଥନୀତି ଭାବେ ଆମେରିକାର ଜିଡିପି ୩୦.୮ ଟ୍ରିଲିୟନ ଡଲାର ରହିଛି। ଏହା ପଛକୁ ଚାଇନା ଜିଡିପି ୧୯.୬ ଟ୍ରିଲିୟନ ଡଲାର, ଜର୍ମାନୀ ୪.୭୦ ଟ୍ରିଲିୟନ, ଜାପାନ ଜିଡିପି ୪.୪୪ ଟ୍ରିଲିୟନ ଡଲାର ରହିଛି।



ବିଏସ୍ଇ ସେନ୍ସେକ୍ସ
୭୮, ୧୧୧ (+୧୨୬୪)



୧ ଡଲାର = ୯୩.୨୬ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୯୫.୬୭ ଡଲାର

## ସେନ୍ସେକ୍ସରେ ୧୨୬୪ ପଏଣ୍ଟ ବୃଦ୍ଧି

ମୁମ୍ବାଇ, ୧୫।୪

ବୁଧବାର ଉଭୟ ବିଏସ୍ଇ ଏବଂ ଏନ୍ଏସଇ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର କାରବାରରେ ଉନ୍ନତି ଘଟିଛି। ଯୁଦ୍ଧ ବନ୍ଦକୁ ନେଇ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଲାଗି ଉଭୟ ଆମେରିକା ଏବଂ ଇରାନ ସହମତ ହେବା ପରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ୧୦୦ ଡଲାର ତଳକୁ ଖସିବାରୁ ନିବେଶକ ମହଲରେ ଆଶ୍ୱସ୍ତି ପ୍ରକାଶ ପାଇଛି। ଏହାକୁ ନେଇ ବିଏସ୍ଇ ସେନ୍ସେକ୍ସରେ ୧୨୬୪ ପଏଣ୍ଟ ବୃଦ୍ଧି ଘଟିଥିଲାବେଳେ କାରବାର ଶେଷ ସୁଦ୍ଧା ଏହା ୭୮,୧୧୧ ପଏଣ୍ଟରେ ବନ୍ଦ ରହିଛି। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟିରେ ମଧ୍ୟ ୩୮୮ ପଏଣ୍ଟ ବୃଦ୍ଧି ଘଟି ଏହା ୨୪,୨୩୧ ପଏଣ୍ଟରେ ବନ୍ଦ ରହିଛି।

# ମାଲାବାରର 'ଚିତ୍ରାଙ୍ଗୀ' କଲେକ୍ସନ ଉନ୍ମୋଚିତ

## ଅକ୍ଷୟ ତୃତୀୟା ଅଫର ଘୋଷଣା

ଭୁବନେଶ୍ୱର, ୧୫।୪ (ଅନୁରାଧା ମହାରଣା)




ପବିତ୍ର ଅକ୍ଷୟ ତୃତୀୟା ପର୍ବ ପାଖେଇ ଆସୁଥିବାବେଳେ ସୁନାରୁପା ଆଦି କିଣିବାକୁ ଗ୍ରାହକ ପ୍ରସ୍ତୁତ ହେଉଛନ୍ତି। ଏହା ମଧ୍ୟରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ନିଆରା ଗହଣା କଲେକ୍ସନ 'ଚିତ୍ରାଙ୍ଗୀ'ର ଉନ୍ମୋଚନ କରାଯାଇଛି। ବୁଧବାର ଭୁବନେଶ୍ୱର ଶହୀଦନଗରସ୍ଥିତ ଷ୍ଟୋରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହାର ଉନ୍ମୋଚନ ସହ ଅକ୍ଷୟ ତୃତୀୟା ଅଫର ମଧ୍ୟ ଘୋଷଣା କରାଯାଇଛି। ପୂର୍ବ ଭାରତୀୟ ଐତିହ୍ୟରୁ ଅନୁପ୍ରାଣିତ 'ଚିତ୍ରାଙ୍ଗୀ' କଲେକ୍ସନରେ ସୂକ୍ଷ୍ମ କାରୁକାର୍ଯ୍ୟ ପୂର୍ଣ୍ଣ ଅଳଙ୍କାର ରହିଛି। ଓଡ଼ିଶା ଓ ପଶ୍ଚିମବଙ୍ଗର ପାରମ୍ପରିକ ଓ ଆଧୁନିକ ଛାପ ଏହି ଅଳଙ୍କାରରେ ଦେଖିବାକୁ ମିଳୁଛି। ସୁନା ଗହଣା, ଅନକଟକ ଏବଂ ଜେମ୍ଷ୍ଟୋନ୍ ଜୁଏଲେରିର ଗଢ଼ା ମଜୁରିରେ ୩୦% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଥିବାବେଳେ ଡାଇମଣ୍ଡ୍ ଭାଲ୍ୟୁ ଉପରେ ମଧ୍ୟ ୩୦% ପର୍ଯ୍ୟନ୍ତ ରିହାତି ରହିଛି। ଏହି ଅବସରରେ ମାଲାବାରର ଗ୍ରାହକ ତଥା ମଡେଲମାନେ ଅଳଙ୍କାର ପ୍ରଦର୍ଶନ ପୂର୍ବକ ର୍ୟାମ୍ପୱାକ୍ କରିଥିଲେ। କାର୍ଯ୍ୟକ୍ରମରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ର ମାର୍କେଟିଂ ମ୍ୟାନେଜର ସିଦ୍ଧେଶ୍ୱର ରଥ, ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ୨୦ରେ ଟ୍ରେଡ୍ ଡିଲ୍ ଆଲୋଚନା

ନୂଆଦିଲ୍ଲୀ, ୧୫।୪

ଆମେରିକା ସହ ହୋଇଥିବା ଅନ୍ତରୀଣ ଟ୍ରେଡ୍ ଡିଲକୁ ନେଇ ଆସନ୍ତା ୨୦ରୁ ୨୨ ମଧ୍ୟରେ ପୁଣି ଆଲୋଚନା ହେବ। ଏଥିନେଇ ଭାରତରୁ ଏକ ଉଚ୍ଚ ପ୍ରତିନିଧି ଦଳ ଆମେରିକା ଯାଇ ସେମାନଙ୍କ ପ୍ରତିପକ୍ଷଙ୍କ ସହ ଆଲୋଚନା କରିବେ। ଆମେରିକା ସୁପ୍ରିମକୋର୍ଟ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ଟାରିଫ୍ ନୀତି ଉପରେ ରୋକ୍ ଲଗାଇବା ପରେ ଏବେ ଟାରିଫ୍ ବ୍ୟବସ୍ଥା କ'ଣ ରହିବ ତାହାକୁନେଇ ଦ୍ୱନ୍ଦ୍ୱ ଲାଗିରହିଛି। ଏବେ ଚୂଡ଼ାନ୍ତ ଆଲୋଚନା ହେବ ବୋଲି କୁହାଯାଇଛି।


# Classified Everyday
0674-2580101, 9692975378



**REAL ESTATE SALE**

**Prime location 3BHK fully furnished premium flat 1550sqft. including garage, 3rd Floor in powerful address Bjb Nagar "Surya Apartment" for sell Dr. Sanjay-7077144498.** D-250




All types of physiotherapy and massage. Contact: 9556924059 / 7656969134. D-109

All types hair cutting/ massage by smart female, one hour 700/- , - Room services available. Contact: 9937833100. D-76308

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**LOST**

I, Minakshi Pattanaik, 64 years, W/o.- Lalatendu Pattanaik, resident at Plot No.- 6/16, BDA Colony, Chandrasekharpur, Bhubaneswar, Dist- Khurda, Odisha, PIN-751016 have lost the original sale deed No.126 dtd.- 07.01.1995 somewhere in the name of Minakshi Pattanaik in Bhubaneswar court premises at the time registration. Property situated Mouza- Bijipur, Tamando, Bhubaneswar. If anybody found the same document please contact the above address or call-7019789637. D-109

I, Bhikari Sahoo, S/o.- Late Maheswar Sahoo, Choudwar, Cuttack hereby declare that my Sale Deed No.10432150114, Dated 11.01.2021 is (Khata No.- 859/5023) missing, I have lodged a FIR/ Dairy No.- 02 Dated 09.04.2026. D-110

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 10.04.2026, I, Baijayanti Munda, W/o.- Ramsingh Munda, Address: At- Munda Basti, Palasuni Cenal Bandha, P.O.- Rasulgarh, P.S.- Mancheswar, Bhubaneswar- 751010, Dist.- Khordha, Odisha declare that I have changed my name and date of birth from Laxmidhar Munda (DOB- 15.03.2011) to Akash Munda (DOB- 15.03.2013). Henceforth, I shall be known as Akash Munda (DOB- 15.03.2013) for all purposes. D-106

**LEGAL NOTICE**

IN THE COURT OF THE CIVIL JUDGE, (SR. DIV.), RANPUR. CIVIL SUIT NO. 155 /2017(F.D.)
Bhramar @ Bhramarbar Nayak ...........Plaintif
Versus
Subasini Nayak and others ........... Defendants.
NOTICE U/O 5(Five) RULE- 20(Twenty) OF C.P. CODE 1908.

Whereas it has been proved to the satisfaction of the Court that the defendants/respondents namely 1. Subasini Nayak, aged about 65 years, W/o- Late Biranchi Nayak, 2. Pravat Samantaray, aged about 46 years, 3. Akshaya Samantaray, aged about 42 years, 4. Santosh Samantaray, aged about 40 years, 5. Basant Kumar Samantaray, aged about 35 years, Sl. No. 2 to 5 are S/o- Late Biranchi Nayak, All are of Vill.- Radhamohanpur, P.O.- Taria, P.S.- Ranpur, Dist.- Nayagarh, 6. Santi Swain, aged about 52 years, W/o- Late Ghanashyam Swain of Vill./P.O.- Khairapalli, P.S.- Ranpur, Dist.- Nayagarh. 7. Tofani Dei (Dead), 7.A) Prakash Khuntia, aged about 45 years, S/o- Late Maheswar Khuntia of Vill.-Adal, P.O.- Sarangadharpur, P.S.- Ranpur, Dist.- Nayagarh, 7.B) Mini Dei, aged about 47 years, D/o- Late Maheswar Khuntia, W/o- Ramachandra Barada of Vill.- Nuapalli, P.O.- Deuli, P.S.- Begunia, Dist.- Khordha, 7.C) Tuna Dei, aged about 42 years. D/o- Late Maheswar Khuntia, W/o- Biranchinarayan Parida of Vill.- Gopimohanpur, P.O.- Sarangadharpur, P.S.- Ranpur, Dist.- Nayagarh, 7.D) Nayana Dei, aged about 40 years, D/o- Late Maheswar Khuntia of Vill.- Tulasi Berana, P.O.- Deuli, P.S.- Begunia, Dist.- Khordha, 8. Hula Dei, aged about 74 years. W/o- Daitari Mohanty of Vill.- Binodpada, P.O.- Narendrapur, P.S.- Ranpur, Dist.- Nayagarh above named cannot be served in the ordinary way of service. Hence, this proclamation under order 5 rule 20 CPC is hereby issued against them and should appear personally or through their counsel on 06.05.2026 at 7 A.M.

Take notice that, in default of his/their appearance on the day before mentioned, the above said case will be heard and determined in his/their absence according to law.

SCHEDULE OF PROPERTY (Schedule-A)
Mauza- Radhamohanpur, Tahasil/P.S.- Ranpur, Dist.- Nayagarh
Khata No.- 79: Plot No.- 221, 240, 241, 146, 147, Area- Ac.0.20dec., Ac.0.20dec, Ac.0.17dec, Ac 0.12dec., Ac 0.13dec, Total- Ac0.82dec., Kisam- Gharabari, Sa. Due, Sa. Due, Sa. one, Sa. one.
(Schedule-B)
Mauza- Radhamohanpur, Tahasil/P.S.- Ranpur, Dist.- Nayagarh
Khata No.- 86: Plot No.- 84, 228, 237, 258, 59, Area- Ac.0.29dec., Ac.0.36dec., Ac.0.14dec., Ac.0.44dec., Ac 0.23dec., Total- Ac.1.46dec., Kisam- Sa. Due., Sa. Due., Sa. Due., Sa. one, Sa. one.
Mauza- Adal, Khata No.86
Plot No.- 1413, 1411, Area- Ac.0.29dec., Ac.0.39dec., Total- Ac.0.68dec., Kisam- Sa. Due., Sa. Due.

Given under my hand and the seal of the Court on 7th. April, 2026
Sd./- Civil Judge. (Sr.D.), Ranpur
D-107


# ସୁନାରୁ ବିପୁଳ ଫାଇଦା ଉଠାଇଛନ୍ତି ନିବେଶକ

## ବର୍ଷକରେ ୬୦% ବଢ଼ିଛି ମୂଲ୍ୟ

ନୂଆଦିଲ୍ଲୀ, ୧୫।୪



ବିଶ୍ୱର ଅନ୍ୟ ଯେକୌଣସି ଦେଶ ତୁଳନାରେ ସୁନା ପ୍ରତି ଭାରତୀୟଙ୍କ ମୋହ ସବୁଠୁ ବେଶି। କେବଳ ସୌନ୍ଦର୍ଯ୍ୟ ବୃଦ୍ଧି କିମ୍ବା ଆଭୂଷଣ ପାଇଁ ନୁହେଁ, ସୁନାରେ ନିବେଶ କରିବା ଭାରତୀୟମାନଙ୍କ ଏକ ପାରମ୍ପରିକ ଅଭ୍ୟାସ। ବିବାହ,ବ୍ରତଠାରୁ ଆରମ୍ଭ କରି ଅକ୍ଷୟ ତୃତୀୟା ଭଳି ସ୍ୱତନ୍ତ୍ର ତିଥିରେ ଲୋକମାନେ ସୁନା କିଣିବା ଏବଂ ଏଥିରେ ନିବେଶ କରିବା ପ୍ରଥାକୁ ସମୃଦ୍ଧିର ସଙ୍କେତ ବୋଲି ଅନୁଭବ କରିଥାଆନ୍ତି। ଏହି କ୍ରମରେ ପ୍ରତିବର୍ଷ ଅକ୍ଷୟ ତୃତୀୟାରେ ଭାରତରେ ଟନ୍ ଟନ୍ ସୁନା ବିକ୍ରି ହୋଇଥାଏ। କିନ୍ତୁ ସାମ୍ପ୍ରତିକ ନିବେଶ ଦୃଶ୍ୟପଟରେ କେବଳ ଭାରତୀୟ ନୁହନ୍ତି, ବିଦେଶୀମାନେ ମଧ୍ୟ ସୁନାରେ ନିବେଶ କରିବାକୁ ଅଗ୍ରାଧିକାର ଦେଉଛନ୍ତି। ବିଶେଷକରି ଗତ କିଛି ବର୍ଷ ଧରି ବିଶ୍ୱସ୍ତରରେ ଭୂ-ରାଜନୈତିକ ସ୍ତରରେ ପରିବର୍ତ୍ତନ ଏବଂ ଏହାକୁ ନେଇ ପୁଞ୍ଜିବଜାରରେ ଲାଗି ରହିଥିବା ଅସ୍ଥିରତାକୁ ନେଇ ନିବେଶକମାନେ ସୁନାରେ ଅଧିକ ନିବେଶ କରିବାକୁ ଶ୍ରେୟ ମଣିଛନ୍ତି। ଏହି ଧାରା ପ୍ରାୟ ୨ ବର୍ଷ ତଳୁ ଆରମ୍ଭ ହୋଇଥିଲାବେଳେ ବର୍ଷକ ମଧ୍ୟରେ ନିବେଶକମାନେ ସୁନାରୁ ପର୍ଯ୍ୟାପ୍ତ ଫାଇଦା ଉଠାଇଛନ୍ତି। କାରଣ ବର୍ଷକ ମଧ୍ୟରେ ସୁନା ମୂଲ୍ୟରେ ଅନ୍ୟୂନ ୬୦ ପ୍ରତିଶତ ବୃଦ୍ଧି ଘଟିଛି। ଗତ ବର୍ଷ ଅକ୍ଷୟ ତୃତୀୟା ଏବଂ ଚଳିତ ବର୍ଷ ଅକ୍ଷୟ ତୃତୀୟା ମଧ୍ୟରେ ସୁନା ମୂଲ୍ୟରେ ୬୦ ପ୍ରତିଶତ ବୃଦ୍ଧି ଘଟିଛି। କେବଳ ଏହି ବର୍ଷକର କଥା ନୁହେଁ, ଲଗାତର ୯ ବର୍ଷ ହେଲା ସୁନାରୁ ନିବେଶକମାନେ ଭଲ ଲାଭ ଉଠାଇଛନ୍ତି। ୨୦୨୫ ଏପ୍ରିଲରେ ୧୦ ଗ୍ରାମ ପିଛା ସୁନା ମୂଲ୍ୟ ପାଖାପାଖି ୯୬,୦୦୦ ଟଙ୍କା ରହିଥିଲା। କିନ୍ତୁ ୨୦୨୬ରେ ଏହା ୧ ଲକ୍ଷ ୫୦ ହଜାର ଟଙ୍କାରରେ ପହଞ୍ଚିଛି। ଚଳିତବର୍ଷ ଜାନୁଆରୀରେ ସୁନା ମୂଲ୍ୟ ସର୍ବାଧିକ ସ୍ତରରେ ପହଞ୍ଚିବା ସହ ୧୦ ଗ୍ରାମ ମୂଲ୍ୟ ୧ ଲକ୍ଷ ୮୦ ହଜାର ଟଙ୍କାରେ ପହଞ୍ଚିଥିଲା। କିନ୍ତୁ ବିଭିନ୍ନ କାରଣକୁ ନେଇ ବର୍ତ୍ତମାନ ସୁଦ୍ଧା ମୂଲ୍ୟରେ ୧୬ ପ୍ରତିଶତ(ପ୍ରାୟ ୩୦ ହଜାର ଟଙ୍କା) ହ୍ରାସ ଘଟିଛି। ଏହାସତ୍ତ୍ୱେ ସୁନାରେ ନିବେଶ କରିବାର ମୋହରୁ ନିବେଶକମାନେ ବର୍ତ୍ତିନାହାନ୍ତି। ଚଳିତ ବର୍ଷ ଅକ୍ଷୟ ତୃତୀୟାରେ ସର୍ବଭାରତୀୟ ସ୍ତରରେ ଗତ ବର୍ଷଠାରୁ ବି ଅଧିକ କାରବାର ହେବ ବୋଲି ବ୍ୟବସାୟୀମାନେ ଆକଳନ କରିଛନ୍ତି।

# ବାଣିଜ୍ୟ ନିଅଣ୍ଟ ୧୧୯ ବିଲିୟନ ଡଲାର

## ରପ୍ତାନି ତୁଳନାରେ ଆମଦାନୀ ଅଧିକ

ନୂଆଦିଲ୍ଲୀ, ୧୫।୪

୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ଦେଶର ବାଣିଜ୍ୟ ନିଅଣ୍ଟ ପରିମାଣ ଗତ ଆର୍ଥିକ ବର୍ଷ(୨୦୨୫-୨୬)ରେ ବୃଦ୍ଧି ପାଇଛି। ୨୦୨୪-୨୫ରେ ବାଣିଜ୍ୟ ନିଅଣ୍ଟ ରାଶି ୯୪.୬୬ ବିଲିୟନ ଡଲାର ରହିଥିଲାବେଳେ ୨୦୨୫-୨୬ରେ ଏହା ୧୧୯.୩୦ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ଏହି ବର୍ଷରେ ରପ୍ତାନି ତୁଳନାରେ ଆମଦାନୀ ଯଥେଷ୍ଟ ଅଧିକ ରହିଥିବାରୁ ବାଣିଜ୍ୟ ନିଅଣ୍ଟ ରାଶିରେ ଏଭଳି ପାର୍ଥକ୍ୟ ଦେଖାଯାଇଛି। କେନ୍ଦ୍ର ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ ଦେଇଥିବା ସୂଚନା ଅନୁସାରେ ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ମୋଟ ରପ୍ତାନି ରାଶି ୮୨୫.୨୪ ବିଲିୟନ ଡଲାର ରହିଥିଲା। ୨୦୨୫-୨୬ରେ ରପ୍ତାନିରେ ୪.୨୨ ପ୍ରତିଶତ ଅଭିବୃଦ୍ଧି ସହ ମୋଟ ରପ୍ତାନି ରାଶି ୮୬୦.୦୯ ବିଲିୟନ ଡଲାରରେ ପହଞ୍ଚିଥିଲା। ଅନ୍ୟପକ୍ଷରେ ୨୦୨୪-୨୫ରେ ଦେଶର ଆମଦାନୀ ରାଶି ୯୧୯.୯୨ ବିଲିୟନ ଡଲାର ରହିଥିଲାବେଳେ ୨୦୨୫-୨୬ରେ ଏଥିରେ ୬.୪୭ ପ୍ରତିଶତ ବୃଦ୍ଧି ଘଟି ମୋଟ ଆମଦାନୀ ରାଶି ୯୭୦ ବିଲିୟନ ଡଲାରରେ ପହଞ୍ଚିଛି। ଏହାଯୋଗୁ ଦେଶର ବାଣିଜ୍ୟ ନିଅଣ୍ଟ ରାଶି ପୂର୍ବ ତୁଳନାରେ ବୃଦ୍ଧି ପାଇଥିବା କୁହାଯାଇଛି। ୨୦୨୫-୨୬ ବର୍ଷରେ ବିଭିନ୍ନ ଶ୍ରେଣୀର ପଣ୍ୟଦ୍ରବ୍ୟ ସମେତ ସୁନା, ରୁପା ଏବଂ ସେବା କ୍ଷେତ୍ରରେ ଆମଦାନୀ ବୃଦ୍ଧି ହୋଇଛି।


**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



**ଏଇଂ. ସହଦେବ ମିଶ୍ର**
ଝାରପଡ଼ା, ଭୁବନେଶ୍ୱର
ଆବିର୍ଭାବ: ୧୨.୦୪.୧୯୪୭
ତିରୋଧାନ: ୦୬.୦୪.୨୦୨୬

ତୁମର ଆକସ୍ମିକ ବିୟୋଗ ଆମମାନଙ୍କୁ ମର୍ମାହତ କରିଅଛି। ତୁମର ନୀତି, ଆଦର୍ଶ ଆମର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ପୁତ୍ରବଧୂ, ଝିଅ-ଜ୍ୱାଇଁ, ଝିଆରୀ-ପୁତୁରା, ନାତି-ନାତୁଣୀ, ଭଣଜା-ଭାଣିଜୀ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ

ଧ-୧୧୨


# ହିଣ୍ଡାଲ୍କୋ ପକ୍ଷରୁ ବସୁଧା ପ୍ରକଳ୍ପରେ ବାୟୋ ଗ୍ୟାସ୍ ୟୁନିଟ୍ ବଣ୍ଟନ

ଭୁବନେଶ୍ୱର, ୧୫।୪
(ଅନୁରାଧା ମହାରଣା)



ହିଣ୍ଡାଲ୍କୋ ହୀରାକୁଦର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ଜୀବନ-ଜୀବିକା ଉନ୍ନତୀକରଣ କାର୍ଯ୍ୟକ୍ରମ ପ୍ରକଳ୍ପ-ବସୁଧା ଅନ୍ତର୍ଗତ ସମନ୍ୱିତ ନବୀକରଣୀୟ ଉର୍ଜା ଏବଂ ସ୍ଥାୟୀ କୃଷ ଯୋଜନା ମାଧ୍ୟମରେ ବାୟୋ ଗ୍ୟାସ୍ ୟୁନିଟ୍ ପ୍ରଦାନ କରାଯାଇଛି। ଏହି କ୍ରମରେ ବୁଧବାର ସିଲିପଥର ଗ୍ରାମର ଚାଷୀ ଟି. ରାଣୀ, ରାନୀ ବନ୍ଧ ଗ୍ରାମର ଗୁଣନିଧି କିଲେଇ ଓ ହୀରାକୁଦ କାଲୁପଡାର ଅର୍ଜୁନ ସିଂଙ୍କୁ ବାୟୋ ଗ୍ୟାସ୍ ୟୁନିଟ୍ ପ୍ରଦାନ କରାଯାଇଛି। ହିଣ୍ଡାଲ୍କୋ ହୀରାକୁଦ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଓ ବିଏଆଇଏଫ୍ ମିଳିତ ଉଦ୍ୟମରେ କାର୍ଯ୍ୟକାରୀ ହେଉଥିବା ବସୁଧା କାର୍ଯ୍ୟକ୍ରମ ମାଧ୍ୟମରେ ପୂର୍ବରୁ ନୂଆଯାମଡା ଓ ମୋହମ୍ମଦପୁର ଗ୍ରାମର ୨ଜଣ ଚାଷୀଙ୍କୁ ଦୁଇଟି ବାୟୋ ଗ୍ୟାସ୍ ୟୁନିଟ୍ ପ୍ରଦାନ କରାଯାଇଥିଲା। ଏହି ୟୁନିଟ୍‌ଗୁଡ଼ିକ ଦ୍ୱାରା ଚାଷୀମାନେ ଦୈନନ୍ଦିନ ରନ୍ଧନ କାର୍ଯ୍ୟ ସହଜରେ କରିପାରୁଥିବା ସହ ଗୋବର ଖତ ଉତ୍ପାଦନ ହେଉଛି, ଯାହା ଜୈବିକ ଚାଷ ପାଇଁ ଅତ୍ୟଧିକ ସହାୟକ ସାବ୍ୟସ୍ତ ହେଉଛି। ହିଣ୍ଡାଲ୍କୋ ସିଏସ୍ଆର୍ ପ୍ରବନ୍ଧକ ଆନନ୍ଦ ଚକ୍ରବର୍ତ୍ତୀ, ଉପଦେଷ୍ଟା ସୁକାନ୍ତ କୁମାର ମହାପାତ୍ର ବିଏଆଇଏଫ୍ର ଶାଖା ମୁଖ୍ୟ ରବିନ ଖାନ, ଏଆଇ ଟେକ୍ନୋସିଆନ୍ ଜୟନ୍ତ ପ୍ରଧାନ ଓ ଗ୍ରାମର ବହୁ ଚାଷୀ ଉପସ୍ଥିତ ଥିଲେ।


'ଭୂତ ବଙ୍ଗଲା' ଫିଲ୍ମରେ ଅକ୍ଷୟ କୁମାର

# ଶେଷ ହେଲା ଅପେକ୍ଷା

ଯାହାହେଉ ସବୁ କଳ୍ପନାଜଳ୍ପନାର ପରିସମାପ୍ତି ଘଟିବାକୁ ଯାଉଛି। ବହୁ ପ୍ରତୀକ୍ଷିତ ହିନ୍ଦୀ ସିନେମା 'ଭୂତ ବଙ୍ଗଲା' ଚଳିତ ମାସ ୧୭ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି। ଏଥିରେ ଅକ୍ଷୟ କୁମାରଙ୍କୁ ଦର୍ଶକ ଏକ ଭିନ୍ନ ଧରଣର ଭୂମିକାରେ ଦେଖିବାକୁ ପାଇବେ। ଅନ୍ୟପକ୍ଷରେ ଏଭଳି ଏକ ରୋଲ୍ ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି ଦୃଢ଼ ଆଶା ବାନ୍ଧି ବସିଛନ୍ତି ଅକ୍ଷୟ। ସବୁଠାରୁ ଖାସ୍ କଥା ହେଲା ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ବିଶିଷ୍ଟ ନିର୍ଦ୍ଦେଶକ ପ୍ରିୟଦର୍ଶନ। ଫିଲ୍ମ ବିଷୟରେ ଅକ୍ଷୟ କୁମାର କହନ୍ତି, ''ଏହାର କାହାଣୀରେ ରହସ୍ୟ-ରୋମାଞ୍ଚ ଭରି ରହିଛି। ଅନ୍ୟପକ୍ଷରେ ଏଥିରେ ଦର୍ଶକ କମେଡିର ମଜା ମଧ୍ୟ ନେଇପାରିବେ। ଏଥିରେ ମୁଁ ମୁଖ୍ୟ ଭୂମିକାରେ ଅଭିନୟ କରିଛି। ମୋତେ ମିଳିଥିବା ଏକ ଭିନ୍ନ ଧରଣର ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।'' ଏହାର କାହାଣୀ ରଚନା କରିଛନ୍ତି ଆକାଶ କୌଶିକ। ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି ଅକ୍ଷୟ କୁମାର, ଏକତା କପୁର ଏବଂ ଶୋଭା କପୁର। ସଂଳାପ ରଚନା ଦାୟିତ୍ୱ ତୁଲାଇଛନ୍ତି ରୋହନ ଶଙ୍କର। ଅକ୍ଷୟ କୁମାରଙ୍କ ବ୍ୟତୀତ ଏଥିରେ ତବୁ, ପରେଶ ରାଓ୍ୱଲ ଏବଂ ରାଜପାଲ୍ ଯାଦବ ପ୍ରମୁଖ ଅଭିନୟ କରିଛନ୍ତି। ଏହାର ସିନେମାଟୋଗ୍ରାଫି କାମ ତୁଲାଇଛନ୍ତି ଦିବାକର ମଣି। ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରୀତମ। ୧୬୪ ମିନିଟ୍ ଅବଧିବିଶିଷ୍ଟ ଏହି ଫିଲ୍ମଟି କେବଳ ହିନ୍ଦୀ ଭାଷାରେ ହିଁ ପ୍ରସ୍ତୁତ କରାଯାଇଛି।

# ପ୍ରସ୍ତୁତ ହେଉଛନ୍ତି କାର୍ତ୍ତିକ


କାର୍ତ୍ତିକ

କାର୍ତ୍ତିକ ଆର୍ଯ୍ୟନ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ହେଲେ କ'ଣ ପାଇଁ ଜାଣିବେନି! କଥା କ'ଣ କି ସେ ଏକ ନୂଆ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି, ଯାହାର ନିର୍ଦ୍ଦେଶନା ଦେବେ ଲଭ୍ ରଞ୍ଜନ। ଏହାପୂର୍ବରୁ ଲଭ୍‌ଙ୍କ ନିର୍ଦ୍ଦେଶିତ 'ପ୍ୟାର୍ କା ପଞ୍ଚନାମା'ରେ କାର୍ତ୍ତିକ ଅଭିନୟ କରିଥିଲେ ଏବଂ ଫିଲ୍ମଟି ହିଟ୍ ସାବ୍ୟସ୍ତ ହୋଇଥିଲା। ଏହି ଫିଲ୍ମଟି ଥିଲା କାର୍ତ୍ତିକଙ୍କ ଅଭିନୀତ ପ୍ରଥମ ସିନେମା। ବର୍ତ୍ତମାନ ସେ ଅଭିନୟ କରିବାକୁ ଯାଉଥିବା ନୂଆ ସିନେମାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏପରି କି ଏହି ଚିତ୍ରର ଟାଇଟଲ ଫାଇନାଲ ହୋଇନାହିଁ। ଏ ବିଷୟରେ କାର୍ତ୍ତିକ କହନ୍ତି, ''ଯେତେବେଳେ ମୋତେ ଲଭ୍ ସାର୍ ଫୋନ୍ କରି ଏକଥା ଜଣାଇଲେ, ସେତେବେଳେ ମୁଁ ଖୁସିରେ ଉଚ୍ଛୁଳି ଉଠିଥିଲି। କାରଣ କିଛି ବର୍ଷ ପରେ ପୁଣି ଥରେ ତାଙ୍କ ଫିଲ୍ମରେ କାମ କରିବାର ସୁଯୋଗ ମିଳିଛି। ଏଥିରେ ମୁଁ ଏକ ରୋମାଣ୍ଟିକ କ୍ୟାରେକ୍ଟରରେ ଅଭିନୟ କରିବି। ଆଉ ସେଥିରେ ଇମୋଶନ ଏବଂ ଟ୍ରାଜେଡି ମଧ୍ୟ ରହିଛି। ତେଣୁ ସେଭଳି ଏକ ଚରିତ୍ରକୁ ସଫଳ କରିବା ଲାଗି ମୁଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଆଶା ରଖିଛି ଏହି ଫିଲ୍ମର ଏକ ସୁଇଟେବୁଲ ଟାଇଟଲ ଫାଇନାଲ ହେବ।'' ବର୍ତ୍ତମାନ କାର୍ତ୍ତିକ ଅଭିନୟ କରୁଥିବା ଦୁଇଟି ସିନେମାର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ପ୍ରଥମ ଚିତ୍ରଟିର ନିର୍ଦ୍ଦେଶନା ଅନୁରାଗ ବସୁ ଦେଉଥିବା ବେଳେ ଦ୍ୱିତୀୟ ଫିଲ୍ମଟିର ଏହି ଦାୟିତ୍ୱ ତୁଲାଉଛନ୍ତି କବୀର ଖାନ୍। ଲଭ୍‌ଙ୍କ ନିର୍ଦ୍ଦେଶିତ ନୂଆ ସିନେମାର ଶୁଟିଂ ଚଳିତବର୍ଷ ଅକ୍ଟୋବରରୁ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# କାହାକୁ ଡରନ୍ତି ଜାହ୍ନବୀ

ଜାହ୍ନବୀ କପୁର କାହାକୁ ଡରନ୍ତି? ଏହାର ଉତ୍ତର କ'ଣ ଜାଣିବାକୁ ଅନେକଙ୍କ ମନରେ ଉତ୍ସୁକତା ଭରିଯିବଣି। ସେ କେବଳ ଗୋଟିଏ ଜିନିଷକୁ ଭାରି ଭୟ କରନ୍ତି। ତାହା ହେଲା ସାମ୍ବାଦିକମାନଙ୍କୁ। କାରଣ ଏମାନଙ୍କର ଅଡୁଆ ତଡୁଆ ପ୍ରଶ୍ନରେ ସେ ନର୍ଭସ୍ ହୋଇଯାଆନ୍ତି। ଏ ବିଷୟରେ ସେ କହନ୍ତି, ''ସତ କଥା କହିବାକୁ ଗଲେ ମୋତେ ସାମ୍ବାଦିକମାନଙ୍କୁ ବେଶି ଡର ଲାଗେ। ସେମାନେ ଆମର ପ୍ରମୋଶନ କରନ୍ତି-ଏକଥା ସତ, ହେଲେ ବେଳେବେଳେ ସେମାନେ ଏପରି ପ୍ରଶ୍ନ ପଚାରନ୍ତି, ଯାହାର ଉତ୍ତର ଦେବାକୁ ଆମକୁ ନାକେଦମ୍ ହେବାକୁ ପଡ଼ିଥାଏ। ତେଣୁ ସାମ୍ବାଦିକଟିଏ ଦେଖିଦେଲେ ମୋତେ ଟିକେ ଭୟ ଲାଗେ। ତଥାପି ସେମାନଙ୍କୁ ମୁଁ ବେଶ୍ ସମ୍ମାନ ଦେଇଥାଏ। କାରଣ ଆମର ପ୍ରଚାର ପ୍ରସାରରେ ସେମାନେ ହେଉଛନ୍ତି ପ୍ରମୁଖ କର୍ଣ୍ଣଧାର। ଏବେ ନିଜ କ୍ୟାରିୟର ବିଷୟରେ କିଛି ସୂଚନା ଦେବି। ବର୍ତ୍ତମାନ ନିଜ ଅଭିନୟ ଜୀବନକୁ ନେଇ ମୁଁ ବେଶ ସିରିୟସ। ନିକଟରେ ମୋତେ ୨-୩ଟି ଅଫର ମିଳିଥିଲା। କିନ୍ତୁ କାହାଣୀଗୁଡ଼ିକ ମୋତେ ପ୍ରଭାବିତ କରିପାରିଲା ନାହିଁ। ତେଣୁ ବାଧ ହୋଇ ସେହି ସୁଯୋଗଗୁଡ଼ିକୁ 'ନା' କହିଥିଲି। ଏଣୁ ତେଣୁ ଗୁଡାଏ ଫିଲ୍ମରେ ଅଭିନୟ କରି କେବଳ ଫିଲ୍ମ ସଂଖ୍ୟା ବଢ଼ାଇଲେ କିଛି ଲାଭ ନାହିଁ। ଏଭଳି ସିନେମାରେ ଅଭିନୟ କରିବି, ଯାହା ଦର୍ଶକଙ୍କୁ ଶତ ପ୍ରତିଶତ ପ୍ରଭାବିତ କରୁଥିବ। ତେଣୁ ଏ ନେଇ ଆଗକୁ ନିଶ୍ଚୟ ସଚେତନ ରହିବି।'' ଜାହ୍ନବୀଙ୍କ ଆକ୍ଟିଂ ଜୀବନ ଆରମ୍ଭ ହୋଇଥିଲା ୨୦୧୮ରୁ ଆଉ ସେ ଅଭିନୟ କରିଥିବା ପ୍ରଥମ ସିନେମାଟି ଥିଲା 'ଧଡ଼କ'। ୪୧କୋଟି ବଜେଟରେ ପ୍ରସ୍ତୁତ ଏହି ଚିତ୍ର ବକ୍ସ ଅଫିସରେ ୧୦୧କୋଟି ଆୟ କରିବାରେ ସକ୍ଷମ ହୋଇଥିଲା। ସେ ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡ଼ିକ ମଧ୍ୟରେ ରହିଛି-'ଗୁଞ୍ଜନ ସକ୍‌ସେନା : ଦ କାରଗିଲ ଗର୍ଲ', 'ମିଲି', ରକି ଔର ରାନୀ କି ପ୍ରେମ କାହାନୀ', 'ମିଷ୍ଟର ଆଣ୍ଡ ମିସେସ ମାହି', 'ଉଲ୍‌ଝା' ଏବଂ 'ପ୍ରେମ ସୁନ୍ଦରୀ'। ବର୍ତ୍ତମାନ ସେ ଏକ ତେଲୁଗୁ ଫିଲ୍ମ 'ପିଡ୍ଡି'ରେ ଅଭିନୟ କରୁଛନ୍ତି। ବୁଚି ବାବୁ ସାନାଙ୍କ ନିର୍ଦ୍ଦେଶନାରେ ଏହି ଫିଲ୍ମରେ ତାଙ୍କର ନାୟକ ସାଜିଛନ୍ତି ରାମ ଚରଣ। ଏହି ଫିଲ୍ମଟି ଚଳିତ ମାସ ୩୦ରେ ରିଲିଜ ହେବାକୁ ଯାଉଛି।


ଜାହ୍ନବୀ
ଦୀପିକା

# ପ୍ରଥମେ ଦୀପିକା, ପରେ ସୋନମ

ବଲିଉଡ୍‌ର ଅନ୍ୟତମ ନାମୀ ନିର୍ଦ୍ଦେଶକ ହେଉଛନ୍ତି ସଞ୍ଜୟ ଲୀଲା ଭଁସାଲି। ତାଙ୍କ ନିର୍ଦ୍ଦେଶିତ ସିନେମାଗୁଡ଼ିକ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥାଏ। ଯେତେବେଳେ ସେ 'ସାଓ୍ୱରିୟାଁ'ର କାଷ୍ଟିଂ ବିଷୟରେ ଚିନ୍ତା କଲେ, ସେତେବେଳେ ତାଙ୍କ ମନକୁ ଜଣେ ଅଭିନେତ୍ରୀଙ୍କ କଥା ଆସିଥିଲା। ଆଉ ସେ ଥିଲେ ଦୀପିକା ପାଦୁକୋନ। କିନ୍ତୁ କିଛି ଦିନରେ ଚକ ଓଲଟି ଯାଇଥିଲା। ଏହାର ଷ୍ଟାରକାଷ୍ଟରୁ ଦୀପିକା ବାଦ୍ ପଡିଥିଲେ ଆଉ ତାଙ୍କ ସ୍ଥାନରେ ନବାଗତା ସୋନମ କପୁରଙ୍କୁ ସାଇନ୍ କରାଯାଇଥିଲା। ଏ ବିଷୟରେ ଦୀପିକା କହନ୍ତି, ''ସଞ୍ଜୟ ଲୀଲା ଭଁସାଲିଙ୍କ ପରି ନିର୍ଦ୍ଦେଶକଙ୍କ ଫିଲ୍ମରେ କାମ କରିବାକୁ ଅନେକ ଚାହିଁ ବସିଥାଆନ୍ତି। ମୋତେ ଯେତେବେଳେ 'ସାଓ୍ୱରିୟାଁ' ଅଫର ମିଳିଲା ମୁଁ ଭାରି ଖୁସି ହୋଇଯାଇଥିଲି। କିନ୍ତୁ ପରେ କ'ଣ ହେଲା କେଜାଣି ଏହାର କାଷ୍ଟିଂରୁ ମୁଁ ବାଦ୍ ପଡ଼ିଥିଲି। ଏହା ପଛରେ କି କାରଣ ଥିଲା ତାହା ମୁଁ ଜାଣିବାକୁ ମଧ୍ୟ ଚାହିଁ ନ ଥିଲି। ଏକଥା ଭାବି ମନକୁ ବୁଝାଇ ଦେଇଥିଲି ଯେ, ହୁଏତ ଏଭଳି ଜଣେ ନିର୍ଦ୍ଦେଶକଙ୍କ ଫିଲ୍ମରେ କାମ କରିବାର ଭାଗ୍ୟ ମୋର ନାହିଁ।'' ଦୀପିକା ନାୟିକା ଭାବରେ ପ୍ରଥମେ 'ଓମ୍ ଶାନ୍ତି ଓମ୍'ରେ ଅଭିନୟ କରିଥିଲେ। ହେଲେ ଏହି ଫିଲ୍ମ ପାଇଁ ତାଙ୍କର ଭଏସ୍ ଡବିଂ କରାଯାଇଥିଲା। ୨୦୦୯ରେ ନିର୍ମିତ 'ଚାନ୍ଦିନୀ ଚୌକ୍ ଟୁ ଚାଇନା'ରେ ଦୀପିକା କେତୋଟି ଷ୍ଟଣ୍ଟ ଶଟ୍ ଦେଇଥିଲେ। ଏଥିପାଇଁ ତାଙ୍କୁ ଜାପାନିଜ ମାର୍ଶଲ ଆର୍ଟ ଫର୍ମ 'ଜୁଜୁସ୍ତୁ' ଶିଖିବାକୁ ପଡିଥିଲା।

## ପରଦାରେ...
# ବିନ୍ଦୁସାଗର


'ବିନ୍ଦୁସାଗର' ଫିଲ୍ମର ଏକ ପୋଷ୍ଟର

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ବିନ୍ଦୁସାଗର' ଚଳିତ ମାସ ୧୭ରେ ମୁକ୍ତିଲାଭ କରିବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ପ୍ଲାଟୁନ ୱାନ୍ ଫିଲ୍ମସ ବ୍ୟାନରରେ ଏହା ହେଉଛି ପ୍ରଥମ ଓଡ଼ିଆ ଫିଲ୍ମ। ଆମ ରାଜ୍ୟର ଚାଲିଚଳନ ଏବଂ ଓଡ଼ିଆ ଭାବନାର ଝଲକ ଏଥିରେ ଦେଖିବାକୁ ମିଳିବ। ଉକ୍ତ ଚିତ୍ରଟିର ପ୍ରଯୋଜନା କରିଛନ୍ତି ଶିଳାଦିତ୍ୟ ବୋରା। ବେଶ୍ କେତୋଟି ବଲିଉଡ୍ ସିନେମା ନିର୍ମାଣ କରିବା ପରେ ସେ ପ୍ରଥମ ଥର ପାଇଁ ଓଲିଉଡ୍‌ରେ ଏଣ୍ଟ୍ରି କରିଛନ୍ତି। ନିର୍ଦ୍ଦେଶନା ଦେଇଛନ୍ତି ଅଭିଷେକ ସ୍ୱାଇଁ। ଏହାର ମୁଖ୍ୟ ଭୂମିକାରେ ଦ୍ୱୀପନୀତ ଦାସ ମହାପାତ୍ର ଅଭିନୟ କରିଥିବା ବେଳେ ତାଙ୍କର ନାୟିକା ସାଜିଛନ୍ତି ପ୍ରକୃତି ମିଶ୍ର। ଏହି ଫିଲ୍ମ ସମ୍ପର୍କରେ ଶିଳାଦିତ୍ୟ କହନ୍ତି, ''ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଖୁବ୍‌ଶୀଘ୍ର ନୂଆ ଉଚ୍ଚତାରେ ପହଞ୍ଚିବାକୁ ଯାଉଛି। ଆମେ ଏଭଳି ଏକ ଫିଲ୍ମ ନିର୍ମାଣ କରିବାକୁ ଯାଉଛୁ ଯାହା ସମାନୁରୂପେ ଯୁବବର୍ଗ, କର୍ମଜୀବୀ ଓ ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆମାନଙ୍କୁ ଆକର୍ଷିତ କରିବ। 'ବିନ୍ଦୁସାଗର'ର କାହାଣୀରେ ଭିନ୍ନତା ରହିଛି। ଏହାର ଶୁଟିଂ ସମୟରେ କାହାଣୀକୁ କିପରି ଠିକ୍ ଭାବରେ ପ୍ରେଜେଣ୍ଟେଶନ କରାଯାଇପାରିବ, ସେ ନେଇ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ଅନ୍ୟପକ୍ଷରେ ନିଜ ନିଜ ଭୂମିକାକୁ କଳାକାରମାନେ ଠିକ୍ ଭାବରେ ତୁଲାଇଛନ୍ତି।''

# ଶିକାର ପଛର ରହସ୍ୟ


'ଶିକାର' ଫିଲ୍ମରେ ଅମ୍ଲାନ-ସୁପ୍ରିୟା

ହଠାତ୍, ଗୋଟିଏ ପରିବାରରେ ଏକ ମର୍ଡର ହୋଇଯାଏ। ତେବେ କିଏ ଏହି ମର୍ଡର କରିଛି? ଏହା ପଛରେ କି କାରଣ ରହିଛି? ତେବେ ଏଭଳି ଏକ ରହସ୍ୟମୟ ହତ୍ୟାକାଣ୍ଡର ଗୁମର ଖୋଲିବାକୁ କାହାଣୀରେ ପ୍ରୟାସ କରାଯାଇଛି। ରହସ୍ୟ-ରୋମାଞ୍ଚଭରା ଏପରି କାହାଣୀକୁ ଆଧାର କରି ପ୍ରସ୍ତୁତ ହେଉଛି ଓଡ଼ିଆ ସିନେମା 'ଶିକାର'। ଏହାର ଶୁଟିଂ ନିକଟରେ ଶେଷ ହୋଇଛି। ଚିତ୍ରଟି ଚଳିତ ବର୍ଷ ରଜରେ ମୁକ୍ତିଲାଭ କରିବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଶଶିକାନ୍ତ ଜେନା। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି)। ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା। ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ବୈଦନାଥ ଦାଶ। ନିକଟରେ ଏହାର 'ହାଣ୍ଡିଆ ବାଇ' ଗୀତଟି ବେଶ୍ ଭାଇରାଲ ହୋଇଛି। ଚିତ୍ରଟିର ବିଭିନ୍ନ ଭୂମିକାରେ ଅମ୍ଲାନ, ଏଲିନା ସାମନ୍ତରାୟ ସୁପ୍ରିୟା, ଅଙ୍କିତ, ଜ୍ଞାନ ହୋତା, ତାପସ ସରଘରିଆ, ପୁଷ୍ପା ପଣ୍ଡା, ଶୁଭାଶିଷ ଶର୍ମା (ମଣ୍ଟୁ), ବବି ମିଶ୍ର, ପ୍ରଦ୍ୟୁମ୍ନ ଲେଙ୍କା ଏବଂ ଲିପିକା ଅଭିନୟ କରିଛନ୍ତି।

# କସ୍ତୁରୀ


'କସ୍ତୁରୀ' ଫିଲ୍ମରେ (ବାମରୁ) ସଞ୍ଜୟ-କୁକିଜ-ଦୁଷ୍ମନ୍ତ

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ପ୍ରେମଲତା ସିନେ ପ୍ରଡକସନ୍ସ ବ୍ୟାନରରେ ପ୍ରସ୍ତୁତ ଏବଂ ସଂଗ୍ରାମ ମହାନ୍ତିଙ୍କ ନିର୍ଦ୍ଦେଶିତ ଓଡ଼ିଆ ଫିଲ୍ମ 'କସ୍ତୁରୀ' ଗତ ବର୍ଷ ପରଦା ଉପରକୁ ଆସି ଦର୍ଶକାଦୃତ ହୋଇଥିଲା। ନିକଟରେ ଏହି ଚଳଚ୍ଚିତ୍ରଟି ଲକ୍ଷ୍ନୌ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଫେଷ୍ଟିଭାଲରେ ପ୍ରଦର୍ଶିତ ହେବାକୁ ତାଲିକାଭୁକ୍ତ ହୋଇଛି। ଏଥିପାଇଁ ସର୍ବଭାରତୀୟ ସ୍ତରରେ ମୋଟ ୩୩୪୦ଟି ଫିଲ୍ମକୁ ଚୟନ କରାଯାଇଛି। ଏ ବିଷୟରେ ସେ କହନ୍ତି, ''ଯେତେବେଳେ ଏହାର କାହାଣୀ ଫାଇନାଲ ହେଲା ସେତେବେଳେ ମୋର ଦୃଢ଼ ବିଶ୍ୱାସ ଥିଲା ଯେ ଯଦି ଏହାକୁ ଠିକ୍ ଭାବରେ ପିକ୍ଚରାଇଜେଶନ କରାଯାଇ ପାରିବ ତେବେ ତାହା ନିଶ୍ଚୟ ଦର୍ଶକଙ୍କୁ ପ୍ରଭାବିତ କରିପାରିବ। ଶେଷରେ ମୋ ଆକଳନ ସତ ହୋଇଥିଲା। ଭବିଷ୍ୟତରେ ଏଭଳି ଆହୁରି ଭଲ ଭଲ କାହାଣୀକୁ ନେଇ ସିନେମା ନିର୍ମାଣ କରିବାର ଯୋଜନା ରହିଛି।'' ଏହାକୁ ପ୍ରଯୋଜନା କରିବା ସହ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ସଞ୍ଜୟ କୁମାର ପାତ୍ର। କୁକିଜ ସାଇଁ, ଦୁଷ୍ମନ୍ତ ପଣ୍ଡା, ଅଶ୍ରୁମୋଚନ ମହାନ୍ତି, ବିଜୟନୀ ମିଶ୍ର, ପ୍ରଦ୍ୟୁମ୍ନ ଲେଙ୍କା, ପ୍ରତିଭା ପଣ୍ଡା, ପୃଥ୍ୱୀରାଜ ମହାନ୍ତି, ସୁମନ ମହାରଣା, ଓମ୍ ପ୍ରସାଦ ପଟେଲ, ମାମୁନି ପ୍ରମୁଖ ଏହି ଫିଲ୍ମର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୬/୨୦୨୬ Bhubaneswar, Thursday, April 16/ 2026




# ସିବିଆଇର ସ୍ୱତନ୍ତ୍ର ନିର୍ଦ୍ଦେଶକଙ୍କୁ ଭେଟିଲେ ୱାଡା ମୁଖ୍ୟ

**ନୂଆଦିଲ୍ଲୀ,୧୫।୪(ପି.ଟି.)**

ଭାରତ ଗସ୍ତରେ ଥିବା ୱାର୍ଲ୍ଡ ଆଣ୍ଟି-ଡୋପିଂ ଏଜେନ୍ସି(ୱାଡା) ସଭାପତି ୱିଟୋଲ୍ଡ ବାଙ୍କା ବୁଧବାର ସିବିଆଇର ସ୍ୱତନ୍ତ୍ର ନିର୍ଦ୍ଦେଶକ ମନୋଜ ଶଶିଧରଙ୍କୁ ଭେଟିଛନ୍ତି। ଏହି ଅବସରରେ ସଂଗଠିତ ଡୋପିଂ ଓ ଏହା ପଛରେ ଥିବା ଆପରାଧିକ ନେଟ୍‌ୱର୍କ ଭଳି ସମସ୍ୟାର ମୁକାବିଲା ଲାଗି ସହଯୋଗ ସମ୍ପର୍କରେ ଆଲୋଚନା ହୋଇଛି। ଏ ନେଇ ବାଙ୍କା ଏକ୍ସ'ରେ ପୋଷ୍ଟ ଜରିଆରେ ସୂଚନା ଦେଇଛନ୍ତି। ଭାରତରେ ଖେଳର ଅଖଣ୍ଡତାକୁ ସୁରକ୍ଷିତ ରଖିବା ପାଇଁ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଲାଗି ବାଙ୍କା ଗତ ସୋମବାର ନ୍ୟାଶନାଲ ଆଣ୍ଟି-ଡୋପିଂ ଏଜେନ୍ସି(ନାଡା) ଅଧିକାରୀଙ୍କୁ ଭେଟିଥିଲେ। ଗୁରୁବାର ହେବାକୁ ଥିବା ଖବରଦାତା ସମ୍ମିଳନୀରେ ବାଙ୍କା ଡୋପିଂରେ ଭାରତର ନୈରାଶ୍ୟଜନକ ପ୍ରଦର୍ଶନ ସମ୍ପର୍କରେ ପ୍ରକାଶ କରିବେ ବୋଲି ଆଶା କରାଯାଉଛି। ଗତବର୍ଷ ୱାଡା ଦ୍ୱାରା କରାଯାଇଥିବା ୧୦ ବର୍ଷିଆ ବିଶ୍ୱସ୍ତରୀୟ ଅଧ୍ୟୟନରେ ଡୋପିଂ ମାମଲାରେ ଭାରତର ରେକର୍ଡ ଦ୍ୱିତୀୟ ସବୁଠୁ ଖରାପ ଥିଲା। ଏଥିସହିତ ଲଗାତର ୩ ବର୍ଷ ଧରି ଭାରତରେ ଡୋପିଂ ଉଲ୍ଲଂଘନ ସଂଖ୍ୟା ସର୍ବାଧିକ ରହିଛି। ନିକଟରେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ସଂସଦରେ ଡୋପିଂ ପ୍ରସଙ୍ଗ ମଧ୍ୟ ଉଠାଇଥିଲେ।

# ହ୍ୟାଣ୍ଡବଲ କୋଚ୍ ଗୌରୀଶଙ୍କର ସମ୍ମାନିତ




ଗୌରୀଶଙ୍କର ମିଶ୍ର (ଡାହାଣ)।

**ଭୁବନେଶ୍ୱର, ୧୫।୪(ତପନ ସ୍ୱାଇଁ)**

ଲକ୍ଷ୍ନୌରେ ଅନୁଷ୍ଠିତ ଉତ୍ତରପ୍ରଦେଶ ପ୍ରୋ ହ୍ୟାଣ୍ଡବଲ ଲିଗ୍‌ର ପ୍ରଥମ ସଂସ୍କରଣ ଅବସରରେ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କୋଚ୍ ଗୌରୀଶଙ୍କର ମିଶ୍ରଙ୍କୁ ସମ୍ମାନିତ କରାଯାଇଛି। ଉତ୍ତରପ୍ରଦେଶ ପ୍ରୋ ହ୍ୟାଣ୍ଡବଲ ଲିଗ୍ ପ୍ରତିଷ୍ଠାତା ସିଇଓ ଅମିତ କିସାନ ପାଣ୍ଡେ ଫଳକ ଦେଇ ଗୌରୀ ଶଙ୍କରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସୂଚନା ଯେ, ପ୍ରତିଯୋଗିତାର ଫାଇନାଲରେ ଗୋରଖପୁରକୁ ୧୦-୦ରେ ହରାଇ ମଥୁରା ବ୍ରିଜ୍‌ଷ୍ଟର ଚାମ୍ପିୟନ ହୋଇଛି।

# ବିଜୟ ସହ ଶୀର୍ଷରେ ଆର୍‌ସିବି




ଉଇକେଟ ନେବାପରେ ଖୁସି ମୁହୂର୍ତ୍ତରେ ରସିଖ ସଲାମ।

**ବେଙ୍ଗାଲୁରୁ,୧୫।୪**

ରିଶକ ସଲାମ ଦାରଙ୍କ ଘାତକ ବୋଲିଂ ବଳରେ ଏଠାରେ ଖେଳାଯାଇଥିବା ଆଇପିଏଲ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୫ ଉଇକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ(ଏଲ୍‌ଏସ୍‌ଜି)କୁ ପରାସ୍ତ କରିଛି। ପଞ୍ଚମ ମ୍ୟାଚ୍‌ରେ ୪ ବିଜୟ ସହ ଆର୍‌ସିବି ପଏଣ୍ଟ ଟେବୁଲ ଶୀର୍ଷକୁ ଉଠିଥିବା ବେଳେ ଏଲ୍‌ଏସ୍‌ଜି ତୃତୀୟ ପରାଜୟ ସହ ସପ୍ତମ ସ୍ଥାନରେ ରହିଛି। ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ନିର୍ଦ୍ଧାରିତ ୨୦ ଓଭରରେ ୧୪୬ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ମିଚେଲ ମାର୍ଶ ୩୨ ବଲରେ ୪୦ (୩ ଚୌକା ଓ ୨ ଛକା), ଆୟୁଷ ବଦୋନୀ ୨୪ ବଲରେ ୩୮ (୪ ଚୌକା ଓ ୧ ଛକା) ଓ ମୁକୁଲ ଚୌଧାରୀ ୨୮ ବଲରେ ୩୯ (୩ ଚୌକା ଓ ୨ ଛକା) ରନ କରିଥିଲେ। ଆର୍‌ସିବି ପକ୍ଷରୁ ରସିଖ ସଲାମ ୪, ଭୁବନେଶ୍ୱର କୁମାର ୩ ଓ କୃନାଲ ପାଣ୍ଡ୍ୟା ୨ ଉଇକେଟ ହାତେଇଥିଲେ। ଜବାବରେ ଆର୍‌ସିବି ଆରମ୍ଭରୁ ଫିଲ ସଲ୍ଟ (୭)ଙ୍କ ଉଇକେଟ ହରାଇଥିଲା। ଦେବଦତ୍ତ ପଡିକଲ(୧୦)ଙ୍କ ସହ ବିରାଟ କୋହଲି ଦ୍ୱିତୀୟ ଉଇକେଟରେ ୫୭ ରନ ଯୋଡ଼ି ଦଳକୁ ଦୃଢ଼ ମୂଳଦୁଆ ପ୍ରଦାନ କରିଥିଲେ। ଅର୍ଦ୍ଧଶତକ ଆଡ଼କୁ ଅଗ୍ରସର ହେଉଥିବା କୋହଲି ୩୪ ବଲରେ ୪୯ (୬ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିଲେ। ଏହାପରେ ଅଧିନାୟକ ରଜତ ପଟିଦାର ୧୩ ବଲରେ ୨୭ (୧ ଚୌକା ଓ ୩ ଛକା) ଓ ଜୀତେଶ ଶର୍ମା ୯ ବଲରେ ୨୩ (୨ ଚୌକା ଓ ୨ ଛକା) ରନ କରି ପାଭିଲିଅନ ଫେରିଥିଲେ। ଟିମ୍ ଡେଭିଡ୍ (୧୪) ଓ ରୋମାରିଓ ଶେଫର୍ଡ (୧୪) ମ୍ୟାଚ୍ ଫିନିଶ୍ କରିଥିଲେ। ଆର୍‌ସିବି ମାତ୍ର ୧୫.୧ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଲକ୍ଷ୍ନୌ ପାଇଁ ପ୍ରିନ୍ସ ଯାଦବ ୩ ଓ ଆଭେଶ ଖାନ ୨ ଉଇକେଟ ନେଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ମୁମ୍ବାଇ
ବନାମ ପଞ୍ଜାବ
ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୧୪୬/ଅଲଆଉଟ୍ (ମୁକୁଲ ଚୌଧାରୀ-୩୯, ମିଚେଲ ମାର୍ଶ-୪୦, ରସିଖ ସଲାମ ଦାର-୪/୨୪, ଭୁବନେଶ୍ୱର କୁମାର-୩/୨୭, କୃନାଲ ପାଣ୍ଡ୍ୟା-୨/୩୮)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୧୫.୧ ଓଭରରେ ୧୪୯/୫ (ବିରାଟ କୋହଲି-୪୯, ରଜତ ପଟିଦାର-୨୭, ପ୍ରିନ୍ସ ଯାଦବ-୩/୩୨, ଆଭେଶ ଖାନ-୨/୨୩)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ | ୫ | ୪ | ୧ | ୦ | ୮ | +୧.୫୦୩ |
| ରାଜସ୍ଥାନ ରୟାଲ୍ସ | ୫ | ୪ | ୧ | ୦ | ୮ | +୦.୮୮୯ |
| ପଞ୍ଜାବ କିଙ୍ଗ୍ସ | ୪ | ୩ | ୦ | ୧ | ୭ | +୦.୭୨୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୨ | ୩ | ୦ | ୪ | +୦.୫୭୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୨ | ୨ | ୦ | ୪ | +୦.୩୨୨ |
| ଗୁଜରାଟ ଟାଇଟନ୍ସ | ୪ | ୨ | ୨ | ୦ | ୪ | -୦.୦୨୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୫ | ୨ | ୩ | ୦ | ୪ | -୦.୮୦୪ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୨ | ୩ | ୦ | ୪ | -୦.୮୪୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୧ | ୩ | ୦ | ୨ | -୦.୭୭୨ |
| ନାଇଟ ରାଇଡର୍ସ | ୫ | ୦ | ୪ | ୧ | ୧ | -୧.୩୮୫ |




# ଜିମ୍ନାଷ୍ଟିକ୍ସ ଏଚ୍‌ପିସିରେ ଏଲିଟ୍ କୋଚିଂ ପ୍ରୋଗ୍ରାମ



କୋଚିଂ ପ୍ରୋଗ୍ରାମରେ ଭାଗ ନେଇଥିବା ପ୍ରଶିକ୍ଷକମାନେ।

**ଭୁବନେଶ୍ୱର, ୧୫।୪(ତପନ ସ୍ୱାଇଁ)**

ସମଗ୍ର ଏସିଆରେ ଜିମ୍ନାଷ୍ଟିକ୍ସ କୋଚିଂ ମାନକୁ ଉନ୍ନତ କରିବା ପାଇଁ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର(ଏଚ୍‌ପିସି) ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ବିଶ୍ୱ ଜିମ୍ନାଷ୍ଟିକ୍ସ ଏକାଡେମୀ - ଆର୍ଟିଷ୍ଟିକ୍ ଲେଭଲ-୧ ପ୍ରଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ଆୟୋଜନ କରିଛି। ପ୍ରଥମଥର ପାଇଁ ଏପରି ଏକ ବିଶ୍ୱସ୍ତରର କୋଚିଂ ପ୍ରୋଗ୍ରାମ କରି ଏଚ୍‌ପିସି ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ୫ ଦିନିଆ କାର୍ଯ୍ୟକ୍ରମରେ ସମଗ୍ର ଏସିଆରୁ ପାଖାପାଖି ୫୦ ପ୍ରଶିକ୍ଷକଙ୍କୁ ଏକତ୍ରିତ କରାଯାଇଥିଲା, ଯେଉଁମାନେ ବିଶ୍ୱ ଜିମ୍ନାଷ୍ଟିକ୍ସ ଦ୍ୱାରା ପରିଚାଳିତ ଅନ୍‌ଲାଇନ୍ ପରୀକ୍ଷା ମାଧ୍ୟମରେ ପାଠ୍ୟକ୍ରମ ପାଇଁ ମନୋନୀତ ହୋଇଥିଲେ। ଓଡ଼ିଶାରୁ ମନୋନୀତ ୯ ପ୍ରଶିକ୍ଷକଙ୍କ ମଧ୍ୟରୁ ୫ ଜଣ ଅଙ୍କିତା ବୈଦ୍ୟ, ମୋହିତ ମାନରୋ, ବରିନ୍ଦ୍ରିତା ରୟ, ସଚିନ ଶର୍ମା ଏବଂ ପାରେଶ୍ୱର ପୁଷ୍ପାଳକ ହେଉଛନ୍ତି ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟରର। ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତ ଏଫ୍‌ଆଇଜି ଏକାଡେମୀ ବିଶେଷଜ୍ଞ ଫ୍ରାନ୍ସର ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ବିଶେଷଜ୍ଞ ଡାମିଏନ୍ ମିଲୋଟ୍ (କୋର୍ସ ଲିଡର), ବେଲଜିୟମର ଜୋନାଥନ୍ ମାର୍ଟିନ୍‌ଙ୍କ ସହିତ ପୋଲାଣ୍ଡର ମହିଳା ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ ବିଶେଷଜ୍ଞ ଆଣ୍ଡ୍ରେ ଲେଭିଟ୍ ଏବଂ ଆର୍ଜେଣ୍ଟିନାର ମୋନିକା କାଲାବ୍ରୋ ଏହି ପ୍ରୋଗ୍ରାମର ନେତୃତ୍ୱ ନେଇଥିଲେ। ଏଚ୍‌ପିସିର ସମସ୍ତ ୫ ପ୍ରଶିକ୍ଷକ ଲେଭଲ-୧ ପ୍ରମାଣପତ୍ର କାର୍ଯ୍ୟକ୍ରମକୁ ସଫଳତାର ସହିତ ସମାପ୍ତ କରିଛନ୍ତି।

# ତନ୍ମୟଙ୍କ ଘାତକ ସ୍ପେଲ ; ବାଲେଶ୍ୱର ବିଜୟୀ

**କଟକ,୧୫।୪(କୁମାରଶ୍ରୀ)**

**୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ**

ଓସିଏ ଆନୁକୂଲ୍ୟରେ ୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଜାରି ରହିଛି। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ମଙ୍ଗଳବାର ଅନୁଷ୍ଠିତ ଏକ ଲୋସ୍କୋରିଂ ମ୍ୟାଚ୍‌ରେ ବାଲେଶ୍ୱର ୪୭ ରନ୍‌ରେ ସମ୍ବଲପୁର-ଏ'କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଲେଶ୍ୱର ମାତ୍ର ୯୨ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ତନ୍ମୟ ପାଢ଼ୀ ସର୍ବାଧିକ ୨୨ ରନ୍ କରିଥିବା ବେଳେ ସମ୍ବଲପୁର-ଏ' ପକ୍ଷରୁ ରେଶବ ଶର୍ମା ୧୯ ରନ୍ ବିନିମୟରେ ୪ଟି ଉଇକେଟ ଅକ୍ତିଆର କରିଥିଲେ। ତେବେ ମାତ୍ର ୯୩ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରୁଥିବା ସମ୍ବଲପୁର-ଏ' ବାଲେଶ୍ୱରର ଡାହାଣହାତୀ ସ୍ପିନର ତନ୍ମୟ ପାଢ଼ୀଙ୍କ ଘାତକ ସ୍ପେଲ୍‌ରେ ଧରାଶାୟୀ ହୋଇଥିଲା। ଦଳ ସମସ୍ତ ଉଇକେଟ ହରାଇ ମାତ୍ର ୪୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ତନ୍ମୟ ୮.୫ ଓଭର ବୋଲିଂ କରି ୮ ରନ୍ ବିନିମୟରେ ୫ଟି ଉଇକେଟ ଅକ୍ତିଆରକରି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମଙ୍ଗଳବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ସୁନ୍ଦରଗଡ଼ ୯ ଉଇକେଟରେ ଅନୁଗୋଳକୁ, ଗଞ୍ଜାମ ୨୧୨ ରନ୍‌ରେ ମୟୂରଭଞ୍ଜକୁ, କଟକ-ଏ' ୨୫୦ ରନ୍‌ରେ ମାଲକାନଗିରିକୁ, ଯାଜପୁର ୧୩୨ ରନ୍‌ରେ କୋରାପୁଟକୁ ଏବଂ ନବରଙ୍ଗପୁର ୩ ଉଇକେଟରେ ବୌଦ୍ଧକୁ ହରାଇଛି।



ତନ୍ମୟ ପାଢ଼ୀ

# ରାହାନେଙ୍କୁ ଜରିମାନା

**ଚେନ୍ନାଇ,୧୫।୪(ପି.ଟି.)**

ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷରେ ମଙ୍ଗଳବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ଧିମା ବୋଲିଂହାର ପାଇଁ କୋଲ୍‌କାତା ନାଇଟ୍ ରାଇଡର୍ସ(କେକେଆର୍) ଅଧିନାୟକ ଅଜିଙ୍କ୍ୟ ରାହାନେଙ୍କୁ ୧୨ ଲକ୍ଷ ଟଙ୍କାର ଜରିମାନା କରାଯାଇଛି। ଚଳିତ ସିଜନରେ ଏହା ଦଳର ପ୍ରଥମ ତ୍ରୁଟି ହୋଇଥିବାରୁ କେବଳ ଅଧିନାୟକ ରାହାନେଙ୍କୁ ଆଇପିଏଲ୍ କୋଡ୍ ଅଫ୍ କଣ୍ଡକ୍ଟର ଧାରା ୨.୨୨ ଅନୁଯାୟୀ ଦଣ୍ଡିତ କରାଯାଇଥିବା ଆଇପିଏଲ୍ ପକ୍ଷରୁ କୁହାଯାଇଛି। ସିଏସ୍‌କେଠାରୁ ୩୨ ରନ୍‌ରେ ପରାସ୍ତ ହୋଇଥିବା କେକେଆର୍ ପଏଣ୍ଟ ଟେବୁଲର ଅନ୍ତିମ ସ୍ଥାନରେ ରହିଛି। କେକେଆର୍ ଆସନ୍ତା ଶୁକ୍ରବାର ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସକୁ ଭେଟିବ।

# ନ୍ୟୁଜିଲାଣ୍ଡକୁ ମହିଳା ଫିଫା ବିଶ୍ୱକପ୍ ଯୋଗ୍ୟତା

**ଅକ୍‌ଲାଣ୍ଡ, ୧୫।୪(ଏପି)**

ବ୍ରାଜିଲରେ ଆସନ୍ତାବର୍ଷ ହେବାକୁଥିବା ମହିଳା ଫିଫା ବିଶ୍ୱକପ୍ ଖେଳିବାକୁ ନ୍ୟୁଜିଲାଣ୍ଡ ଯୋଗ୍ୟତା ଅର୍ଜନ କରିଛି। ଓସେନିଆ କନ୍‌ଫେଡେରେଶନ କ୍ୱାଲିଫାଇଂ ସିରିଜ୍‌ର ବୁଧବାର ଅନୁଷ୍ଠିତ ଫାଇନାଲରେ ପପୁଆ ନ୍ୟୁ ଗିନିକୁ ୧-୦ ଗୋଲରେ ହରାଇ ନ୍ୟୁଜିଲାଣ୍ଡ ଏହି ସଫଳତା ପାଇଛି। ପପୁଆ ନ୍ୟୁ ଗିନି ଦଳ ଚମତ୍କାର ଖେଳିଥିଲେ ମଧ୍ୟ ମ୍ୟାଚ୍‌ର ୫୫ତମ ମିନିଟ୍‌ରେ ନ୍ୟୁଜିଲାଣ୍ଡର କେଥ୍ କିଟିଂ ଦେଇଥିବା ଏକମାତ୍ର ଗୋଲ ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଏହାକୁ ମିଶାଇ ନ୍ୟୁଜିଲାଣ୍ଡ ୭ମ ଥର ପାଇଁ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ପରାଜୟ ସତ୍ତ୍ୱେ ପପୁଆ ନ୍ୟୁ ଗିନି ଦଳର ବିଶ୍ୱକପ୍ ଯୋଗ୍ୟତା ଆଶା ଶେଷ ହୋଇନାହିଁ। ଆସନ୍ତା ନଭେମ୍ବର କିମ୍ବା ଡିସେମ୍ବରରେ ହେବାକୁଥିବା ଇଣ୍ଟର-କଣ୍ଟିନେଣ୍ଟାଲ ପ୍ଲେଅଫ୍ ମାଧ୍ୟମରେ ଏହି ଦଳ ବିଶ୍ୱକପ୍ ଯୋଗ୍ୟତା ପାଇପାରିବ।

ମ୍ୟାଚ୍‌ରେ ପପୁଆ ନ୍ୟୁ ଗିନି ଗୋଲ୍‌କିପରଙ୍କ ପ୍ରଦର୍ଶନ ପ୍ରଭାବୀ ରହିଥିଲା। ନ୍ୟୁଜିଲାଣ୍ଡର ପ୍ରୟାସ ଦୁଇଥର ଭିଡିଓ ଆସିଷ୍ଟାନ୍ସ ରେଫରି(ଭିଏଆର)ଦ୍ୱାରା ନାକଚ ହୋଇଥିବାବେଳେ ୪ଥର ଗୋଲ ଦେବାର ନିକଟତର ହୋଇଥିଲେ ହେଁ ବିପକ୍ଷ ଗୋଲ୍‌କିପର ବେଟ୍ଟି ସାମ୍ ତାହାକୁ ସଫଳତାର ସହ ପ୍ରତିହତ କରିଦେଇଥିଲେ। ନ୍ୟୁଜିଲାଣ୍ଡର ଡେଭେନ ଜ୍ୟାକ୍‌ସନ ୩୨ତମ ମିନିଟ୍‌ରେ ବିପକ୍ଷ ଦଳର ଗୋଲ୍‌ପୋଷ୍ଟ ଭିତରକୁ ବଲ୍ ପଠାଇବାରେ ସକ୍ଷମ ହୋଇଥିଲେ ହେଁ ଭିଏଆର୍ ମାଧ୍ୟମରେ ତାହାକୁ ଅଫ୍‌ସାଇଡ୍ ଦର୍ଶାଯାଇଥିଲା। ସେହିପରି ଫାଷ୍ଟ ହାଫ୍ ଷ୍ଟପେଜ୍ ଟାଇମ୍‌ରେ ବକ୍ସ ଏରିଆ ମଧ୍ୟରେ ମାୟା ହାନ୍‌ଙ୍କୁ ପପୁଆ ନ୍ୟୁ ଗିନି ଖେଳାଳି ତଳେ ପକାଇଦେବାରୁ ନ୍ୟୁଜିଲାଣ୍ଡକୁ ପେନାଲ୍ଟି ମିଳିଥିଲା। ମାତ୍ର ଭିଡିଓ ରିପ୍ଲେକୁ ପାଖାପାଖି ୫ ମିନିଟ୍ ଦେଖିବାପରେ ଅଫିସିଆଲମାନେ ତାହାକୁ ନାକଚ କରିଦେଇଥିଲେ।



ଗୋଲଦେବାପରେ ଉଲ୍ଲସିତ କେଥ୍ କିଟିଂ।

# ନାଡାର ଆର୍‌ଟିପିରେ ଅଭିଷେକ, ଅକ୍ଷର

**ନୂଆଦିଲ୍ଲୀ,୧୫।୪(ପି.ଟି.)**

ଭାରତର ଟି୨୦ ବିଶ୍ୱକପ୍ ବିଜୟୀ ଦଳର ଷ୍ଟାର ଅଭିଷେକ ଶର୍ମା ଓ ଅକ୍ଷର ପଟେଲଙ୍କୁ ଚଳିତ ବର୍ଷର ଦ୍ୱିତୀୟ କ୍ୱାର୍ଟରରେ ନ୍ୟାଶନାଲ ଆଣ୍ଟି-ଡୋପିଂ ଏଜେନ୍ସି (ନାଡା)ର ରେଜିଷ୍ଟର୍ଡ ଟେଷ୍ଟିଂ ପୁଲ୍(ଆର୍‌ଟିପି)ରେ ସାମିଲ କରାଯାଇଛି। ଏହି ତାଲିକାରେ ମୋଟ ୩୪୮ ଆଥଲେଟ୍ ସ୍ଥାନ ପାଇଛନ୍ତି। ଅଭିଷେକ ଓ ଅକ୍ଷରଙ୍କୁ ତାଲିକାରେ ସ୍ମୃତି ମନ୍ଧାନା ଓ ଶ୍ରେୟସ ଆୟାରଙ୍କ ସ୍ଥାନରେ ସାମିଲ କରାଯାଇଛି। ଏହି ତାଲିକାରେ ସ୍ଥାନ ପାଇଥିବା ଖେଳାଳିଙ୍କୁ ନାଡା ସହ ସେମାନଙ୍କ ରହିବା ସ୍ଥାନ ବା ହୋୟାର ଏ ବାଉଟ୍ସ ଶେୟାର କରିବାକୁ ହୁଏ ଏବଂ ପ୍ରତ୍ୟେକ ଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ଟେଷ୍ଟିଂ ଲାଗି ଉପଲବ୍ଧ ରହିବାକୁ ପଡ଼ିବ। ୩ ଥର ହୋୟାର ଏ ବାଉଟ୍ସ ଶେୟାର କରିବାରେ ବିଫଳତାକୁ ଡୋପିଂ ଉଲ୍ଲଂଘନ ବିବେଚନା କରାଯାଏ। ଆର୍‌ଟିପି ତାଲିକାରେ ସ୍ଥାନ ପାଇଥିବା ଅନ୍ୟ କ୍ରିକେଟରଙ୍କ ନାମରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏଥିରେ ଟେଷ୍ଟ ଓ ଦିନିକିଆ ଅଧିନାୟକ ଶୁବମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ହାର୍ଦ୍ଦିକ ପାଣ୍ଡ୍ୟା, ରିଷଭ ପନ୍ତ, ଯଶପ୍ରୀତ ବୁମ୍‌ରା, ଲୋକେଶ ରାହୁଲ, ଅର୍ଶଦୀପ ସିଂ ଓ ତିଲକ ବର୍ମା ରହିଛନ୍ତି।

# ବ୍ୟାଡ୍‌ମିଣ୍ଟନ ଷ୍ଟାର ଆକ୍ସେଲସେନ୍‌ଙ୍କ ଅବସର

**ନୂଆଦିଲ୍ଲୀ,୧୫।୪(ପି.ଟି.)**

ଦୁଇଥରର ଅଲିମ୍ପିକ୍ ଓ ୱାର୍ଲ୍ଡ ଚାମ୍ପିୟନ ଡେନ୍‌ମାର୍କର ମହାନ୍ ବ୍ୟାଡ୍‌ମିଣ୍ଟନ ଖେଳାଳି ଭିକ୍ଟର ଆକ୍ସେଲସେନ୍ ବୁଧବାର ଅବସର ଘୋଷଣା କରିଛନ୍ତି। ବାରମ୍ବାର ଆହତ ସମସ୍ୟାର ସମ୍ମୁଖୀନ ହେବା କାରଣରୁ ସେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏହି ୩୨ ବର୍ଷୀୟ ଶଟଲର ଗତବର୍ଷ ଅକ୍ଟୋବରଠାରୁ ଅଣ୍ଟାଜନିତ ସମସ୍ୟା କାରଣରୁ କୋର୍ଟରୁ ଦୂରେଇ ରହିଛନ୍ତି। ଅଣ୍ଟା ସମସ୍ୟାରୁ ମୁକୁଳିବା ପାଇଁ ତାଙ୍କୁ ଅସ୍ତ୍ରୋପଚାରର ସମ୍ମୁଖୀନ ହେବାକୁ ପଡ଼ିଥିଲା।

ସଭିଙ୍କୁ ଜଣା ଯେ, ମୁଁ ଦୀର୍ଘଦିନ ହେଲା ଅଣ୍ଟା ସମସ୍ୟା ଦେଇ ଗତି କରୁଛି। ଗତ ଏପ୍ରିଲରେ ସର୍ଜରି ପରେ ମୁଁ ଲମ୍ବା ରେହାବିଲିଟେଶନ ପ୍ରକ୍ରିୟାର ସମ୍ମୁଖୀନ ହୋଇଥିଲି। ଦୁର୍ଭାଗ୍ୟବଶତଃ, ଗତ ଅକ୍ଟୋବରରେ ମୋ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ସେହି ଟୁର୍ନାମେଣ୍ଟ ପରେ ମୁଁ ନା ଆବଶ୍ୟକ ସ୍ତରରେ ଟ୍ରେନିଂ କରିପାରୁଛି ନା ଖେଳିପାରୁଛି। ଯନ୍ତ୍ରଣା କାରଣରୁ ଟ୍ରେନିଂ କରିବା ସମ୍ଭବ ହେଉନାହିଁ। ଏଥିଯୋଗୁ ମୋତେ ବାଧହୋଇ ଅତ୍ୟନ୍ତ କଷ୍ଟକର ନିଷ୍ପତ୍ତି ନେବାକୁ ପଡୁଛି। ଗତବର୍ଷ ସର୍ଜରି କରିଥିବା ଡାକ୍ତର ଓ ମୋ ସହ କାମ କରୁଥିବା ଡାକ୍ତରଙ୍କ ପରାମର୍ଶ ପରେ ମୁଁ ଏହି ନିଷ୍ପତ୍ତି ନେଇଛି ବୋଲି ଆକ୍ସେଲସେନ୍ କହିଛନ୍ତି। ସେ ତାଙ୍କ କ୍ୟାରିୟରରେ ୧୮୩ ସପ୍ତାହ ଧରି ୱାର୍ଲ୍ଡ ନଂ.୧ ରହିଥିଲେ, ଯାହାକି ସର୍ବକାଳୀନ ତୃତୀୟ ସର୍ବାଧିକ। କ୍ୟାରିୟରରେ ଆଜମା ସହ ସଂଘର୍ଷ କରିଥିବା ଆକ୍ସେଲସେନ ଟୋକିଓ ଓ ପ୍ୟାରିସ୍ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ସହ ୨୦୧୭ ଓ ୨୦୨୨ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ।



ଭିକ୍ଟର ଆକ୍ସେଲସେନ୍

**ବ୍ୟାଡ୍‌ମିଣ୍ଟନ ତୁମକୁ ସର୍ବକାଳୀନ ମହାନ୍ ଖେଳାଳି ଭାବେ ମନେରଖିବ**

ଆକ୍ସେଲସେନ୍‌ଙ୍କ ଅବସର ଘୋଷଣା ପରେ ଭାରତୀୟ ଶଟଲର ଲକ୍ଷ୍ୟ ସେନ୍ ସୋସିଆଲ ମିଡିଆରେ ଏକ ଭାବବିହ୍ୱଳ ପୋଷ୍ଟ କରିଛନ୍ତି। 'ତୁମକୁ ପାଇ ବ୍ୟାଡ୍‌ମିଣ୍ଟନ ଭାଗ୍ୟବାନ୍ ଓ ଏହା ତୁମକୁ ସର୍ବକାଳୀନ ମହାନ୍ ଖେଳାଳି ଭାବେ ମନେରଖିବ। କିନ୍ତୁ ତୁମକୁ ତୁମ ଚାମ୍ପିୟନଶିପ୍ ନୁହେଁ, ବରଂ ତୁମ ବ୍ୟକ୍ତିତ୍ୱ ଅନ୍ୟମାନଙ୍କଠାରୁ ଭିନ୍ନ କରୁଛି, ଯାହାକି ମ୍ୟାଚ୍ ଓ ପଦକଠାରୁ ଊର୍ଦ୍ଧ୍ୱରେ' ବୋଲି ଲକ୍ଷ୍ୟ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ